

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-298 ◆SUNDAY ◆26 APRIL 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯୮ ◆ରବିବାର ◆୨୬ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ଆଇପିଏଲରେ ରନ୍ ବର୍ଷା

## ୫ ମହାରଥୀ-୫୨୯ ରନ୍ | ୪୯ ଚୌକା | ୩୩ ଛକା



■ ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୭ଟି ବଲ୍ ଓ ୬ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଫଳରେ ଆଇପିଏଲରେ ସର୍ବକାଳୀନ ସର୍ବାଧିକ ରନ୍ ଚେଜ୍‌ରେ ପଞ୍ଜାବ ନିଜ ନାମରେ ଥିବା ରେକର୍ଡ ଭାଙ୍ଗି ଦେଇଛି। ଏଠାରେ ଉଭୟ ଦଳ ୬ଟି ୱିକେଟ ହରାଇ ୫୨୯ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ହାରାହାରି ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ଓ ଚଳିତବର୍ଷ ସର୍ବାଧିକ। ସେହିପରି ଏଠାରେ ମୋଟ ୮୨ଟି ବାଉଣ୍ଡାରୀ ହୋଇଛି, ଯାହା ଆଇପିଏଲ୍‌ରେ ସର୍ବାଧିକ। ଏଥିରେ ୪୯ଟି ଚୌକା ଓ ୩୩ଟି ଛକା ରହିଛି। ଦିଲ୍ଲୀର ଲୋକେଶ ରାହୁଲ ପ୍ରଥମ ଭାରତୀୟ ଖେଳାଳି ଭାବେ ୧୫୨ ରନ୍ କରି ଆଇପିଏଲ୍‌ରେ ରେକର୍ଡ କରିଛନ୍ତି। ସେ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ମାରିଥିଲେ। ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ। ରେକର୍ଡ ରନ୍ ଚେଜ୍ କରିଥିବା ପଞ୍ଜାବ ପକ୍ଷରୁ ପ୍ରଭସିମରନ ସିଂହ ୨୬ବଲ୍‌ରେ ୯ଚୌକା ଓ ୫ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟ ୪୧ବଲ୍‌ରେ ୨ଚୌକା ଓ ୫ଛକା ସହ ୪୩ ରନ୍ ଯୋଗଦାନ ଦେଇଥିଲେ। ଅପରାଜିତ ରହିଥିବା ଶ୍ରେୟସ ଆୟର ୩୬ବଲ୍‌ରେ ୩ ଚୌକା ଓ ୭ ଛକା ସହ ୭୧ ରନ କରିଥିଲେ।

# ଇସଲାମାବାଦରେ ହାଇଡ୍ରାମା

## ଆମେରିକା ପ୍ରତିନିଧି ଦଳ ପହଞ୍ଚିବା ପୂର୍ବରୁ ପାକିସ୍ତାନ ଛାଡ଼ିଲେ ଇରାନ ପ୍ରତିନିଧି ଦଳ

## ଆମେରିକା ସହ ସିଧା କଥା ହେବାକୁ ମନାକଲା ଇରାନ

## ଗସ୍ତ ବାତିଲ କଲେ ଆମେରିକା ପ୍ରତିନିଧି ଦଳ

■ ଇସଲାମାବାଦ, ୨୫।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଆଜି ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହାଇଡ୍ରାମା ଦେଖିବାକୁ ମିଳିଛି। ଯୁଦ୍ଧବିରତି ପରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗତକାଲି ରାତିରେ ଇରାନ ପ୍ରତିନିଧି ଦଳ ଆସି ପହଞ୍ଚିଥିଲେ। ତେବେ ଆମେରିକାର ପ୍ରତିନିଧି ଦଳ ଆଜି ଏଠାରେ ଆସି ପହଞ୍ଚିବା ପୂର୍ବରୁ ଇରାନ ପ୍ରତିନିଧି ଦଳ ପାକିସ୍ତାନ ଛାଡ଼ି ଓମାନ ଗସ୍ତ କରିଛନ୍ତି। ହର୍ମୁଜ ସଙ୍କଟ ଏବଂ ଆମେରିକାର ଅବାସ୍ତବ ସର୍ତ୍ତରେ କ୍ଷୁବ୍ଧ ଇରାନ ପ୍ରତିନିଧି ନିଜର ଉଦବେଗ ପାକିସ୍ତାନକୁ ଜଣାଇବା ସହିତ ଆମେରିକା ସହିତ ସିଧା କଥା ହେବାକୁ ମନା କରିଦେଇଛନ୍ତି। ଏହାପରେ ଆମେରିକା ପ୍ରତିନିଧି ଦଳ ଇସ୍‌ଲାମାବାଦ ଗସ୍ତ ବାତିଲ କରିଛନ୍ତି।

ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବାସ ଅରାଗଚି ଏକ ଉଚ୍ଚସ୍ତରୀୟ ପ୍ରତିନ୍ଧି ଦଳ ସହିତ ଗତକାଲି ରାତିରେ ଇସଲାମାବାଦ ପହଞ୍ଚିଥିଲେ। ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ସେହବାଜ ସରିଫ, ବୈଦେଶିକ ମନ୍ତ୍ରୀ ଇଶାକ ଦାର ଏବଂ ସେନା ଅଧ୍ୟକ୍ଷ ଅସୀମ ମୁନିରଙ୍କ ସହିତ ଇରାନୀ ପ୍ରତିନିଧି ଦଳ ଆଜି ଦିନ ତମାମ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ଆଜି ସନ୍ଧ୍ୟା ବେଳେ ଇସଲାମାବାଦ ଛାଡ଼ି ଇରାନର ଏହି ପ୍ରତିନିଧି ଦଳ ଓମାନ ଯାଇଛନ୍ତି। ସେଠାରୁ ସେମାନେ ମସ୍କୋ ଯିବେ ବୋଲି ଜଣାପଡ଼ିଛି। ଯିବା ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ କହିଲେ ଯେ ଯାହା କହିବା କଥା ତାହା ଇସଲାମାବାଦକୁ ଜଣାଇ ଦିଆଯାଇଛି। ଯୁଦ୍ଧ ସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଅବାସ୍ତବ ଯୁକ୍ତି ରଖିଛନ୍ତି, ତାହା ଗ୍ରହଣୀୟ ନୁହେଁ। ଆମେରିକା ନୌସେନା ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ସମଗ୍ର ଅଞ୍ଚଳକୁ ଅଶାନ୍ତ କରି ରଖିଛି। ଏହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ୟୁରାନିୟମ ସମୃଦ୍ଧୀକରଣ କାର୍ଯ୍ୟକ୍ରମରୁ ଇରାନ ଓହରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ଅନ୍ୟପକ୍ଷରେ ଇରାନ ସହିତ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ବିଶ୍ୱସ୍ତ ସହଯୋଗୀ ଷ୍ଟିଭ୍ ୱିଟକଫ୍ ଏବଂ ଜ୍ୱାଇଁ ଜାରେଡ୍ କୁଶନର୍‌ଙ୍କୁ ▶ପୃଷ୍ଠା-୭

## ମୌସୁମୀକୁ ବଳ ଦେବ ଲା-ନିନା ଓ ମହାସାଗରୀୟ ସ୍ଥିତି

# ଦେଶରେ ଅଧିକ ବର୍ଷିବ; ଓଡ଼ିଶାରେ ସ୍ୱାଭାବିକ

■ ଭୁବନେଶ୍ୱର, ୨୫।୪ (ସମିସ): ଚଳିତଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଚଳିତ ମୌସୁମୀରେ ବର୍ଷାର ପରିମାଣକୁ ନେଇ ପାଣିପାଗ ବିଜ୍ଞାନୀ ମହଲରେ ବିଭିନ୍ନ ମତପ୍ରକାଶ ପାଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ରଖିଛନ୍ତି ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକ। ବିଶ୍ୱସ୍ତରୀୟ ପାଣିପାଗ ମଡେଲଗୁଡ଼ିକର ସଦ୍ୟତମ ଆକଳନ ଅନୁଯାୟୀ ଓଡ଼ିଶା ପାଇଁ ପୂର୍ବରୁ କରାଯାଇଥିବା ସ୍ୱାଭାବିକ ବର୍ଷାର ପୂର୍ବାନୁମାନ ବର୍ତ୍ତମାନର ପରିସ୍ଥିତି ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଭାରତ ପାଇଁ ମୌସୁମୀ 'ସ୍ୱାଭାବିକଠାରୁ ଅଧିକ' ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ଚଳିତଥର ଏଲ୍-ନିନୋ ଶୀଘ୍ର ଶେଷ ହେବାର ପ୍ରମୁଖ କାରଣ 'ସବ୍‌ସରଫେସ୍ କୁଲିଂ' ବୋଲି ଡ. ପଶୁପାଳକ କହିଛନ୍ତି। ସମୁଦ୍ରର ଗଭୀରରେ ଥିବା ଥଣ୍ଡା ଜଳର ସ୍ରୋତ ଦ୍ରୁତ ଗତିରେ ଉପରିଭାଗକୁ ଆସୁଥିବାରୁ ଏଲ୍ ନିନୋ ପ୍ରଶମିତ ହୋଇ ଲା-ନିନା ପାଇଁ ପଥ ପରିଷ୍କାର କରୁଛି। ସେହିପରି ଭାରତ ମହାସାଗରରେ ବର୍ତ୍ତମାନ 'ନ୍ୟୁଟ୍ରାଲ' ସ୍ଥିତି ରହିଛି। କିନ୍ତୁ ଅଗଷ୍ଟ-ସେପ୍ଟେମ୍ବର ବେଳକୁ ଏହା ଯୁକ୍ତାତ୍ମକ ହେବାର ସଂକେତ ମିଳୁଛି, ଯାହା ଓଡ଼ିଶାରେ ମୌସୁମୀର ଦ୍ୱିତୀୟାର୍ଦ୍ଧକୁ ଅଧିକ ଶକ୍ତିଶାଳୀ କରିବ। ଡ. ପଶୁପାଳକଙ୍କ ଆକଳନ ଅନୁଯାୟୀ ଆସନ୍ତା ମୌସୁମୀରେ ସମଗ୍ର ଭାରତ ପାଇଁ ମୋଟ ବର୍ଷାର ପରିମାଣ ଏଲପିଏ(ଦୀର୍ଘ ଅବଧି ହାରାହାରି)ର ୧୦୪ ପ୍ରତିଶତ ରହିବାକୁ ଥିବାବେଳେ ଓଡ଼ିଶା ପାଇଁ ଏହା ସ୍ୱାଭାବିକ ରହିବାର ସମ୍ଭାବନା ଅଛି। ଜୁନ୍‌ରେ ସମଗ୍ର ଭାରତରେ ୯୬ ପ୍ରତିଶତ ବର୍ଷା ହେବାର ସମ୍ଭାବନା ▶ପୃଷ୍ଠା-୭




# ର୍‍ୟାଗିଂରେ ଲାଗୁନି ଲଗାମ

## ଚଳିତ ବର୍ଷ ୟୁଜିସିରେ ୨୮ ମାମଲା

■ ଭୁବନେଶ୍ୱର, ୨୫।୪ (ସମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ କମିବାର ନା ନେଉନି। ବ୍ୟାପକ ସଚେତନତା ସତ୍ତ୍ୱେ ଏହା ଏକ ବ୍ୟାଧି ପରି ମାଡ଼ି ବସିଛି। ଚଳିତ ସପ୍ତାହରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଜଣେ କନିଷ୍ଠ ଛାତ୍ରଙ୍କୁ ୪ଜଣ ବରିଷ୍ଠ ଛାତ୍ର ର୍‍ୟାଗିଂ କରି ଦଣ୍ଡିତ ହେବା ପରେ ରାଜ୍ୟରେ ର୍‍ୟାଗିଂ ଘଟଣା ପୁଣି ତାଜା ହୋଇଛି। ରାଜ୍ୟରେ ସର୍ବାଧିକ ର୍‍ୟାଗିଂ ଅଭିଯୋଗ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରୁ ଆସୁଥିବାବେଳେ ଏମ୍‌କେସିଜି ଓ ଭିସୁଟ୍‌ରୁ ଅଭିଯୋଗ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଏବେଯାଏଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୮ଟି ଅଭିଯୋଗ ଆସିଛି। ମାତ୍ର ୪ ମାସ ମଧ୍ୟରେ ୟୁଜିସି ପାଖରେ

### ବିପିୟୁଟି ଓ ଭିସୁଟ୍‌ରେ ସ୍ଥିତି ଉଦ୍‌ବେଗଜନକ

### ଶିକ୍ଷାନୁଷ୍ଠାନରେ ପାଳନ ହେଉନି ର୍‍ୟାଗିଂ ନିବାରଣ ନିୟମ

୨୮ ଅଭିଯୋଗ ସହ କଲେଜର ର୍‍ୟାଗିଂ କମିଟି ନିକଟରେ ମଧ୍ୟ ବହୁ ଅଭିଯୋଗ ହୋଇଛି। ଏହାରି ମଧ୍ୟରେ ଗତ ଫେବୃଆରୀ ମାସରେ ଭିସୁଟ୍‌ର ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅର୍ଥାତ୍ ୪ ମାସରେ ଭିସୁଟ୍‌ରେ ୨ଟି ମାମଲା ପଦାକୁ ଆସିଲାଣି। ଅନୁରୂପ ଭାବେ ୨୦୨୫ରେ ମୋଟ୍ ୫୪ଟି ର୍‍ୟାଗିଂ ଅଭିଯୋଗ ହୋଇଥିବାବେଳେ ୨୦୨୪ ମସିହାରେ ମୋଟ ୬୭ଟି ର୍‍ୟାଗିଂ ମାମଲା ୟୁଜିସି ପାଖରେ ପଞ୍ଜିକୃତ ହୋଇଛି। କେବଳ ୨୦୨୪ରେ ଭିସୁଟ୍‌ରୁ ୫ଟି ଅଭିଯୋଗ ହୋଇଥିବାବେଳେ ରାଗିଂ ମାମଲାରେ ବିପିୟୁଟି ଶିର୍ଷରେ ରହିଛି।

ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରି ର୍‍ୟାଗିଂ ରୋକିବା ପାଇଁ ସୁପ୍ରିମକୋର୍ଟ ୨୦୦୭ ମସିହାରେ ରାୟ ଦେଇଛନ୍ତି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଅସହ୍ୟ ହେଲା ଋଣଚାପ

# ଝୁଲିପଡ଼ିଲେ ଦମ୍ପତି

### ୪ଦିନ ତଳେ ଝିଅ ବାହାଘର କରିଥିଲେ

### ବାହାଘର ପାଇଁ ଲୋକଙ୍କଠାରୁ କରଜ କରିଥିଲେ

■ ଧରାକୋଟ/ବେଲଗୁଣ୍ଠା, ୨୫।୪ (ସମିସ): ଋଣଭାର ସହିନପାରି ଏକାଠି ଜୀବନ ହାରିଲେ ଦମ୍ପତି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ର ଝାଡ଼ବନ୍ଧ ପଞ୍ଚାୟତ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୂତା ଗ୍ରାମରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ସୀମାଞ୍ଚଳ ବିଷୋୟୀ (୬୬) ଓ ତାଙ୍କ ପତ୍ନୀ ନମିତା ବିଷୋୟୀ (୬୧)। ବେକରେ ରଶି ଲଗାଇ ଦୁହେଁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ବିଷୋୟୀ ଦମ୍ପତିଙ୍କ ପାଞ୍ଚ ▶ପୃଷ୍ଠା-୭




# ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା: ପ୍ରଶାସନର ନିଘା ନାହିଁ

ଆନନ୍ଦପୁର, ୨୫।୪ (ସମିସ)



ଘସିପୁରା ଥାନାଞ୍ଚଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଘସିପୁରା ଝାଡ଼େଶ୍ୱର ହାଇସ୍କୁଲଠାରୁ ସତସଙ୍ଗ ବିହାର ରାସ୍ତାରେ ଯାତାୟାତ ବିପଜ୍ଜନକ ହୋଇପଡ଼ିଲାଣି। ଏହି ରାସ୍ତାର ମୁହାଣିରେ ଉଠା ଦୋକାନ ରହିଥିବାରୁ ବିପରୀତ ଦିଗରୁ ଆସୁଥିବା ଯାନବାହନ ଦୃଶ୍ୟମାନ ନହୋଇ ଅନେକ ସମୟରେ ଦୁର୍ଘଟଣା ହେଉଛି। ରାସ୍ତା ପାର୍ଶ୍ୱରେ ଭଙ୍ଗା ଟ୍ରକ, ବସ, ଟ୍ରାକ୍ଟର ଦୀର୍ଘଦିନ ଧରି ଠିଆ ହୋଇ ରହିଥିବା ବେଳେ ଛୋଟ ଚାରିଚକିଆ ଗାଡି ଗ୍ୟାରେଜ ଥିବାରୁ ରାସ୍ତା ଉପରେ ମରାମତି କାର୍ଯ୍ୟ ଯୋଗୁଁ ଟ୍ରାଫିକ ସମସ୍ୟା ଲାଗିରହିଛି। ବାଲି ଗୋଡ଼ି ପଥର ଭଙ୍ଗା ଘର ଗାର୍ବେଜ କୁଢ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଏଥିଯୋଗୁଁ ଦିନକୁ ଦିନ ସଡକ ଦୁର୍ଘଟଣା ଓ ବେଆଇନ ପାର୍କିଂ ସମସ୍ୟା ବଢୁଥିବା ବେଳେ ପୁଲିସ ଧରପଗଡ଼ କରୁ ନଥିବା ଚିନ୍ତାର କାରଣ ହୋଇଛି। ଟ୍ରାଫିକ ନିୟମକୁ କଡ଼ା ଭାବେ ପାଳନ କରାଇବା ପାଇଁ ଆରମ୍ଭ ହୋଇଛି ବିଶେଷ ଅଭିଯାନ। ଘସିପୁରା ଅଞ୍ଚଳରେ ଟ୍ରାଫିକ ନିୟମ ସୁଧାରିବା ପାଇଁ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ୱାବଧାନରେ ଘସିପୁରା ଥାନା ଅଧିକାରୀ କିଶୋରଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଦଳ ପକ୍ଷରୁ ସଡକ ସୁରକ୍ଷା ନେଇ ଉଦ୍ୟମ ହୋଇଥିଲେ ମଧ୍ୟ ଏହା ପୁଲିସ ନଜର ଆଢୁଆଳରେ ରହିଯାଇଛି।

ବିନା ହେଲମେଟରେ ଯାତ୍ରା କରୁଥିବା ବାଇକ ଚାଳକ, ସ୍ପିଡ୍ ରାଇଡ଼ର ଓ କମ୍ ବୟସର ଯୁବକମାନଙ୍କ ବେପରୁଆ ଡ୍ରାଇଭିଂ ଉପରେ ପୁଲିସ ଖାସ ନଜର ରଖିଥିବା ବେଳେ ସର୍ବସାଧାରଣ ରାସ୍ତାରେ ବେଆଇନ ପାର୍କିଙ୍ଗ ହଟାଇବା ଜରୁରୀ ହୋଇପଡିଛି। ସେହିପରି ଏହି ଘସିପୁରା ସତସଙ୍ଗ ବିହାର ରାସ୍ତାକୁ ଗଛଲତା ମାଡିଆସିଥିବା ବେଳେ ଷ୍ଟ୍ରିଟ ଲାଇଟ ଜଳୁ ନଥିବାରୁ ସନ୍ଧ୍ୟା ପରେ ଅନ୍ଧାରିଆ ପରିସ୍ଥିତି ଅଧିକ ବିପଦ ଜନକ ହୋଇପଡିଛି। ପୌରପାଳିକା ପକ୍ଷରୁ ଏହାର ତଦାରଖ କରାଯାଉ ନଥିବାରୁ ଆଜି ଆନନ୍ଦପୁର ସୈନିକ ସଂଘ ସଭାପତି ତ୍ରିଲୋଚନ ଦାଶ ଶିବଶରଣ ମିଶ୍ର ଜଗବନ୍ଧୁ ଜେନା ପୌରପାଳିକାର ଦୃଷ୍ଟି ଆକର୍ଷଣ କରିବା ସହ ବେଆଇନ ପାର୍କିଙ୍ଗ ହଟାଇବା ପାଇଁ ପୁଲିସର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

### ବେଆଇନ ପାର୍କିଂ ହଟାଇବାକୁ ସୈନିକ ସଙ୍ଘର ଦାବି

## ଛୁଟି ଘୋଷଣା ପରେ ଛାତ୍ରଛାତ୍ରୀ ଆଶ୍ୱସ୍ତ



ତୁରୁମୁଙ୍ଗା, ୨୫।୪ (ସମିସ): କେନ୍ଦୁଝର ଜିଲ୍ଲାରେ ବୁଧବାରଠାରୁ ପାରଦ ଉପରମୁହାଁ ହୋଇଥିବା ବେଳେ ପାଟଣା ବ୍ଲକ ମୁଖ୍ୟାଳୟର ଗୁରୁବାର ସର୍ବୋଚ୍ଚ ୪୧ଡିଗ୍ରୀ ରହିଥିଲା। ଗତ ଶୁକ୍ରବାର ମଧ୍ୟ ୪୦ ଡିଗ୍ରୀ ଉପରେ ରହିଥିବା ନେଇ ପାଣିପାଗ ବିଭାଗ ଆକଳନ କରିଥିଲା। ଉଭୟ ସରକାରୀ ବେସରକାରୀ ସ୍କୁଲ କଲେଜଗୁଡିକୁ ସରକାର ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି ୨୭ ତାରିଖରୁ ଛୁଟି ଘୋଷଣା କରି ଦେଇଛନ୍ତି। ତେବେ, ଗତକାଲି ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ସ୍କୁଲ କଲେଜକୁ ଯାଇ ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମ ପ୍ରବାହରେ ଧଇଁସଇଁ ହୋଇଥିବା ପରିଲକ୍ଷିତ ହୋଇଥିଲା। ଧୁଧୁ ଖରା ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ଏହି ଖରାରେ ପାଠପଢ଼ା କଷ୍ଟକର ହୋଇପଡ଼ିଛି।

## ସାଇଁକୁଳରେ ବାର୍ଷିକ ହୋମଯଜ୍ଞ ଉତ୍ସବ

ଆନନ୍ଦପୁର,୨୫।୪(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ଗ୍ରାମରେ ଥିବା ବାବା ଶନିଶ୍ଚରଙ୍କ ମନ୍ଦିରରେ ୪୦ତମ ବାର୍ଷିକ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ଗ୍ରାମସ୍ଥିତ ସାଇଁକୁଳ ପୁଷ୍କରିଣୀରୁ ବ୍ରତଧାରୀମାନେ କଳସ ବୁଡ଼ାଇ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନା କରିଥିଲେ। ସକାଳୁ ନୀତି ପୂଜକ ରବିନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପୂଜା ଆରମ୍ଭ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦାନ କରି ବାବା ଗ୍ରହରାଜ ଶନିଶ୍ଚରଙ୍କ ପୂଜାର୍ଚ୍ଚନା କରିବା ସହ ବାବାଙ୍କ ଅଖଣ୍ଡ ଦୀପ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଯଜ୍ଞ ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ସୀତାରାମ ପତି, ପଣ୍ଡିତ ରାଜୀବ ଲୋଚନ ପଣ୍ଡାଙ୍କ ଦ୍ୱାରା ବେଦପାଠ, ପଞ୍ଚକର୍ମ, ସୂର୍ଯ୍ୟ ପୂଜା, ଗୁରୁ ପୂଜା, ଗୋ ପୂଜା, ସାଲା ପ୍ରବେଶ, ଯଜ୍ଞାଗିରି ସ୍ଥାପନ, ଷୋଡ଼ଶ ଉପଚାର ପୂଜା,



ହବନ ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟ କର୍ତ୍ତା ରାଜୀବ ଲୋଚନ ଚକ୍ର, ସୁଜାତା ଚକ୍ର ତୁଳାଇଥିଲେ। ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାଇଁକୁଳ ଶନିଶ୍ଚର ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ହୋଇଥିଲା। ଶ୍ରଦ୍ଧାଳୁମାନେ କିପରି ଶାନ୍ତି ଶୃଙ୍ଖଳାରେ ଦର୍ଶନ କରିପାରିବେ ସେନେଇ ସାଇଁକୁଳ ଫାଣ୍ଡି ପୁଲିସ ଓ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ ନିୟୋଜିତ ଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ମଧୁସୂଦନ ପରିଡା କଳାକାର ସାମଲ ଶ୍ରୀକାନ୍ତ ସାମଲ ସନ୍ତୋଷ ପରିଡା ଦୀପକ ସ୍ୱାଇଁ, ବିଜୟ କୁମାର ପଣ୍ଡା, ନିରାକାର ଚକ୍ର, ଚଗୁଲୁ ସାମଲ, ସନ୍ତୋଷ ସ୍ୱାଇଁଙ୍କ ସହ ଅନେକ ଗ୍ରାମବାସୀ ସହଯୋଗ କରିଥିଲେ।

# ଗ୍ରହରାଜଙ୍କ ବାର୍ଷିକ ମେଳା ଓ ଯଜ୍ଞ ଉତ୍ସବ





ଆନନ୍ଦପୁର, ୨୫।୪ (ସମିସ)

ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମରେ ଶ୍ରୀ ଶ୍ରୀ ଗ୍ରହରାଜ ଶନିଶ୍ଚର ଦେବଙ୍କ ୪୫ତମ ବାର୍ଷିକ ମେଳା ଓ ଯଜ୍ଞ ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେଳା ଉପଲକ୍ଷେ ଶନିବାର ପ୍ରଭାତରୁ ଗ୍ରାମର କର୍ତ୍ତା ଭାବରେ ପ୍ରମୋଦ ବଳ ଗୌଡ଼ ପୋଖରୀରୁ ଜଳ କଳସ ଆଣି ପୀଠରେ ସ୍ଥାପନ କରିଥିଲେ। ବ୍ରାହ୍ମଣ ବିଚିତ୍ରାନନ୍ଦ ଦାଶଙ୍କ ଦ୍ୱାରା ପୂଜା ଓ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବ୍ରାହ୍ମଣ ଗୌରାଙ୍ଗ ଚରଣ ପଣ୍ଡା ଶନି ପୁରାଣ ପଠନ କରିଥିଲେ। ବ୍ରାହ୍ମଣ ଶାନ୍ତନୁ ମିଶ୍ର ଓ ରବୀନ୍ଦ୍ର ପଣ୍ଡା ଭକ୍ତମାନଙ୍କର ଭୋଗଲାଗି କରିଥିଲେ। ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଗୌଡ଼ ପୋଖରୀରୁ ଜଳ ଆଣି ପୀଠରେ ଜଳଲାଗି କରିଥିଲେ। ମେଳାକୁ ଆସିଥିବା ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ପକ୍ଷରୁ ସମସ୍ତ ଭକ୍ତଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯିବା ସଙ୍ଗେ ସଙ୍ଗେ ସନ୍ଧ୍ୟାରେ ପୀଠରେ ଭଜନ କୀର୍ତ୍ତନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜରଦା ଗ୍ରାମବାସୀ ଓ ଯୁବ ସ୍ୱେଚ୍ଛାସେବୀ ଗୋଷ୍ଠୀ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ଓ ଯାନବାହନ ଚଳାଚଳ ନିୟନ୍ତ୍ରଣ ପାଇଁ ରାମଚନ୍ଦ୍ରପୁର ଥାନା ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

**ହାଟଡ଼ିହୀ:** ସେହିପରି କର୍ମ ଦେବତା ତଥା ଗ୍ରହରାଜ ଶନିଦେବଙ୍କ ପୂଜା ଉପଲକ୍ଷେ ହାଟଡ଼ିହୀ ଅଞ୍ଚଳର ପୁରପଲ୍ଲୀ ଉତ୍ସବ ମୁଖର ହୋଇଛି। ମଟରାଗଡିଆଠାରେ ଶନିଦେବଙ୍କ ୩୨ତମ ବାର୍ଷିକ ଯଜ୍ଞ ଉତ୍ସବ ପାଳନ ହୋଇଛି। ବାବା ଶନିଦେବଙ୍କ ପୁରାତନ ପୀଠ ଭାବେ ମଟରାଗଡିଁଆ ବେଶ ପରିଚିତ। ପ୍ରାତଃ ସମୟରୁ ଠାକୁରଙ୍କ ଯଥା ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ଜମିଥିଲା। ଦିନତମାମ ଯଜ୍ଞ ଚାଲିଥିଲା ବେଳେ ଅନେକ ଭକ୍ତ ଠାକୁରଙ୍କୁ ଦର୍ଶନ କରି ତାଙ୍କର ମନସ୍କାମନା ପୂରଣ କରିଥିଲେ। ସେହିପରି ଅନ୍ୟ ଏକ ପ୍ରମୁଖ ଶନିଦେବଙ୍କ ପୀଠ ଭାବେ ଛେନାପଦିଠାରେ ବିରାଜମାନ କରିଥିବା ଶନିଦେବଙ୍କ ମନ୍ଦିରରେ ଭକ୍ତଙ୍କ ଅହେତୁକ ଭିଡ଼ ଦେଖାଯାଇଥିଲା। ଭକ୍ତମାନେ ଶମି ଗଛରେ ଜଳାଭିଷେକ କରିବା ସହ ମାନସିକ କରି ଡୋରି ବାନ୍ଧି ଶନିଦେବଙ୍କ ପୂଜାର୍ଚ୍ଚନା କରିଥିଲେ। ହାତରେ ବ୍ରତ ବାନ୍ଧି ପ୍ରସାଦ ପରେ ଘର ବାହୁଡ଼ା ହୋଇଥିଲେ। ଖରାର ତାପମାତ୍ରା ପ୍ରଖର ସକାଶେ ଅନେକ ଭକ୍ତ ପୂଜକଙ୍କ ଦ୍ୱାରା ଘର ନିକଟ ଶମି ଗଛ ମୂଳରେ ପୂଜା ସାରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରେ ଶନିଦେବଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି।

## ମାର୍‌ପିଟ୍ ଘଟଣାରେ ଅଭିଯୁକ୍ତ ଗିରଫ

ଆନନ୍ଦପୁର, ୨୫।୪ (ସମିସ): ରାମଚନ୍ଦ୍ରପୁର ଥାନା ପକ୍ଷରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



ଅଭିଯୁକ୍ତ ହେଉଛି ଭୀମସେନ ସାମଲ (୪୦)। ୨୦୨୬ ମାର୍ଚ୍ଚ ୯ ତାରିଖରେ ସାଇଁକୁଳ ବଇଁଚ ବଣିଆ ଅଞ୍ଚ୍ଳରେ ପୂର୍ବ ଶତ୍ରୁତାକୁ ନେଇ ଆନନ୍ଦପୁର ଥାନା ଅନ୍ତର୍ଗତ ଫକୀରପୁର ଗ୍ରାମର ଭୀମସେନ ସାମଲ (୪୦) ଭଗବାନ ଦେହୁରୀଙ୍କୁ ନିର୍ମମ ଭାବେ ମାଡ଼ ମାରିଥିବା ନେଇ ରାମଚନ୍ଦ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ରାମଚନ୍ଦ୍ରପୁର ଥାନା ପକ୍ଷରୁ କେସ୍ ନଂ ୭୮/୨୦୨୬ରେ ଏକ ମମଲା ରୁଜୁ କରାଯାଇଥିଲା। ରାମଚନ୍ଦ୍ରପୁର ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଭୀମସେନ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି।

## କଳାପାଟ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ; ଶିକାରୀ ଗିରଫ



ତେଲକୋଇ, ୨୫।୪(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅନ୍ତର୍ଗତ ବୁଢ଼ାଆମ୍ବ ଗ୍ରାମ ନିକଟବର୍ତ୍ତୀ କଳାପାଟ ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର ଉଦ୍ୟମରେ ଆଜି ପୁଣି ଆଉ ଜଣେ ଶିକାରୀକୁ ଗିରଫ କରାଯାଇଛି। ଅଭିଯୁକ୍ତ ଗିରଫ ଶିକାରୀ ଜଣଙ୍କ ହେଲେ ପଡ଼ାଙ୍ଗ ଗାଁର ମହେଶ୍ୱର ଜୁଆଙ୍ଗ(୬୩)। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ୍ ହନୁମନ୍ତଙ୍କ ତତ୍ତ୍ୱାବଧାନରେ ରେଞ୍ଜର ଅଶୋକ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତେଲକୋଇ ବନ ବିଭାଗର ଏକ ଟିମ ଆଜି କଳାପାଟ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରି ଶିକାରୀକୁ ଧରିବାରେ ସକ୍ଷମ ହୋଇଥିଲେ। ସୂଚନା ଅନୁଯାୟୀ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଆସିଥିବା ମହେଶ୍ୱର ଜୁଆଙ୍ଗଠାରୁ ଏକ ଦେଶୀ ବନ୍ଧୁକ, ସୀସା, ଟର୍ଚ୍ଚ ଲାଇଟ, ବାରୁଦ ଗୁଣ୍ଡ, ଛୁରି ଆଦି ଜବତ କରିଥିଲେ। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

### ପାଟଣା ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ୧୨୩ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନା କାର୍ଯ୍ୟାଦେଶ

ତୁରୁମୁଙ୍ଗା, ୨୫।୪(ସମିସ)



ପାଟଣା ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ସନ୍ଧ୍ୟାରେ ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାଷ୍ୟକାର ପାର୍ଥସାରଥୀ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟମନ୍ତ୍ରୀ ଅଭିଭାଷଣକୁ ସିଧା ପ୍ରସାରଣ କରାଯାଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାଏକ, ପାଟଣା ବିଧାୟକଙ୍କ ପାଟଣା ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରେ ଅନ୍ତ୍ୟୋଦୟ ଯୋଜନାରେ ୧୨୩ ଜଣ ହିତାଧିକାରୀଙ୍କୁ ଗୃହର କାର୍ଯ୍ୟାଦେଶ ବଣ୍ଟନ ସହ ୮୦ ଜଣଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଏହାସହ ୨୦ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା।

## ଉନ୍ନତ ଧାନ ବିହନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ତେଲକୋଇ, ୨୫।୪(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଓରିଆ ପଞ୍ଚାୟତ ଅଧୀନ ଜଟ ଗ୍ରାମଠାରେ ଚାଷୀଙ୍କୁ ନେଇ ଉନ୍ନତ ଧାନ ବିହନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲିକତା ବର୍ଦ୍ଧମାନର ରାମନଗର ସିଡ ଘରୋଇ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ବେଳେ ବିଭିନ୍ନ ପ୍ରକାର ଧାନର ପ୍ରଦର୍ଶନ କରାଯାଇଥିଲା। କମ୍ପାନୀ ଜୋନାଲ ମ୍ୟାନେଜର ନିଶାନ୍ତ ରାଜବର୍ମା ଏବିଏସ୍, ରତ୍ନାକର ବେହେରା, ସନାତନ ମାଝୀ, ରିଙ୍କେଶ ମହାପାତ୍ର ଯୋଗ ଦେଇଥିବା ବେଳେ ଜିଲ୍ଲାର ପ୍ରତାପ ନାୟକ, ତେଲକୋଇର ଚୈତନ୍ୟ ସାହୁ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ହାଇବ୍ରିଡ ଭଳି ଉନ୍ନତ ମାନର ଗବେଷଣା ଓ ପ୍ରୟୋଗାତ୍ମକ ଧାନ ବିହନ ଚାଷୀଙ୍କୁ ଯୋଗାଇ ଦେବା ପାଇଁ ତେଲକୋଇସ୍ଥିତ ଡିଷ୍ଟ୍ରିବ୍ୟୁଟର ଚୈତନ ସାହୁ ପ୍ରକାଶ କରିଛନ୍ତି। ବିହନ ଦ୍ୱରନ୍ତ ଲକ୍ଷ୍ମୀ ପାର୍ବତୀ, କଳା ଚମ୍ପା, ଅଂଗଦା, ପ୍ରତୀକ୍ଷା, ରଣଜିତ୍,୧୦୧୭, ୧୦୧୮, ପୂଜା ସହଭାଗୀ, ସ୍ୱର୍ଣ୍ଣ, ଚନ୍ଦ୍ରାଣି ଭଳି ଉନ୍ନତ ମାନର ବିହନ ଉପଲବ୍ଧ ରହିଛି। ଯାହାଫଳରେ ଚାଷୀର ଆୟ ବୃଦ୍ଧି ହେବା ନେଇ ସଚେତନ କରାଯାଇଛି।

## ଖେଳ ପଡ଼ିଆ ପାଇଁ ପଟ୍ଟା ପ୍ରଦାନ; ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା

ତୁରୁମୁଙ୍ଗା, ୨୫।୪(ସମିସ): ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡ଼ା ପଞ୍ଚାୟତ ଜାମୁନାଳିଆ ଗ୍ରାମର ୨.୪୭ ଡ଼ିସିମିଲ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ବହୁ ପୁରାତନ ଖେଳପଡ଼ିଆକୁ ସାଧାରଣ ଖେଳପଡ଼ିଆ ପାଇଁ ପରିବର୍ତ୍ତନ କରାଯାଇ ପଟ୍ଟା ଦେଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତନ ସମିତିସଭ୍ୟ ମିତ୍ରଭାନୁ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପାଟଣା ବିଧାୟକ ଅଖିଳଚନ୍ଦ୍ର



ନାଏକ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ, ପାଟଣା ବ୍ଲକ ଅଧକ୍ଷା ବିଣାପାଣି ନାୟକ, କଣ୍ଟିଆପଡା ସରପଞ୍ଚ ଲିନା ନାୟକ, ସମିତିସଭ୍ୟା ମଞ୍ଜୁଲତା ମହାନ୍ତ, ବିଧାୟକଙ୍କ ପାଟଣା ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ତୁରୁମୁଙ୍ଗା ଥାନାଧିକାରୀ ରଶ୍ମିରଞ୍ଜନ ସାହୁ, ପାଟଣା ବିଡ଼ିଓ ମାନସ ଦଣ୍ଡପାଟ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସାମ୍ବାଦିକ ନୃସିଂହ ନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳ ପଡ଼ିଆକୁ ଏକ ଉନ୍ନତ ମାନର ଓ ଅତ୍ୟାଧୁନିକ ଖେଳ ପଡିଆରେ ପରିଣତ କରିବା ପାଇଁ ସମସ୍ତ ସହଯୋଗ କରିବେ ବୋଲି ବିଧାୟକ ଶ୍ରୀ ନାଏକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଓ ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ଉକ୍ତ ଜମିର ପଟ୍ଟା ପ୍ରଦାନ କରିଥିଲେ।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

କେନ୍ଦୁଝର, ୨୫।୪ (ସମିସ): କେନ୍ଦୁଝର ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ସଭାଗୃହଠାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୬ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସମ୍ପାଦକ ଭକ୍ତବତ୍ସଳ ମହାନ୍ତି, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଡକ୍ଟର ସୁଦୀପ୍ତ ପଣ୍ଡା, ଚମ୍ପୁଆ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ ମହାନ୍ତ, ଅତିରିକ୍ତ ଜିଲ୍ଲା



ପ୍ରାଣୀ ଚିକିତ୍ସାଧିକାରୀ (ପ୍ରାଣୀ ଉତ୍ପାଦନ), ଡାକ୍ତର ରାମଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ତପନ କୁମାର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ଜୀବେ ମଙ୍ଗଳ) ଡାକ୍ତର ପ୍ରସନ୍ନ କୁମାର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୦ ଜଣ ଚାଷୀ ଓ ୩୦ଜଣ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡାକ୍ତର ରାଧାଗୋବିନ୍ଦ ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଜିଲ୍ଲାର ୩ ଜଣ ପ୍ରାଣୀ ଚିକିତ୍ସକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସରକାରୀ ବିଜ୍ଞପ୍ତିକୁ ଓଏଫ୍‌ଡିସି କର୍ତ୍ତୃପକ୍ଷଙ୍କ ବେଖାତିର

# ଚାରିମାସ ହେଲା ଖୋଲିପାରୁନି ଆନନ୍ଦପୁର ଡିଭିଜନ୍

ଆନନ୍ଦପୁର, ୨୫।୪ (ସମିସ)



ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ପକ୍ଷରୁ ଆନନ୍ଦପୁରରେ ଏକ ଟ୍ରାଞ୍ଜିଟ ଡିଭିଜନ ଖୋଲିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ପାଇଁ ଏଯାଏ ଖୋଲିପାରୁ ନଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଜାନୁଆରୀରେ ଜଙ୍ଗଲ ଓ ଜଳବାୟୁ ବିବର୍ତ୍ତନ ମନ୍ତ୍ରୀ ଓଡ଼ିଶା ସରକାରଙ୍କ ଘୋଷଣାନାମାରେ ମୋହର ଲଗାଇ ବିଭାଗୀୟ ଜେନେରାଲ ମ୍ୟାନେଜରଙ୍କୁ ଆଦେଶ ଦେବାପରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାଜପୁର ରୋଡ ଡିଭିଜନର ଡିଭିଜନାଲ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ଚାରି ମାସ ବିତିଯାଇଥିଲେ ମଧ୍ୟ ଏହି ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନାହିଁ। ଭଦ୍ରକ କେନ୍ଦ୍ରାପଡା ଓ ଆନନ୍ଦପୁରଠାରୁ ହରିଚନ୍ଦନପୁର ସୀମାକୁ ନେଇ ଗଠିତ ଏହି ଡିଭିଜନ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ସରକାର ତତ୍ପରତା ପ୍ରକାଶ କରିଥିବା ବେଳେ ଯାଜପୁର ରୋଡ ଡିଭିଜନାଲ କର୍ତ୍ତୃପକ୍ଷଙ୍କ ହେୟ ମନୋଭାବ ଯୋଗୁଁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଆନନ୍ଦପୁର ଅଞ୍ଚଳରୁ କାଠଗଣ୍ଡି ପରିବହନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ରେକର୍ଡଠାରୁ ବହୁ ଗୁଣ ଅଧିକ କାଠ ଲୋଡିଂ କରି ପରିବହନ ହେଉଥିବା ସନ୍ଦେହ କରି ଆନନ୍ଦପୁର ଅଞ୍ଚଳବାସୀ ୨ଟି କାଠ ବୋଝେଇ ଟ୍ରକକୁ ଅଟକ ରଖି ଆନନ୍ଦପୁର ବନ ବିଭାଗକୁ ହସ୍ତାନ୍ତର କରିବା ଯୋଗୁଁ ଯାଜପୁର ରୋଡ କାର୍ଯ୍ୟାଳୟକୁ ୩ ଦିନଧରି କାଠ ବୋଝେଇ ଟ୍ରକକୁ ଅଟକ ରଖାଯାଇଥିଲା। ପ୍ରଥମେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବା ପରେ କାଠ ଗଣ୍ଡିଗୁଡିକୁ ଗାଡ଼ିରେ ଲୋଡ କରିବା କଥା; ମାତ୍ର କାଠର ପରିମାଣ ମାପଚୁପରେ ଏପଟ ସେପଟ କରାଯାଇ ଯାଜପୁରରୋଡ ଡିଭିଜନର ସଂପୃକ୍ତ କର୍ମଚାରୀମାନେ ଅନେକ ସମୟରେ ଅନିୟମିତତା କରୁଥିବା ଏବଂ ଏଥିରେ ସମ୍ପୃକ୍ତ ଅଧିକାରୀ ନିଜକୁ ବଞ୍ଚାଇବାକୁ ଯାଇ ଚତୁରତାର ସହିତ ଛୁଟି ନେଇ ଘରକୁ ପଳାଇ ଯାଉଥିବା ଭଳି ଘଟଣା ନେଇ ଗୁରୁତର ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ନେତା ସନ୍ତୋଷ ଜେନା ଦାବି କରିଛନ୍ତି।

# ଶିଶୁ ଉଦ୍ୟାନ ପୋଖରୀରୁ ସରପଞ୍ଚ ମାଛ ଧରି ନେଇଥିବା ଅଭିଯୋଗ

ରାଜନଗର,୨୫।୪(ସମିସ): ତ୍ରିନାଥ ବଜାରସ୍ଥ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଅସଜଡା ହୋଇପଡ଼ିଛି। ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଶିଶୁ ଉଦ୍ୟାନ ଶିଶୁଙ୍କ କାମରେ ଲାଗୁନି। ଏହାକୁ ସଜାଡିବା ପରିବର୍ତ୍ତେ ଶିଶୁ ଉଦ୍ୟାନକୁ ବ୍ୟକ୍ତିଗତ ସମ୍ପତ୍ତି କରିନେଲେଣି ସରପଞ୍ଚ। ସରପଞ୍ଚ ଶିଶୁ ଉଦ୍ୟାନ ପରିସରରେ ଥିବା ପୋଖରୀରୁ ମାଛ ଧରି ନେଇଥିବା ଅଭିଯୋଗ ହୋଇଛି। ସାନବଡ଼ ଗୋପାଳପୁର ପଞ୍ଚାୟତର ତ୍ରିନାଥବଜାର ନିକଟରେ ରହିଛି ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ। ଏହି ଶିଶୁ ଉଦ୍ୟାନ ମଧ୍ୟରେ ଗୋଟିଏ ପୋଖରୀ ରହିଛି। ଏହି ପୋଖରୀରେ ସରକାରୀ ଅର୍ଥରେ ମାଛ ଛଡ଼ାଯାଇଥିଲା। ଆଜି ସରପଞ୍ଚ ଲୋକ ଲଗାଇ ଜାଲ ଟାଣି ମାଛ ଧରି ନେଇଛନ୍ତି। ପ୍ରାୟ ୧୦ କ୍ୱିଣ୍ଟାଲ ମାଛ ସରପଞ୍ଚ ଶିଶୁ ଉଦ୍ୟାନ ପୋଖରୀରୁ ଧରିନେଇଥିବା ନେଇ ଅଭିଯୋଗ ହୋଇଛି। ଆସନ୍ତାକାଲି ସରପଞ୍ଚଙ୍କ ଝିଅ ବାହାଘର। ଝିଅ ବାହାଘର ପାଇଁ ସରକାରୀ ପୋଖରୀରୁ ମାଛ ଧରିନେଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀ ସ୍ୱାଇଁଙ୍କୁ ପଚାରିବାରୁ ମୁଁ ଶିଶୁ ଉଦ୍ୟାନ ପୋଖରୀ ନିଲାମ ନେଇଛି। କେବେ ନେଲେ, କେତେ ଟଙ୍କାରେ ନିଲାମ ପଚାରିବାରୁ ଦେଖିକି କହିବି ବୋଲି କହିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଦିତ୍ୟ ମିଶ୍ରଙ୍କୁ ପଚାରିବାରୁ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ କିମ୍ବା ଉଦ୍ୟାନ ଭିତରେ ଥିବା ପୋଖରୀ କାହାରିକୁ ନିଲାମ ଦିଆଯାଇନାହିଁ। ସରପଞ୍ଚ ଶିଶୁ ଉଦ୍ୟାନ ମଧ୍ୟରେ ଥିବା ସରକାରୀ ପୋଖରୀରୁ ମାଛ ଧରି ନେବା ବେଆଇନ ବୋଲି କହିଛନ୍ତି।

# ଶନିଶ୍ଚରଙ୍କ ପୀଠରେ ଜଳାଭିଷେକ

ଡେରାବିଶ, ୨୫।୪(ସମିସ): ଗ୍ରହରାଜ ଶନିଦେବଙ୍କ କୃପାଦୃଷ୍ଟି ପାଇବା ପାଇଁ ଆଜି ବିଭିନ୍ନ ଶନିଶ୍ଚରଙ୍କ ମନ୍ଦିରରେ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି। ଆଜି ପୂର୍ବାହ୍ନରୁ ହରିଅଙ୍କ ପଞ୍ଚାୟତର କୂଳସାହିଠାରେ ଥିବା ଶନିଶ୍ଚରଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ନିକଟସ୍ଥ ଲୁଣାନଦୀରୁ କଳସିରେ ଜଳ ଆଣି ଶନିଶ୍ଚରଙ୍କ ଜଳାଭିଷେକ କରିଥିଲେ। ଆଖାପାଖ ଅଞ୍ଚଳରୁ ପୁରୁଷ ଓ ମହିଳା ଶନିଶ୍ଚରଙ୍କୁ ଜଳାଭିଷେକ କରିବା ସହିତ ଶନିଶ୍ଚରଙ୍କୁ ରାଶି ତେଲ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ଗ୍ରାମବାସୀ ଉପସ୍ଥିତ ରହି ଭକ୍ତଙ୍କୁ ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। ଘଟଣାସ୍ଥଳରେ ଚାନ୍ଦୋଳ ଫାଣ୍ଡି ପୁଲିସ୍ କର୍ମଚାରୀ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ସେହିପରି ବସପୁର ପଞ୍ଚାୟତର ବସପୁର, ରତାଦିଆ ଖଣ୍ଡସାହି ପଞ୍ଚାୟତର ଅନୁଆପଡ଼ା, ଖମୋଳ ପଞ୍ଚାୟତର ଜହ୍ନିମୂଳ, ଦାନପୁର ପଞ୍ଚାୟତର ବାଲୁଙ୍କେଶ୍ୱରଙ୍କ ପୀଠ, ମୁକୁନ୍ଦପୁର ପଞ୍ଚାୟତର ଖିରେଶ୍ୱରଙ୍କ ପୀଠ, ପଲେଇ ପଞ୍ଚାୟତର କାଜିପୁର, ଗୋଲରାହଟ ପଞ୍ଚାୟତର ଦୁମୁକା, ବାଲିଆ ପଞ୍ଚାୟତର ମୁଲଣାପାଟଣା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଜୟସିଂପୁର, ଏଣ୍ଡର ପଞ୍ଚାୟତର ଓଳକଣା, ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରଠାରେ ଥିବା ଶନିଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ନିକଟସ୍ଥ ନଦୀ ଓ ଜଳାଶୟରୁ ମାଟି କଳସୀରେ ଜଳ ସଂଗ୍ରହ କରି ଶନିଦେବଙ୍କୁ ଜଳାଭିଷେକ କରିଥିଲେ। ବୀରନୀଳକଣ୍ଠପୁରଠାରେ ଥିବା ଶନିଶ୍ଚରଙ୍କ ମନ୍ଦିରରେ ଗୋବରୀ ନଦୀରୁ ଶ୍ରଦ୍ଧାଳୁ ଜଳ ଆଣି ଜଳାଭିଷେକ କରିଥିଲେ। ମନ୍ଦିର କମିଟି ପକ୍ଷରୁ ନାରାୟଣ ଲେଙ୍କା, ଶ୍ରୀନିବାସ ଲେଙ୍କା, ଅଭିମନ୍ୟୁ ରାଉତ, ପ୍ରଦୀପ ନାୟକ, ଈଶ୍ୱର ପୃଷ୍ଟି, ଅଧ୍ୟାପକ ଗୋଲଖ ମହାଭୋଇ ପ୍ରମୁଖ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସହିଦ ସ୍ତମ୍ଭ ନିର୍ମାଣ ଦାବି

ରାଜକନିକା,୨୫।୪(ସମିସ): ରାଜକନିକା ବ୍ଲକ୍ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସହିଦ ସ୍ତମ୍ଭ ନିର୍ମାଣ ପାଇଁ ବିଡିଓ କୈଳାସ ମହାଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ରାଜକନିକା ଅବସର ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ସୁବେଦାର ମେଜର ଆନନ୍ଦ ନାୟକ, ସମ୍ପାଦକ ହାବିଲଦାର ଗଣେଶ୍ୱର ସାମଲ, କ୍ୟାପଟେନ ଦୁର୍ଯ୍ୟୋଧନ ମହାନ୍ତି, ସରଜେଣ୍ଟ କେତନ ଦାସ, ହାବିଲଦାର ଅକ୍ଷୟ ନାଥ, କ୍ୟାପଟେନ ବାସୁଦେବ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।



## ଶେଷ ପର୍ଯ୍ୟାୟରେ ମଣିକୁଣ୍ଡା ପାନୀୟଜଳ ପ୍ରକଳ୍ପ

# 'ଜୁନ୍ ୧ରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ'

ମାର୍ଶାଘାଇ,୨୫।୪(ସମିସ)



୨୧୦.୨୪ କୋଟି ବ୍ୟୟରେ ମଣିକୁଣ୍ଡାଠାରେ ମେଗା ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇ ଅଞ୍ଚଳବାସୀଙ୍କ ଜଳ ସମସ୍ୟା ଦୂର କରିବା ଲକ୍ଷ୍ୟରେ ୨୦୧୮ ଜୁନ ୨୭ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ୨/୩ ବର୍ଷ ମଧ୍ୟରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ପାନୀୟଜଳ ସମସ୍ୟା ଦୂର କରାଯିବା ଲକ୍ଷ୍ୟ ନେଇ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ମହାକାଳପଡ଼ା-ମାର୍ଶାଘାଇ ବ୍ଲକ ପ୍ରତି ପଞ୍ଚାୟତକୁ ଜଳଯୋଗାଣ ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ୍ୟ ମେଗା ପାନୀୟଜଳ ପ୍ରକଳ୍ପ ଶେଷ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ପାନୀୟଜଳ ସମସ୍ୟା ଦୂର ହେଲାନାହିଁ। ମଣିକୁଣ୍ଡା ଜଳବିଶୋଧନ ପ୍ରକଳ୍ପ ଗ୍ରାମ୍ୟ ଜଙ୍ଗଲ ଜମିରେ କରାଯିବାକୁ ନେଇ ବିବାଦ ହୋଇଥିଲା। ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ମେଗାଜଳ ପ୍ରକଳ୍ପ ଦୀର୍ଘବର୍ଷ ଆଇନ ଜାଲରେ ଛନ୍ଦି ହୋଇପଡ଼ିଥିଲା। ଫଳରେ କାମ ବନ୍ଦ କରିଦିଆଯାଇଥିଲା। ଗ୍ରୀନ ଟ୍ରିବ୍ୟୁନାଲର ସବୁଜ ସଂକେତ ପରେ ୩ ବର୍ଷ ହେବ ଏହି ମେଗା ଜଳପ୍ରକଳ୍ପ ପୁନର୍ବାର କାର୍ଯ୍ୟନ୍ୱିତ ହୋଇଛି। ବିଳମ୍ବ ଯୋଗୁଁ ଅଞ୍ଚଳବାସୀଙ୍କ ପାନୀୟଜଳ ସମସ୍ୟା ଦୂର ହୋଇପାରୁନାହିଁ। ତେବେ ମଣିକୁଣ୍ଡା ଜଳ ବିଶୋଧନାଗାର ପ୍ରକଳ୍ପ ଓ ସମସ୍ତ ଓଭରହେଡ ଟାଙ୍କି କାମ ଶେଷ ହୋଇଥିବା ଏଲ ଆଣ୍ଡ ଟି କମ୍ପାନୀ ଯନ୍ତ୍ରୀ ଡି ସାଇ ପ୍ରକାଶ କରିଛନ୍ତି। ଇଲେକ୍ଟ୍ରିଫିକେସନ କାର୍ଯ୍ୟ ବାକି ରହିଥିବା ସେ କହିଛନ୍ତି। ଯଦି ସବୁକିଛି ସଠିକ୍ ଭାବେ ଶେଷ ହୋଇଯାଏ, ଜୁନ ୧ ତାରିଖରେ ପ୍ରକଳ୍ପ ଚାଲୁ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି।

ସମଗ୍ର ଅଞ୍ଚଳରେ ଖାରଯୁକ୍ତ ଓ ଲବଣାକ୍ତ ଜଳ ପାନୀୟ ଉପଯୋଗୀ ହେଉନାହିଁ। ସାଲାଇନ ଯୋଗୁଁ ନଳକୂପ ଅଚଳ ହୋଇପଡୁଛି। ଗ୍ରୀଷ୍ମଋତୁରେ ନଦୀ, ନାଳ, କୂଅ, ପୋଖରୀ ଶୁଖିଲା ଯୋଗୁ ଉତ୍କଟ ଜଳ ସଂକଟରେ ଅଞ୍ଚଳବାସୀ ଘାଣ୍ଟି ହେଉଛନ୍ତି। ଏଭଳି ସ୍ଥିତିରେ ମେଗା ପ୍ରକଳ୍ପ ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ୨୧୦.୨୪ କୋଟି ବ୍ୟୟରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ସର୍ବବୃହତ ଜଳପ୍ରକଳ୍ପ କାମଏଲ ଆଣ୍ଡ ଟି କମ୍ପାନୀକୁ ନ୍ୟସ୍ତ କରାଯାଇଥିଲା। ମାର୍ଶାଘାଇ ବ୍ଲକ ମାଣତିରୀ ଲୁଣାନଦୀ ଜଳ ଇଣ୍ଟେକ ୱେଲ ଉତ୍ତୋଳନ କରାଯାଇ ମଣିକୁଣ୍ଡା ୧୬.୪୨ ଏମ୍ଏଲଡି କ୍ଷମତା ସମ୍ପନ୍ନ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ବିଶୋଧନ କରାଯାଇ ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ୍ର ୨୪ଟି ପଞ୍ଚାୟତର ୧୩୭ଟି ଗ୍ରାମ, ୩୪୭୫୬ ପରିବାରକୁ ଜଳଯୋଗାଣ କରାଯିବାକୁ ବ୍ୟବସ୍ଥା ହୋଇଛି। ସେହିପରି ମାର୍ଶାଘାଇ ବ୍ଲକ ତାଳସଙ୍ଗା ଚିତ୍ରୋତ୍ପଳା ଜଳ ଉତ୍ତୋଳନ କରାଯାଇ ଯଦୁପୁର ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଯାଇ ୨ଟି ବ୍ଲକ ଅବଶିଷ୍ଟ ପଞ୍ଚାୟତ ଯୋଗାଣ ହେଉଛି। ମଣିକୁଣ୍ଡା ବିଶୋଧନାଗାରରେ ଜଳ ବିଶୋଧନ କରାଯାଇ ୨ଟି ବ୍ଲକ୍ର ୨୪ଟି ପଞ୍ଚାୟତକୁ ମଣିକୁଣ୍ଡା, କାନପୁର, ତୁଳସୀପୁର, କୁହୁଡ଼ି, ମାର୍ଶାଘାଇ, ଅଙ୍ଗୁଳାଇ, ଶିଳିପୁର, ଅଳେଇଲୋ, ପଳାସପୁର, ମହାକାଳପଡ଼ା, ରାମନଗର, ସରୁମୁହଁ, ବଉଳକଣି, ନନ୍ତାର, ମଙ୍ଗରାଜପୁର ଓଭରହେଡ୍ ଟାଙ୍କି ମାଧ୍ୟମରେ ସମ୍ପୃକ୍ତ ପଞ୍ଚାୟତକୁ ଜଳଯୋଗାଣ କରାଯିବାକୁ ବ୍ୟବସ୍ଥା ହୋଇଛି।

# ଜଳସମ୍ପଦ ମୁଖ୍ୟଯନ୍ତ୍ରୀଙ୍କ ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ ପରିଦର୍ଶନ

ଡେରାବିଶ, ୨୫।୪(ସମିସ): ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ପଥର ପ୍ୟାକିଂ କାମ ଚାଲିଛି। ଆଜି ମହାନଦୀ-କାଠଯୋଡ଼ି ଅବବାହିକା ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ଇଂ ଦିଲ୍ଲୀପ କୁମାର ରାଉତ ଦ୍ୱୀପାଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ୟା ସମୟରେ ଉଭୟ ଲୁଣା ଓ କରାଣ୍ଡିଆ ନଦୀରେ ଆସୁଥିବା ବନ୍ୟାଜଳ ଦ୍ୱୀପାଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ନଦୀ ସ୍ରୋତରେ ଦ୍ୱୀପାଞ୍ଚଳର ଘେରିବନ୍ଧ ବ୍ୟାପକ ଭାବେ କ୍ଷୟ ହୋଇଥାଏ। ଏପରିକି କିଛି ସ୍ଥାନରେ ନଦୀ ଜନବସତି ନିକଟକୁ ମାଡ଼ିଯାଇଥିବା ଦେଖିବାକୁ ମିଳିଛି। ନଦୀବନ୍ଧ ଓ ଜନବସତିର ସୁରକ୍ଷା ପାଇଁ ଦ୍ୱୀପାଞ୍ଚଳବାସୀ ବାରମ୍ବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ପ୍ରତିକାର ନିମନ୍ତେ ଉଭୟ ନଦୀବନ୍ଧକୁ ପଥର ପ୍ୟାକିଂ କରିବା ପାଇଁ ଦାବି କରିଆସୁଥିଲେ। କରାଣ୍ଡିଆର ବାମପାଶ୍ୱର୍ ବନ୍ଧ ସଠିଲୋ, ଶିଶୁଆ ଓ ପୁରୁଷୋତ୍ତମପୁରଠାରେ ଜଳସମ୍ପଦକ ବିଭାଗ ପକ୍ଷରୁ ପଥର ପ୍ୟାକିଂ କାର୍ଯ୍ୟ ଚାଲିଛି। ବିଭାଗୀୟ ଅଧିକାରୀଙ୍କ ଏହି ପରିଦର୍ଶନ ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଯୁବ ସମାଜସେବୀ ଉତ୍ତମ ସ୍ୱାଇଁ ଉପସ୍ଥିତ ରହି ଅଧିକାରୀଙ୍କୁ ଦ୍ୱୀପାଞ୍ଚଳର ବିଭିନ୍ନ ସ୍ଥାନ ବୁଲାଇ ନେଇ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ପୂର୍ବରୁ ଚିରସ୍ରୋତା ରହିଥିବା କରାଣ୍ଡିଆ ନଦୀ ଏବେ ବର୍ଷାଦିନ ବ୍ୟତୀତ ଅନ୍ୟସମୟରେ ଜଳ ପ୍ରବାହ ହେଉ ନ ଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ଅଧିକାରୀମାନେ ଏହି ସମସ୍ୟା ସମ୍ପର୍କରେ ଅବଗତ ହୋଇ କରାଣ୍ଡିଆର ଉତ୍ପତ୍ତି ସ୍ଥଳରେ ପହଞ୍ଚି ପାଣି ଅବରୋଧ କରୁଥିବା ପଥରବନ୍ଧକୁ କାଟିବା ପାଇଁ ପରାମର୍ଶ ଦେବା ସହ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟଯନ୍ତ୍ରୀ ଇଂ ରାଉତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଲୁଣା ଓ କରାଣ୍ଡିଆ ନଦୀର ବିପଦସଙ୍କୁଳ ଅବସ୍ଥାରେ ରହିଥିବା ନଦୀବନ୍ଧର ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବିଭାଗୀୟ ମୁଖ୍ୟଯନ୍ତ୍ରୀ ଇଂ ରାଉତଙ୍କ ପରିଦର୍ଶନ ସମୟରେ ମହାନଦୀ ନର୍ଥ ଡିଭିଜନ୍ ଜଗତପୁରର ଅଧୀକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ବେହେରା, ପୁନ୍ଦାଲୋ ନଦୀବନ୍ଧ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଗଦାଧର ବାରିକ, ଅସୁରେଶ୍ୱର ଏମ୍ବ୍ୟାକ୍ମେଣ୍ଟ ସେକ୍ସନର ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ମହାନ୍ତି, ପୁନ୍ଦାଲୋ ସେକ୍ସନର ସହକାରୀ ଯନ୍ତ୍ରୀ ଇଂ କୃପାସିନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ରକ୍ତଦାନ ଶିବିର; ୪୬ ୟୁନିଟ୍ ସଂଗୃହୀତ

କେନ୍ଦ୍ରାପଡ଼ା,୨୫।୪(ସମିସ): ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଓ ସତ୍ୟସାଇ ଭଜନ ମଣ୍ଡଳୀର ଆବାହକ କୁଳମଣି ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର ଓ ସତ୍ୟସାଇ ବାବାଙ୍କ ଷୋଡଶ ଉପଚାର ପୂଜା, ଭଜନ ଓ ସତସଙ୍ଗ ଆୟୋଜନ କରାଯାଇଥିଲା। ଠାକୁରପାଟଣା ସମିତିର ଭାଇଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିବପ୍ରସାଦ ମହାନ୍ତି, ଶ୍ରୀହର୍ଷ ବିହାରୀ ଦାସ, ଶ୍ରୀମତୀ ସଫଳା ଦାସ ପ୍ରମୁଖ ଯୋଗଦେଇ ସତ୍ୟସାଇ ବାବାଙ୍କ ଜୀବନାଦର୍ଶ ଓ ସେବାମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶ୍ରୀସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡ଼ା ସଭାପତି ଉମେଶ ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଫେସର ସଞ୍ଜୟ ମିଶ୍ର, ଇଂ ସ୍ମୃତିକାନ୍ତ ମିଶ୍ର ଓ ଅଧ୍ୟାପକ ଶ୍ରୀନିବାସ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ରକ୍ତଦାନ ଶିବିରରେ ୪୬ ୟୁନିଟ ସଂଗ୍ରହ କରାଯାଇଥିଲା।

# କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ସଭାପତିଙ୍କୁ ଜାତୀୟ ସ୍ୱୀକୃତି

କେନ୍ଦ୍ରାପଡ଼ା,୨୫।୪(ସମିସ): କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କୁ ଜାତୀୟ ସ୍ୱୀକୃତି ପ୍ରଦାନ କରାଯାଇଛି। ଦେଶର ସମସ୍ତ ଅର୍ବାନ ବ୍ୟାଙ୍କର ସାମୂହିକ କଲ୍ୟାଣ ଓ ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଗଠନ କରାଯାଇଥିବା ଅମ୍ବ୍ରେଲା ଅର୍ଗାନାଇଜେସନ ଏନୟୁସିଏଫ୍ଡିସି ପକ୍ଷରୁ ସ୍ୱୀକୃତି ମିଳିଛି। ସେହି ସଂଗଠନର ଜଣେ ସଦସ୍ୟ ଭାବେ ଶ୍ରୀ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ଏଭଳି ଜାତୀୟ ସ୍ୱୀକୃତି ପାଇବାରେ ଶ୍ରୀ ମହାନ୍ତି ପ୍ରଥମ ଓଡ଼ିଆ। ଶ୍ରୀ ମହାନ୍ତି ସଭାପତି ଭାବେ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଦାୟିତ୍ୱ ନେବା ପରେ ବ୍ୟାଙ୍କର ଆର୍ଥିକ ସୁପରିଚାଳନା, ଅଣକାର୍ଯ୍ୟକ୍ଷମ ସମ୍ପତ୍ତି (ଏନପିଏ)କୁ ବହୁ ପରିମାଣରେ ହ୍ରାସ କରାଯାଇ କମ ସୁଧରେ ପହଞ୍ଚାଇବା, ବ୍ୟାଙ୍କର ଲାଭ କରିବାରେ ରେକର୍ଡ ସୃଷ୍ଟି କରିବା, ରିଜର୍ଭ ବ୍ୟାଙ୍କର ସମସ୍ତ ବିତ୍ତୀୟ ଅନୁପାତକୁ ସଠିକ ଢଙ୍ଗରେ ନିୟନ୍ତ୍ରଣରେ ରଖିବା ଦ୍ୱାରା ଫାଇନାନସିଆଲ ସାଉଣ୍ଡ ଆଣ୍ଡ ୱେଲ ମ୍ୟାନେଜଡ ବ୍ୟାଙ୍କ ଭାବେ ସ୍ୱୀକୃତି ଲାଭ କରିବାରେ ସଫଳ କାମ ହୋଇଥିବାରୁ ବ୍ୟାଙ୍କର ଗ୍ରାହକ, କର୍ମଚାରୀ, ଅଂଶୀଦାର ବନ୍ଧୁ, ନିର୍ଦ୍ଦେଶକ ମଣ୍ଡଳୀ, ଶୁଭେଚ୍ଛୁ ଓ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସମସ୍ତେ ବ୍ୟାଙ୍କ ସଭାପତି ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



# ବିଶ୍ୱ ମେଲେରିଆ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୨୫।୪(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୦ନଂ ୱାର୍ଡ ମା' ତାରିଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଯାଇଛି। ମହିଳା ସମିତି ସମ୍ପାଦକ ଆଶା କର୍ମୀ ସୌଭାଗିନୀ ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ସେବାଶ୍ରମ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ଦାଶ, ସମାଜସେବୀ ମିଟୁ ମନୋଜ ନାୟକ ଓ ସରକାରୀ ଓକିଲ ଶିଶିର ମଲିକ, ଏଏନଏମ ନିରୁପମା ସାହୁ ଯୋଗ ଦେଇ ସମଗ୍ର ବିଶ୍ୱରୁ ମେଲେରିଆ ରୋଗ ଦୂର କରିବାକୁ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ରୋଗ ନିରୋଧକ ସଚେତନତା କାର୍ଯ୍ୟକ୍ରମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମହିଳା ସମିତି ସଭାପତି ବବିତା ମଲିକ, ମମତା ମଲିକ ମଣିମାଳା ମଲିକ, ରଶ୍ମିତା ମଲିକ, ମଞ୍ଜୁଲତା ମଲିକ, ସରସ୍ୱତୀ ମଲିକ, ମମତା ମଲିକ, ମିତା ମଲିକ, ସୁନୀତା ମଲିକ ପ୍ରମୁଖ ଯୋଗ ଦେଇଥିଲେ।



# ବିଭିନ୍ନ ବ୍ଲକ୍ରେ ଜାତୀୟ ପଞ୍ଚାୟତିରାଜ ଦିବସ







ପଟ୍ଟାମୁଣ୍ଡାଇ,୨୫।୪(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ୍ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିମଳ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଷମତାର ବିକେନ୍ଦ୍ରୀକରଣ କରି ଲୋକଙ୍କ ହାତରେ କ୍ଷମତା ସହ ବିକାଶ କାର୍ଯ୍ୟକ୍ରମ ଆଗକୁ ନେବାକୁ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା, ସମିତି ସଭ୍ୟା ସ୍ମୃତିମୟୀ ମଲିକ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ ଓ ପ୍ରସନ୍ନ ରାଉତ, ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ୍ ବିଏସଏସଓ ସୁଧାଂଶୁ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏ ଅବସରରେ ବିକାଶମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଡିହାପଡ଼ା ସରପଞ୍ଚ ଶତ୍ରୁଘ୍ନ ମଲିକ, ସମିତି ସଭ୍ୟା ରେଣୁକା ସେଠୀ, କନିଷ୍ଠ ଯନ୍ତ୍ରୀ ଜ୍ଞାନାଞ୍ଜୟ ବେହେରା, ପିଇଓ ରଞ୍ଜିତ ପରିଡା, ଏଡିଇଓ ମଳୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନେରଗା ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନା ଜେନା, ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ଓ ଏଡିଇଓ ବିକାଶ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୃହ ନିର୍ମାଣ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର, ପିଇଓ ପ୍ରଭାତ ମଲିକ, ଏଡିଇଓ ମାନସୀ ଷଣ୍ଢଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବଡ଼ମୂଳବସନ୍ତ ପଞ୍ଚାୟତର ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି କଖାରୁଣୀ ପଞ୍ଚାୟତର ଅନ୍ତ୍ୟୋଦୟ ଗୃହ ଯୋଜନାର ଅତିରିକ୍ତ ଅର୍ଥ ରାଶି ସରପଞ୍ଚ ରମେଶ ମଲିକ, ସମିତି ସଭ୍ୟ ସୁନୀଲ ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ବାଛରା ପଞ୍ଚାୟତର ଶ୍ରଦ୍ଧା ସୁମନ ମହିଳା ସ୍ୱୟଂସହାୟକ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସମଗ୍ର ଉତ୍ତର ଭାରତରେ ତରଡ଼ିପାଳ ପଞ୍ଚାୟତର ମମତା ନାଥ ଶର୍ମାଙ୍କୁ ଲକ୍ଷପତି ଦିଦି ଭାବେ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ ଧନ୍ୟବାଦ ଦେଇଥିଲେ।

**ରାଜକନିକା:** ରାଜକନିକା ବ୍ଲକ୍ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏଥିରେ ରାଜକନିକା ବ୍ଲକର ୨୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିପିଏଲଏଫ ସଦସ୍ୟାଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୨୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବଲାଙ୍ଗୀରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ବିଡିଓ କୈଳାସ ମହାଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ସାଂସଦଙ୍କ ପ୍ରତିନିଧି ଆରୁଣି ଜଗତୀ, ବିପିସି ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ଏବିଡିଓ ଅଜୟ ବେହେରାଙ୍କ ସମେତ ବ୍ଲକର ପିଇଓ, ମିଶନଶକ୍ତି ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଗୁଆଳସିଂସ୍ଥ ଜିଲ୍ଲା ସଂସ୍କୃତି ଭବନରେ ବ୍ଲକ୍ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଏଲଇଡି ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଅଭିଭାଷଣ ଉପସ୍ଥିତ ଲୋକ ଶୁଣିଥିଲେ। ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଏବିଡିଓ ମୃଣ୍ମୟ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ ସାହୁ, ମଙ୍ଗଳ ଅଧିକାରୀ ରଶ୍ମି ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ପୂର୍ବରୁ କାର୍ଯ୍ୟାଦେଶ ପାଇ ଠିକ୍ ସମୟରେ କାମ ସାରିଥିବା ହିତାଧିକାରୀଙ୍କୁ ବୋନସ୍ ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧୀନସ୍ଥ ୨୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଏମ୍ବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜନଗର:** ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ସାଂସଦଙ୍କ ପ୍ରତିନିଧି ବିକ୍ରମ ବାରିକ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଯୋଜନାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ବନ୍ଧପଡ଼ାର ପ୍ରଶାନ୍ତ ରାଉତ, ସବିତା ବାରିକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ନରେଗାରେ କୃଷ୍ଣନଗର, ସିଏଫସି, ଏସଏଫସିରେ ଡେରା, ଗୃହ ନିର୍ମାଣରେ ଚାନ୍ଦିବାଉଁଶମୂଳ ପଞ୍ଚାୟତକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ବିଏସଏସଓ ମନୋଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଳି:** ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷା ମିନତୀ ବାରିକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସଡ଼କ ବନ୍ଧୁ ସୁଶାନ୍ତ ତରାଇ କବିତା ପାଠ କରିଥିଲେ। ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଏବିଡିଓ ସୁମନ୍ତ ବେହୁରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପରିତାପର ବିଷୟ ଏଭଳି ଏକ ବଡ଼ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ଅବ୍ୟବସ୍ଥା ଘେରରେ ପାଳିତ ହୋଇଥିବା ନେଇ ଆସିଥିବା ମହିଳା ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଆବଶ୍ୟକ ମୁତାବକ ଚେୟାର ପଡି ନ ଥିବାରୁ ୨ ଶହରୁ ଅଧିକ ମହିଳା ଛିଡା ହୋଇ ଫେରିଯାଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ ମଧ୍ୟ ବସି ନ ପାରି ଫେରିଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ ଅବ୍ୟବସ୍ଥା କଥାକୁ ଏଡାଇ ଦେବା ସହ ଅନ୍ୟ ବ୍ଲକ୍ର ଉଦାହରଣ ଦେଇଥିଲେ।



# ବୋଲବମ୍ ସଂଘ ପକ୍ଷରୁ ଦହିପାଣି ବଣ୍ଟନ

ପଞ୍ଚୁପାଣ୍ଡବ,୨୫।୪(ସମିସ):ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ମଙ୍ଗଳେଶ୍ୱର ବୋଲବମ୍ ସଂଘ ପକ୍ଷରୁ ଶନିବାର ଦହି ପାଣି ବଣ୍ଟନ କରାଯାଇଛି। ବେଣୀପୁରରୁ ଇନ୍ଦୁପୁର ଯାଇଥିବା ବିରୂପା ନଦୀବନ୍ଧର ହଳଦିଆପାଟଣା କେନାଲ ବ୍ରିଜ ନିକଟରେ ଏହି ଦହି ପାଣି ବଣ୍ଟନ କରାଯାଇଛି। ଆଜି ଶନିପୂଜା ଥିବାରୁ ଏହି ରାସ୍ତାରେ ବିଭିନ୍ନ ଶନି ମନ୍ଦିରକୁ ଯାତାୟାତ କରୁଥିବା ହଜାର ହଜାର ପଥଚାରୀଙ୍କୁ ସଂଘ ସଭାପତି ଅମିତ ପୃଷ୍ଟିଙ୍କ ନେତୃତ୍ୱରେ ଦହିପାଣି ବଣ୍ଟନ କରାଯାଇଥିଲା। ସୌଭାଗ୍ୟ ସାହୁ, ମଳୟ ସାହୁ, ଶ୍ରୀନିବାସ ମଲିକ, ତ୍ରିଲୋଚନ ମଲିକ, ଆରିୟନ୍ସ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଇନ୍ଦୁପୁର ବିଦ୍ୟାଳୟରେ ନୂତନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ

ପଞ୍ଚୁପାଣ୍ଡବ,୨୫।୪(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ସୀତାରାମ କରଙ୍କ ଝିଅ ଅନୀତା କର ଶିକ୍ଷା ବିଭାଗ ପକ୍ଷରୁ ନୂତନ ଶିକ୍ଷୟିତ୍ରୀ ଭାବେ ଇନ୍ଦୁପୁର ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଛନ୍ତି। ଇନ୍ଦୁପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଜେନାଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନୂତନ ଶିକ୍ଷୟିତ୍ରୀ ଅନୀତା କର, ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅନୀତା କର ଯାଜପୁର ଜିଲ୍ଲା ଧର୍ମଶାଳାର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ।



● ଭାବିନୀଙ୍କୁ କେବେ ମିଳିବ ଆବାସ

# ଭଙ୍ଗା ଘରେ ବିତୁଛି ୫ ପ୍ରାଣୀଙ୍କ ଜୀବନ

ମହାକାଳପଡ଼ା,୨୫।୪(ସମିସ): ଭଙ୍ଗା ଚାଳ ଛପର ଘର ଉପରେ ପଡ଼ିଛି ଛିଣ୍ଡା ପାଲ। ଏମିତି ଅବସ୍ଥାରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ପରିବାରର ୫ ପ୍ରାଣୀ। ପକ୍କାଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରି ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁ ନ ଥିବା ଜୟଚନ୍ଦ୍ରପୁର ଗ୍ରାମର ଭାବିନୀ ସ୍ୱାଇଁ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକ ଅଧୀନ ଜୟଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମର ରଘୁନାଥ ସ୍ୱାଇଁ, ପତ୍ନୀ ଭାବିନୀ, ଦୁଇ ନାବାଳକ ପୁଅ ଓ ବୃଦ୍ଧ ବାପା ଭଙ୍ଗା ଚାଳ ଛପର ଘରେ ଜୀବନ କାଟୁଛନ୍ତି। ମଜୁରି କରି ପରିବାର ପ୍ରତିପୋଷଣ କରନ୍ତି ରଘୁନାଥ। ସ୍ୱଳ୍ପ ରୋଜଗାରରେ ୫ ପ୍ରାଣୀଙ୍କ ପେଟକୁ ଦାନା ନିଅଣ୍ଟ ହେଉଥିବାବେଳେ ପକ୍କାଘର ଖଣ୍ଡିଏ ପାଇଁ ଅଣ୍ଟା ଭିଡିବା ସେମାନଙ୍କ ପାଇଁ କାଠିକର ପାଠ। ପକ୍କାଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରିଛନ୍ତି। କେହି ତାଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି। ଭାଗ୍ୟକୁ ଆଦରି ସେହି ଚାଳ ଛପର ଘରେ ୫ ପ୍ରାଣୀ ଦିନ କାଟୁଛନ୍ତି। ଆଜି ପର୍ଯ୍ୟନ୍ତ ଏ ପରିବାରକୁ ପକ୍କାଘର ଖଣ୍ଡିଏ ନ ମିଳିବା ପଛର କାରଣ କ'ଣ? ପଞ୍ଚାୟତର ଜନପ୍ରତିନିଧିଙ୍କ ନଜର ଏ ପରିବାର ଉପରେ ପଡ଼ିନାହିଁ କି? ତେବେ ରଘୁନାଥଙ୍କ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ନାରାୟଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ରଘୁନାଥପୁର,୨୫।୪(ସମିସ): ରଘୁନାଥପୁର ବ୍ଲକ ତାରପୁର ଗ୍ରାମର ମହାନଦୀ କୂଳେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ନାରାୟଣୀଙ୍କ ୪୫ତମ ବାର୍ଷିକୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି। ପବିତ୍ର ଅକ୍ଷୟତୃତୀୟା ଠାରୁ ଏହି ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଳସ ଯାତ୍ରା ପରେ ଘଟ ସ୍ଥାପନ ହୋଇ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅବସରରେ ସୂର୍ଯ୍ୟ ପୂଜା, ଗୋପୂଜା, ସୂର୍ଯ୍ୟନାରାୟଣ ପୂଜା, ରୁଦ୍ରାଭିଷେକ ଓ ଚଣ୍ଡୀପାଠ କରାଯାଇ ପ୍ରତ୍ୟେହ ଆହୁତି ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି ଅବସରରେ ପୀଠରେ ପ୍ରବଳ ଜନସମାଗମ ହୋଇଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ପୂର୍ଣ୍ଣାହୁତି ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ୫ ଜଣ ବୈଦିକ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବିଭୁଦତ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ରଶ୍ମିତା ପଣ୍ଡା କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମା' ନାରାୟଣୀ ପରିଚାଳନା କମିଟି ତତ୍ତ୍ୱାବଧାନରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଜୟ ମହାପାତ୍ର, ପୂର୍ବତନ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଓ ଡା. କୁଳମଣି ସାମଲଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଦର୍ଶନ ନିମନ୍ତେ ଆସିଥିଲେ। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ, ରଘୁନାଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରଜତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏଚ୍‌ରେ ଜାମ୍; ଯାତାୟତ ବାଧାପ୍ରାପ୍ତ



କୁଜଙ୍ଗ,୨୫।୪(ସମିସ): ଜାତୀୟ ରାଜପଥରେ ଗତ କିଛିଦିନ ହେବ ଟ୍ରାଫିକ ବ୍ୟବସ୍ଥା ଗୁରୁତର ହୋଇପଡିଛି। ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଧୂଆଁଧୂଳିରେ ଲୋକଙ୍କୁ ଜାମ୍‌ରେ ପଡ଼ି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଶୁକ୍ରବାର ୩ ଘଣ୍ଟା ଧରି ଏନ୍‌ଏଚ୍ ୫୩ ଜାମ୍ ହେବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। କେନ୍ଦ୍ରାପଡ଼ା-ପାରାଦୀପ ରାସ୍ତାର ଯଦୁପୁରରୁ ଭୁତମୁଣ୍ଡାଇ ପର୍ଯ୍ୟନ୍ତ ୭ ଲେନ୍ ରାସ୍ତା ୩ ଘଣ୍ଟା ଧରି ଜାମ୍ ଯୋଗୁ ପ୍ରବଳ ଗ୍ରୀଷ୍ମରେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ ଦୁଇ ଜିଲ୍ଲାର ସାଧାରଣ ଲୋକେ ଓ ପାରାଦୀପ ଶିଳ୍ପ ସଂସ୍ଥାରେ କାମ କରୁଥିବା କର୍ମଚାରୀମାନେ। ଦିନରେ ଆଇରନ୍ ଟ୍ରକ୍ ଯିବା ଆସିବା କରିବାରୁ ପ୍ରବଳ ଜାମ୍ ହେଉଥିବା ଭୁତମୁଣ୍ଡାଇର ବରିଷ୍ଠ ବ୍ୟବସାୟୀ ସୁରେଶ ଚନ୍ଦ୍ର ଖଟେଇ ଓ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ ଅଭିଯୋଗ କରିଛନ୍ତି। ଏପରିକି ଏନ୍‌ଏଚ୍ ୫୩ରେ ଆମ୍ବୁଲାନ୍ସ ଓ ଶହ ଶହ ଗାଡ଼ି ଫସି ରହିଥିବା ଅଭିଯୋଗ ହୋଇଛି।

## ହୃଦ୍‌ଘାତରେ ପ୍ରାକ୍ତନ ସୈନିକ ମୃତ

ଜଗତସିଂହପୁର/ପାରାଦୀପ,୨୫।୪(ସମିସ): ପାରାଦୀପରେ ତଟରକ୍ଷୀ ବାହିନୀରେ ତାଲିମଦାତା ଭାବେ କାର୍ଯ୍ୟ କରୁଥିବା ପ୍ରାକ୍ତନ ଯବାନ ପ୍ରତାପଚନ୍ଦ୍ର ନାୟକଙ୍କ (୬୧) ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ଆଜି ହଠାତ୍ ସେ ଅସୁସ୍ଥ



ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କର ପରିବାର ଲୋକ ଆସିବା ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ଘର ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପାକନପୁର ଗ୍ରାମରେ। ସ୍ୱର୍ଗତ ପ୍ରତାପ ନାୟକ ପାରାଦୀପର ତଟରକ୍ଷକ ବାହିନୀରେ ନୂତନ ଭାବେ ନିଯୁକ୍ତ ପିଲାମାନଙ୍କୁ ତାଲିମ୍ ଦେଉଥିଲେ। ତାଙ୍କ ବିୟୋଗରେ ଉତ୍କଳ ସେବା ନିବୃତ୍ତ ସେନାନୀ ସଙ୍ଘ ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସଙ୍ଘର ସଭାପତି ସୋମନାଥ ମହାରଣା ଏବଂ ସମସ୍ତ ସଦସ୍ୟମାନେ ତାଙ୍କ ଗୃହକୁ ଯାଇ ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଜଣାଇ ପରଲୋକଗତ ଆତ୍ମାଙ୍କ ଶାନ୍ତି କାମନା କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଦେହାନ୍ତ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ କାମନା କରାଯାଇଛି।

# ନିଶାଶକ୍ତ ବସ୍ ଡ୍ରାଇଭରରର ଉନ୍ମୁକ୍ତ କାଣ୍ଡ

ପାରାଦୀପ,୨୫।୪(ସମିସ)




ନିଶା ସେବନ କରି ପାରାଦୀପରୁ କଟକ ବସ୍ ଚଳାଉଥିବା ନେଇ ଆଜି ମଡେଲ ଥାନାରେ ଅଭିଯୋଗ ହୋଇଛି। ତେବେ ଏଭଳି ସ୍ଥିତିରେ ଯାତ୍ରୀଙ୍କ ଜୀବନ ସହିତ ବସ୍ ଡ୍ରାଇଭର ଖେଳ ଖେଳୁଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିଶା ସେବନ କରି ବସ୍‌ରେ ଯାତ୍ରୀ ନେଇ ପୁଣି ଦ୍ରୁତ ଗତିରେ ପାରାଦୀପରୁ କଟକ ଯାଉଥିବା ବିଜୟା ବସ୍‌କୁ କିଛି ସ୍ଥାନୀୟ ଲୋକେ ଗୋଡ଼େଇ ବାଟରେ ଧରିବା ସହିତ ଅଟକାଇଥିଲେ। ଏହାକୁ ନେଇ ଦିନ ପାଖାପାଖି ୧୨ଟା ବେଳେ ପିପିଏଲ ଛକ ନିକଟରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା। ତେବେ ଅଳ୍ପକେ ଟଳି ଯାଇଛି ଏକ ବଡ଼ ଦୁର୍ଘଟଣା ବୋଲି କୁହାଯାଉଛି। ଏହି ବିଜୟା ବସ୍‌ଟିର ଡ୍ରାଇଭର ନିଶାଶକ୍ତ ଅବସ୍ଥାରେ ଦ୍ରୁତଗତିରେ ବସ୍‌କୁ ନେଇ ଏକାଧିକ ସ୍ଥାନରେ କାର୍, ବାଇକ୍‌କୁ ଅତିକ୍ରମ କରି ଏକ ଟ୍ରକ୍‌କୁ ସାଇଡରୁ ଧକ୍କା ଦେବା ସମୟରେ କାବୁ କରିଥିଲେ ସ୍ଥାନୀୟ ଲୋକ। ବସ୍ ଚାଳକ ନିଶା ସେବନ କରିଥିବାରୁ ଏଭଳି ଦ୍ରୁତ ଗତିରେ ଗାଡି ଚଳାଉଥିବା ନେଇ ସ୍ଥାନୀୟ ଲୋକ ପ୍ରକାଶ କରିଥିଲେ। ଦ୍ରୁତ ଗତିରେ ଗାଡ଼ି ଚଳାଇ ଯାଉଥିବା ସମୟରେ ଏକ ଗାଡିକୁ ସାଇଡ଼ରୁ ଘଷି ଦେଇ ଫେରାର ହୋଇଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଯୁବକ ଓ ପଥଚାରୀ ବସ୍‌କୁ ଗୋଡ଼ାଇ ଗୋଡ଼ାଇ ଅଟକାଇବା ସହିତ ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇଁ ଆଦର୍ଶ ଥାନା ପୁଲିସ ଘଟଣା ସ୍ଥଳରେ ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ବିଜୟା ବସ୍‌କୁ ଥାନାକୁ ଆଣିଥିବା ସୂଚନା ମିଳିଛି। ବସ୍ ଚାଳକ ଜଣକ ଏତେମାତ୍ରାରେ ନିଶା ସେବନ କରିଥିଲେ ଠିଆ ହେଉଥିବା ସମୟରେ ଟଳି ପଡୁଥିବା ନେଇ ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ପୁଲିସ ଅଭିଯୋଗ ଅନୁସାରେ ଡ୍ରାଇଭରକୁ ଡ୍ରନକେନ୍ ଡ୍ରାଇଭର ଏକ ମାମଲା ରୁଜୁ କରି ଛାଡି ଦେଇଥିବା ବେଳେ ବସ୍‌ଟି ଥାନାରେ ଅଟକ ରହିଛି। ବସ୍‌ଟି କୋର୍ଟରୁ ରିଲିଜ ହେବା ନେଇ ଥାନା ଅଧିକାରୀ ବବିତା ଦେହୁରୀ ସୂଚନା ଦେଇଛନ୍ତି।

## ମାନସୀପ୍ରଭାଙ୍କୁ 'ବସନ୍ତ ପୃଷ୍ଟି ଚେଳିତୋଳ ସାରସ୍ୱତ ସମ୍ମାନ'

କୁଜଙ୍ଗ,୨୫।୪(ସମିସ): କୁଜଙ୍ଗ ନିବାସୀ ବିଶିଷ୍ଟ କବି ତଥା ସମାଜସେବୀ ମାନସୀପ୍ରଭା ସ୍ୱାଇଁଙ୍କୁ କଟକ ସାରଳା ଭବନରେ ଚେଳିତୋଳ କଲଚରାଲ ଏକାଡେମୀ ପକ୍ଷରୁ କବିଙ୍କ ସାରସ୍ୱତ ସାଧନା, ସମାଜସେବା ଓ ନାରୀଶକ୍ତିର ଜାଗରଣ ନିମନ୍ତେ ବସନ୍ତ ପୃଷ୍ଟି ଚେଳିତୋଳ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଏରସମା କୋଠି ନିମୋଳ ଗ୍ରାମର ଦିବଙ୍ଗତ ପ୍ରଧାନ ଶିକ୍ଷକ ତଥା ଲେଖକ ଶୁକଦେବ ମହାନ୍ତିଙ୍କ ଏକମାତ୍ର କନ୍ୟା ମାନସୀ ଛାତ୍ରୀ ଜୀବନରୁ ପିତାଙ୍କ ପଦାଙ୍କ ଅନୁସରଣ କରି ପାଠ ସାହିତ ସାରସ୍ୱତ ସାଧନା ଓ ସମାଜସେବାକୁ ଆପଣାଇ ଦୁଇଟି କାବ୍ୟ ସମ୍ଭାର "ମାନସୀ କନ୍ୟା' ଓ "ଦେବ କନ୍ୟା' ପ୍ରକାଶ କରି ପାଠକୀୟ ଆଦୃତି ପାଇପାରିଛନ୍ତି। ଚେଳିତୋଳ କଲଚରାଲ ଏକାଡେମୀର ୩୫ତମ ବାର୍ଷିକୋତ୍ସବରେ ଓଡ଼ିଶା ହାଇକୋର୍ଟର ବିଚାରପତି ଶଶୀକାନ୍ତ ମିଶ୍ର, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ପ୍ରଫେସର ନିରଞ୍ଜନ ତ୍ରିପାଠୀ, କଲଚରାଲ ଏକାଡେମୀର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ପ୍ରମୁଖ ମାନସୀଙ୍କୁ ସମ୍ମାନିତ କରିଥିଲେ।

## କୁଜଙ୍ଗ ଶନିମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ



କୁଜଙ୍ଗ,୨୫।୪(ସମିସ): କୁଜଙ୍ଗ ଜଗନ୍ନାଥପୁରସ୍ଥିତ ଶନିଦେବଙ୍କ ପୀଠରେ ଚଳିତ ବର୍ଷ ଶନିଦେବଙ୍କ ଜନ୍ମୋତ୍ସବ ସହ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ଆଳତି ସହ ଏହି କଳସ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆଜି ପ୍ରତ୍ୟୁଷରୁ ମହାନଦୀରୁ କଳସୀରେ ଜଳ ଉଠାଇ ହଜାର ହଜାର ଶ୍ରଦ୍ଧାଳୁ ଶନିଦେବଙ୍କ ଜଳାଭିଷେକ କରିଥିଲେ। ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପ୍ରବଳ ଭିଡ ହୋଇଥିଲା। ଯଜ୍ଞ କର୍ତ୍ତା ରୂପେ ଲିଟୁ ଦାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପ୍ରାୟ ୨୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଓ ଜଳାଭିଷେକ ସମ୍ପାଦନ କରିଥିବା ମନ୍ଦିର ପ୍ରମୁଖ ସୁରେଶ ଦାସଙ୍କ ଠାରୁ ପ୍ରକାଶ। ଭିଡକୁ ଲକ୍ଷ୍ୟ କରି ଡା. ଶିବ ପ୍ରସାଦ ସେଠୀଙ୍କ ପକ୍ଷରୁ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ପ୍ରସାଦର ବନ୍ଦୋବସ୍ତ କରାଯାଇଥିଲା। ଏଥିରେ ଡା. ସତ୍ୟଜିତ୍ ପ୍ରଧାନ, ସମାଜସେବୀ ପ୍ରଭାତ ବେହେରା, ପଙ୍କଜ ତରାଇ, ମଣିଶଙ୍କର ପରିଡ଼ା, ପିତାମ୍ବର ମାଝୀ, ଶକ୍ତିପ୍ରସାଦ ଭୁଜବଳ, ଭବାନୀ ଶଙ୍କର ଆଚାର୍ଯ୍ୟ, ସତ୍ୟଜିତ ରାଉତ, ସୂର୍ଯ୍ୟକାନ୍ତ ରାଉତ, ପ୍ରଶାନ୍ତ ମଲ୍ଲିକ୍, ଶଶି ଭୂଷଣ ସାହୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପଙ୍କପାଳ ମହାନଦୀ ପାୱାର୍ ଚୌଧୁରୀକୁଦ ଶନି ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ଚଳିତବର୍ଷ ମନ୍ଦିର ନିକଟ ଘାଟ ଅଧିକ ଗଭୀର ହୋଇଯାଇଥିବାରୁ ମନ୍ଦିର ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଏହି ଘାଟରୁ ଜଳ ଉଠାଇଥିଲେ ଶ୍ରଦ୍ଧାଳୁ। ଶନି ମନ୍ଦିରର ପ୍ରମୁଖ ହେମନ୍ତ ମହାପାତ୍ର, କୈଳାସ ପରିଡ଼ା, ଅଜୟସ୍ୱାଇଁ, ସମାଜସେବୀ ଡ. ସୁନାକର ବେହେରା, ଦୈତାରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଦୁଇଟି ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା।

■ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି

## କଂଗ୍ରେସ ପଦଯାତ୍ରାକୁ ମିଳିଲାନି ଅନୁମତି

ପାରାଦୀପ,୨୫।୪(ସମିସ): ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବିଶୃଙ୍ଖଳା ସୃଷ୍ଟି କରାଯାଉଛି। କଂଗ୍ରେସ ପକ୍ଷରୁ ହେବାକୁ ଥିବା ପଦଯାତ୍ରାକୁ ପ୍ରଶାସନ ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି, ମାନବ ଜୀବନହାନି ହେବାର ସମ୍ଭାବନା ରହିଛି। ପ୍ରସ୍ତାବିତ ଅଞ୍ଚଳରେ ସୁରକ୍ଷା ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ପଦଯାତ୍ରା ହେଲେ ଗୁରୁତର ଟ୍ରାଫିକ ଆଶଙ୍କା ରହିଛି; ଯାହା ସାଧାରଣ ଲୋକଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି ହେବ। ପଦଯାତ୍ରା ପାଇଁ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ସାର୍ବଜନୀନ ଶାନ୍ତି ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପଦଯାତ୍ରାକୁ ଅନୁମତି ମିଳି ନଥିବା ନେଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

ପ୍ରକାଶଥାଉକି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ପ୍ରକଳ୍ପ ସ୍ଥାନ ନିକଟବର୍ତ୍ତୀ ୩ଟି ପଞ୍ଚାୟତ ଢିଙ୍କିଆ, ଗଡକୁଜଙ୍ଗ ଓ ନୂଆଗାଁ ଆଦି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର କରିପାରିଛି। ଏହି ଉପଲକ୍ଷେ ୩ଟି ପଞ୍ଚାୟତରେ ୭ ଏକର ପୋଖରୀ ପୁନଃ ଉଦ୍ଧାର କରାଯାଇଛି। ୨୩ଟି ବୋରୱେଲ୍ ଖନନ କରାଯାଇଛି। ବିଦ୍ୟାଳୟ ଗୁଡିକରେ ଜଳକଷ୍ଟ ଦୂର ପାଇଁ ୮୦ ଲିଟରର ୮୧ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି। ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହାଳ ଗ୍ରାମରେ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ୧୧ଟି ବୋରୱେଲ ସ୍ଥାପନ କରାଯାଇଛି।

## ଗଠିତ ହେଲା ମା'ଶାରଳା ଆମ୍ବୁଲାନ୍ସ ଡିଭିଜନ



ଜଗତସିଂହପୁର,୨୫।୪(ସମିସ): ସେଣ୍ଟଜନ୍ ଆମ୍ବୁଲାନ୍ସ, ଓଡିଶା ଶାଖା ଅନୁବନ୍ଧିତ ଜିଲ୍ଲାରେ ପ୍ରଥମ ମା'ଶାରଳା ଆମ୍ବୁଲାନ୍ସ ଡିଭିଜନ ନାମକ ଏକ ଡିଭିଜନ ଗଠିତ ହୋଇ ପ୍ରଥମ ପର୍ଯ୍ୟାୟରେ ଏକ ଆଠଦିନିଆ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପଳାଶୋଳସ୍ଥିତ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି କଳାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଅଛି। ଉଦ୍‌ଯାପନୀ ଉତ୍ସବରେ ବିରିଡି ବ୍ଲକ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେ ଡାକ୍ତର ରାକେଶ କୁମାର ମହାନ୍ତି ଡିଭିଜନ ସର୍ଜନ ତଥା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ୧୯ଜଣ ଉତ୍ସାହୀ ଯୁବକଙ୍କର ଉଭୟ ଲିଖିତ, ମୌଖିକ ଏବଂ ପ୍ରାକ୍ଟିକାଲ୍‌ର ଉପଯୁକ୍ତ ମୂଲ୍ୟାୟନ କରିବା ସହ ସେମାନଙ୍କର ଉତ୍ସର୍ଗୀକୃତ ସମାଜ ଉପଯୋଗୀ ଏତାଦୃଶ୍ୟ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିଥିଲେ। ଡିଭିଜନର ଆବାହକ ତଥା କୃତୀ ପ୍ରଶିକ୍ଷକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଏହି ଉତ୍ସବରେ ଅଧ୍ୟକ୍ଷତା କରିବା ସାଙ୍ଗକୁ ଡିଭିଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡିଭିଜନର ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜାତୀୟସ୍ତରର ସ୍ୱନାମଧନ୍ୟ ମାଷ୍ଟର ଟ୍ରେନର ତଥା ବିରିଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲୋକନାଥ ସାହୁ ୮ଦିନ ଯାକ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ନିରୀକ୍ଷକ ଭାବେ ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ ଉପସ୍ଥିତ ରହୁଥିଲେ। ଏହି ଅବସରରେ ମୂଲ୍ୟାୟନ କରାଯାଇଥିବା ସର୍ବଶ୍ରେଷ୍ଠ ଶିବିରାର୍ଥୀଭାବେ ସୁବ୍ରତ ମହାନ୍ତି, ବିକାଶ ବେହେରା ଓ ସତ୍ୟସ୍ୱରୂପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ସମେତ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ଡା. ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ଲିଖିତ ଉପାଦେୟ ପୁସ୍ତକ 'ପ୍ରାଥମିକ ଚିକିତ୍ସା' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଡିଭିଜନ କମାଇଣ୍ଡର ଦେବର୍ଷି ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜିକ କର୍ମୀ ଅବନୀକାନ୍ତ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ

ପାରାଦୀପ, ୨୫।୪ (ସମିସ): ଲକ୍‌ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ପାରାଦୀପ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ, ଆଡିସିନାଲ ଆଇଆଇସି ସ୍ନେହଲତା ପ୍ରଧାନ, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଓ ଥାନାର ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଜନସାଧାରଣ ଜନତା ଏବଂ ପୁଲିସ ଭିତରେ ଦୂରତ୍ୱ କମାଇବା ସହ ଅବାଧ ନିଶା କାରବାର, କଳାବଜାରୀଙ୍କୁ ଦମନ କରି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ। ସ୍ଥାନୀୟ ଅଞ୍ଚଳର ସମାଜସେବୀ, ରାଜନେତା, ଜନ ପ୍ରତିନିଧିମାନେ ଯୋଗ ଦେଇ ଲକ୍ ଥାନା ପୁଲିସର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଟ୍ରାଫିକ ସମସ୍ୟା,



ଚୋରାମଦ ବିକ୍ରି, ବ୍ରାଉନସୁଗର ବିକ୍ରି ଏବଂ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ଜନସାଧାରଣ ନିବେଦନ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ

ଜଗତସିଂହପୁର,୨୫।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ଉପଦେଷ୍ଟା ତଥା ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ଆଇନଜୀବୀ ତଥା ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖାର ସଭାପତି ଶିବପ୍ରସାଦ ମାଝୀ, ବରିଷ୍ଠ ରାଜନୀତି ବିଜ୍ଞାନ



ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ସତ୍ୟବାଦୀ ଦାସ ଏବଂ ପ୍ରତାପ କୁମାର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୯୨୧ ମସିହା ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନ ତଥା ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ସ୍ୱର୍ଗତ ମହାପାତ୍ରଙ୍କ ଭୂମିକା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଉଦ୍‌ଘାଟିତ



ଜଗତସିଂହପୁର,୨୫।୪(ସମିସ)

ଜଗତସିଂହପୁର ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ଠାରେ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଉଦଘାଟିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଜଗତସିଂହପୁରର

**ଭାଗନେଲେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା**

ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟଅତିଥି ଏବଂ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ଶ୍ରୀକାନ୍ତ ଚୌଧୁରୀ, ସଭ୍ୟ ସାଧୁ ଚରଣ ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି ଏବଂ ବିଜୟକୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚରେ ପୋର୍ଟ କ୍ଲବ, ପାରାଦୀପ ଓ ବୋରିକିନା ଏଫସି ମଧ୍ୟରେ ଚିତ୍ତାକର୍ଷକ ଥିଲା। ଉଭୟ ଟିମ୍ ଜିରୋ ଜିରୋରେ ସମାନ ଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂରଣ, ବିରିଡି ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପୂରଣ ରଘୁନାଥପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ରଘୁନାଥପୁର (ଟାଇଗର) ଅଧିକ ସାତ ଗୋଲ ପାଇ ବିଜୟୀ ହୋଇଥିଲା।

**କ୍ୟାନ୍‌ଫେଷ୍ଟ୍ ୫ମ ସନ୍ଧ୍ୟା**

## ଓଡ଼ିଆ ନାଟକ ପୂର୍ଣ୍ଣ ପୁରୁଷ ମଞ୍ଚସ୍ଥ

ପାରାଦୀପ,୨୫।୪(ସମିସ): ପାରାଦୀପ ବନ୍ଦରର ସାଂସ୍କୃତିକ ଅନୁଷ୍ଠାନ କ୍ୟାନ୍‌ମାସ୍ ଦ୍ୱାରା ପରିଚାଳିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୬ର ଆଜି ଥିଲା ୫ମ ସନ୍ଧ୍ୟା। ଏହି ଅବସରରେ ଆଜି ଭୁବନେଶ୍ୱରର ମୁକ୍ତି ଅନୁଷ୍ଠାନ ସୂର୍ଯ୍ୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ 'ପୂର୍ଣ୍ଣ ପୁରୁଷ' ନାଟକ ମଞ୍ଚସ୍ଥ କରାଯାଇଥିଲା। ପୂର୍ଣ୍ଣ ପୁରୁଷ, ପୁରୁଷ ଏବଂ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ପରଖିଛନ୍ତି। ଏହି ନାଟକ ଶାରୀରିକ ଆବଶ୍ୟକତା ମହତ୍ତ୍ୱାକାଂକ୍ଷାରେ ପରିଣତ ହେଲେ ଫଳାଫଳକୁ ଚିତ୍ରଣ କରିଥାଏ। କଳା ଆପଣଙ୍କର ଅବିଭକ୍ତ ଧ୍ୟାନ, ଆପଣଙ୍କ ସମର୍ପଣ ଦାବି କରେ। ଯିଏ ଏହା କରେ ତାକୁ କ୍ଷୁଦ୍ର ଆବଶ୍ୟକତା ଏବଂ ଲୋଭରୁ ଉପରକୁ ଉଠିବାକୁ ପଡ଼ିଥାଏ। କିନ୍ତୁ ତା'ପରେ ଜୀବନ ଆଉ ସରଳ ରୁହେ ନାହିଁ, ତାକୁ ସାଂସାରିକ ମୂଷା-ଦୌଡ଼ରେ ଅଂଶଗ୍ରହଣ କରିବାକୁ ପଡ଼ିଥାଏ। ନାଟକର ନାୟକ ସମଗ୍ର ଦୈନନ୍ଦିନ ଜୀବନ ସହିତ ସଂଘର୍ଷ କରୁଛନ୍ତି। ପ୍ରତ୍ୟେକ ମହିଳା ଜଣେ ପୂର୍ଣ୍ଣ ପୁରୁଷ ଖୋଜନ୍ତି। ନାଟକର ନାୟିକା ଶାଶ୍ୱତୀ ମଧ୍ୟ ଏପରି ପୁରୁଷ ଚାହାଁନ୍ତି କିନ୍ତୁ ଏହା



ଘଟେ ନାହିଁ। ସେ ଜୀବନର ବର୍ତ୍ତମାନ ପର୍ଯ୍ୟାୟରେ ଆଶାବାଦୀ; କିନ୍ତୁ ଶେଷରେ ଅନୁଭବ କରନ୍ତି ଯେ କେହି ସମ୍ପୂର୍ଣ୍ଣ ନୁହଁନ୍ତି। ସିଦ୍ଧତା କେବଳ ଏକ ପ୍ରକ୍ରିୟା ଏବଂ ବାସ୍ତବରେ ଏହାର କୌଣସି ଅସ୍ତିତ୍ୱ ନାହିଁ। ଉପସ୍ଥାପନା ସମୟରେ ନାଟକଟି ପ୍ରେକ୍ଷାଳୟର ଦର୍ଶକଙ୍କୁ ନୀରବ ରଖିଥିଲା। ଆସନ୍ତା କାଲି ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇର ପଲି ଥିଏଟର ଗ୍ରୁପ୍ ବିଜୟ ସିଂହ ପରମାରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଗୋଲଡେନ୍ ବଜାର ମଞ୍ଚସ୍ଥ କରାଯିବ।

## ଅଜଣା ଟ୍ରକ ଧକ୍କାରେ ମହିଳା ଗୁରୁତର

ସୋର,୨୫।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ସନ୍ଧ୍ୟାରେ ତରଡୁଆ ଗ୍ରାମର ତିଳୋତ୍ତମା ମହାପାତ୍ର(୩୫) ସ୍କୁଟି ଯୋଗେ ସୋର ଅଭିମୁଖେ ଆସୁଥିଲେ। ଏହି ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ମହିଳା ଜଣଙ୍କ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## ଜମିବାଡ଼ି ଗଣ୍ଡଗୋଳ ଘଟଣାରେ ଦୁଇ ଗିରଫ

ସୋର, ୨୫।୪ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଟ୍ରେଜେରୀ କଲୋନୀରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ଉଭୟ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଛତ୍ରପୁର ଗ୍ରାମର ସତ୍ୟବ୍ରତ ଦେ ଏବଂ ସିଦ୍ଧାର୍ଥ ଦେଙ୍କ ମଧ୍ୟରେ ଟ୍ରେଜେରୀ କଲୋନୀରେ ଥିବା ଏକ ଜମିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଫଳରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଉଭୟ ପକ୍ଷରୁ ସତ୍ୟବ୍ରତ ଏବଂ ସିଦ୍ଧାର୍ଥକୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଟ୍ରକ ଧକ୍କାରେ ଗର୍ଭବତୀ ଗାଈ ମୃତ, ଲୋକଙ୍କ ରାସ୍ତାରୋକ

ସୋର,୨୫।୪ (ସମିସ): ସୋର ଥାନା ଦହିପୁର ଛକ ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ଏକ ଗର୍ଭବତୀ ଗାଈର ମୃତ୍ୟୁ ହେବା ଫଳରେ ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିବା ଦେଖିବାକୁ ମିଳିଛି। ନୂଆପୁର ଗ୍ରାମର ହେମଲତା ଜେନାଙ୍କ ଗର୍ଭବତୀ ଗାଈ ଚରିବାକୁ ଯାଇଥିଲା। ସନ୍ଧ୍ୟାରେ ଉକ୍ତ ଗାଈଟି ରାସ୍ତାରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଟ୍ରକ ଗାଈକୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ଘଟଣା ସ୍ଥଳରେ ଗାଈର ମୃତ୍ୟୁ ହୋଇଥିବାରୁ ଗାଡିକୁ ଧରିବା ଦାବିରେ ସ୍ଥାନୀୟ ଲୋକେ ସୋର ମଙ୍ଗଳପୁର ରାସ୍ତାକୁ ଦହିପୁର ଛକ ନିକଟରେ ଅବରୋଧ କରିଛନ୍ତି। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଛି।

## ରାଜପଥ କଡ଼ରେ ପଡ଼ିଛି ଶହ ଶହ ମଲା କୁକୁଡ଼ା

ସୋର, ୨୫।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟ ରାସ୍ତା କଡରେ ଶହ ଶହ ମଲା କୁକୁଡା ପଡିଥିବା ଦେଖିବାକୁ ମିଳିଛି। ବୁଲା କୁକୁର ମାନେ କୁକୁଡା ମାଂସ ଖାଉଥିବା ଓ ରାସ୍ତାର ବିଭିନ୍ନ ସ୍ଥାନରେ ପକାଉଥିବାରୁ ଦୁର୍ଗନ୍ଧ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅସହ୍ୟ ଗରମ କାରଣରୁ କୁକୁଡା ଗୁଡିକ ମରିଯାଇଥିବା ବେଳେ କୌଣସି ଦୋକାନୀ ବା କୁକୁଡା ବୋଝେଇ କରି ନେଉଥିବା ଗାଡି ଏଠାରେ ମଲା କୁକୁଡା ଫିଙ୍ଗିଥିବା ସନ୍ଦେହ କରାଯାଇଛି। ପ୍ରକାଶ ଥାଉକି ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତା କଡରେ ଅଳିଆ ଆବର୍ଜନା ପକାଯାଉଥିବା ବେଳେ ଅନ୍ୟମାନେ ଏହାର ସୁଯୋଗରେ ବିଭିନ୍ନ ଅଳିଆ ଆବର୍ଜନା ପକାଇ ନିଆଁ ଲଗାଉଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାରେ ଯାଉଥିବା ପଥଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଏହି ଦୁର୍ଗନ୍ଧ ଓ ଧୁଆଁରେ ଅତିଷ୍ଠ ହେଉଛନ୍ତି।

## କଟୁରି ଓ ଛୁରି ଧରି ଆତଙ୍କ, ଜଣେ ଅଟକ

କୁଆଖିଆ,୨୫।୪(ସମିସ): ଜଣେ ଅଚିହ୍ନା ବ୍ୟକ୍ତି ହାତରେ କଟୁରି ଓ ଛୁରି ଧରି ବୁଲୁଥିବା ଦେଖି ଗ୍ରାମବାସୀ ତାକୁ ଅଟକ କରିଥିବା ଜଣାଯାଏ। କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ଆଜି ସନ୍ଧ୍ୟା ସମୟରେ ଗ୍ରାମର କିଛି ଲୋକ ନଦୀ ବନ୍ଧରେ ହାତରେ ଏକ ଲମ୍ବା କଟୁରି ଧରି ଜଣେ ଅଚିହ୍ନା ବ୍ୟକ୍ତି ଯାଉଥିବା ଦେଖି ଭୟଭୀତ ହୋଇ ଗ୍ରାମର ଲୋକଙ୍କୁ ଡାକ ପକାଇଥିଲେ। ଖବର ପାଇ ଗ୍ରାମବାସୀ ଉକ୍ତ ବ୍ୟକ୍ତିକୁ ଧରିବା ସହ ତା' ନିକଟରୁ କଟୁରି ଓ ଛୁରି ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାରଣାସ୍ତ୍ର ସହ ଉକ୍ତ ବ୍ୟକ୍ତିକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛନ୍ତି। ତେବେ ଉକ୍ତ ବ୍ୟକ୍ତିର ପରିଚୟ କ'ଣ, ସେ କେଉଁଠୁ କେଉଁ ପରିସ୍ଥିତିରେ ଗ୍ରାମକୁ ଆସିଲା ଏବଂ ମାରଣାସ୍ତ୍ର ଧରି କୁଆଡେ ଯାଉଥିଲା ସେ ସମ୍ପର୍କରେ ତଥ୍ୟ ମିଳି ପାରିନାହିଁ। ଘଟଣାକୁ ନେଇ ଗ୍ରାମର ଲୋକଙ୍କ ମଧ୍ୟରେ ଅଜଣା ଭୟ ସଂଚାର ହେଇଥିବା ଜଣାଯାଏ।

# ଅପରାହ୍ଣରେ ରୋଗୀଙ୍କୁ ସରକାରୀ ଡାକ୍ତରଖାନା ମନା

ଭଦ୍ରକ,୨୫।୪(ସମିସ)



ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀ ସେବା ନେଇ ସମୟ ନିର୍ଘଣ୍ଟ କରିଛନ୍ତି। ଆଉ ଡାକ୍ତରଖାନା ବା ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ସମୟର ଫଳକ ବି ଲଗାଇଛନ୍ତି। ତେବେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅପରାହ୍ଣରେ ଆଦୌ ଖୋଲୁନାହିଁ। ଫଳରେ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ ରୋଗୀମାନେ ପ୍ରଚଣ୍ଡ ଖରାରେ ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରୁଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ସରକାରୀ ନିୟମାନୁଯାୟୀ ସମସ୍ତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି) ଗ୍ରୀଷ୍ମକାଳୀନ(ଏପ୍ରିଲରୁ ସେପ୍ଟେମ୍ବର ଯାଏଁ) ପୂର୍ବାହ୍ଣ ୮ଟାରେ ଖୋଲାଯାଇ ମଧ୍ୟାହ୍ନ ୧୨ଟା ଯାଏଁ ରୋଗୀସେବା ଜାରି ରହିବ ଓ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହିବ। ସେହିଭଳି ଶୀତକାଳୀନ (ଅକ୍ଟୋବରରୁ ମାର୍ଚ୍ଚ) ପୂର୍ବାହ୍ଣ ୮ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ଓ ଅପରାହ୍ଣ ୩ଟାରୁ ୫ଟା ଯାଏଁ ଖୋଲା ରହିବ। କେବଳ ସରକାରୀ ଛୁଟି ଦିବସରେ ଉପରଓଳି ଡାକ୍ତରଖାନା ବନ୍ଦ ରହିବାର ନିୟମ ରହିଛି। ଏହାର ଫଳକ ମଧ୍ୟ ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାନ୍ଥରେ ମେଡିକାଲ ଅଫିସରଙ୍କ ସ୍ୱାକ୍ଷରରେ ଲଗାଯାଇଛି। ତେବେ ଏହାର ଘୋର୍ ବ୍ୟତିକ୍ରମ କରାଯାଉଛି। ଗତ ୭ଦିନ ହେବ ଅପରାହ୍ଣରେ ଏହି ଡାକ୍ତରଖାନାଟିରେ ତାଲା ପଡୁଛି। ରୋଗୀ ସେବାରୁ

**ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ୍‌ର ୧୦ ପଞ୍ଚାୟତର ୪୦ ହଜାରରୁ ଅଧିକ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ**

ବଞ୍ଚିତ ହୋଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ଏହି ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସୋନାଲି ଷଡ଼ଙ୍ଗୀ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିବାବେଳେ ତିଳକ ରଞ୍ଜନ ମନହିରା ଫାର୍ମାସୀ ଅଫିସର, ନିଲମ ଦାସ ନର୍ସିଂ ଅଫିସର, ଗଜେନ୍ଦ୍ର ପ୍ରଧାନ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ), ସୁମତୀ ହାଜରା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ମହିଳା), ଚିନ୍ମୟ ମହାପାତ୍ର ଅଟେଣ୍ଡାଣ୍ଟ କମ୍ ସିନିଅର ହେଲ୍‌ପର ଓ ଆଉଟ୍‌ସୋର୍ସିଂରେ ଲ୍ୟାବ୍ ଟେକ୍ନିସିଆନ ଓ ସୁରକ୍ଷା କର୍ମୀ କାର୍ଯ୍ୟରତ ଅଛନ୍ତି। ତେବେ ୨ଟି ପଦ ଖାଲି ପଡ଼ିଥିବାବେଳେ ଏହି ଡାକ୍ତରଖାନାରେ ମୋଟ୍ ୯ଜଣ କାର୍ଯ୍ୟରତ ଅଛନ୍ତି। ଏପରିସ୍ଥଳେ ଏହି ଡାକ୍ତରଖାନାଟି ଅପରାହ୍ଣରେ ବନ୍ଦ ରହିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଡାକ୍ତରଖାନା ଉପରେ ବାସୁଦେବପୁର ବ୍ଲକ୍‌ର ନାୟକାଣୀଡିହି, କରଞ୍ଜଆଡ଼ିଆ, ଆନ୍ଦୋଳା, ଗୋବିନ୍ଦପୁର, ଗୋପବନ୍ଧୁନଗର ସମେତ ଚାନ୍ଦବାଲି ବ୍ଲକ୍‌ର ପଞ୍ଚୁଟିକ୍ରୀ, କରଞ୍ଜମାଳ ଆଦି ପଞ୍ଚାୟତର ପ୍ରାୟ ୪୦ହଜାରରୁ ଅଧିକ ଲୋକ ନିର୍ଭରଶୀଳ। ସେହିଭଳି ମେଡିକାଲ ଅଫିସର ଏଠାକୁ ନିୟମିତ ଆସୁ ନ ଥିବାରୁ ରୋଗୀମାନେ ବଡ଼ ଦହଗଞ୍ଜ ହେଉଥିବା ଅଭିଯୋଗ ହେଉଛି। କେବଳ ନାୟକାଣୀଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନୁହେଁ, ଜିଲ୍ଲାର ଅଧିକାଂଶ ଡାକ୍ତରଖାନାରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ସରକାର ରୋଗୀସେବାକୁ ଅଗ୍ରାଧିକାର ଦେଉଥିବା କହୁଥିବାବେଳେ ସରକାରୀ ଡାକ୍ତରଖାନା ବନ୍ଦ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଅପରାହ୍ଣରେ ରୋଗୀଙ୍କୁ ସରକାରୀ ଡାକ୍ତରଖାନା ମନା ବୋଲି ସ୍ୱତଃ ପ୍ରମାଣିତ ହୋଇଯାଉଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ

ଯାଜପୁର,୨୫।୪(ସମିସ): ଯାଜପୁର ଜିଲ୍ଲା ଅନ୍ତର୍ଗତ ସୁକିନ୍ଦା ବ୍ଲକର ଚିଙ୍ଗୁଡ଼ିପାଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ଏକ ସଚେତନତା ରାଲି ସ୍ଥାନୀୟ କାଳିଆପାଣି ଠାରେ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ସକାଳ ୭.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ସଭା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜିଲ୍ଲା ଭେକ୍ଟର ବାହିତ ରୋଗ କାର୍ଯ୍ୟକ୍ରମର ପରାମର୍ଶଦାତା ବଳଦେବ ନନ୍ଦ ପ୍ରଦାନ କରିଥିଲେ। ଏଥିରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ଜୟଦେବ ନନ୍ଦ ଜ୍ୱର ହେବା କ୍ଷଣି ତୁରନ୍ତ ରକ୍ତ ପରୀକ୍ଷା ଏବଂ ମେଲେରିଆର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ବନ୍ଧରେ ଗୁରୁତ୍ୱ ଦେଇଥିଲେ।



ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ରଶ୍ମିରଞ୍ଜନ ସାହୁ ସମ୍ପୂର୍ଣ୍ଣ ଚିକିତ୍ସାର ତଦାରଖ ଆଶା ମାନଙ୍କ ଦ୍ୱାରା କରିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ମେଲେରିଆ ରୋଗର କାରଣ ନିରୂପଣ, ସମ୍ପୂର୍ଣ୍ଣ ଚିକିତ୍ସା ଓ ରୋଗର ନିରାକରଣ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁରନ୍ତ ରକ୍ତ ପରୀକ୍ଷା ଓ ସମ୍ପୂର୍ଣ୍ଣ ଚିକିତ୍ସା ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ଓ ଗାମ୍ବୁସିଆ ପ୍ରଦର୍ଶନ କରାଇ ସଚେତନତା କରାଯାଇଥିଲା। ସଭାରେ ସମସ୍ତ ଅଂଶଗ୍ରହଣକାରୀ ମାନେ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟ ପାଇଁ ଶପଥ ପାଠ କରିଥିଲେ। ଶ୍ରୀ ବଳଦେବ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ମହିଳା, ଏବଂ ସ୍ଥାନୀୟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସହଯୋଗ ଏବଂ ଉପସ୍ଥିତିରେ ସଭାଟି ସଫଳ ରୂପେ ରୂପାୟନ ହୋଇଥିଲା।

**● ଖର୍ଚ୍ଚ ହେଉନାହିଁ ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅନୁଦାନ**

## ୩୫ ପଞ୍ଚାୟତରେ ପଡ଼ିରହିଛି ୧୩.୬୩ କୋଟି

ଜଳେଶ୍ୱର ବ୍ଲକ, ୨୫।୪ (ସମିସ): ଜଳେଶ୍ୱର ବ୍ଲକ୍ ଜଳେଶ୍ୱର ପଞ୍ଚାୟତ ସମିତି ଅନ୍ତର୍ଗତ ୩୫ଟି ଯାକ ପଞ୍ଚାୟତରେ ୧୩.୬୩ ଲକ୍ଷ ଟଙ୍କାର ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅନୁଦାନ ଖର୍ଚ୍ଚ ହୋଇପାରିନ୍ଥଥିବା ସୁଚନା ମିଳିଛି। ପଞ୍ଚାୟତକୁ ମିଳିଥିବା ସିଏଫ୍‌ସି (କେନ୍ଦ୍ରୀୟ ଅର୍ଥ କମିସନ)ଙ୍କ ଅନୁଦାନ ମଧ୍ୟରୁ ପାଖାପାଖି ୧୦ କୋଟି ୮୩ ଲକ୍ଷ ଟଙ୍କା ୨୦୨୬ ମସିହା ଫେବ୍ରୁଆରି ପ୍ରଥମ ସପ୍ତାହ ସୁଦ୍ଧା ଖର୍ଚ୍ଚନହୋଇ ପଡ଼ିରହିଛି। ଅନୁରୂପ ଭାବେ ଏସ୍‌ଏଫ୍‌ସି(ରାଜ୍ୟ ଅର୍ଥ କମିସନ)ଙ୍କ ୨ କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ମଧ୍ୟ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଗ୍ରାମାଞ୍ଚଳର ଭିତ୍ତିଭୂମି ଓ ବିକାଶମୂଳକ କାମ ବିଶେଷକରି ଜଳ ପରିମଳ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏହି ଅନୁଦାନ ଯୋଗାଉଥିବାବେଳେ ଜଳେଶ୍ୱରର ୩୫ଟି ପଞ୍ଚାୟତ ମଧ୍ୟରୁ ହାତଗଣତି କେତୋଟି ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପଞ୍ଚାୟତ ଏହି ଅର୍ଥ ଖର୍ଚ୍ଚ କରିବାରବହୁପଛରେ ପଡ଼ିଛନ୍ତି। ବ୍ଲକ୍‌ର ସୁଗୋ, ନାମୋ ଏହି ଦୁଇ ପଞ୍ଚାୟତରେ ସର୍ବାଧିକ ଦେଢ଼କୋଟି ପାଖାପାଖି ଟଙ୍କା ଖର୍ଚ୍ଚ ନ ହୋଇ ପଞ୍ଚାୟତ ତହବିଲରେ ପଡ଼ିଛି। ସମ୍ପତିଆ, ଲକ୍ଷ୍ମଣନାଥ, ଦକ୍ଷିଣ ପ୍ରହରାଜପୁର ଓ ବରଡିହା ଆଦି ପଞ୍ଚାୟତ ଗୁଡ଼ିକ ମଧ୍ୟ ଖର୍ଚ୍ଚ କରିନଥିବା ତାଲିକାରେ ରହିଛନ୍ତି। ଅବଶ୍ୟ ଫେବ୍ରୁଆରି ପ୍ରଥମ ସପ୍ତାହ ପରେ ପ୍ରଶାସନିକ ତତ୍ପରତା ଯୋଗୁ ଆଜିସୁଦ୍ଧା ଆଉ କିଛିଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହ ଯୋଗାଯୋଗ କଲାରୁ ଖର୍ଚ୍ଚ ହୋଇପାରି ନଥିବା ଅବଶିଷ୍ଟ ଟଙ୍କା ଯେମିତି ଖୁବ୍‌ଶୀଘ୍ର ଖର୍ଚ୍ଚ ହୋଇପାରିବ ସେନେଇ ସମ୍ପୃକ୍ତ ଜେଇ, ଆକାଉଣ୍ଟସ୍ ଅଫିସର, ପଞ୍ଚାୟତର ପିଇଓ, ସରପଞ୍ଚମାନଙ୍କୁ ନେଇ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି। ଏ ନେଇ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମଧ୍ୟ ସୂଚନା ଦିଆଯାଉଛି।

## ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସମ୍ବର୍ଦ୍ଧନା



ଦୋଳସାହି,୨୫।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳୀ ଲେଙ୍କା ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ୍ ଦିବସରେ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି। ଜିଲ୍ଲାସ୍ତରୀୟ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ ସମାରୋହରେ ସରପଞ୍ଚ ଶ୍ରୀମତୀ ଲେଙ୍କାଙ୍କୁ ପ୍ରଶଂସାପତ୍ର, ଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ସାଂସଦ ଅଭିମନ୍ୟୁ ସେଠୀ, ବରେଣ୍ୟ ଅତିଥିଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖଙ୍କ ଉପସ୍ଥିତିରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୧୫ମ ଅର୍ଥ କମିଶନଙ୍କ ଅନୁଦାନର ସଠିକ୍ ବିନିଯୋଗ କରି ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବାବେଳେ ସ୍ୱଚ୍ଛଭାରତ ମିଶନ ଅଧୀନରେ ଗ୍ରାମୀଣ ପରିମଳ ସେବାଗୁଡ଼ିକୁ ସୁଦୃଢ଼ କରି ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଭଦ୍ରକ ଗଢ଼ିବା ବହୁମୂଲ୍ୟ ଅବଦାନ ପାଇଁ ପ୍ରଶାସନ ପକ୍ଷରୁ ସରପଞ୍ଚ ଶ୍ରୀମତୀ ଲେଙ୍କାଙ୍କୁ ତିହିଡ଼ି ପଞ୍ଚାୟତ ସମିତିର ପ୍ରଥମ ସରପଞ୍ଚ ଭାବେ ସମ୍ମାନିତ କରାଯାଇଛି। ତାଙ୍କର ଏହି ମହତ୍ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ପ୍ରଶାସନ ଆଶାବ୍ୟକ୍ତ କରିଛି।

**ଗ୍ରାହକଙ୍କ ଲକ୍ଷାଧିକ ଜମାଟଙ୍କା ହଡ଼ପ୍**

## ଫେରାର ଥିବା ବ୍ୟାଙ୍କର ପୂର୍ବତନ ବିସି ଗିରଫ

ଧର୍ମଶାଳା,୨୫।୪(ସମିସ): ଗ୍ରାହକଙ୍କ ଜମା ଟଙ୍କା ହଡ଼ପ କରି ଫେରାର୍ ଥିବା ୟୁକୋ ବ୍ୟାଙ୍କ୍, ଧର୍ମଶାଳା ଶାଖାର ପୂର୍ବତନ ବ୍ୟାଙ୍କ୍ ପ୍ରତିନିଧି(ବିସି)କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଏହି ଥାନା ବୟପୁର ଗ୍ରାମର ମଧୁସୂଦନ ରଣାଙ୍କ ପୁଅ ପ୍ରକାଶ ରଣା ବୋଲି ଜଣାପଡିଛି। ସୂଚନା ଅନୁସାରେ, ଅଭୟପୁର ପଞ୍ଚାୟତ ଅଭୟପୁର ଗ୍ରାମର ଶିବ ପ୍ରଧାନ ସ୍ଥାୟୀ ଜମା ପାଇଁ ୟୁକୋ ବ୍ୟାଙ୍କ୍ ବିସି ପ୍ରକାଶକୁ ୨୦୨୪ ଅକ୍ଟୋବର ମାସରେ ୬ ଲକ୍ଷ ଟଙ୍କା ଦେଇଥିଲେ। ତେବେ ପ୍ରକାଶ ଏହି ଟଙ୍କାକୁ ବ୍ୟାଙ୍କ୍‌ରେ ଜମା ନକରି ହାତଲେଖା ଅବିକଳ ସ୍ଥାୟୀ ଜମା ବଣ୍ଡ ଧରାଇ ଦେଇଥିଲା। ସେହିପରି ଶିବଶଙ୍କର କେୱାଇସି, ମୋବାଇଲ୍ ଲିଙ୍କ୍ ଓ ଏଟିଏମ୍ କାର୍ଡ ଆବେଦନ ପାଇଁ ତାଙ୍କ ଠାରୁ ନେଇଥିବା ଦସ୍ତଖତ ଓ ଆଧାର କାର୍ଡ ବ୍ୟବହାର କରି ପ୍ରକାଶ ବର୍ଷକ ମଧ୍ୟରେ ବିଭିନ୍ନ ସ୍ଥାନରୁ ୧୨ଲକ୍ଷ ୩୦ହଜାର ଟଙ୍କା ଉଠାଇ ନେଇଥିବା ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟରୁ ଜଣାପଡ଼ିଥିଲା। ଏହିପରି ଭାବେ ପ୍ରକାଶ ଏକାଧିକ ଗ୍ରାହାକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ହଡପ କରିନେଇଥିଲେ। ଏ ସଂପର୍କରେ ସଂପୃକ୍ତ ଗ୍ରାହକମାନେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ପ୍ରକାଶ ଆଗୁଆ ଜାମିନ ନେଇ ଆସିଥିବାରୁ ପୁଲିସ ତାହାକୁ ଗିରଫ କରିପାରି ନଥିଲା। ଏହାକୁ ନେଇ ଟଙ୍କା ହରାଇଥିବା ଗ୍ରାହକମାନେ ବ୍ୟାଙ୍କ ସମ୍ମୁଖରେ ହଟଗୋଳ କରିବାରୁ ତତ୍‌କାଳିନ ବ୍ୟାଙ୍କ ସାଖା ପରିଚାଳକ ଥାନାରେ ଅଭିଯୋଗ କରିବା ପରେ ଧର୍ମଶାଳା ଥାନା ପୁଲିସ ୬୦୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଫେରାର ଥିବା ପ୍ରକାଶ ଗତକାଲି ସନ୍ଧ୍ୟାରେ ଘରକୁ ଆସୁଥିବା ଖବର ପାଇ କେତେକ ଗ୍ରାହକ ଜାରକା ବସଷ୍ଟାଣ୍ଡ ନିକଟରୁ ପ୍ରକାଶକୁ କାବୁ କରି ପୁଲିସ୍ ଜିମା ଦେଇଥିଲେ। ପୁଲିସ୍ ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରା ଉଚରା କରିବା ସହ ଆଜି ତାକୁ ଗିରପ କରି କୋର୍ଟଚାଲାଣ କରିଥିବା ଥାନା ଅଧରକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## କଂଗ୍ରେସ ପକ୍ଷରୁ ନିଶା ନିବାରଣ ଅଭିଯାନ

ଭୋଗରାଇ, ୨୫।୪ ( ସମିସ) : ନିଶାମୁକ୍ତ ସମାଜ ଗଠନ ନିମନ୍ତେ ବାଲେଶ୍ୱର ଜିଲା ଭୋଗରାଇ ଗସ୍ତରେ ଆସିଛନ୍ତି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଏକ ଟିମ। ଶନିବାର କଂଗ୍ରେସ ଭବନରେ ସେମାନେ ପହଞ୍ଚିଥିଲେ। ପୂର୍ବତନ ଏମପି ତଥା ସାରସ୍ୱତ ସାଧକ ସ୍ୱର୍ଗତ ଡ଼ଃ କାର୍ତ୍ତିକେଶ୍ୱର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଭୋଗରାଇ କଂଗ୍ରେସ ଶାଖାର ସଭାପତି ସନ୍ତୋଷ କୁମାରଜେନାଙ୍କ ପୌରହିତ୍ୟରେ ଓଡିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲିକ, ବାଲେଶ୍ୱର ଜିଲା ଅନୁସୂଚିତ ଜାତି ବିଭାଗର ଜିଲା ସଭାପତି ବିଧାନ ଚନ୍ଦ୍ର ଜେନା,ଅନୁଗୁଳର ଉକ୍ତ ସଂଗଠନର ସଭାପତି ରାଜ କିଶୋର ଜେନା, ଶ୍ରୀବତ୍ସ ଜେନା, ଭୋଗରାଇ ବ୍ଲକ ଅନୁସୂଚିତ ଜାତି ବିଭାଗର ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଜେନା, କଂଗ୍ରେସ ଜିଲା ସମ୍ପାଦିକା ମମତା ସାହୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରି ରାଜ୍ୟ ସରକାରଙ୍କ ଅବକାରୀ ନୀତିକୁ ତୀବ୍ର ସମାଲୋଚନା କରିବା ସହିତ ଓଡିଶାକୁ ମଦମୁକ୍ତ କରିବାକୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ନାୟକ, ଜିଲାସମ୍ପାଦକ ମଣ୍ଡଳୀର ସଦସ୍ୟ ଶିଶିର ଦାସ ମହାପାତ୍ର, ରାଜେନ୍ଦ୍ର ଦଳାଇ, ଶିବୁ ଜେନା, ଗୌରାଙ୍ଗ ମହାନ୍ତି, କପିଳ ନାଥ ପ୍ରମୁଖ କଂଗ୍ରେସର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ପରେ ଏହି ଅଭିଯାତ୍ରୀ ଦଳ ଥାନାଛକସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚନ୍ଦନେଶ୍ୱର ଅଭିମୁଖେ ସଚେତନ ବାର୍ତ୍ତା ଉଦ୍ଦେଶ୍ୟରେ ଯାଇ ଫେରିଥିଲେ।



## ନିମ୍ନଗାମୀ ଭୂତଳ ଜଳସ୍ତର; ଶୁଖିଯାଉଛି ପୋଖରୀ, କୂଅ

ଦଶରଥପୁର,୨୫।୪(ସମିସ): ବୈତରଣୀ ନଦୀ ଘେରରେ ଥିବା ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ଉତ୍କଟ ହେଲାଣି ପାନୀୟଜଳ ସମସ୍ୟା। ବ୍ଲକର ସବୁଠି ଭୁତଳ ଜଳସ୍ତର ଦ୍ରୁତଗତିରେ କମିବାରେ ଲାଗିଛି। ସ୍ଥିତି ଏପରି ଉଦଉବେଗଜନକ ହେଲାଣି ଯେ ଜଳସ୍ତର ହ୍ରାସ ହେଉଥିବାରୁ ଗତ ୨ବର୍ଷ ମଧ୍ୟରେ ବ୍ଲକର ବିଭିନ୍ନ ଅଞ୍ଚଳରେ ୪ଶହରୁ ଅଧିକ ନଳକୂପ ଅଚଳ ହୋଇପଡିଛି। ୨ବର୍ଷ ତଳେ ୧୮୦ରୁ ୨୦୦ ମିଟର ଭୁତଳରେ ପାନୀୟଜଳ ଉପଲବ୍ଧ ହେଉଥିବା ବେଳେ ତାହା ଏବେ ୨୫୦ରୁ ୨୬୦ ମିଟର ଭୁତଳରେ ଉପଲବ୍ଧ ହେଉଛି। ୨୦୨୦ ମସିହା ପୂର୍ବରୁ ଖୋଳା ଯାଇଥିବା ନଳକୂପ ୧୮୦ରୁ ୨୦୦ ମିଟର ଭୁତଳ ମଧ୍ୟରେ ଥିବାରୁ ସେଗୁଡିକର ଭୁତଳ ଜଳସ୍ତର ପାଖାପାଖି ୭୦ମିଟର ଅଧିକ ତଳକୁ ଖସିଗଲାଣି। ଫଳରେ କେଉଁଠି ନଳକୂପରୁ ଆଇରନ ମିଶା ପାଣି ବାହାରୁଛି ତ ଆଉ କେଉଁଠି ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇଗଲାଣି। ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ବ୍ଲକର ଅକରପଡା, ବିରଜାପୁର, କଟିକଟା, ଖଣ୍ଡରା, ଦଶରଥପୁର, ଚିତ୍ତାଳ ଚମ୍ପେଇପାଳ, ବିହାରୀ, ଇଜାପୁର, ରାହାସୋଇ, ବିରୁହାଁ, ଗ୍ରାମନନ୍ଦିପୁର, ଗୋପାଳପୁର, କନିକାପଡା, ମଙ୍ଗଳପୁର, ପାଲଟପୁର, ଥାଲୁକୁଡି, ଜାଫରପୁର, ବିରିପଟା ଆଦି ପଞ୍ଚାୟତରେ ଭୁତଳ ଜଳ ସ୍ଥିତି ଅଧିକ ସଂଗୀନ ହୋଇପଡିବା ଯୋଗୁ ୧୮୦ରୁ ୨୦୦ ମିଟର ଭୁତଳରେ ଖନନ ହୋଇଥିବା ୯୦ ପ୍ରତିଶତ ନଳକୂପରୁ ସ୍ୱାଭାବିକ ପାଣି ବାହାରୁନାହିଁ। ପ୍ରବଳ ଖରା ସାଙ୍ଗକୁ ପୋଖରୀ ଓ ନଳକୂପ ମାନଙ୍କରେ ଉତ୍କଟ ଜଳ ସଙ୍କଟ ଏହି ସବୁ ପଞ୍ଚାୟତରେ ନୂଆ ସମସ୍ୟା ଭାବେ ଉଭା ହୋଇଛି।




ଜଳ ସମସ୍ୟା ଯୋଗୁ ଗୋରୁ, ଗାଈ ଭଳି ଗୃହପାଳିତ ପଶୁସମ୍ପଦ ସମେତ ଜନବସତି ମାନଙ୍କରେ ଅଚଳବସ୍ଥା ସ୍ଥିତି ଉପୁଜିଲାଣି। ସେହିପରି ବୈତରଣୀ ନଦୀ ପାର୍ଶ୍ୱବର୍ତ୍ତୀ ତଳିହା, ଦଶରଥପୁର, କଟିକଟା ଜୟନ୍ତରା, କସପା, ତରପଦା, ମଲ୍ଲିକାପୁର, ଦତ୍ତପୁର, ଦୁଦୁରାଅନ୍ତା, ଶୁଗୁଆ, ଖାନନଗର, ନିଜାମପୁର, କଁୟା ପଞ୍ଚାୟତରେ ବର୍ଷକ ମଧ୍ୟରେ ଭୁତଳ ଜଳସ୍ତର ୨୫୦ରୁ ୨୬୦ ମିଟର ତଳକୁ ଖସିଚାଲିଥିବାରୁ ଆଗାମୀ ଦିନରେ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ସଙ୍କଟ ଉତ୍କଟ ହେବାର ନିଶ୍ଚିତ ଆଶଙ୍କା ସୃଷ୍ଟି ହେବାକୁ ଯାଉଥିବା ବେଳେ ଏହାର ନିରାକରଣ ପାଇଁ ସରକାରଙ୍କ ଯୋଜନା କେବଳ କାଗଜ କଲମରେ ସୀମିତ ରହିଯାଇଛି।

**ଭଦ୍ରକରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ**

# ପ୍ରାଣୀ ପାଳନ ଓ ଚିକିତ୍ସା କ୍ଷେତ୍ରରେ ରାଜ୍ୟରେ ୪ର୍ଥ ସ୍ଥାନକୁ ଉନ୍ନୀତ ଭଦ୍ରକ

ଭଦ୍ରକ,୨୫।୪(ସମିସ)

ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୬ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କିପରି ଜିଲ୍ଲାକୁ ସମଗ୍ର ଭାରତରେ ପ୍ରାଣୀ ପାଳନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଗଣିତ କରିବା ସେଥିପାଇଁ ସମସ୍ତ ପ୍ରାଣୀ ଚିକିତ୍ସକଙ୍କୁ ଏକାଠି ହୋଇ ନିରନ୍ତର ଚେଷ୍ଟା କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଭଦ୍ରକ ଜିଲ୍ଲା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ କ୍ଷେତ୍ରରେ ଏ ବର୍ଷ ୧୮ତମ ସ୍ଥାନରୁ ଉନ୍ନୀତ ହୋଇ ସମଗ୍ର ରାଜ୍ୟରେ ୪ର୍ଥ ସ୍ଥାନ ହାସଲ କରିଥିବାରୁ ସମସ୍ତ ପ୍ରାଣୀ ପାଳନ ବିଭାଗର କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେ ମଧ୍ୟ ଏହି ଦିବସ ଅବସରରେ ଆଗାମୀ ଆର୍ଥିକ ବର୍ଷରେ କିପରି ଭଦ୍ରକ ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଜିଲ୍ଲାରେ ପରିଣତ କରିହେବ ସେଥିପାଇଁ ସମସ୍ତ ପ୍ରାଣୀ ଚିକିତ୍ସକ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାର ପ୍ରାଣୀ ପାଳନ ବିଭାଗର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରାଣୀ ଚିକିତ୍ସକମାନେ କିପରି ସମାଜ ପାଇଁ ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନିରାପତ୍ତାର ଅଭିଭାବକ ଭାବେ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

**ପ୍ରାଣୀ ପାଳନ କ୍ଷେତ୍ରରେ ଭଦ୍ରକକୁ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିକ କରିବା ପାଇଁ ଆହ୍ୱାନ**

ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ବିଭାଗ ଡା. ସଞ୍ଜୟ କୁମାର ପଣ୍ଡା ପ୍ରାଣୀ ଚିକିତ୍ସକମାନଙ୍କର ସମାଜ ଗଠନରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ସମସ୍ତଙ୍କ ସହଯୋଗ ଓ କାର୍ଯ୍ୟଦକ୍ଷତା ବଳରେ ଭଦ୍ରକ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ ହୋଇପାରିଛି। ସୁରକ୍ଷିତ ଖାଦ୍ୟ ଓ ସୁରକ୍ଷିତ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକମାନଙ୍କ ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଦିବସରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ ଓ ୭୦ ଜଣ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୪ଜଣ ଅଗ୍ରଣୀ ଚାଷୀଙ୍କୁ ଉନ୍ନତ ଚାଷ ପାଇଁ ପୁରସ୍କୃତ କରାଯାଇଥିଲା। ତିହିଡ଼ି ବ୍ଲକ୍ ପ୍ରାଣୀ ଚିକିତ୍ସକ ଡ. ନିରଞ୍ଜନ ଜେନା ସଭାକୁ ପରିଚାଳନା କରିଥିଲେ। ଏସ୍‌ଡିଭିଓ ଡ. ସୁନୀଲ କୁମାର ଭୂୟାଁ ଓ ଭଦ୍ରକ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡ. ଭକ୍ତହରି ମଲ୍ଲିକ ଚାଷୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ପ୍ରଭୁକଲ୍ୟାଣ ପାଣି, ଡ. ଶୁଭମ୍ ସାହୁ ଓ ଡ. ସତ୍ୟଜିତ୍ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଜିଲ୍ଲାର ସମସ୍ତ ପ୍ରାଣୀଧନ ନିରୀକ୍ଷକ ଓ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ. ତରୁଣ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସେରୁବନ୍ଧ ସୁରକ୍ଷା ସମିତିର ବିରାଟ ଜନ ସମ୍ମିଳନୀ

ପଟ୍ଟାଙ୍ଗି, ୨୫।୪(ସମିସ)



କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତର ସିପାଇପୁଟ ଗ୍ରାମରେ ସେରୁବନ୍ଧ ସୁରକ୍ଷା ସମିତିର ବିରାଟ ଜନ ସମ୍ମିଳନୀର ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ପ୍ରଭାରୀ ଅଜୟ ଲଲ୍ଲୁ, କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଓଡ଼ିଶା ପ୍ରଦେଶର ରାଷ୍ଟ୍ରୀୟ ଆଦିବାସୀ ବିଭାଗ ମୁଖ୍ୟ ଯଶମନ୍ତ ସିଂହ ଲାଗୁଡ଼ି କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ପ୍ରଦେଶ କଂଗ୍ରେସର ପ୍ରଭାରୀ ଅଜୟ ଲଲ୍ଲୁ ଯେଉଁଠାରେ ମଧ୍ୟ ଖଣି ଖନନକାରୀ କମ୍ପାନୀମାନେ ବିକାଶ ନାମରେ ବିନାଶ କରୁଛନ୍ତି, ସେଠାରେ ପେଶା ଆଇନ ପ୍ରଣୟନ କରିବାକୁ ସରକାର ଦେଉନଥିବା ଅଭିଯୋଗ ଆଣିଥିଲେ। ସେ ସେରୁବନ୍ଧ ସୁରକ୍ଷା ନିମନ୍ତେ ଜେଲ ଯାଇଥିବା ଲୋକଙ୍କୁ ଫୁଲ ମାଳ ପିନ୍ଧାଇ ପ୍ରଶଂସା କରିଥିଲେ। ସେରୁବନ୍ଧା ସୁରକ୍ଷା ସମିତି ପକ୍ଷରୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଥିଲା। ସରକାର ପଲ୍ଲିସଭା ଅନୁଷ୍ଠିତ କରି ସେରୁବନ୍ଧ ପର୍ବତ ଅଞ୍ଚଳର ଜଳ, ଜମି, ଜଙ୍ଗଲକୁ ସୁରକ୍ଷା ପାଇଁ ଲଢେଇ କରୁଥିବା ଅଞ୍ଚଳବାସୀଙ୍କୁ ଜୋର ଜବରଦସ୍ତ ପୁଲିସର ବନ୍ଧୁକ ଦେଖାଇ ଭୟଭୀତ କରି ପଲ୍ଲି ସଭାରେ ମିଥ୍ୟା ଦସ୍ତଖତ କରାଇ ନେଇଥିବା ଅଭିଯୋଗ ପତ୍ରରେ ଲେଖାଯାଇଥିଲା। ଉକ୍ତ ମଞ୍ଚରେ ବାଲ୍ଡା ପର୍ବତ ସୁରକ୍ଷା ସମିତିର ସଭ୍ୟ ମାନଙ୍କ ଠାରୁ ମଧ୍ୟ ଦାବିପତ୍ର ଗ୍ରହଣ କରିଥିଲେ। ଆଗାମୀ ଦିନରେ ସେଠାରେ ମଧ୍ୟ ଏକ ବିରାଟ ସମାବେଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର କଂଗ୍ରେସ ଦଳର ସଭାପତି ରୂପକ ତୁରୁକ, ପଟ୍ଟାଙ୍ଗି ଜୋନ-୧ର ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ, ସାଂସଦ ପ୍ରତିନିଧି ସୁକ୍ରା ଖରା, ବିଧାୟକ ପ୍ରତିନିଧି ଗୁପ୍ତ ଶଙ୍କର ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ଅର୍ଜୁନ ବାଙ୍କା ପ୍ରମୁଖ ସମେତ ସେରୁବନ୍ଧ ସୁରକ୍ଷା ସମିତିର ସଦସ୍ୟ ତଥା ନୂଆଗାଁ ସରପଞ୍ଚ ସୁବାସ ଖରା, ପଟ୍ଟାଙ୍ଗି ସରପଞ୍ଚ ଆଲ୍ଲେ ଫୁଲ, ସେରୁବନ୍ଧ ସୁରକ୍ଷା ସମିତିର ସଭାପତି ରବି ଖରା, ସମ୍ପାଦକ ଭଗବାନ ଗୋଲୋରି, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, ମାଳି ପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ, ବଦ୍ୟନାଥ ଗେମେଲ ପ୍ରମୁଖଙ୍କ ସମେତ ସେରୁବନ୍ଧ ପର୍ବତ ନିକଟ ଗ୍ରାମଗୁଡ଼ିକର ଶହ ଶହ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

● ଇନ୍ଦ୍ରାବତୀ-ତେନ୍ତୁଳିଖୁଣ୍ଟି ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ

## ବେଆଇନ ନିର୍ମାଣ ନ ହଟାଇ ଅଣଓସାର ଡ୍ରେନେଜ ନିର୍ମାଣ



ତେନ୍ତୁଳିଖୁଣ୍ଟି, ୨୫।୪(ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ସହର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ ଦୁଇଟି ପର୍ଯ୍ୟାୟରେ ଜାରି ରହିଛି। ଇନ୍ଦ୍ରାବତୀ ସହର ମଝିରେ ହେଉଥିବା ଡ୍ରେନେଜ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ଥିବା ଅଭିଯୋଗ ହେଉଛି। କିଛି ବ୍ୟବସାୟୀ ନିଜେ ନିଜ ନିର୍ମାଣ ଭାଙ୍ଗି ଉନ୍ନୟନ କାର୍ଯ୍ୟକୁ ସମର୍ଥନ ଦେଇଥିଲେ। କିନ୍ତୁ କିଛି ବେଆଇନ ନିର୍ମାଣକୁ ସମ୍ପୃକ୍ତ ଠିକା ସଂସ୍ଥା ଅନୁକମ୍ପା ଦେଖାଇ ଡ୍ରେନେଜକୁ ଅଙ୍କା ବଙ୍କା କରି କେତେକ ଷ୍ଟଲ ପଛ ପାଖରେ ଡ୍ରେନେଜ ନିର୍ମାଣ କରାଯାଉଛି। ଏନେଇ ବିଭାଗୀୟ ସମସ୍ତ ଅଧିକାରୀ ଅବଗତ ଥାଇ ମଧ୍ୟ ନିରବ ରହିଛନ୍ତି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ସହକାରୀ ଯନ୍ତ୍ରୀ ଧବଳେଶ୍ୱର ମାଝୀ ଏବଂ କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ପାଢ଼ୀଙ୍କୁ ଜଣାଇବାରୁ ମୁଁ ଡ୍ରେନେଜ ସିଧା ଯାଉଛି। ସେମିତି କିଛି ହେଉନି ବୋଲି କହିଛନ୍ତି।

## ନୂତନ ଆପରାଧିକ ଆଇନ ଉପରେ ଜାଗୃକତା କାର୍ଯ୍ୟକ୍ରମ

ଉମରକୋଟ, ୨୫।୪(ସମିସ): ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ଏକ ଜାଗୃକତା କାର୍ଯ୍ୟକ୍ରମ ଶନିବାର ଉମରକୋଟ ବାର ଏସୋସିଏସନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ନ୍ୟାୟିକ ଅଧିକାରୀ ଓ ଆଇନ ବୃତ୍ତିଜୀବୀମାନଙ୍କର ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମଟି ଗୁରୁତ୍ୱ ପ୍ରାପ୍ତ କରିଥିଲା। ତାଲୁକ ଲିଗାଲ ସର୍ଭିସେସ କମିଟି, ଉମରକୋଟଙ୍କ ଅଧ୍ୟକ୍ଷା ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶ ସୁନୀତା ପଟ୍ଟନାୟକଙ୍କ ନିର୍ଦ୍ଦେଶନାନୁସାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୂତନ ଆପରାଧିକ ଆଇନ ବ୍ୟବସ୍ଥାର ମୁଖ୍ୟ ଦିଗଗୁଡ଼ିକ ବିଷୟରେ ଅଧିବକ୍ତାମାନଙ୍କୁ ସଚେତନ କରିବା ଏହାର ଉଦ୍ଦେଶ୍ୟ ଥିଲା। ଜେଏମଏଫସି ଇପ୍ସିତା ଭୋଇ ଏଫଆଇଆର ପ୍ରକ୍ରିୟା, ଜାମିନ, ସମନ୍ସ ଓ ୱାରେଣ୍ଟ, ଏବଂ ଆଇନଗତ ପ୍ରତିନିଧିତ୍ୱର ଅଧିକାର ଭଳି ବିଷୟରେ ନୂତନ ପ୍ରାବଧାନମାନଙ୍କର ବ୍ୟବହାରିକ ପ୍ରଭାବ ଉପରେ ଆଲୋଚନା କରିଥିଲେ। ସେ ଅଧିବକ୍ତାମାନଙ୍କୁ ସମୟୋପଯୁକ୍ତ ଜ୍ଞାନ ଅଦ୍ୟତନ ରଖିବାକୁ ଆହ୍ୱାନ କରିଥିଲେ। ବାର ଏସୋସିଏସନ ଅଧ୍ୟକ୍ଷ ଅରୁଣ ପଟ୍ଟନାୟକ, ଉପାଧ୍ୟକ୍ଷ ଶଙ୍କର ଦେଓ ଓ ସଚିବ କୃଷ୍ଣ ନନ୍ଦ ସହିତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନେ ଏପରି ପ୍ରୟାସକୁ ସ୍ୱାଗତ କରି ବୃତ୍ତିଗତ କୌଶଳ ବୃଦ୍ଧି ଓ ଆଇନ ସଚେତନତା ଜୋରଦାର କରିବାରେ ବାରର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆପିଲ, ପ୍ଲି ବାର୍ଗେନିଂ ଓ ପ୍ରକ୍ରିୟାଗତ ସୁରକ୍ଷା ଭଳି ବିଷୟରେ ଆଲୋଚନା ହୋଇଥିଲା।

## ଜାତୀୟ ପଞ୍ଚାୟତିରାଜ ଦିବସ

ସେମିଳିଗୁଡ଼ା, ୨୫।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ପରିସରରେ ଶୁକ୍ରବାର ରାତିରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଡାବିରିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯସ୍ମୀନ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ଜିଲ୍ଲା ପରିଷଦ ସଭ୍ୟା ଯଶୋଦା ଖୁଲ, ସାଂସଦ ପ୍ରତିନିଧି ଜଗତରାୟ ଖୁନବୁଡି, ବିଧାୟକ ପ୍ରତିନିଧି ମହେଶ୍ୱର ଖୁ ପ୍ରମୁଖ ସହ ସହ ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିବା ବେଳେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଞ୍ଚାୟତପ୍ରତିନିଧିଙ୍କୁ ପୁରସ୍କୃତ କରାଯାଇଥିଲା। ସୋରିଷପଦର ପଞ୍ଚାୟତର ହିତାଧିକାରୀ ଅନ୍ତୋଦୟ ଗୃହ ଯୋଜନାରେ ଠିକ ସମୟ ପୂର୍ବରୁ ଗୃହ ନିର୍ମାଣ କରି ୧୦ ହଜାର ଟଙ୍କା ପାଇଥିଲେ। ଅନ୍ୟମାନଙ୍କ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତକୁମାର ବେହେରା, ସହାୟକ ନିର୍ବାହୀ ଯନ୍ତ୍ରୀ ତୋଫାନ ନାୟକ, ବ୍ଲକ ପଞ୍ଚାୟତ ଅଧିକାରୀ ସୁମନ୍ତକୁମାର ବିଶ୍ୱାଳ, ପ୍ରଶାନ୍ତ ତ୍ରିପାଠୀ ସମେତ ବ୍ଲକ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ୮୩ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

## ସାମ୍ବାଦିକଙ୍କ ବାସଭବନରୁ ସଶସ୍ତ୍ର ଡକାୟତି ଉଦ୍ୟମ

ନବରଙ୍ଗପୁର, ୨୫।୪(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ରହୁଥିବା ସାମ୍ବାଦିକ ପରେଶ ରଞ୍ଜନ ସାହୁଙ୍କ ବାସଭବନରେ ସଶସ୍ତ୍ର ଡକାୟତି ଉଦ୍ୟମ ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗତ କାଲି ରାତ୍ର ପ୍ରାୟ ୨ ଘଟିକା ସମୟରେ କେତେକ ମୁଖାପିନ୍ଧା ଦୁର୍ବୃତ୍ତ ସାମ୍ବାଦିକ ଶ୍ରୀ ସାହୁଙ୍କ ବାସ ଭବନ ମଧ୍ୟକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଶବ୍ଦ ଶୁଣି ଗୃହ କର୍ତ୍ତା ଶ୍ରୀ ସାହୁ ଉଠିପଡ଼ି ପାଟି କରିବାରୁ ଡକାୟତ ଦଳ ଛତ୍ର ଭଙ୍ଗ ଦେଇଥିଲେ। ନିକଟରେ ସାମ୍ବାଦିକଙ୍କ ପୁଅ ବାହାଘର ହୋଇଥିବା ବେଳେ ଘରୁ ବଡ଼ ଧରଣର ଲୁଟ୍ କରିବାକୁ ଡକାୟତ ଗ୍ୟାଙ୍ଗ ଉଦ୍ୟମ କରିଥିଲେ ହେଁ ଏଥିରେ ବିଫଳ ହୋଇଛନ୍ତି। ଗୃହକର୍ତ୍ତା ଶ୍ରୀ ସାହୁ ଙ୍କ ସମେତ ସମଗ୍ର ପରିବାର ଉଠିପଡ଼ି ପାଟି କରିଥିଲେ। ନବରଙ୍ଗପୁର ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଗୃହ କର୍ତ୍ତା ସାମ୍ବାଦିକ ଶ୍ରୀ ସାହୁ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅଧିକ ତଦନ୍ତ ଜାରୀ ରଖିଛି। ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ତଥା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସାମ୍ବାଦିକଙ୍କ ବାସଭବନରେ ସଶସ୍ତ୍ର ଡକାୟତି ଉଦ୍ୟମକୁ ବୁଦ୍ଧିଜୀବୀ ମହଲ ଉଦବେଗ ପ୍ରକାଶ କରିଛନ୍ତି। ଜିଲ୍ଲା ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଡକାୟତ ଗ୍ୟାଙ୍ଗକୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।

## ମୁମୂର୍ଷୁ ଅବସ୍ଥାରେ ବାଛୁରୀ ଉଦ୍ଧାର

ପାପଡ଼ାହାଣ୍ଡି, ୨୫।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସଦର ଗ୍ରାମ କୋଡ଼ିଙ୍ଗା ରାସ୍ତା ଏସଡିପିଓ କାର୍ଯ୍ୟାଳୟ ନିକଟରେ ରକ୍ତାକ୍ତ ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଏକ ବାଛୁରୀକୁ ଦେଖି ସମାଜସେବୀ ମିତ୍ରଭାନୁ ସତାନାମୀ ତୁରନ୍ତ ଟୋଲ ଫ୍ରି ନଂ ୧୯ ୬୨ କୁ ଯୋଗାଯୋଗ କରିଥିଲେ। ଏହାର କିଛି ସମୟ ପରେ ପାପଡ଼ାହାଣ୍ଡି ପଶୁଚିକିତ୍ସା ବିଭାଗର ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ବାଛୁରୀର କ୍ଷତକୁ ପରିଷ୍କାର କରି ଔଷଧ ଲଗାଇ ୧୭ ଟି ଷ୍ଟିଚ ଦେଇ ସିଲେଇ କରିବା ପରେ ବାଛୁରୀଟିକୁ ସ୍ଥାନୀୟ ପୁରୁଣା କୃଷି କାର୍ଯ୍ୟାଳୟରେ ରଖାଯାଇଛି। ଏଥିରେ ଗୌରାଙ୍ଗ ଚରଣ ପାଢ଼ୀ ଏବଂ ରାହୁଲ ହରିଜନ ସହଯୋଗ କରିଥିଲେ। କିଛି ସହୃଦୟ ବ୍ୟକ୍ତି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ବାଛୁରୀର ଖାଦ୍ୟ ଏବଂ ପାନୀୟ ର ବ୍ୟବସ୍ଥା କରିଛନ୍ତି। କୌଣସି ଦୁଷ୍ଟ ପ୍ରକୃତି ବ୍ୟକ୍ତି ଟାଙ୍ଗିଆରେ ବାଛୁରୀକୁ ଆଘାତ କରିଥିବା ଅନୁମାନ କରାଯାଉଛି।

## ଡ୍ରାଇଭର୍ ମହାସଂଘ ତରଫରୁ ସହାୟତା ପ୍ରଦାନ

ଡାବୁଗାଁ, ୨୫।୪(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଶାଖା ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଡାବୁଗାଁର ମୃତ ଡ୍ରାଇଭର ନାଡୁ ଗୌଡଙ୍କ ଦଶାହ କାର୍ଯ୍ୟରେ ସହାୟତା ରାଶି, ରେସନ୍ ସମାଗ୍ରୀ, ଲୁଗା, ପିଲାଙ୍କ ପାଇଁ ଡ୍ରେସ ଇତ୍ୟାଦି ଶନିବାର ପ୍ରଦାନ କରି ସହଯୋଗର



ହାତ ବଢ଼ାଇଛନ୍ତି। ପ୍ରଥମେ ତାଙ୍କ ଘରକୁ ଯାଇ ସ୍ୱର୍ଗତ ନାଡୁ ଗୌଡଙ୍କ ଫଟୋରେ ପୁଷ୍ପ ଦେଇ ଧୂପ ଲଗାଇ ତାଙ୍କର ଅମର ଆରାର ସଦଗତୀ କାମନା କରିଥିଲେ। ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡାବୁଗାଁ ଶାଖା ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ସନ୍ତୋଷ ଭତ୍ରା, ଉପ ସଭାପତି ପି. ଭୈରବ ରାଓ, ସମ୍ପାଦକ ଅକ୍ଷୟ କୁମାର ପାଢ଼ୀ, ସହ ସମ୍ପାଦକ ତ୍ରିନାଥ ଷଡଙ୍ଗୀ, କୋଷାଧ୍ୟକ୍ଷ ଡମ୍ବୁରୁଧର ନାୟକ, ମିତୁ ପଣ୍ଡା, ଉପଦେଷ୍ଟା ଉତ୍ତମ ପ୍ରଧାନ, ମୋହନ ଖିଲ, ଧନୀରାମ ବିଶୋୟୀ, ରାଜୁ ସାନ୍ତା, ଶୁକ ଭତ୍ରା, କମଳ ବିଶୋୟୀ, ଜଗା ବିଶୋୟୀ, ଗଣେଶ ବିଶୋୟୀ, ଧନୀ ରାମ ବିଶୋୟୀ ଓ ବୁଢୁ ବିଶୋୟୀ ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲ୍ଲାର ଦଶ ଗୋଟି ବ୍ଲକ, ଡାବୁଗାଁ ବ୍ଲକର ୧୨ ଗୋଟି ଗ୍ରାମ ପଞ୍ଚାୟତର ଡ୍ରାଇଭର ଭାଇ ମାନଙ୍କ ସହାୟତା ରାଶି ପ୍ରଦାନ କରି ମୋଟ ୧୬ ହଜାର ୬୦୦ ଟଙ୍କା, ଲୁଗାପଟା, ପିଲା ମାନଙ୍କ ପାଇଁ ଡ୍ରେସ, ରେସନ୍ ସମାଗ୍ରୀ ଯଥା- ଚାଉଳ ୫୦ କେଜି, ପନିପରିବା ଓ ଅନ୍ୟାନ୍ୟ ସ୍?ର୍ଗତ ନାଡୁ ଗୌଡଙ୍କ ସହଧର୍ମିଣୀ ଙ୍କୁ ପ୍ରଦାନ କରିଥିଲେ। ସଭାପତି, ଉପ ସଭାପତି ଓ ସମ୍ପାଦକ ସମସ୍ତ ଡ୍ରାଇଭର୍ ଭାଇମାନଙ୍କୁ ବାର୍ଷିକ ୫୧୦ ଟଙ୍କା ବାନ୍ଧି ବୀମା କରାଇବାକୁ ଅନୁରୋଧ କରିଥିଲେ।

## ସରପଞ୍ଚଙ୍କୁ ବିଧାୟକଙ୍କ ଅସମ୍ମାନ: କଂଗ୍ରେସର ନିନ୍ଦା




ନବରଙ୍ଗପୁର, ୨୫।୪(ସମିସ): ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ୍ ନେତା ଓ କର୍ମୀ ଏକାଠି ହୋଇ ବିଧାୟକଙ୍କ ଆଚରଣକୁ ଏକାସ୍ୱରରେ ଭର୍ତ୍ସନା କରିଛନ୍ତି। ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ରାଜ ଦିବସ ପାଳନ ଅବସରରେ ନବରଙ୍ଗପୁର ବିଧାୟକ ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀଙ୍କୁ ମଞ୍ଚରେ ଅପମାନ କରିଥିବା ଘଟଣାକୁ ନେଇ ଜିଲ୍ଲା କଂଗ୍ରେସ ତ୍ରୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ପରୀପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରୀପାଠୀ ଯୋଗଦେଇ ଲୋକ ପ୍ରତିନିଧି ମାନଙ୍କୁ ସମ୍ମାନ ଦେବା ବଦଳରେ ଅସମ୍ମାନ କରିବା ଘଟଣାକୁ ଘୋର ନିନ୍ଦା କରିଥିଲେ। ଏଥି ସହିତ ଯାହାକି ଜଣେ ନିର୍ବାଚିତ ଲୋକ ପ୍ରତିନିଧି ଅନ୍ୟଜଣେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ମଞ୍ଚ ସମ୍ମୁଖରେ ଦୁର୍ବ୍ୟବହାର କରିବା ଏକ ଐତିହାସିକ ଏବଂ ଏହାଠୁ ବଡ ଦୁର୍ଭାଗ୍ୟର ବିଷୟ ଆଉ କିଛି ନୁହେଁ ବୋଲି କହିଛନ୍ତି ପୁରାତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ। ଏହି ଅବସରରେ ଉପସଭାପତି ଦିଲ୍ଲାପ ବେହରା, ପିସିସି ସଭ୍ୟ ଅଖିଳ ଭତରା ମଧ୍ୟ ଅନୁରୂପ ଭାବେ ଅସନ୍ତୋଷ ପ୍ରକାଶ କରି ବିଧାୟକ ତାଙ୍କ ଆଚରଣ ଉଚ୍ଚାରଣରେ ସୁଧାର ଆଣିବା ଆବଶ୍ୟକ ରହିଛି ବୋଲି କହିଥିଲେ। ଦିବାକର ପୂଜାରୀ ବିଧାୟକଙ୍କ ବ୍ୟବହୀରାକୁ ନେଇ ଅସନ୍ତୋଷ ପ୍ରକାଶ କରି ଭବିଷ୍ୟତରେ ଏଭଳି ଅପମାନ ଦେଲେ ଜିଲ୍ଲା କଂଗ୍ରେସ କେବେ ଚୁପ୍ ବସିବା ନାହିଁ କହିବା ସହ ବିଧାୟକଙ୍କ ଦୁର୍ବ୍ୟବହାର କରିବା ସମୟର ଭିଡିଓକୁ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶିତ କରିଥିଲେ। ଶେଷରେ ବନ୍ଧାଳନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏହି ଘଟଣାରେ କଂଗ୍ରେସର ଗୋଷ୍ଠୀ କନ୍ଦଳର ଅବସାନ ଘଟିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଅବଦୂର ଫିରକ, ଗଣେଷ ପଟ୍ଟନାୟକ, ବାହୁରି ଦୀପ, ଦେବକାନ୍ତ ପଣ୍ଡା ପ୍ରମୁଖ ନେତୃମଣ୍ଡଳୀମାନେ ଉପସ୍ଥିତ ରହିଥିଲେ।

## ଧନସୁଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପାପଡ଼ାହାଣ୍ଡି, ୨୫।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବଲ୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧନସୁଲି ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟା ଡ଼. ଲିପିକା ମାଝୀ, ସମାଜସେବୀ ସହଦେବ ସାହୁ, ଏସଏସଡି ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ବେହେରା, ପୂର୍ବତନ ପ୍ରାଧନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ ସଭାପତି ଡମ୍ବରୁ ମାଝୀ ସହ ବ୍ଲକର ସମସ୍ତ ଆଶ୍ରମ ବିଦ୍ୟାଳୟର ପ୍ରାଧନ ଶିକ୍ଷକ ମାନେ ମଞ୍ଚାସିନ ହୋଇଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଭଲ ପାଠ ପଢ଼ିବା ସହ ଖେଳକୁଦରେ ନିଜ ବିଦ୍ୟାଳୟ ସହ ଜିଲ୍ଲାର ନାମ ରଖିବାକୁ କହିଥିଲେ। ଏହା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଅଜୁରାଜ ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଓ ଶିକ୍ଷୟତ୍ରୀ, ସୁଶ୍ରୀ ସଙ୍ଗୀତା ପୋଲ୍ଲାଇ, ଖଗେଶ୍ୱର ନାୟକ, ସୁକାନ୍ତ ବେହେରା ସହଯୋଗ କରିଥିଲେ।

## ୨୫ ଦିନରେ ମିଳିବ ଗ୍ୟାସ୍

ଉମରକୋଟ, ୨୫।୪(ସମିସ): ଉମରକୋଟ ସହରବାସୀଙ୍କୁ ଏଣିକି ୨୫ ଦିନରେ ଗ୍ୟାସ ମିଳିବ। ଏନେଇ କଂଗ୍ରେସ ଦଳ ୧୭ ତାରିଖ ଦିନ ରାସ୍ତା ରୋକ୍ ଆନ୍ଦୋଳନ କରିଥିଲା। ସେହି ଦିନ କମ୍ପାନୀ ଓ ଜିଲ୍ଲା ଯୋଗାଣ ବିଭାଗ ଉମରକୋଟ ସହରବାସୀଙ୍କୁ ୨୫ ଦିନରେ ଗ୍ୟାସ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉମରକୋଟର ବରିଷ୍ଠ କଂଗ୍ରେସ ନେତା ଶଙ୍କର ଦେ, ମାର୍କଣ୍ଡ ସାହୁ, ସାଇ ନାରାୟଣ ପାଢ଼ୀ, ଅମୁଲ୍ୟ ପଟ୍ଟନାୟକ ଓ ବାବୁଲା ପଟ୍ଟନାୟକ ଜିଲ୍ଲା ଯୋଗାଣ ବିଭାଗ ଓ ଗ୍ୟାସ କମ୍ପାନୀକୁ ସାଧୁବାଦ ଜଣାଇଛନ୍ତି। ଉଲ୍ଲେଖ ଯୋଗ୍ୟ, ବହୁତ୍ ଦିନ ହେଲା ଉମରକୋଟ ଠାରେ ଥିବା ପେଣ୍ଡ୍ରଣି ଇଣ୍ଡେନ ଗ୍ୟାସର କିଛି ସମସ୍ୟା ଥିବା ଯୋଗୁଁ ଲାଇସେନ୍ସ ନବୀକରଣ କମ୍ପାନୀ ପକ୍ଷ ରୁ କରାଗଲା ନାହିଁ। ଉମରକୋଟ ସହର ବାସୀ ଯେପରି ବ୍ୟାସ ଠିକ୍ ସେ ପାଇପାରିବେ ସେଥି ନେଇ ବୁର୍ଜା ଠାରେ ଥିବା ବାବା ବୈଦ୍ୟନାଥ ଗ୍ୟାସ ଏଜେନ୍ସୀ କୁ ସହର ର ଗ୍ୟାସ ବିତରଣ ଅଧିକାର ପ୍ରଦାନ କରିଥିଲା କମ୍ପାନୀ। ଯେହେତୁ ବୁର୍ଜା ଗ୍ରାମ ପଞ୍ଚାୟତରେ ଆସୁଛି ଗ୍ୟାସ ବୁକିଂ କଲେ ୪୫ ଦିନ ପରେ ମିଳୁଥିଲା। ଫଳରେ ଉମରକୋଟ ସହର ବାସୀ ଗ୍ୟାସ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ। ଏହାକୁ ଦୃଷ୍ଟି ରେ କଂଗ୍ରେସ ଦଳ ପକ୍ଷରୁ ରାସ୍ତା ରୋକ୍ ଆନ୍ଦୋଳନ କରାଯାଇଥିଲା। ଅପରପକ୍ଷରେ ଗ୍ୟାସ ବୁକିଂ କଲେ ୨୫ ଦିନରେ ମିଳିବ ବୋଲି ମେସେଜ ଆସିଛି ବୋଲି ବ୍ୟାସବୁକ୍ ବୁକିଂ କରିଥିବା ଅମୂଲ୍ୟ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

କୋରାପୁଟ, ୨୫।୪(ସମିସ): କୋରାପୁଟ ସଦର ମହକୁମାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନରେଶ ଚନ୍ଦ୍ର



ଶବର, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଣୀ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସମାଜରେ ପ୍ରାଣୀ ଚିକିତ୍ସକଙ୍କ ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବରେ ଅତିଥିମାନେ ବର୍ଣ୍ଣନା କରିଥିଲେ। ବିଭିନ୍ନ ବିଭାଗରେ ପଦବୀ ଖାଲି ରହିବା ଦୀର୍ଘ ଦିନର ସମସ୍ୟା ଅଟେ। ଆମ ସରକାର ଆସିବା ପରେ ୫୦ ହଜାର ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲାରେ ଖାଲି ରହିଥିବା ପ୍ରାଣୀ ଚିକିତ୍ସାଧିକାରୀ ଓ ଅନ୍ୟାନ୍ୟ ପଦବୀ ଗୁଡ଼ିକ ପୂରଣ କରାଯିବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଆରମ୍ଭ କରାଯାଉଛି। ଚାଷୀ ମାନଙ୍କୁ ଅଧିକ ସଂଖ୍ୟାରେ କୁକୁଡା ପାଳନ କରିବାକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଯଦ୍ୱାରା କୋରାପୁଟ ଜିଲ୍ଲାରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇବ ଏବଂ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ମାଛ କହିଛନ୍ତି। କୋରାପୁଟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

ପଞ୍ଚାୟତିରାଜ ଦିବସ

## ମୁଖ୍ୟମନ୍ତ୍ରୀ ଭାଷଣ ପୂର୍ବରୁ ମଞ୍ଚ ଖାଲି; କାର୍ଯ୍ୟଦେଶ ପାଇ ଚାଲିଗଲେ ହିତାଧିକାରୀ





ବୈପାରିଗୁଡା, ୨୫।୪(ସମିସ)

ବୈପାରିଗୁଡା ବ୍ଲକ ପରିସରରେ ଗତକାଲି ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବଲାଙ୍ଗୀରିରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ପରିସରରେ ଭିଡିଓ କନଫରେନ୍ସ ଏଲଇଡି ମାଧ୍ୟମରେ ସିଧା ପ୍ରସାରିତ କରାଯଇଥିଲା। ବୈପାରୀଗୁଡା ପଞ୍ଚାୟତ ସମିତି ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଏବିଡ଼ିଓ ନିବେଦିତା ଦଣ୍ଡସେନା, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଷୋୟୀ, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ସରପଞ୍ଚ ସୂର୍ଯ୍ୟମଣି ନାୟକ ପ୍ରମୁଖ ଅତିଥିଭାବେ ମଞ୍ଚରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ସଭା ସ୍ଥଳରେ ଜନଗହଳି ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ମଞ୍ଚ ଖାଲି ଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ପୂର୍ବରୁ ବୈପାରୀଗୁଡା ବ୍ଲକ ପ୍ରଶାସନ ତରଫରୁ ୨୨୩ ଅନ୍ତର୍ଦୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କାର୍ଯ୍ୟଦେଶ ଗ୍ରହଣ ପରେ ହିତାଧିକାରୀ ସଭା ସ୍ଥଳ ଛାଡି ଚାଲିଯାଇଥିଲେ। କେବଳ ଅଳ୍ପ କିଛି ଅଧିକାରୀ ଉପସ୍ଥିତ ଥିବା ବେଳେ ସଭା ସ୍ଥଳୀ ସମ୍ପୂର୍ଣ୍ଣ ଖାଲି ପଡ଼ିଥିଲା। ଏମିତିକି ମୁଖ୍ୟମନ୍ତ୍ରୀଙ୍କ ଭାଷଣ ସମୟରେ ସଭା ସ୍ଥଳରେ ପଡ଼ିଥିବା ଖାଲି ଚେୟାର ମଧ୍ୟ ଟେଣ୍ଟ ବାଲା ଉଠାଇ ନେଇଯାଇଥିଲା। ସରକାରଙ୍କ ଏଭଳି କାର୍ଯ୍ୟକ୍ରମକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ। ସେ କହିଛନ୍ତି ଯେ, ଗ୍ରାମସଭା ପଲି ସଭାକୁ ଗୁରୁତ୍ୱ ଦେଲେ ପ୍ରକୃତରେ ଜାତୀୟ ପଞ୍ଚାୟତରାଜ ଦିବସର କାର୍ଯ୍ୟକ୍ରମ ସାଧିତ ହେବ ଏବଂ ଆଜି କାଲି ଆବାସ ଘର ନିର୍ମାଣ ପାଇଁ ଏକ ଲକ୍ଷ କୁଡ଼ିଏ ହଜାର ଟଙ୍କା ନିଅଣ୍ଟ। ଅନ୍ୟ ପଟେ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆୟୋଜିତ ହେବା ଯଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଯେହେତୁ ରାତି ସାଙ୍ଗକୁ ଜଙ୍ଗଲ ପାହାଡିଆ ଓ ଉପାନ୍ତ ଅଞ୍ଚଳର ହିତାଧିକାରୀ ଅନୁପସ୍ଥିତ ଥିଲେ।

**କୁନ୍ଦୁରା:** କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆଙ୍କ ଅଧ୍ୟକ୍ଷତା କରିଥିଲେ। ବିଡିଓ ପି. ମନସ୍ୱୀତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁପୁ ଭତରା ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, କୁନ୍ଦୁରା ସରପଞ୍ଚ ଲବ ପରଜା, ରାଣୀଗୁଡ଼ା ସରପଞ୍ଚ ଶିବ ପ୍ରଧାନୀ, ପଖନାଗୁଡ଼ା ସରପଞ୍ଚ ସଦାଶିବ ଭତରା, ସଂସାଦ ପ୍ରତିନିଧି ବେଣୁଧର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ତୋଦୟ ଗୃହ ଯୋଜନାରେ ୨୦୨୬, ୨୭ ଆର୍ଥିକ ବର୍ଷରେ ସମୁଦାୟ ୧୭୬ ନୂତନ ଅନ୍ତୋଦୟ ଗୃହ ହିତାଧିକାରୀଙ୍କ ପାଇଁ ଗୃହ ଯୋଗାଇ ଦେବାର ବ୍ୟବସ୍ଥା ରହିଥିବା ଘୋଷଣା କରାଯାଇଥିଲା। ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ୧୦ ଜଣଙ୍କୁ ପ୍ରୋତ୍ସାହନ ରାଶି ୧୦ ହଜାର ଲେଖାଏଁ କୋଡ଼ିଏ ହିତାଧିକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଚେକ୍ ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ୬ ଟା ରୁ ୮ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

● ଜିଆଇଇଟିରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ

# ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସଉରାଙ୍କ କାରୁକାର୍ଯ୍ୟକୁ ପ୍ରଶଂସା

ଗୁଣୁପୁର, ୨୫।୪(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ବୌଦ୍ଧିକ ସମ୍ପତ୍ତି ଅଧିକାର ସେଲ ଆନୁକୂଲ୍ୟରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ନୂଆଦିଲ୍ଲୀ ସ୍ଥିତ ସି-ଡଟ୍‌ର ବୈଜ୍ଞାନିକ ଡ. ଗୁପ୍ତେଶ୍ୱର ମାଝୀ ଯୋଗ ଦେଇ ଉତ୍ପାଦନର ବ୍ୟବସାୟିକୀକରଣ ଏବଂ ବୌଦ୍ଧିକ ସମ୍ପତ୍ତି ଅଧିକାରର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀୟଅତିଥି ଭାବେ ଓଡ଼ିଶା ଜି. ଆଇ କନ୍ସଲଷ୍ଟାଣ୍ଟ ଡ.ଅନିତା ସାବତ ଯୋଗ ଦେଇ ବିଭିନ୍ନ ପ୍ରକାର ଆଞ୍ଚଳିକ କାରିଗରମାନଙ୍କ କିପରି ଜି.ଆଇ କରିପାରିବେ ଏବଂ ସେମାନଙ୍କ ସୁରକ୍ଷା ବିଷୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୁନେ ସ୍ଥିତ ଜେନିଓବ୍ରେନ ଆଇପି ସଲୁସନ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଆଶା ହୋଲେ ଯୋଗ ଦେଇ ବୌଦ୍ଧିକ ସମ୍ପତ୍ତିକୁ କିପରି ପଞ୍ଜୀକରଣ କରାଯାଇପାରିବ ଏବଂ ତାହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ଏଭିଏନ୍‌ଏଲଶର୍ମା ଯୋଗଦେଇ ବିଶ୍ୱବୌଦ୍ଧିକ ସମ୍ପତି ଏବଂ ଏହାର ଆବଶ୍ୟକତା ବିଷୟରେ କହିଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ୍ ଡ କେ ମୁରଲୀ ଗୋପାଳ ଯୋଗ ବୌଦ୍ଧିକ ସମ୍ପତିର ଅନୁଦାନ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ଚାଟିକଣା ସ୍ଥିତ ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ଯୋଗବନ୍ଧୁ ମେହେର ଯୋଗ ଦେଇ ଡଙ୍ଗରିଆ କନ୍ଧମାନଙ୍କର କାରୁକାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ବୌଦ୍ଧିକ ସମ୍ପତ୍ତି ସୁବିଧା କେନ୍ଦ୍ର ସଦସ୍ୟ ଡ. ରାଘବେନ୍ଦ୍ର କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ସଦସ୍ୟ ଡ ଦୀପ୍ତିକାନ୍ତ ଆଚାର୍ଯ୍ୟ କେନ୍ଦ୍ରର ପକ୍ଷରୁ କରାଯାଇଥିବା କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ପରିଶେଷରେ ସଦସ୍ୟ ଡ ଶଶାଙ୍କ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୌଦ୍ଧିକ କେନ୍ଦ୍ରର



ଅଧକ୍ଷ ତଥା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ ଏନ ଭି ଜେ ରାଓ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଫୁର୍ତ୍ତି ଫିଜା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅମ୍ଲାନ ଆଶୁତୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲା ଚାଟିକଣା ସ୍ଥିତ ଡଙ୍ଗରିଆ କନ୍ଧମାନେ ଯୋଗ ଦେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଲ ପ୍ରଦର୍ଶନ କରିଥିବା ବେଳେ ପୁଟାଶିଂ ଅଞ୍ଚଳର ଲାଞ୍ଜିଆ ସଉରା ମାନଙ୍କ ଦ୍ୱାର ପ୍ରସ୍ତୁତ ହୋଇଥିବା ଚିତ୍ରକଳା ଇଡିତଲର ପ୍ରଦର୍ଶନୀ ହୋଇଥିଲା। ଏହା ସହ ଗୁଣୁପୁର ଅଞ୍ଚଳର ବିଭିନ୍ନ ଉଦ୍ୟୋଗୀ, ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଆମ୍ବାଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ଆଡ୍‌ମିସନ୍ ନ ମିଳିବାରୁ ଅଫିସରେ ତାଲା ପକାଇଲେ ଛାତ୍ରୀ

ମୁନିଗୁଡ଼ା /ଆମ୍ବାଦଳା, ୨୫।୪(ସମିସ)

**ଆଡ୍‌ମିସନ୍ ପାଇଁ ଅଭିଭାବକ, ପ୍ରଧାନ ଶିକ୍ଷକ ଟଣାଟଣି**

ଆମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ସତ୍ତ୍ୱେ ହେଲାନି କାର୍ଯ୍ୟାନୁଷ୍ଠାନ। ଆଡ଼ମିସନରୁ ବାଦ ପଡୁଛନ୍ତି ଶତାଧିକ ଦଳିତ ସାମ୍ପ୍ରଦାୟର ଛାତ୍ରଛାତ୍ରୀ। ଆଡ଼ମିସନ ନେଇ ଛାତ୍ରଛାତ୍ରୀ, ଅଭିଭାବକ, ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ଚାଲିଛି ଟଣାଟଣି। ଆଡ଼ମିସନ ନ କରିବାରୁ ଅଫିସରେ ଛାତ୍ରୀମାନେ ତାଲା ପକାଇବା ସହ ରାସ୍ତା ଅବରୋଧ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ରାୟଗଡ଼ ଜିଲ୍ଲା ଆମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଡ଼ମିସନ ସମୟରେ ସ୍ଥାନୀୟ ବଡ଼ ସାହି ଓ ଇନ୍ଦିରା ସାହିର ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନେ ବିଶେଷ ଭାବେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଅଭିଭାବକମାନଙ୍କ କହିବା ଅନୁଯାୟୀ, ପ୍ରଥମେ ଆବଶ୍ୟକ କାଗଜପତ୍ର ନେଇ ଆସିଲେ ଆଡ଼ମିସନ କରାଯିବ ବୋଲି କୁହାଯାଉଥିଲେ ସୁଦ୍ଧା ପରେ ସେମାନଙ୍କୁ ଆଡ଼ମିସନ କରାଯାଉନଥିବା ଅଭିଯୋଗ ହେଉଛି। ଏହାସହ ଅଭିଭାବକମାନଙ୍କୁ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିସରରୁ ବାହାରିଯିବାକୁ ଧମକ ଦିଆଯାଉଥିବା ଅଭିଯୋଗ ମଧ୍ୟ ଉଠିଛି। ଆଜି ଦୁଇଜଣ ଷଷ୍ଠ ଶ୍ରେଣୀର ଛାତ୍ରୀ ଆଡ଼ମିସନ ପାଇଁ ଯାଇଥିବା ବେଳେ ସେମାନଙ୍କୁ ଆଡ଼ମିସନ ନ ଦିଆଯାଇଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। କ୍ରୋଧିତ ଅଭିଭାବକମାନେ ସ୍କୁଲ ଅଫିସକୁ ତାଲା ମାରିବା ସହ ସୋମବାର ଦିନ ରାଜରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ଟଣାଟଣିର ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ଶୀଘ୍ର ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନଙ୍କୁ ଦାବି କରିଛନ୍ତି। ଯଦି ସମସ୍ୟାର ସମାଧାନ ହେବାରେ ବିଳମ୍ବ ହୁଏ, ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି।



# ଗୁରୁକୂଳ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ



କାଲିମେଲା, ୨୫।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକସଦର ମହକୁମା ସ୍ଥିତ ଭାରତୀୟ ବିଦ୍ୟା ନିକେତନ ଗୁରୁକୂଳ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ମୁଖୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ, ଅନ୍ୟତମବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଳା ମାଢ଼ି ଉପସ୍ଥିତ ଥିବା ବେଳେ ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ, କାଲିମେଲା ବିଜେପି ମଣ୍ଡଳ ସଭାପତି ରାମଚନ୍ଦ୍ର ବେଟୀ, ସିଆରସିସି ଅସୀମ ପାଲ, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ଶିକ୍ଷକ ପିତାମ୍ବର ପାଣି, ଭାରତୀୟ ବିଦ୍ୟା ନିକେତନ ଗୁରୁକୂଳ ବିଦ୍ୟାଳୟର ପ୍ରତିଷ୍ଠାତା ଜୀବନ କୃଷ୍ଣ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନଙ୍କୁ ସ୍ୱାଗତ ସହ ପରିଚୟ ପ୍ରଧାନ ପୂର୍ବକ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ ପରେ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଓ ପ୍ରତ୍ୟେକ ଶ୍ରେଣୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା କର୍ମଚାରୀମାନେ ସହଯୋଗ କରିଥିଲେ।

# ସ୍କୁଟି ସହ ଗଞ୍ଜେଇ ଜବତ; ୨ ଗିରଫ



ମାଲକାନଗିରି, ୨୫।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଲା ଅବକାରୀ ବିଭାଗ ଦ୍ୱାରା ଦିବା ପାଟ୍ରୋଲିଂ ବେଳେ ଗଞ୍ଜେଇ ସହ ଜଣେ ଗିରଫ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ମାଲକାନଗିରି ଅବକାରୀ ବିଭାଗ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶନା କ୍ରମେ ଏବଂ ମାଲକାନଗିରି ଅବକାରୀ ଇନ୍ସପେକ୍ଟର ସନ୍ତୋଷ ବଳଙ୍କ ତତ୍ତ୍ୱାବଧାନରେ ବାଲିମେଲା ଅବକାରୀ ବିଭାଗର ଭାରା ପ୍ରାପ୍ତ ଅଧିକାରୀ ବ୍ରଜ ବିହାରୀ ନାଏକଙ୍କ ନେତୃତ୍ୱରେ ଆଜି ସକାଳେ ବାଲିମେଲା ଠାରୁ ଡାଇକ - ୧, ଡାଇକ -୨ ଏବଂ ବାଇକ-୩ ଗାଁ ପର୍ଯ୍ୟନ୍ତ ଦିବା ପାଟ୍ରୋଲିଂ କରିବା ପାଇଁ ବାହାରିଥିଲେ। ପାଟ୍ରୋଲିଂ ବେଳେ ବାଲିମେଲା ଛକ ଠାରୁ କିଛି ଦୂରରୁ ଏକ ଟିଭିଏସ ଜୁପିଟର ସ୍କୁଟି ଓଡି-୩୦-ଇ-୬୦୬୨ରେ ଦୁଇ ଜଣ ଯୁବକ ଏକ ପ୍ଲାଷ୍ଟିକ ଜରି ବସ୍ତାରେ କିଛି ସାମଗ୍ରୀ ନେଇ ଦ୍ରୁତ ଗତିରେ ଯାଉଥିବାର ଦେଖି ପାଟ୍ରୋଲିଂ କର୍ମଚାରୀଙ୍କୁ ସନ୍ଦେହ ହୋଇଥିଲା। ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଦୁଇ ଚାଲାଣକାରୀଙ୍କ ସହ ସ୍କୁଟି ଓ ଗଞ୍ଜେଇକୁ ଜବତ କରି ଅବକାରୀ ଥାନାକୁ ଆଣିଥିଲେ। ଅବକାରୀ ବିଭାଗ ଦ୍ୱାରା ଜବତ ଗଞ୍ଜେଇକୁ ଓଜନ କରିବାରୁ ବସ୍ତାରେ ୧୨ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ଏବଂ ଜବତ ସ୍କୁଟିର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ମୋଟ ଜବତ ସାମଗ୍ରୀ ମୂଲ୍ୟ ୨ ଲକ୍ଷ ୨୦ ହଜାର। ଗିରଫ ଦୁଇ ଅଭିଯୁକ୍ତ ଡାଇକ ଗାଁ ଅଞ୍ଚଳରୁ ଉକ୍ତ ଗଞ୍ଜେଇକୁ ବାଲିମେଲା ସହରକୁ ଆଣୁଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଗଲରି ଇଶ୍ୱର (୨୮) ଏବଂ ଗଲରି କାର୍ତ୍ତିକ (୨୪) ଉଭୟ ଆନ୍ଧ୍ର ପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲା ଉପର ସିଲେରୁ ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଉଭୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନଡିପିଏସ କେସ ନଂ ୧୬ /୨୬ରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ବାଲିମେଲା ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ବ୍ରଜ ବିହାରୀ ନାଏକ ସୂଚନା ଦେଇଛନ୍ତି।

# ମହିଳା ବିଜେଡିର ବ୍ଲକ ଓ ନଗର ସଭାପତି ଚୟନ

ମାଲକାନଗିରି, ୨୫।୪(ସମିସ): ରାଜ୍ୟ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଆଦେଶ ଓ ମଞ୍ଜୁରି କ୍ରମେ ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳରର ସାତଟି ବ୍ଲକ ଓ ନଗର ସଭାପତି ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ମାଲକାନଗିରି ବ୍ଲକ ନିମନ୍ତେ ଗୌରୀ ପଡ଼ିଆମି, ମାଲକାନଗିରି ପୌର ପରିଷଦ ନିମନ୍ତେ ପୁଷ୍ପାଞ୍ଜଳୀ ମହାରଣା, କୋରୁକୋଣ୍ଡା ବ୍ଲକ ନିମନ୍ତେ ରିନା ମାଡି, ଖଇରପସ୍ୱଙ୍କ ବ୍ଲକ ନିମନ୍ତେ ପହଲା ପାଙ୍ଗି, ମାଥିଲି ବ୍ଲକ ନିମନ୍ତେ ସଞ୍ଜୁ ଗୌଡ, ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ଲକ୍ଷ୍ମୀ ପାଙ୍ଗି, ଚିତ୍ରକୋଣ୍ଡା ବ୍ଲକ ନିମନ୍ତେ ରାଜେଶ୍ୱରୀ ଖିଲ, ପଡ଼ିଆ ବ୍ଲକ ନିମନ୍ତେ ଦେବେ ମାଡି ଓ କାଲିମେଲା ବ୍ଲକ ନିମନ୍ତେ ବର୍ଣ୍ଣାଳୀ କୀର୍ତ୍ତନିୟା ବ୍ଲକ ସଭାପତି ଓ ନଗର ସଭାପତି ଭାବେ ଚୟନ ହୋଇଛନ୍ତି। ଏହି ସମସ୍ତଙ୍କ ତାଲିକାକୁ ଆଜି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ଶ୍ରୀଧାଙ୍ଗିନି ଛୁରିଆ ମଞ୍ଜୁର କରିଥିବା ବିଜୁ ଜନତା ଦଳ ପକ୍ଷରୁ ସୂଚାଯାଇଛି।

# ସଟର ଭାଙ୍ଗି ଚୋରି; ୨ ଗିରଫ

ମାଲକାନଗିରି, ୨୫।୪(ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ଏନଏସି ଅଞ୍ଚଳରେ ଚୋରି ଘଟଣା ବଢୁଥିବା ବେଳେ ମଙ୍ଗଳବାର ରାତି ପ୍ରାୟ ୧୨ଟା ସମୟରେ ୨ନଂ ୱାର୍ଡ ପମ୍ପ ଲାଇନ୍ ଅଞ୍ଚଳରେ ଏକ ଚୋରି ଘଟଣା ଘଟିଥିଲା। କିଛି ଯୁବକ ପ୍ରଥମେ 'କବିରାଜ ଟ୍ରେଡର୍ସ' ଦୋକାନର ସିସିଟିଭି କ୍ୟାମେରା ଭାଙ୍ଗିଦେଇ ପରେ ପାଖରେ ଥିବା ପାନ ଦୋକାନୀ ନରସିଂହ ବେହେରାଙ୍କୁ ଡାକିଥିଲେ। କିନ୍ତୁ ସେ ନ ଶୁଣିବାରୁ ସଟର ଭାଙ୍ଗି ଦୋକାନ ସାମଗ୍ରୀ ସହିତ ନଗଦ ଟଙ୍କା ଚୋରି କରିନେଇଥିଲେ। ପରେ ସାମ୍ନା ଦୋକାନରେ ସିସିଟିଭି ଲାଗିଥିବା ଜାଣି ସେଗୁଡ଼ିକୁ ମଧ୍ୟ ଭାଙ୍ଗିଦେଇ ଚାଲିଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏସମ୍ପର୍କରେ ମାମଲା ନମ୍ବର ୧୦୭/୨୬ ତାରିଖ ୨୩.୦୪.୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ସିବା ପାଙ୍ଗି ଓରଫ୍ ଚଉତାଳିଶ (୨୨), ସିବା ଖିଲା (୨୫) ଓ ଘାସି ବାଗ ଓରଫ୍ ଗଜିଆ (୧୮)ଙ୍କୁ ଗିରଫ କରିଛି। ସମସ୍ତେ ବାଲିମେଲା, ପିଏସ୍-ଓର୍କେଲର ବାସିନ୍ଦା। ସେମାନଙ୍କ ନିକଟରୁ ୩୫୦୦ ଟଙ୍କା, ୩ଟି ଭଙ୍ଗା ସିସିଟିଭି କ୍ୟାମେରା ସହ ଅନ୍ୟାନ୍ୟ ସନ୍ଦେହଜନକ ସାମଗ୍ରୀ ଜବତ କରାଯାଇଛି। ଗିରଫ ପରେ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେନ ପଟ୍ଟନାୟକ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକଙ୍କ ମୃତ୍ୟୁ

ରାୟଗଡ଼ା, ୨୫।୪(ସମିସ): ସଡ଼କ ଦୁର୍ଘଟଣାରେ ରାୟଗଡ଼ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକଙ୍କ ମୃତ୍ୟୁ ହୋଇଛି। ଆଜି ସକାଳେ ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ ଖୋର୍ଦ୍ଧା ନିକଟରେ ବସରୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିବା ସମୟରେ



ଗୋଟିଏ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ସ୍ଥଳରୁ କିଛି ଦୂରରେ ଶ୍ରୀ ସାହୁଙ୍କୁ ଅପେକ୍ଷା କରିଥିବା ପୁଅ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାରୁ ଜଣାପଡ଼ିଛି ୨ଦିନ ଛୁଟି ପଡ଼ିଥିବାରୁ ଶ୍ରୀ ସାହୁ ବସ ଯୋଗେ ନିଜ ଗ୍ରାମ ଅଭିମୁଖେ ଯାଇଥିଲେ। କିନ୍ତୁ ବସରୁ ଓହ୍ଲାଇଲା ପରେ ଚାଲିଚାଲି ଯାଉଥିବା ସମୟରେ ଶ୍ରୀ ସାହୁ ଦୁର୍ଘଟଣାର ଶିକାର ହୋଇଥିଲେ। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଜିଲ୍ଲା ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ ଜେନା, ସାଲାର ଫାଉଣ୍ଡେସନର ଅଧକ୍ଷ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ ସ୍ଥାନୀୟ ଲୋକ ଶୋକ ପ୍ରକାଶ କରିଛନ୍ତି।

# କ୍ରସର ୟୁନିଟ୍‌ରେ ଜିଲ୍ଲା ପ୍ରଶାସନର ଚଢ଼ଉ



ରାୟଗଡ଼, ୨୫।୪(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ଆଜି କୋଲନରା ତହସିଲ ଅଞ୍ଚଳରେ ଅବୈଧ ଭାବେ ଖଣିଜ ପଦାର୍ଥ ଉତ୍ତୋଳନ ଚାଲିଥିବା ବିଭିନ୍ନ କ୍ରସର ୟୁନିଟ୍‌ରେ ଏକ ଯୁଗ୍ମ ତଦାରଖ (ଜଏଣ୍ଟ ଇନଫୋର୍ସମେଣ୍ଟ) କମିଟି ଦ୍ୱାରା ଅଚାନକ ଚଢ଼ଉ କରାଯାଇଛି। ଏହି ଚଢ଼ଉ ଅଭିଯାନରେ ଉପ ଜିଲ୍ଲାପାଳ ଶ୍ରୀ ଜେନା, କୋଲନରାର ଅତିରିକ୍ତ ତହସିଲଦାର ଭବାନୀ ମିଶ୍ର, ରେଭେନ୍ୟୁ ଇନ୍ସପେକ୍ଟର ସସ୍ମିତା ମିଶ୍ର, ଅସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର ପ୍ରସନଜିତ ରାଉତ ଏବଂ ରାୟଗଡ଼ା ଖଣି ଅଧିକାରୀ ସାମିଲ ଥିଲେ। କମିଟି ପକ୍ଷରୁ ବିଭିନ୍ନ କ୍ରସର ୟୁନିଟ୍ ଉପରେ ଯାଞ୍ଚ କରାଯାଇ ଅବୈଧ କାର୍ଯ୍ୟକଳାପ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଉପଜିଲ୍ଲାପାଳ ଶ୍ରୀ ଜେନା କହିଛନ୍ତି।

# ଆବାସ କାର୍ଯ୍ୟାଦେଶ ବଣ୍ଟନ

ନନ୍ଦପୁର, ୨୫।୪(ସମିସ): ସାରା ଦେଶ ଓ ରାଜ୍ୟ ପଞ୍ଚାୟତୀ ରାଜ ଦିବସ ଧୁମ୍‌ଧାମ୍‌ରେ ପାଳୁଥିବା ବେଳେ ନନ୍ଦପୁର ବ୍ଲକରେ ଏହି ଅବସରକୁ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ବ୍ଲକର ୨୫୭ ଜଣ



ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ଗୃହ ଯୋଜନା ଅନ୍ତର୍ଗତ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଅଧ୍ୟକ୍ଷତା କରିଥିଲେ। ନୂତନ ଭାବେ ଭାରଗ୍ରହଣ କରିଥିବା ଜିଲ୍ଲା ଏସଡିସି ସଭାପତି ଭଗବାନ ମୁଦୁଲି, ସାଂସଦ ପ୍ରତିନିଧି ଗୋପାଳ ମାଟାମ୍ ଓ କାଶୀନାଥ ଗୋଲାରି, ବିଧାୟକ ପ୍ରତିନିଧି କାମେଶ କାମୁଡି, ବିଜେପି ନେତା ଜୟରାମ ଭୋଇ, ସେକ ବାଜି, ବିଜେଡି ବରିଷ୍ଠ ନେତା, ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ବିଭିନ୍ନ ଗ୍ରାମ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଉପସ୍ଥିତ ଅତିଥିମାନେ ଏହି ଯୋଜନାର ଗୁରୁତ୍ୱ ବିଷୟରେ କହି ଗରିବ ଓ ପ୍ରକୃତ ହିତାଧିକାରୀଙ୍କୁ ସ୍ଥାୟୀ ଆବାସ ଯୋଗାଇବାରେ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

# ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ହମ୍ପ୍‌ସ ଦାବି

ଟିକିରି, ୨୫।୪(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ଜାମଗୁଡା ନିକଟରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟ ରାସ୍ତାରେ ହମ୍ପସ୍ ନଥିବାରୁ କିଛି ଦିନ ତଳେ ଜଣେ ଶିକ୍ଷକଙ୍କ ଜୀବନ ଚାଲିଯାଇଥିଲା। ସେହିପରି ଗତ ଦୁଇ ଦିନ ତଳେ ମଧ୍ୟ ସେହି ସ୍ଥାନରେ ପୁଣି ଥରେ ଏକ ବାଇକ୍ ଦୁର୍ଘଟଣା ହୋଇଥିଲା। ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ଆସିବା କରିବାର ସମୟରେ ବିପଦ ଭଳି ଲୋକଙ୍କ ମନରେ ଚିନ୍ତା ଆସୁଛି। ସୂଚନା ଥାଉକି, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଟିକିରି ମୁଖ୍ୟ ରାସ୍ତା କଡ଼ରେ ଥିବାରୁ ଓ କୌଣସ ହୋମସ୍ ନଥିବାରୁ ଦୁଇ ଚକିଆ ହେଉ କି ଚାରିଚକିଆ ସବୁ ଗାଡ଼ି ବହୁତ ଦ୍ରୁତ ଗତିରେ ଯାତାୟାତ କରୁଛି। ତେଣୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ରାସ୍ତା ଦୁଇ ପାର୍ଶ୍ୱରେ ହୋମସ୍ ହେବା ଦରକାର। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସରକାରୀ ବାବୁ ଯିବା ଆସିବା କରୁଛନ୍ତି। କିନ୍ତୁ ଏହି ହୋମସ୍ ନିର୍ମାଣ ପାଇଁ କାହାର ଚିନ୍ତା ମଧ୍ୟ ନାହିଁ। ଗତ କିଛି ଦିନ ତଳେ ଯେଉଁ ଶିକ୍ଷକ ବାଇକ୍ ଦୁର୍ଘଟଣା ମୃତ୍ୟୁ ଘଟିଥିଲା ଏହି ନେଇ ଟିକିରି ଅଞ୍ଚଳ ଭୁଲି ପାରି ନାହାଁନ୍ତି। ତେଣୁ ଏହି ରାସ୍ତା ଉପରେ ଯଦି ହୋମସ୍ ନିର୍ମାଣ କରାନଯାଏ, ଯଦି କୌଣସି ପୁଣି ଥରେ ଦୁର୍ଘଟଣା ହୋଇ କାହାର ଜୀବନ ଯାଏଁ, ସେଥିପାଇଁ ନିଜେ ସରକା ଦାୟୀ ରହିବେ ବୋଲି ବୃଦ୍ଧିଜୀ ମହଲରେ ମତ ପ୍ରକାଶ ପାଇଛି।

# ଅଟୋ-ବାଇକ ମୁହାଁମୁହିଁ ଧକ୍କା; ଜଣେ ମୃତ

ପାପଡ଼ାହାଣ୍ଡି, ୨୫।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବଲ୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝିଟିକୁଗୁଡା ଜାତୀୟରାଜପଥ ବୁଲାଣି ନିକଟରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ସାଜନ ଭାତ୍ରା ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡା ଗ୍ରାମର ସାଜନ ଭାତ୍ରା (୨୨) ପିତା ତପନ ଭାତ୍ରା ସକାଳୁ ୧୦ଟା ସମୟରେ ଘରୁ ବାହାରି ଏକ ବାଇକ ଯୋଗେ କୌଣସି କାମରେ ପାପଡ଼ାହାଣ୍ଡି ଗ୍ରାମକୁ ଯାଉଥିଲେ। ଏହି ସମୟରେ ଏକ ଅଟୋ ପାପଡ଼ାହାଣ୍ଡି ଠାରୁ ତୁମ୍ବଲ୍ଲା ଯିବା ସମୟରେ ଝିଟିକୁଗୁଡା ବୁଲାଣି ନିକଟରେ ଦୁହିଁଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସେହି ରାସ୍ତା ଦେଇ ଯାଉଥିବା ନବରଙ୍ଗପୁର ଆରଟିଓ ବିଭାଗର ସବଇନ୍ସପେକ୍ଟର ଅଭିନାଶ ବାଳ, କୋନେଷ୍ଟେବଲ ସୁକାନ୍ତ ବେହେରା, ବିଜନ ସେଠି ଗୁରୁତର ସାଜନକୁ ଉଦ୍ଧାର କରି ନିଜ ଗାଡି ରେ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥକେନ୍ଦ୍ର ଠାରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟ ଅବସ୍ଥା ଶଙ୍କଟାପୂର୍ଣ୍ଣ ରହିଥିବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସାଜନଙ୍କ ମୃତ୍ୟୁ ଘଟିଥିଲା। ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳ ପହଞ୍ଚି ବାଇକ ଓ ଅଟୋ ଜବତ କରିଛି।

## ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସତ୍ୟାଗ୍ରହ

# ସିଜିମାଳି ପ୍ରସଙ୍ଗରେ ଅତ୍ୟାଚାରିତ ଜନତାଙ୍କୁ ନ୍ୟାୟ ଦାବି

ରାୟଗଡ଼, ୨୫।୪(ସମିସ)

ସିଜିମାଳି ଖଣି ଅଞ୍ଚଳରେ ଜନତାଙ୍କୁ ନ୍ୟାୟ ଦାବିରେ ଶନିବାର ରାୟଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା କଂଗ୍ରେସ




କମିଟି ଓ ଯୁବ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ସତ୍ୟାଗ୍ରହ କରାଯାଇଛି। ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଏଆଇସିସି ଓଡ଼ିଶା ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ତଥା ସିଡବ୍ଲ୍ୟୁସି ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ଅଜୟ କୁମାର ଲାଲ୍ଲୁ, କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା, ଏଆଇସିସି ସମ୍ପାଦକ ତଥା ଭାରତୀୟ ଯୁବ କଂଗ୍ରେସର ଭାରପ୍ରାପ୍ତ ସମ୍ପାଦକ ମନିଷ ଶର୍ମା, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରିୟ ସଭାପତି ଭାନୁ ଚୀବ, ଏଆଇସିସି ଏସଟି ବିଭାଗ ସଭାପତି ବିକ୍ରାନ୍ତ ଭୁରିଆ, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପିସିସି ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ରାୟଗଡ଼ ବିଧାୟକ କାଡ୍ରକା ଆପଲାସ୍ୱାମୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାୟକ, ଉପସଭାପତି ଅଶୋକ ପୁଆଲା, ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି, ବ୍ଲକ ସଭାପତି ଗାଡିଗା ବାଟେଲି, ଜିଲ୍ଲା ସମ୍ପାଦକ ଭୂଷଣ ବିଡିକା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

**କଂଗ୍ରେସ ଟିମର କଣ୍ଟାମାଳ ଗ୍ରାମ ଗସ୍ତ**

ସିଜିମାଳି ଖଣି ଅଞ୍ଚଳରେ ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ସ୍ଥାନୀୟ ପ୍ରଭାବିତ ଗ୍ରାମବାସୀମାନେ ବର୍ଷ ବର୍ଷ ଧରି ସଂଘର୍ଷ କରି ଆସୁଥିବା ଆଦିବାସୀଙ୍କ ସାଥିରେ ସବୁବେଳେ ରହିଛୁ ବୋଲି କହିଛନ୍ତି ଶ୍ରୀ ଲୁଲ୍ଲୁ। ସେହିପରି କୋରାପୁଟ ଲୋକସଭା ସାଂସଦ ଶ୍ରୀ ଉଲାକା ମଧ୍ୟ କଣ୍ଟାମାଳ ଗ୍ରାମବାସୀଙ୍କ ଉପରେ ପୋଲିସର ବର୍ବରତାକୁ ନିନ୍ଦନୀୟ ବୋଲି କହିବା ସହ ଖଣି ଅଞ୍ଚଳରେ ପ୍ରଶାସନ ସ୍ଥାନୀୟ ଜନତାଙ୍କ ନ୍ୟାର୍ଯ୍ୟ ଦାବିକୁ ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି କହିଛନ୍ତି। ସତ୍ୟାଗ୍ରହ ସଭାସ୍ଥଳରୁ ସାଂସଦ ସପ୍ତଗିରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଣ୍ଟାମାଳ ଗ୍ରାମ ଗସ୍ତ କରି ସେଠାରେ ଲୋକଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ କଂଗ୍ରେସ ଦଳ ସେମାନଙ୍କ ସହ ରହିଥିବା ଜଣାଇଥିଲେ। ଏହି ଗସ୍ତ ସମୟରେ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ଉପସ୍ଥିତ ରହିଥିଲେ।

# ଘରେ ପଶି ୪ ମୋବାଇଲ୍ ଚୋରି କଲେ ଦୁର୍ବୃତ୍ତ

ଗୁଣୁପୁର, ୨୫।୪(ସମିସ): ଗୁଣୁପୁର ସହରରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଉଛି। ପୂର୍ବରୁ ଥାନା ଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା ଡାକ୍ତର ସୁଜାତା ଦେବିଙ୍କ ଘରେ ଚୋରି ହୋଇଥବା ବେଳେ ଚୋରି ସମୟର ଦୃଶ୍ୟ ସିସି ଟିଭିରେ କଏଦ ହୋଇଥିଲେ ମଧ୍ୟ ଆଜି ଯାଏଁ ପୁଲିସ ଚୋରକୁ ଧରିବାରେ ବିଫଳ ରହିଛି। ଏବେ ପୁଣି ଗୁଣୁପୁର ଥାନା ଅଞ୍ଚଳରେ ଦିନରେ ଘରେ ପଶି ମୋବାଇଲ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସହରର ନିଳାଦ୍ରୀ ବିହାର ଲେନ୍ -୩ ରେ ଥିବାର ଏକ ଭଡାଟିଆ ଘରୁ ୪ ମୋବାଇଲ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବୈଷୟିକ ବିଦ୍ୟାଳୟର ଛାତ୍ର ସମ୍ବିତ କୁମାର ପଣ୍ଡା ଓ ତାଙ୍କ ସହପାଠୀମାନେ ମିଳିମିଶି ଉକ୍ତ ଭଡାଘରେ ରହୁଛନ୍ତି। ଛାତ୍ରମାନେ ବି ଟେକ୍ ଅଧ୍ୟୟନ କରୁଥିବା ବେଳେ ଆସନ୍ତା ଦୁଇଦିନ ପରେ ପରୀକ୍ଷା ଥିବା ହେତୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପାଠପଢ଼ି ଶୋଇ ଯାଇଥିଲ। ଶୋଇ ଥିବା ରୁମ୍‌ରୁ ହିଁ ମୋବାଇଲ୍ ଗୁଡିକ ଚୋରି ହୋଇଥିବା ନେଇ ଛାତ୍ରମାନେ ଗୁଣୁପୁର ଥାନାରେ ଅଭିଯୋଗ କରିଛନ୍ତି। ଭଡ଼ାରେ ରହୁଥିବା ଘରେ ଲାଗିଥିବା ସିସି କ୍ୟାମରାରେ ଜନୈକ ଅଜଣା ଯୁବକ ସକାଳ ୭ଟା ୩୦ ସମୟରେ ଗେଟ୍ ଖୋଲି ଘରେ ପଶିବା କିଛି ସମୟ ପରେ ଘରୁ ବାହାରି ତରବରିଆ ଭାବେ ଚାଲିଯାଉଥିବା ଦେଖିବାକୁ ମିଳିଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ଗୁଣୁପୁର ଥାନା ଅଧିକାରି କମଳକାନ୍ତ ବସନ୍ତ କହଁର କହିଛନ୍ତି।

# ଶନିଙ୍କ ଜଳାଭିଷେକ; ଗ୍ରହରାଜଙ୍କୁ ପୂଜିଲେ ଶ୍ରଦ୍ଧାଳୁ



**ରଗଡ଼ି, ୨୫।୪(ସମିସ)**

କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଲାଇ ଗ୍ରାମର ପ୍ରସିଦ୍ଧ ଗ୍ରହରାଜ ଶନିଶ୍ଚରଙ୍କ ୬୧ତମ ବାର୍ଷିକ ଯଜ୍ଞ, ମେଳା ଓ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୧୦ ହଜାର ଶ୍ରଦ୍ଧାଳୁ ଶନିଶ୍ଚରଙ୍କ ଜଳାଭିଷେକ କରି କରୁଣା ଭିକ୍ଷା କରିଥିଲେ। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଧାକୃଷ୍ଣ ପରିଚାଳନା କମିଟି ସମ୍ପାଦକ ଶ୍ରୀନିବାସ ଜେନାଙ୍କ ସଭାପତିତ୍ୱ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ନରେଶ ମସ୍କରା, ମୁଖ୍ୟବକ୍ତା ଶ୍ରୀପାଦ ପରମବ୍ରହ୍ମ ଦାସ, ସମ୍ମାନିତ ଅତିଥି ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ସମାଜସେବୀ ମହେଶ କୃଷ୍ଣ ମହାନ୍ତି, ଶଶୀ ଭୂଷଣ ରାଉତ, ପିତାମ୍ବର ମହାଳିକ, ସୁଶୀଳ କୁମାର ମଲ୍ଲିକ, ଅକ୍ଷୟ କୁମାର ସାମନ୍ତ ସିଂହାର ଓ ଶିକ୍ଷାବିତ ମୀନକେତନ ଦାଶ ପ୍ରମୁଖ ଯୋଗଦେଇଥିଲେ। ପରିବେଶବିତ ସନାତନ ବେହେରାଙ୍କୁ କମିଟି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ମଞ୍ଚ ପରିଚାଳନା ଓ ବିକ୍ରମ କୁମାର ଜେନା ଧନ୍ୟବାଦ ଦେଇଥିଲେ। ରାମେଶ୍ୱର ଯୁବକ ସଂଘ ଓ କୋରାଇ ପୁଲିସ ପକ୍ଷରୁ ମେଳା ପରିସରରେ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ୍ର ବିତରଣ କରାଯାଇଥିଲା। ରବୀନ୍ଦ୍ର ଜେନା କର୍ତ୍ତା ରହିଥିଲେ। ଶ୍ରୀଧର ଆଚାର୍ଯ୍ୟ, କୈଳାଶ ଆଚାର୍ଯ୍ୟ ଓ ଶନିଙ୍କ ପୂଜକ ଶରତ କୁମାର ପଣ୍ଡା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଶନିଶ୍ଚର ଓ ରାଧାକୃଷ୍ଣ ଜୀଉ ପରିଚାଳନା କମିଟି ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଧର୍ମଶାଳା:** ପବିତ୍ର ଶନିଶ୍ଚର ଯଜ୍ଞ ଅବସରରେ ଧର୍ମଶାଳା ବ୍ଲକର ବିଭିନ୍ନ ଶନିଦେବଙ୍କ ପୀଠରେ ଆଜି ସକାଳୁ ଭକ୍ତମାନେ ଜଳାଭିଷେକ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ନିଳାଦେଇ ଗ୍ରାମ ନିକଟରେ ଥିବା ଶନି ମନ୍ଦିରରେଶନି ଦେବଙ୍କ ଯଜ୍ଞ ଉତ୍ସବ ପାଳନ କରାଯାଇଛି। ପୂଜକ ଆଲୋକ ପଣ୍ଡିତ ଓ ଅନ୍ୟ ପୂଜକମାନଙ୍କ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସାରା ଅଞ୍ଚଳ। ସକାଳୁ ସକାଳୁ ଭକ୍ତ ମାନେ ନିକଟସ୍ଥ ଏକ ପୁଷ୍କରିଣୀରୁ ଜଳ ଆଣି ପାଖରେ ଥିବା ଓସ୍ତ ବୃକ୍ଷରେ ଢାଳିବା ସହିତ ଶନି ମହାରାଜଙ୍କ ଦର୍ଶନ ଲାଭ କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ଦେଓଡ଼ା ପଞ୍ଚାୟତ ବାସୁଦେବପୁର, ଭବାନୀପୁର, ଜାରକା, ଚୋରମୁହାଁ, ପାଟପୁର ଆଦି ଗ୍ରାମରେ ଥିବା ଶନିଦେବଙ୍କ ପୀଠରେ ଶନି ଦେବଙ୍କ ପୂଜା କରାଯାଇଛି। ଆଜି ଶନିଦେବଙ୍କ ଦର୍ଶନ ଲାଗି ସକାଳୁ ବିଭିନ୍ନ ସ୍ଥାନରେ ପୁରୁଷ ଓ ମହିଳା ମାନଙ୍କର ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଭକ୍ତମାନେ ବିଭିନ୍ନ ନଦୀ ପୁଷ୍କରିଣୀମାନଙ୍କରୁ ପାଣି ଉଠାଇ ଶନି ମହାରାଜଙ୍କୁ ଜଳାଭିଷେକ କରିଥିଲେ।





**ଦାନଗଦି:** ଦାନଗଦି ବ୍ଲକ ଅନ୍ତର୍ଗତ ରାଛିପୁର ଠାରେ ବହୁପୁରାତନ ଗ୍ରହରାଜ ଶନିଶ୍ଚରଙ୍କ ୭୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରହରାଜ ଶନିଙ୍କ ନିକଟରେ ଭୋର ସମୟରୁ ଶ୍ରଦ୍ଧାଳୁମାନେ ପହଞ୍ଚି ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଦିନ ତମାମ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ ଲାଭ କରିଥିଲେ। ପୂର୍ବତନ ମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଗ୍ରହରାଜ ଶନିଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ସେହିପରି ଦାନଗଦି ହାଟ ପଡ଼ିଆ, ମାଣତିରା ଗାଁରେ ମଧ ଶନିଦେବଙ୍କ ପୂଜାର୍ଚ୍ଚନା ହୋଇଛି। ସକାଳୁ ଟମକା ଛକରେ ଥିବା ବାବା ଶନିଶ୍ଚର ମନ୍ଦିରରେ ଶନି ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ପୂଜକ ମାୟାଧର ହୋତା ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପରେ ଶଙ୍କର୍ଷଣ ଦାସ ସହଯୋଗୀ ଗୋଲଖ ଚନ୍ଦ୍ରବାରିକ ପୂଜାରେ ବସିଥିଲେ। ପଣ୍ଡିତ ମାନସ ହୋତା ଓ ଅକ୍ଷୟ ହୋତା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହିଳା ଶ୍ରଦ୍ଧାଳୁଙ୍କ ଗ୍ରହରାଜ ଶନିଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଶନି କମିଟି ତରଫରୁ ଦହି ସରବତ୍ ଦିଆଯାଇଥିଲା। ମାନସିକଧାରୀ ଭକ୍ତମାନେ ଶନି ଗଛରେ ପାଣି ଢାଳିଥିଲେ। ଏହି କାର୍ଯ୍ୟରେ ପ୍ରମୋଦ ରଥ, ଚତୁର୍ଭୁଜ ନାୟକ, ମକରା ଦାସ, ବୁଧିମନ୍ତ ବେହେରା, ବୁଧିଆ ମହାନ୍ତ, ସାନ୍ତନ ଜେନା, ନୀରଞ୍ଜନ ଦାସ ବିକାଶ ଦାସ, ସୁଦର୍ଶନ ଓଝା, ନରୋତ୍ତମ ବେହେରା, ଶିବାନନ୍ଦ ସାମଲ, ରାଜ ଓଝା, ସନ୍ତୋଷ ବେହେରା, ମୁନା ମହାନ୍ତ, ଚିନ୍ତାମଣି ବେହେରା, ମକରା ଓଝା, ନିରଞ୍ଜନ ଦ୍ୱିବେଦି, ସଞ୍ଜୟ ସାହୁ, ଅଜିତ୍ ରଥ ସମେତ ଟମକା ବଣିକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ଶନି ମନ୍ଦିରରେ ଦହି ପଣା ବଣ୍ଟନ

**କୁଆଖିଆ, ୨୫।୪(ସମିସ):** ଶନି ଓଷା ଉପଲକ୍ଷେ ରସୁଲପୁର ବ୍ଲକର ମିର୍ଜାପୁର ଶନି ଦେବ ମନ୍ଦିର ପ୍ରାଙ୍ଗଣରେ ଭାରତ ସ୍କାଉଟ ଓ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏମ୍‌ଶ୍ରୀ ମଧୁବନ ସ୍କୁଲର ଶିକ୍ଷକ ସୁଶାନ୍ତ କୁମାର ମହାରଣାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରମାନେ ମନ୍ଦିର ଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଗ୍ରୀଷ୍ମ ତାତିରୁ ଉପଶମ ନିମନ୍ତେ ଦହି ପଣା ବଣ୍ଟନ କରୁଥିବା ଦେଖାଯାଇଥିଲା। ଏଥିରେ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗ୍ରାମର ଅନେକ ବ୍ୟକ୍ତି ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କରିଥିଲେ।

## ସିଂହପୁରରେ ବିଶ୍ୱ ଗୁରୁ ମହାଯଜ୍ଞ

**ସିଂହପୁର, ୨୫।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡି ପଡ଼ିଆ ଭୀମସେନ ଦାସ ମଠ ପରିସରରେ ଶ୍ରୀଶ୍ରୀ ବିଶ୍ୱଗୁରୁ ମହାଯଜ୍ଞ ୨୪ ତାରିଖ ଠାରୁ ଆରମ୍ଭ ହୋଇ ମେ' ୧ ତାରିଖ ଦିନ ଉଦ୍‌ଯାପିତ ହେବ। ପ୍ରତ୍ୟେହ ପ୍ରଭାତରୁ ଶ୍ରୀମଦ୍ ଭାଗବତ ପରାୟଣ, ଗୀତା ପାଠ ଓ ଯଜ୍ଞାଦି କାର୍ଯକ୍ରମ କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଧ୍ୟାମିକ କାର୍ଯକ୍ରମ, କବିତା ପାଠ, ପାଲା ପାରିବେଷଣ, ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତା, ଭଜନ ସନ୍ଧ୍ୟା ଆଦି କାର୍ଯକ୍ରମ କରାଯାଉଛି। ୧ ତାରିଖ ଦିନ ପୂର୍ଣ୍ଣାହୁତି କରାଯିବ। ସିଂହପୁର ଗ୍ରାମ ସହିତ ନାଉବାଙ୍କ, ନେମରା, ଚନ୍ଦନପୁର, ଜରି, କଣଛନ୍ଦା, ଓଲେଇ, ଗ୍ରାମବାସୀ ଯଜ୍ଞ ଓ ଅନ୍ୟାନ୍ୟ କାର୍ଯ୍ୟ ପରିଚାଳନରେ ସହଯୋଗ କରୁଛନ୍ତି। ଆଜି କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଖରସ୍ରୋତା ନଦୀରୁ ଜଳ ଆଣି ଯଜ୍ଞ ସ୍ଥଳରେ ଜଳାଭିଷେକ କରିଥିଲେ।

## ବିଜେପି ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

**କୁଆଖିଆ, ୨୫।୪(ସମିସ):** ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ଲହରକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କ ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ବିଜେପି ପକ୍ଷରୁ ରସୁଲପୁର ବ୍ଲକର ମୁଖ୍ୟ ଗମନା ଗମନ ଓ ବ୍ୟବସାୟିକ ସ୍ଥଳ ତଥା ଆନ୍ତଃ-ରାଜ୍ୟ ପରିବହନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କୁଆଖିଆ ବଜାର ଓଭର ବ୍ରିଜ୍ ତଳେ ଏକ ଜଳଦାନ କେନ୍ଦ୍ର ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆଗାମୀ ଦିନରେ ଚାଲୁ ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଜଳଦାନ କେନ୍ଦ୍ରକୁ କୋରେଇ ବିଧାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା ଓ ବିଜେପି ନେତା ତଥା ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ବିଜେପି ମଣ୍ଡଳ ସଭାପତି ବିନୋଦ କୁମାର ମହାରଣା, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ବିଜେପି ହିଙ୍ଗୁଳା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ମାମି ମହାନ୍ତି, ବିଜେପି ହିଙ୍ଗୁଳା ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ହିମାଂଶୁ ବେହେରା, ଅତୁଲ୍ୟ ପ୍ରଧାନ, ଅନିଲ୍ ସାମନ୍ତ ରାୟ, ସୁବାଷ ନାୟକ, ସୁବ୍ରତ ନାୟକ, ଶଶାଙ୍କ ଶେଖର ରାଉତ, ପ୍ରଶାନ୍ତ ପରିଡ଼ା, ଦିଲ୍ଲିପ୍ ଦାସ୍, ବିଜେପି ହିଙ୍ଗୁଳା ମଣ୍ଡଳ ପ୍ରତିନିଧି କାଳନ୍ଦୀ ଚରଣ କଣ୍ଡଙ୍କ ସମେତ ବହୁ ଦଳୀୟ କର୍ମି ଓ ନେତୃମଣ୍ଡଳି ଉପସ୍ଥିତ ରହିଥିଲେ।

## ଶୀତଳେଶ୍ୱର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ଯାଜପୁର, ୨୫।୪(ସମିସ):** ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଶୀତଳେଶ୍ୱର ସ୍ଥିତ ଶୀତଳେଶ୍ୱର୍ ପ୍ରିମିଅର୍ ଲିଗ ମେଗା ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ବାସୁଳେଇ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ୍ ମ୍ୟାଚ୍‌କୁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟନ କରିଥିଲେ। ଏହି କ୍ରିକେଟ୍ ମ୍ୟାଚ୍‌ରେ ୧୬ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, କାଉନସିଲର ରୁନୁ ବେହେରା, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର, ଯୁବ ନେତା ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, ଅନନ୍ତ ପାତ୍ର, ବିଜୟ ମହାନ୍ତି, ମେଗା ଇଲେଭେନ୍ ଷ୍ଟାରର ସମସ୍ତ ସଦସ୍ୟ ତଥା ଶୀତଳେଶ୍ୱରର ସମସ୍ତ ଗ୍ରାମବାସୀ ଓ ଯାଜପୁର ସହରର କ୍ରିକେଟ୍ ପ୍ରେମୀ ଦର୍ଶକ ମାନେ ଉପସ୍ଥିତି ରହି ମ୍ୟାଚ୍ ଉପଭୋଗ କରିଥିଲେ।

## ଶିଶୁମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ କର୍ମଶାଳା

**ଯାଜପୁର, ୨୫।୪(ସମିସ):** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରର ମିଳିତ ସହଯାଗରେ ଜିଲ୍ଲାସ୍ତରରେ ଥିବା ୫ଟି ଶିଶୁଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ନିମନ୍ତେ 'କ୍ୟାରିୟର କାଉନସେଲିଂ' ଶୀର୍ଷକ ଏକ ସଚେତନତାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହଙ୍କ ପୌରୋହିତ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ସଂଯୋଗର ମଣ୍ଡଳ ସଂଯୋଜିକା ରୂପାଲୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲ୍ଲା ନିଯୁକ୍ତି ଅଧିକାରୀ ମାନସ କୁମାର କୁଅଁର, କନିଷ୍ଠ ନିଯୁକ୍ତି ଅଧିକାରୀ ମଧୁସୂଦନ ମିଶ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟା ରୀତା ବେହେରା, ଗୀତାଞ୍ଜଳୀ ଧଳ, ସୂର୍ଯ୍ୟ ନାରାୟଣ ମିଶ୍ର, ବିଷୟ ବିଶାରଦ ଭାବେ ରାମ କିଶୋର ଶର୍ମା ଯୋଗ ଦେଇ ଶିଶୁମାନଙ୍କୁ ପରାମର୍ଶ ସେବା, କ୍ୟାରିୟର ଶିକ୍ଷା, ନିଯୁକ୍ତି ଏବଂ ରୋଜଗାରଭିତ୍ତିକ ବୈଷୟିକ ପାଠ୍ୟକ୍ରମ ବିଷୟରେ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଦେଇଥିବା ଅନ୍ତେବାସୀମାନଙ୍କ ପାଇଁ କେଉଁ ପାଠ୍ୟକ୍ରମ ଉପଯୋଗୀ ହେବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଯାଜପୁର ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ, ପୃଷ୍ଠପୋଷକତା ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଅର୍ଚ୍ଚନା କୁମାରୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ସହରାଞ୍ଚଳରେ ଗୃହ ଗଣନା ତ୍ୱରାନ୍ୱିତ

**ଯାଜପୁର, ୨୫।୪(ସମିସ):** ଜନଗଣନା-୨୦୨୭ ଅନୁସାରେ ଯାଜପୁର ଟାଉନ ସେନସସ୍ ଚାର୍ଜ ଅଧୀନରେ ଥିବା ଜିଲ୍ଲାପାଳଙ୍କ ବାସଗୃହ, ଜିଲ୍ଲା ଦୌରା ଜଜ, ଅତିରିକ୍ତ ଜିଲ୍ଲା ଜଜ୍, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ଙ୍କ ବାସଗୃହର ଗୃହଗଣନା କାର୍ଯ୍ୟ ଆଜି ଯାଜପୁର ଟାଉନ ସେନସସ୍ ଚାର୍ଜ ଅଫିସର ଲକ୍ଷ୍ମୀଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନା କାରୀ ଜ୍ୟୋତ୍ସ୍ନାରାଣୀ ମାରାଣ୍ଡି ଏବଂ ସୁପରଭାଇଜର ଆଶୁତୋଷ ଦାସଙ୍କ ସମେତ ମାଷ୍ଟର ଟ୍ରେନର ହେମନ୍ତ କୁମାର ସାହୁ ଓ ଅମୀୟ କୁମାର ସ୍ୱାଇଁ ପ୍ରମୁଖ ଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ତ୍ତମାନ ଟାଉନସେନସସ ଅଧୀନରେ ୯୦ ଗୋଟି ଏଚ୍‌ଏଚ୍‌ବିରେ ୯୦ ଜଣ ଜନଗଣନାକାରୀ ଓ ୧୫ ଜଣ ସୁପରଭାଇଜର ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ଗୃହ ଗଣନା କାର୍ଯ୍ୟ ୧୬ ତାରିଖଠାରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବର୍ତ୍ତମାନ ଭାରତ ସରକାର ତଥା ଓଡ଼ିଶା ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ମତେ ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଯାଜପୁର ଜିଲ୍ଲାରେ ଗୃହ ଗଣନା କାର୍ଯ୍ୟ ଚାଲୁରହିଛି।



## ୩ ସରପଞ୍ଚ, ୨ ସମିତିସଭ୍ୟରେ ହେଲା ପଞ୍ଚାୟତିରାଜ ଦିବସ




**ବରୀ, ୨୫।୪(ସମିସ):** ବିକାଶ କ୍ଷେତ୍ରରେ ଲୋକ ପ୍ରତିନିଧି ମାନେ ଯତ୍ନବାନ ହେଲେ ସଫଳତା ମିଳିବ। ଆଜି ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଯୋଗଦେଇ ଦଳମତ ନିର୍ବିଶେଷରେ ସରକାରୀ ଯୋଜନା କିଭଳି ଭାବରେ ସଫଳ ରୂପାୟନ ହୋଇ ପାରିବ ସେ କ୍ଷେତ୍ରରେ ଲୋକ ପ୍ରତିନିଧିମାନେ ଉଦ୍ୟମ କରିବାର ଆବଶ୍ୟକତା ରହିଛି ବୋଲି ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ଭାରପ୍ରାପ୍ତ ବିଡିଓ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନା କିଭଳି ଭାବରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ କ୍ଷେତ୍ରରେ ଗୁରୁତ୍ୱ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିନି ଜଣ ସରପଞ୍ଚ ଓ ଦୁଇ ଜଣ ସମିତି ସଭ୍ୟ ଉପସ୍ଥିତ ଥିବା ବେଳେ ଅନ୍ୟମାନଙ୍କୁ ଦେଖିବାକୁ ମିଳି ନ ଥିଲା।

## କାଳିଆପାଣି ଥାନା ପକ୍ଷରୁ ଖୋଲିଲା ଜଳଛତ୍ର

**କାଳିଆପାଣ, ୨୫।୪(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି ଥାନା ପକ୍ଷରୁ ଟାଟା ବଜାର ଏଟିଏମ୍ ଛକରେ ଏକ ଜଳଛତ୍ର ଖୋଲାଯାଇ ପଥଚାରୀ ଓ ଯାତ୍ରୀମାନଙ୍କୁ ମାଗଣା ଦହିପାଣି ବଣ୍ଟନ କରାଯାଇଛି। ଆଇଆଇସି ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ଓ ପ୍ରଚେଷ୍ଟାରେ ଏହି ସେବାମୂଳକ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଥାନା ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସାହୁ, ଜବା ମାଝୀ, ସାହାଣୀ ବାବୁଙ୍କ ସହ ଅନେକ ସ୍ଥାନୀୟ ବ୍ୟକ୍ତି ସକ୍ରିୟ ଭାବେ ସହଯୋଗ କରିଥିଲେ। ସ୍ଥାନୀୟ ଲୋକମାନେ କୁହନ୍ତି ଏପରି ମାନବିକ ଓ ସେବାମୂଳକ ପଦକ୍ଷେପ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରେ। ଗରମ ଦିନଗୁଡିକରେ ଏହି ଜଳଚତ୍ର ନିରନ୍ତର ଚାଲିଥିଲେ ଆହୁରି ଅନେକ ଲୋକ ଲାଭାନ୍ୱିତ ହେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।



## ମହିଳା ବିଲ୍‌କୁ ନେଇ କଂଗ୍ରେସର ପ୍ରତିବାଦ



**କୁଆଖିଆ, ୨୫।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବିଜୁନଗର ସ୍ଥିତ ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଦଳ ପକ୍ଷରୁ ସଂସଦରେ ମହିଳା ବିଲ୍ ଉପସ୍ଥାପନାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ମହିଳା ବିଲ୍ ଆଳରେ ନିର୍ବାଚନ ମଣ୍ଡଳିର ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ପାରିତ କରିବା ଭଳି ହୀନ ପ୍ରୟାସ କରିଥିଲା ବୋଲଇ କଂଗ୍ରେସ ଅଭିଯୋଗ କରିଛି। ସଂସଦରେ ବିରୋଧୀମାନେ ଏହି ବିଲ୍‌କୁ ବିରୋଧ କରିଲେ କଂଗ୍ରେସକୁ ମହିଳାମାନଙ୍କ ବିରୋଧୀ ଭାବରେ ଅବିହିତ କରିବା ଭଳି ଚକ୍ରାନ୍ତ କରାଯାଉଛି। ୨୦୨୩ ମସିହାରେ ପାରିତ ହୋଇଥିବା ବିଲ୍‌କୁ ୨୦୨୪ ସାଧାରଣ ନିର୍ବାଚନରେ ମହିଳା ବିଲ୍‌କୁ କାର୍ଯ୍ୟାକରି କରି ବିଲ୍‌ରେ ମହିଳାମାନଙ୍କ ପାଇଁ ଉଦିଷ୍ଟ ଥିବା ୩୩ ପ୍ରତିଶତ ଆରକ୍ଷଣ ପ୍ରସ୍ତାବକୁ ନିର୍ବାଚନରେ କାହିଁକି ଲାଗୁ କରାଗଲା ନାହିଁ ବୋଲି ସମ୍ମିଳନୀରେ ଉପସ୍ଥିତ ଥିବା ପ୍ରବକ୍ତାମାନେ ପ୍ରଶ୍ନ କରିଥିଲେ। ଯେପର୍ଯ୍ୟନ୍ତ ଘର ଓ ଜନଗଣନା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇନାହିଁ, ସେ ଯାଏଁ ସୀମା ପୁନଃ ନିର୍ଦ୍ଧାରଣ କିଭଳି ସମ୍ଭବ ହେବ ବୋଲି ପ୍ରଶ୍ନ କରିଥିଲେ। ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଭାବେ ପ୍ରଦେଶ କଂଗ୍ରେସ ପ୍ରବକ୍ତା ମଧୁସ୍ମିତା ଆଚାର୍ଯ୍ୟ, ପରିବେଶବିତ୍ ସୁଧାଂଶୁ ଶେଖର ଦେଓ, ପ୍ରଦେଶ କଂଗ୍ରେସ ମହିଳା ମୋର୍ଚ୍ଚା ନେତ୍ରୀ ସନ୍ଧ୍ୟାରାଣୀ ଖୁଣ୍ଟିଆ ଅଭିଯୋଗ କରିଥିଲେ। ପ୍ରଦେଶ କଂଗ୍ରେସ ପୂର୍ବତନ ସଭ୍ୟା ଆରତୀ ଦେଓ, ଜିଲ୍ଲା ମହିଳା କଂଗ୍ରେସ ସମ୍ପାଦିକା ଅଞ୍ଜୁଲତା ବେହେରା, ଜିଲ୍ଲା କଂଗ୍ରେସ କମିଟିର ଉପ-ସଭାପତି ସଂଗ୍ରାମ କେଶରୀ ସାହାଣୀ, ଜିଲ୍ଲା କଂଗ୍ରେସ ନେତ୍ରୀ ମଞ୍ଜୁଶ୍ରୀ ମିଶ୍ର, ପ୍ରବିର ବଳ, ଦୀପକ ଦେଓ, ଶ୍ରୀକାନ୍ତ ସାହୁ, ବ୍ଲକ ସଭାପତି ମିହିର ମିଶ୍ର, ସଞ୍ଜୟ ରାଉତ, ଗଦାଧର ଦାସ, ସମୀର ନାୟକ, ବିଦ୍ୟାଧର ଜେନା, ଯାଜପୁର ଜିଲ୍ଲା ମିଡିଆ ସେଲ୍‌ର ସଂଯୋଜକ ଉମେଶ ମଳିକ, ଯୁବନେତା ମାନସ ମହାନ୍ତି, ସୁଶାନ୍ତ ମିଶ୍ର, ସତ୍ୟବ୍ରତ ରାୟ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ।

## ଜାରକା ବଜାରରେ ଜଳଛତ୍ର ଉଦ୍‌ଘାଟିତ

**ଧର୍ମଶାଳା, ୨୫।୪(ସମିସ):** ଧର୍ମଶାଳା ବ୍ଲକ ଜାରକା ଓଭରବ୍ରିଜ୍ ତଳେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳିରେ ବାଟୋଇମାନେ ଆଉଟି ପାଉଟି ହେଉଥିବା ବେଳେ ସେମାନଙ୍କ ତୃଷ୍ଣା ମେଣ୍ଟାଇବା ଲାଗି ଧର୍ମଶାଳା ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜିଠାରୁ ଜଳଛତ୍ର ଖୋଲାଯାଇଛି। ସମାଜସେବୀ ମିନତୀ ସାହୁ ଓ ଯୁବସଙ୍ଗଠକ ରାଜେଶ ପାଳ ଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନେତା ଦେବରାଜ ମିଶ୍ର, ତୀର୍ଥରାଜ ପଣ୍ଡା, ପ୍ରଦୀପ ପରିଡ଼ା, ଚନ୍ଦ୍ରମଣି ପଣ୍ଡିତ, ସୁଦାମ ବେହେରା, ଲୋକନାଥ ମହାନ୍ତି, ନିର୍ମଳ ପ୍ରଧାନ, ତୁସାର ରାୟ ସମେତ ବହୁ ଯୁବକ ଉପସ୍ଥିତ ରହି ଜଳଛତ୍ରରେ ବାଟୋଇମାନଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏହି ଜଳଛତ୍ର ଖରା ଦିନ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି।

## ରେଙ୍ଗାଲି କେନାଲରେ ଜଳକ୍ରୀଡ଼ା

# ବିପଦକୁ ଆମନ୍ତ୍ରଣ; ସଚେତନତା ନାହିଁ

**କଳିଆପାଣି, ୨୫।୪(ସମିସ)**



ସୁକିନ୍ଦା ତହସିଲ ଅନ୍ତର୍ଗତ ଭାଲୁକି ପାତଳା ଠାରୁ ସୁକିନ୍ଦା ପର୍ଯ୍ୟନ୍ତ ବହୁଥିବା ରେଙ୍ଗାଲି କେନାଲରେ ଛୋଟ ଛୋଟ ପିଲାମାନଙ୍କର ଜଳକ୍ରୀଡ଼ା ଏବେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ତୀବ୍ର ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ପିଲାମାନେ ୨୦/୨୫ ଫୁଟ୍ ଗଭୀର ଜଳରେ ୧୦ ଫୁଟ୍ ଉଚ୍ଚତାରୁ ଡେଇଁ ଗାଧୋଇବାକୁ ଯାଉଥିବା ଦେଖାଯାଉଛି। ଯାହା କେବଳ ବିପଦଜନକ ନୁହେଁ, ଦୁର୍ଘଟଣାକୁ ସରଳ ଭାବରେ ନିମନ୍ତ୍ରଣ ଦେଉଛି। ସ୍କୁଲ ପରେ ଦ୍ୱିପ୍ରହର ବେଳେ ଏହି କେନାଲ ପିଲାମାନଙ୍କ ପାଇଁ ମଜାର ଆ‡ାରେ ପରିଣତ ହେଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଧୋଇବା, ଆଖି ଲାଲ୍ ହେବା ଓ ଛିଙ୍କ ହେବା ପର୍ଯ୍ୟନ୍ତ ଜଳରେ ରହିବା ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରେଙ୍ଗାଲି କେନାଲ କର୍ତ୍ତୃପକ୍ଷଙ୍କ ଅବହେଳା ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଛି। କେନାଲ ପାର୍ଶ୍ୱରେ ଗାଧୋଇବା ପାଇଁ ପାହାଚ ବନାଇ ଦାୟିତ୍ୱ ସମାପ୍ତ କରିଦେଇଥିବା ବେଳେ, ସୁରକ୍ଷା ବ୍ୟବସ୍ଥା ଭଳି ବାରିକେଡ୍ ବ୍ୟବସ୍ଥା କରାଯାଇନାହିଁ। ଏହାର ପରିଣାମରେ ପିଲାମାନେ ଜଳକ୍ରୀଡ଼ାରେ ଲିପ୍ତ ହୋଇ ନିଜ ଜୀବନକୁ ବିପଦରେ ପକାଉଛନ୍ତି। ଅଞ୍ଚଳବାସୀମାନେ କହିଛନ୍ତି, କେନାଲର ଉଭୟ ପାର୍ଶ୍ୱରେ ରକ୍ଷା ବ୍ୟବସ୍ଥା, ସଚେତନତା ସୂଚନା ପଟ୍ଟିକା ଓ ନିରୀକ୍ଷଣ ବ୍ୟବସ୍ଥା ଅତ୍ୟାବଶ୍ୟକ। ନହେଲେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

## ହନୁମାନ ଗୋସେଇଁଙ୍କ ବାର୍ଷିକ ଉତ୍ସବ

**ବିଞ୍ଝାରପୁର, ୨୫।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମର ଚୌଧୁରୀ ପଡ଼ିଆ ସ୍ଥିତ ହନୁମାନ ଗୋସେଇଁଙ୍କ ୧୦ମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶନିବାର ପ୍ରାତଃକାଳରୁ ପଣ୍ଡିତ ନରେନ୍ଦ୍ର ପଣ୍ଡା ଓ ସହଯୋଗୀମାନଙ୍କ ଦ୍ୱାରା ହନୁମାନ ଗୋସେଇଁଙ୍କର ମହାସ୍ନାନ, ବିଧିମୁତାବକ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଅରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚୌଧୁରୀ ପଡ଼ିଆର ଗ୍ରାମବାସୀଙ୍କ ପକ୍ଷରୁ ଦେବାନନ୍ଦ ପରିଡ଼ା, ସତ୍ୟରଞ୍ଜନ ମଲ୍ଲିକ, ରେବତୀ ମଲ୍ଲିକ, ଧନେଶ୍ୱର ମଲ୍ଲିକ, ପ୍ରଦୀପ, ମନୋରଞ୍ଜନ, ଭଗବାନ ଓ ବିମଳ କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବତୀଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଦିଲ୍ଲୀରେ ବିକ୍ରି ଘଟଣା

# ଉଦ୍ଧାର ପାଇଁ ଦିଲ୍ଲୀ ଅଭିମୁଖେ ଗଲା ସ୍ୱତନ୍ତ୍ର ପୁଲିସ ଟିମ୍

**ରାଇରଙ୍ଗପୁର/ଗୋରୁମହିଷାଣୀ, ୨୫।୪ (ସମିସ)**



ଚାକିରି ଅନ୍ୱେଷଣ କରୁଥିବା ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରେ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଦଲାଲ ଯୁବତୀଙ୍କୁ ବିକ୍ରି କରିଦେଇଛି। ଉକ୍ତ ଘଟଣାରେ ୩ ଜଣ ଯୁବତୀଙ୍କୁ ଉଦ୍ଧାର ନିମନ୍ତେ ସ୍ୱତନ୍ତ୍ର ପୁଲିସ ଟିମ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ୫ ବର୍ଷ ପୂର୍ବେ ହଜିଯାଇଥିବା ଝିଅ ଘରକୁ ଫେରିବା ଆଶା ଉଜ୍ଜୀବିତ ହୋଇଛି। ଏ ନେଇ ପରିବାର ଲୋକେ ଗୋରୁମହିଷାଣୀ ଥାନାରେ ଅଭିଯୋଗ କରିଥିଲେ। ଏଥିସହିତ ଗଣମାଧ୍ୟମରେ ଖବର ପ୍ରସାରଣ ସହ ଉଦ୍ଧାର ନିମନ୍ତେ ଭଞ୍ଜସେନା ପକ୍ଷରୁ ଦାବି ହୋଇଥିଲା। ଯାହାକୁ ନେଇ ଗୋରୁମହିଷାଣୀ ଥାନା ଏଏସଆଇ ବିକାଶ ରଞ୍ଜନ ନାୟକ ଓ ଶକୁନ୍ତଳା ସିଂଙ୍କ ସମେତ ଯୁବତୀଙ୍କ ବାପା ପାବେ ହାଁସଦା ଓ ମାଆ ଜେସାଇଁ ହାଁସଦା ଦିଲ୍ଲୀ ଯାତ୍ରା କରିଛନ୍ତି। ଯୁବତୀଙ୍କୁ ଉଦ୍ଧାର ନିମନ୍ତେ ଜିଲ୍ଲା ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ତେବେ ଉଦ୍ଧାର ନିମନ୍ତେ ଦିଲ୍ଲୀ ପୁଲିସ ସହ ଯୋଗାଯୋଗ କରାଯାଇଛି।

ଶନିବାର ରାତିରେ ଟାଟା ନଗର ରେଳ ଷ୍ଟେସନରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି ପୁଲିସ ଟିମ୍। ଦୀର୍ଘ ୫ ବର୍ଷ ପରେ ହଜିଯାଇଥିବା ଝିଅ ଘରକୁ ଫେରାଇ ଆଣିବା ନେଇ ହାତରେ ଝିଅର ଫଟୋ ଧରି ଆଖିରେ ଅସୁମାରୀ ଲୁହ ଓ ମନରେ ଅନେକ ବ୍ୟାକୁଳତା ନେଇ ବାପା ଓ ମାଆ ଦିଲ୍ଲୀ ଅଭିମୁଖେ ଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ କୁକୁଡ଼ିମୁଣ୍ଡି ଗ୍ରାମର ଜାସାଇ ହାଁସଦାଙ୍କ ଝିଅ ସିନଗୋ ହାଁସଦା ୫ ବର୍ଷ ତଳେ ଏକ ଅଜଣା ମହିଳା ଦଲାଲ ଜଣକ ତାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଝାଡ଼ଖଣ୍ଡ ନେଇଥିଲେ। ଏହାପରେ ତାଙ୍କୁ ଦିଲ୍ଲୀରେ ବିକ୍ରି କରି ଦେଇଥିଲେ। ତାଙ୍କ ସହିତ ଅନ୍ୟ ଦୁଇ ଭଉଣୀ ଥିବାବେଳେ ତାଙ୍କର ମଧ୍ୟ କୋଣସି ଖୋଜ ଖବର ମିଳୁନାହିଁ। ୫ ବର୍ଷ ପରେ ଝିଅଟି ପରିବାର ଲୋକଙ୍କୁ ଫୋନ କରି ଘଟଣା ବାବଦରେ ଜଣାଇଥିଲେ ସୁଦ୍ଧା ଝିଅକୁ ଆଣିବା ପାଇଁ ପରିବାର ଲୋକଙ୍କ ପାଖରେ ଟଙ୍କା ଅଭାବରୁ ସେମାନେ ଅସମର୍ଥ ଥିଲେ। ତେବେ ସହାୟତା ମିଳିବା ପରେ ଝିଅକୁ ଫେରାଇ ଆଣିବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରୁ ଉଦ୍ଧାର କରି ଆଣିବା ପାଇଁ ଭଞ୍ଜସେନା ପକ୍ଷରୁ ଦାବି କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାରେ ରୋଜଗାର ପନ୍ଥା ନଥିବାରୁ ଆଦିବାସୀ ଯୁବତୀ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ଯାଇ ଦଲାଲ ଦ୍ୱାରା ବିକ୍ରି ହୋଇଛନ୍ତି। ଭଞ୍ଜସେନାର ପକ୍ଷରୁ ଯୁବତୀଙ୍କ ପରିବାର ଲୋକେ ଝିଅକୁ ଆଣିବାକୁ ଦିଲ୍ଲୀ ଯିବା ସକାଶେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଦିଲ୍ଲୀ ଯିବା ଆସିବା ପାଇଁ ଟ୍ରେନ୍ ଟିକଟ ବ୍ୟବସ୍ଥା ମଧ୍ୟ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାକୁ ଫେରାଇ ଆଣିବା ନେଇ ସମସ୍ତ ଖର୍ଚ୍ଚ ସଂଗଠନ ବହନ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଉଦ୍ଧାର କାର୍ଯ୍ୟ ନିମନ୍ତେ ବାରମ୍ବାର ଦାବି ହେବା ପରେ ଟିମ ଦିଲ୍ଲୀ ଗସ୍ତ କରିଛନ୍ତି।

# 'ପୁରାତନ ଓ ନୂତନ ଆୟକର ନିୟମର ତୁଳନାତ୍ମକ ଦିଗ' ଆଲୋଚନାଚକ୍ର



**ବାରିପଦା, ୨୫।୪(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ 'ପୁରାତନ (୧୯୬୧) ଓ ନୂତନ (୨୦୨୫) ଆୟକର ନିୟମର ତୁଳନାତ୍ମକ ଦିଗ' ସମ୍ପର୍କିତ ବିଭାଗୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ସୀମାନ୍ତ ମହାବିଦ୍ୟାଳୟ, ଝାରପୋଖରିଆ ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଗଣେଶ୍ୱର ଭୋଇ ବିଶେଷଜ୍ଞ ଭାବେ ଯୋଗଦେଇ ଆୟକର ନିୟମର ଉଭୟ ପୁରାତନ ଓ ନୂତନ ନିୟମ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆୟକରଦାତା ନିଜ ଆୟକୁ ସଠିକ୍ ଦିଗରେ ବିନିଯୋଗ ସହିତ କେଉଁ ନିୟମକୁ ଅନୁସରଣ କରି ଅତ୍ୟଧିକ ଆୟକର ଦେୟରୁ ବର୍ତ୍ତିପାରିବେ, ସେ ସମ୍ପର୍କରେ ତଥ୍ୟଭିତ୍ତିକ ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ଯାହା ମୁଖ୍ୟତଃ ଅଧ୍ୟାପକ-ଅଧ୍ୟାପିକାଙ୍କ ପାଇଁ ବେଶ୍ ଉପାଦେୟ ହୋଇଥିଲା। ଦେଶ ଗଠନରେ ଆୟକରଦାତାଙ୍କ ଆୟକର ଦେୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଯାହା ଦେଶର ବିକାଶରେ ବିନିଯୋଗ ହୋଇଥାଏ। ତେଣୁ ଆୟକର ନିୟମ ସମ୍ପର୍କରେ ପ୍ରତ୍ୟେକ ଆୟକରଦାତା ଓ ଛାତ୍ରୀ ଆୟକର ନିୟମ ସମ୍ପର୍କରେ ସଚେତନ ହେବା ଜରୁରୀ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂହ କହିଥିଲେ। ବିଭାଗର ଅଧ୍ୟାପିକା ତରନୁମ ନିଗର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଶ୍ରୀମତୀ ରୋଜି କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ତପସ୍ୱିନୀ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭାଗର ୭ ଜଣ ଛାତ୍ରୀ ଅମ୍ବିକା ମହାନ୍ତ, ଲକ୍ଷ୍ମୀପ୍ରିୟା ସିଂହ, ସୋନାଲି ମହାପାତ୍ର, ଶୁଭସ୍ମିତା ସି, କାଜଲରାଣୀ ମଣ୍ଡଳ, ଦେବସ୍ମିତା ତିରିଆ, ସାବିତ୍ରୀ ବିନ୍ଧାଣୀ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଆୟକର ସମ୍ପର୍କିତ ବିଭିନ୍ନ ନିୟମର ବ୍ୟବହାର ସମ୍ପର୍କରେ ପ୍ରଶ୍ନ ପଚାରି ନିଜ ନିଜ ସଂଶୟ ଦୂର କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବଡ଼ସାହିରେ ଜାତୀୟ ପଞ୍ଚାୟତିରାଜ ଦିବସ



**ବଡ଼ସାହି, ୨୫।୪(ସମିସ):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବଡ଼ସାହି ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ମିନତୀ ସିଂ, ଭାଇସ ଚେୟାରମ୍ୟାନ କାଞ୍ଚନ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାଉତ ଏହି ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବିଜୁଳି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରୀକରଣ ହେତୁ ଏହାର ଉପକାରିତା ଉପଲବ୍ଧି ଉପରେ ବକ୍ତବ୍ୟ ରଖିବା ସହିତ ଗାଁ ବିକଶିତ ହେଲେ କିପରି ଓଡ଼ିଶା ବିକଶିତ ହେବ ଓ ବିକଶିତ ଭାରତ ୨୦୪୭ର ପରିକଳ୍ପନା ବାସ୍ତବତାରେ ପରିଣତ ହୋଇପାରିବ ତାର ବିଭିନ୍ନ ଦିଗ ଉପସ୍ଥାପନ କରିଥିଲେ। ଏ ଅବସରରେ ବ୍ଲକ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଟେଲରିଂରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦେଉଳିଆର ସୂର୍ଯ୍ୟାସ୍ୱାତା ଗ୍ରୁପ ଓ ମାଛଚାଷ ପାଇଁ ବଳଭଦ୍ରପୁର ପଞ୍ଚାୟତର ହରଗୌରୀ, ବଡସାହିର ସତ୍ୟସାଇ ଓ ତାଳପଦାର ମା' ମଙ୍ଗଳା ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ନିର୍ବାହୀଯନ୍ତ୍ରୀ ଭୀମଚରଣ ଟୁଡୁ ଓ ଦଶରଥ ମହାନ୍ତି, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ବିପିସି ଶୁଭଜିତ ଦତ୍ତ ଓ ଓଏଲଏମ ଯୋଗେଶ ପରିଡ଼ା ପରିଚାଳନା କରିଥିଲେ। ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣଗାଁରେ ବିଶ୍ୱ ମେଲେରିଆ ଦିବସ

# ମେଲେରିଆ ନିର୍ମୂଳ ପାଇଁ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱ




**ବାରିପଦା, ୨୫।୪(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ସହଯୋଗରେ ଶନିବାର ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବ୍ରାହ୍ମଣଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମେଲେରିଆ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମ୍ୟାଲେରିଆ ଟେକ୍ନିକାଲ ସୁପରଭାଇଜର ବିଦ୍ୟାନ୍ତ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡ ଗୁଣନିଧି ଧଙ୍ଗଡ଼ାମାଝୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ରାହ୍ମଣଗାଁ ପିଏଚସିର ମେଡିକାଲ ଅଫିସର ଡା. ଦିଲ୍ଲୀପ କୁମାର ପୂର୍ତ୍ତି, ଆୟୁଷ ମେଡିକାଲ ଅଫିସର ଡା ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମମତା ରାଉତ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ୱାର୍ଡ ମେମ୍ବରଙ୍କୁ ମଶାଙ୍କ କବଳରୁ କିଭଳି ନିଜକୁ ଓ ସମାଜକୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡା. ଦିଲ୍ଲୀପ ପୂର୍ତ୍ତି ମେଲେରିଆ ନିୟନ୍ତ୍ରଣ ପାଇଁ ପରୀକ୍ଷା, ଚିକିତ୍ସା ଓ ଟ୍ରାକିଂକୁ ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

ଡା ଗୁଣନିଧି ଧଙ୍ଗଡ଼ାମାଝୀ ଅଲକ୍ଷ୍ୟରେ ରହିଯାଉଥିବା ବା ଲକ୍ଷଣହୀନ ମେଲେରିଆର ଗୁରୁତ୍ୱ, ଏହାର ନିଦାନ ଓ ସଂକ୍ରମିତ ବ୍ୟକ୍ତିମାନେ ସମ୍ପୂର୍ଣ୍ଣ ଚିକିତ୍ସା କ୍ରମ ଗ୍ରହଣ କରିବା କେତେ ଜରୁରୀ, ସେ ବିଷୟରେ ଆଲୋକପାତ କରିଥିଲେ। ସେ ଅନ୍ୟାନ୍ୟ ଆହ୍ୱାନ ବିଷୟରେ ଆଲୋଚନା କରିବା ସହିତ ଏହି ଅଞ୍ଚଳରେ ଔଷଧର ପ୍ରଭାବଶାଳୀତା ଅନୁଧ୍ୟାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବ ଅପେକ୍ଷା ବର୍ତ୍ତମାନ ସମୟ କାହିଁକି ମେଲେରିଆ ନିୟନ୍ତ୍ରଣ ପାଇଁ ସବୁଠାରୁ ଉପଯୁକ୍ତ, ଆମ ପାଖରେ ଥିବା ଦକ୍ଷତା ଓ ସମ୍ବଳ ସାହାଯ୍ୟରେ ସାମୂହିକ ପ୍ରୟାସରେ ଆମେ ଏହି ରୋଗକୁ ସମ୍ପୂର୍ଣ୍ଣ ଭାବେ ହଟାଇ ପାରିବା, ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ବୁଝାଇଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମୌସୁମୀ କର, ବ୍ରାହ୍ମଣଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟ କର୍ମଚାରୀ, ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ, ଡ. ଧଙ୍ଗଡ଼ାମାଝୀଙ୍କ ଲ୍ୟାବର ଗବେଷକ ଛାତ୍ରଛାତ୍ରୀ, ସ୍ଥାନୀୟ ଅଧିବାସୀ, ଜନପ୍ରତିନିଧି, ଆଶା ଓ ଅଙ୍ଗନବାଡ଼ି ଦିଦି ଅଂଶଗ୍ରହଣ କରିଥିଲେ। ଗବେଷକ ମୀନକେତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହଳଦିଆ ବନ୍ଧରେ ବୁଡ଼ି ଜଣେ ମୃତ

**ବାରିପଦା/କୁଲିଅଣା, ୨୫।୪(ସମିସ):** ଚାନ୍ଦୁଆ ଥାନା ଅନ୍ତର୍ଗତ ହଳଦିଆ ବନ୍ଧରେ ବୁଡି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ରଙ୍ଗିବେଡ଼ା ଗ୍ରାମର ହରିଆ ଭକ୍ତା (୫୮)। ଶୁକ୍ରବାର ଅପରାହ୍ନରେ ସେ ବନ୍ଧକୁ ମାଛ ଧରିବା ପାଇଁ ଯାଇ ଫେରି ନ ଥିଲେ। ପରିବାର ଲୋକ ଖୋଜା ଖୋଜି ପରେ ପାଇ ନ ଥିଲେ। ଶନିବାର ସକାଳୁ ଗ୍ରାମବାସୀ ତାଙ୍କ ମୃତଦେହ ଭାସୁଥିବା ଦେଖି ଚାନ୍ଦୁଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଓ ଚାନ୍ଦୁଆ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଚାନ୍ଦୁଆ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନାବାଳିକା ଅପହରଣ ଅଭିଯୋଗ

**ବଡ଼ସାହି, ୨୫।୪(ସମିସ ):** ବଡ଼ସାହି ଥାନା ଅଧୀନ ବିରେଶ୍ୱରପୁର ପଞ୍ଚାୟତ ଆମ୍ବଡାଳି ଗ୍ରାମର ମାମୁଁ ଘରକୁ ବୁଲି ଆସିଥିବା ବରହମପୁର ଥାନା ଅଧୀନ ଭଣ୍ଡଗାଁ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ମାଆ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବେଆଇନ ମାଟି ଖନନ ଉପରେ ପ୍ରଶାସନର ଚଢ଼ଉ

## ୬ ଡମ୍ଫର ସହ ଜେସିବି ଜବତ

**ରାସଗୋବିନ୍ଦପୁର, ୨୫।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ତହସିଲ ଅଞ୍ଚଳରେ ବେଆଇନ ଭାବେ ମାଟି ଉତ୍ତୋଳନ କରି ପଡ଼ୋଶୀ ଜିଲ୍ଲା ଓ ରାଜ୍ୟକୁ ଚାଲାଣ ହେଉଥିବା ଘଟଣା ପୁଣିଥରେ ସାମ୍ନାକୁ ଆସିଛି। ପଡ଼ୋଶୀ ଜିଲ୍ଲାରେ ସରକାରୀ କାମ ପାଇଁ ଏଆରଏସଏସ ନାମକ କମ୍ପାନୀ ରାସଗୋବିନ୍ଦପୁର ତହସିଲ ଅଞ୍ଚଳର ୮ଟି ସ୍ଥାନରୁ ମାଟି ଖନନ ପାଇଁ ମାଇନିଂ ବିଭାଗରୁ ଅନୁମତି ନେଇଥିଲା। ସେହି କମ୍ପାନୀ ଅନୁମୋଦିତ



ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରୁ ବେଆଇନ ଭାବେ ମାଟି ଖନନ କରୁଥିଲା। ଏହାକୁ ନେଇ ପୂର୍ବରୁ ମଧ୍ୟ ପ୍ରଶାସନ ଚଢ଼ଉ କରି ଡମ୍ଫର ଓ ଜେସିବି ଜବତ କରିଥିଲା। ତଥାପି ବେଆଇନ କାମ ରୋକାଯାଇ ନ ଥିବାରୁ ପ୍ରଶାସନ ଆଉଏକ ପଦକ୍ଷେପ ନେଇଥିଲା। ଗତକାଲି ଅପରାହ୍ନ ପ୍ରାୟ ୩ଟା ସମୟରେ ପ୍ରଶାସନ ଚତୁରତାର ସହ ଏକ ବେସରକାରୀ ଗାଡ଼ିରେ ପୁଣିଥରେ ପାଟ୍ରୋଲିଂ କରିଥିଲା। ଏହି ସମୟରେ କୁଶଡିହା ନିକଟରେ ଥିବା ଏକ ବେସରକାରୀ ଜମିରୁ ବେଆଇନ ଭାବେ ମାଟି ଉତ୍ତୋଳନ ହେଉଥିବା ଦେଖି ପ୍ରଶାସନ ଚଢ଼ଉ କରି ୬ଟି ଡମ୍ଫର ସହିତ ଗୋଟିଏ ଜେସିବିକୁ ଜବତ କରିଥିଲା। ଏହି ଚଢ଼ଉରେ ମାଇନିଂ ଅଫିସର ଭବାନୀ ପାତ୍ର, ତହସିଲଦାର ଉପେନ୍ଦ୍ର ଦାସ, ରାସଗୋବିନ୍ଦପୁର ପୁଲିସ କର୍ମଚାରୀ ସାମିଲ ଥିଲେ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

**ବଡ଼ସାହି, ୨୫।୪(ସମିସ):** ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ତାଙ୍କ ମାଆ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ନାବାଳିକାଙ୍କ ଡାକ୍ତରୀମାଇନା କରିବା ସହିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି।

## ହୃଦ୍‌ଘାତରେ ଠାକୁରମୁଣ୍ଡା ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

**ଠାକୁରମୁଣ୍ଡା, ୨୫।୪(ସମିସ):** ଠାକୁରମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିଶ ଚନ୍ଦ୍ର ଗିରିଙ୍କ ୫୭ ବର୍ଷ ବୟସରେ ହୃଦଘାତରେ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଚାୟା ଖେଳିଯାଇଛି। ହରିଶ ଗିରି ଗୁରବାର ରାତିରେ ଠାକୁରମୁଣ୍ଡାରେ ଉଡ଼ା ପର୍ବ ଅବସରରେ ଚାଲିଥିବା ମେଳା ବୁଲି ଘରକୁ ଫେରିଥିଲେ। ଶୋଇ ଥିବାବେଳେ ଖଟରୁ ତଳକୁ ପଡ଼ିଯାଇଥିଲେ। ତାଙ୍କୁ ପରିବାର ଲୋକେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପରିବାର ଲୋକେ ଓ ଗ୍ରାମବାସୀଙ୍କ ଉପସ୍ଥିତରେ ଶେଷକୃତ୍ୟ କରାଯାଇଥିଲା। ସ୍ୱର୍ଗତ ହରିଶ ଗିରି ଠାକୁରମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସହ ଠାକୁରମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଥିଲେ। ଏଥିସହିତ ଠାକୁରମୁଣ୍ଡା ଲ୍ୟାମ୍ପସର ସଭାପତି ଭାବେ କାର୍ଯ୍ୟ ତୁଲାଇ ଥିଲେ। ସେ ବର୍ତ୍ତମାନ ଠାକୁରମୁଣ୍ଡା ଲ୍ୟାମ୍ପସର ନିର୍ଦ୍ଦେଶକ ଥିଲେ।

# ଇନୋଭାଟିଆ ୧.୦ ମେଡିକାଲ ପ୍ରଦର୍ଶନୀରେ କ୍ୱାଣ୍ଟମ ଏକାଡେମୀ ପ୍ରଥମ



**ବାରିପଦା, ୨୫।୪(ସମିସ):** ସ୍ଥାନୀୟ ପିଆରଏମ ମେଡିକାଲ କଲେଜରେ ଆୟୋଜିତ ପ୍ରଥମ ମେଡିକାଲ ପ୍ରଦର୍ଶନୀ ଇନୋଭାଟିଆ-୧.୦ରେ କ୍ୱାଣ୍ଟମ ଏକାଡେମୀ ଛାତ୍ରଛାତ୍ରୀ ପ୍ରଥମ ପୁରସ୍କାର ପାଇବାରେ ସକ୍ଷମ ହୋଇଛନ୍ତି। ଏକାଡେମିକ ସୋସାଇଟି ଓ ଷ୍ଟୁଡେଣ୍ଟସ ୟୁନିୟନ ଦ୍ୱାରା ଆୟୋଜିତ ବାର୍ଷିକ ଏକାଡେମିକ ପ୍ରଦର୍ଶନୀ ଦେଖିବା ପାଇଁ ବିଭିନ୍ନ ମହାବିଦ୍ୟାଳୟ ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେଠାରେ ହୋଇଥିବା ନିଟ ପରୀକ୍ଷା ଢାଞ୍ଚାରେ ଏକ ପରୀକ୍ଷା ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କ୍ୱାଣ୍ଟମ ଏକାଡେମୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଉତ୍କୃଷ୍ଟ ପ୍ରଦର୍ଶନ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିବା ସହ କ୍ୱାଣ୍ଟମ ଏକାଡେମୀକୁ ଶ୍ରେଷ୍ଠ ଏକାଡେମୀ ବର୍ଷ ୨୦୨୬-୨୭ର ସମ୍ମାନ ପ୍ରଦାନ କରାଯାଇଥିଲା। ଏକାଡେମୀର ନିର୍ଦ୍ଦେଶକ ଦୀପ୍ତିପ୍ରକାଶ ବସା, ଅନୁସୟା ବସା, ଜ୍ୟୋତିବିକାଶ ଗିରି ପ୍ରମୁଖ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଠିନ ପରିଶ୍ରମ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ସଫଳତାର ଶ୍ରେୟ ପରମେଶ୍ୱର ବେହେରା, ଅନୁରାଗ ଦାସ, ରାଜ ମଣ୍ଡଳ, ଯୋଗେଶ ନାୟକ, ଶୁଭାଶିଷ ବେହେରା, ପ୍ରମିତ ସେଠୀ, ମୁନୁ ମାର୍ଣ୍ଡି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦିଆଯାଇଛି।

## ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



**ରାଇରଙ୍ଗପୁର, ୨୫।୪(ସମିସ):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବହଳଦା ବ୍ଲକ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବହଳଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ଉନ୍ନତିରେ କେତେଟା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି, ତାହା ଉଲ୍ଲେଖ କରିଥିଲେ। ଏ ଅବସରରେ ବହଳଦା ବ୍ଲକ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ୨୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଉକ୍ତ ସଭାରେ ବିଭିନ୍ନ ଜନପ୍ରତିନିଧି, ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା, ସରପଞ୍ଚ, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ହିତାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ବାଲିଆପାଳରୁ ବିଜୟୱାଡ଼ା ରେଳପଥ ନିର୍ମାଣ ଦାବି

# କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର

**ବାରିପଦା, ୨୫।୪(ସମିସ)**



ଓଡ଼ିଶାର ବାଲିଆପାଳଠାରୁ ଭାୟା ବସ୍ତା, ହରିପୁର, ମେରଦା, ବେତନଟୀ, ବଡ଼ସାହି, ଉଦଳା, ଦଇତାରି, ବୌଦ୍ଧ, ସୁବର୍ଣ୍ଣପୁର (ସୋନପୁର), ଭବାନୀପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡୁ, ଟି ନରସାପୁରମ ଓ ଓନଜଭିଡ଼ ହୋଇ ଆନ୍ଧ୍ରର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ପାଇଁ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରେଲୱେ ବୋର୍ଡର ସାଧାରଣ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବି ମୁତାବକ ଓଡ଼ିଶାର ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସମେତ ବଙ୍ଗୋପସାଗର ସୀମା ପାଖକୁ ଲାଗି ଏକାଧିକ ରେଳ ଲାଇନ ଥିବାବେଳେ କେନ୍ଦ୍ରୀୟ ଓଡ଼ିଶାର ଦୂରଦୂର ପର୍ଯ୍ୟନ୍ତ ରେଳ ଲାଇନ୍ ନ ଥିବା ଦୁର୍ଭାଗ୍ୟଜନକ। କେନ୍ଦ୍ରୀୟ ଓଡ଼ିଶା ମଧ୍ୟଦେଇ ବାଲିଆପାଳ (ବଙ୍ଗୋପସାଗର ସମୁଦ୍ରକୂଳ) ଠାରୁ ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ା ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ କରାଗଲେ ଓଡ଼ିଶାର ମେଡ଼ିକାଲ କଲେଜ, ଆଇଆଇଟି ଭଳି ଅନୁଷ୍ଠାନ ପାଇଁ ସୁଯୋଗ ସୃଷ୍ଟି ହେବା ସହିତ ବନ୍ଦର, ବିମାନ ବନ୍ଦରର ସଂଯୋଗ ଓ ସାଧାରଣ ଜନତାଙ୍କ ଗମନାଗମନରେ ସୁବିଧା ଓ ପରିବହନ ମଧ୍ୟ ସୁଗମ ହେବ। ରେଳ ଲାଇନ ଯାଉଥିବା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ରୋଜଗାର, କୃଷି, ଶିଳ୍ପ, କୁଟୀର ଶିଳ୍ପର ବିକାଶ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର ନିଯୁକ୍ତି ସୃଷ୍ଟି ହୋଇପାରିବ। ସେହିଭଳି ଉପାନ୍ତ ଅଞ୍ଚଳ, ବିଚ୍ଛିନ୍ନାଞ୍ଚଳକୁ ରେଳ ଯୋଗାଯୋଗ ସମ୍ଭବ ହେବା ସହ ଗଞ୍ଜେଇ ଚାଷ, ମାଓ ନକ୍ସଲ ଦମନ ଇତ୍ୟାଦି ସମ୍ଭବ ହୋଇପାରିବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ସଭାପତି ପୂର୍ବତନ ବିଧାୟକ ସୋରେନ, ଉପସଭାପତି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ପାଦକ କମଳଲୋଚନ ବେହେରା, ସହସମ୍ପାଦକ ଶଶୀଧର ସ୍ୱାଇଁ ଓ ଆବାହକ ଜୟ କିଶାନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରେ କପ୍ତିପଦା ଉପଖଣ୍ଡ ପାଇଁ ଉଦଳାରେ ଜନଶୁଣାଣି ଶିବିର

**ଉଦଳା, ୨୫।୪(ସମିସ):** ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସ ଚତୁର୍ଥ ସୋମବାର ୨୭ ତାରିଖ ଦିନ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି ଶିବିର ସକାଳ ୭ଟାରୁ ଦିବା ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ଉପଖଣ୍ଡ ଓ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଣାଣି କରାଯିବ। ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନୀତି, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚ ଦରଖାସ୍ତକୁ ପଞ୍ଜିକୃତ କରାଇବାକୁ ଅନୁରୋଧ କରାଯାଇଛି।

# କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠା ଉଦ୍‌ଘାଟିତ

## ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଅପେକ୍ଷାର ଅନ୍ତ

ଦେବଗଡ଼,୨୫।୪(ସମିସ)

ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠା ଆଜି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ, ନୂଆଦିଲ୍ଲୀ ଯୁଗ୍ମ ସଚିବ ସୋମିତ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ୩୧ କୋଟି ୪୦ ଲକ୍ଷ ୮ ହଜାର ଟଙ୍କାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରାଯାଇଛି।



ଏଥିରେ ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସ୍ ରୁମ ଏବଂ କମ୍ପ୍ୟୁଟର ଲ୍ୟାବ ସହିତ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିର ମୂଳଲକ୍ଷ୍ୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ସର୍ବାଙ୍ଗୀନ ବିକାଶ କରିବାର ଲକ୍ଷ୍ୟ ରହିଥିବାବେଳେ ଏହି କୋଠା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଚଳିତବର୍ଷ ଠାରୁ ନୂତନ କୋଠାରେ ପାଠ ପଢ଼ା ଆରମ୍ଭ ହୋଇଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଟି ସେକ୍ସନରେ ଶିକ୍ଷାଦାନ ପାଇଁ ଶ୍ରୀ ପ୍ରଧାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ଉନ୍ନତ ମାନର ଖେଳ ପଡ଼ିଆ ନିର୍ମାଣ ଉପରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଭୁବନେଶ୍ୱର ଡେପୁଟି କମିଶନର ଏସ୍.ଏସ୍. ଚୌହାନ, ଭୁବନେଶ୍ୱର ଯୁଗ୍ମ ସଚିବ ବିର୍ବଲ ଧିନବା, ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

୨୦୧୦ରୁ ଦେବଗଡରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପାଠ ପଢ଼ା ହୋଇ ଆସୁଥିଲା। ୨୦୨୪ ମସିହାରେ ନୂତନ କୋଠା ନିର୍ମାଣ ପାଇଁ ନୂଆଁ ବାଲିରୋଇ ଠାରେ ୧୦ ଏକର ଜମି ଚିହ୍ନଟ କରାଯାଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ୬ ଦିନରେ ପହଞ୍ଚିଲା ପୂର୍ବତନ ଶ୍ରମିକଙ୍କ ଆମରଣ ଅନଶନ



ଝାରସୁଗୁଡ଼ା,୨୫।୪(ସମିସ): ବ୍ରଜରାଜନଗରସ୍ଥିତ ଲଜକୁରା କୋଇଲା ଖଣି ଅଞ୍ଚଳର ପୂର୍ବତନ ଶ୍ରମିକ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୂଆ ଠିକାଦାର ସେମାନଙ୍କୁ କାମରେ ନିୟୋଜିତ କରୁ ନ ଥିବା ଏବଂ ଅନ୍ୟାନ୍ୟ ସମସ୍ୟାର ପ୍ରତିବାଦରେ ଆମରଣ ଅନସନ ଜାରି ରହିଛି। ସୂଚନା ଅନୁଯାୟୀ, ଏକ ପ୍ରୋଜେକ୍ଟରେ ଅନେକ ଶ୍ରମିକ ଦୀର୍ଘଦିନ ଧରି ସୁପରଭାଇଜର ଓ ହେଲ୍‌ପର, ଡ୍ରାଇଭର ଭାବେ କାମ କରିଆସୁଥିଲେ। ତେବେ ଉକ୍ତ କମ୍ପାନୀର ଟେଣ୍ଡର ଅବଧି ଶେଷ ହେବାପରେ ଆଉ ଏକ କମ୍ପାନୀ ଏହି କାର୍ଯ୍ୟଭାର ଗ୍ରହଣ କରିଥିଲା। ପରେ ଏହାକୁ ଏକ ପେଟି କଣ୍ଟ୍ରାକ୍ଟ (ଛୋଟ ଚୁକ୍ତି) ଭିତ୍ତିରେ ହସ୍ତାନ୍ତର କରିଥିଲା। କିନ୍ତୁ ନୂତନ ଠିକାଦାର ପୁରୁଣା ଏବଂ ଅଭିଜ୍ଞ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରୁନଥିବା ନେଇ ଅଭିଯୋଗ ହେଉଛି। ଗତ ୬ ମାସ ଧରି ପୂର୍ବତନ ଶ୍ରମିକମାନେ ନିଯୁକ୍ତି ପାଇଁ ବାରମ୍ବାର ପ୍ରୋଜେକ୍ଟ ଅଫିସର, ଜେନେରାଲ ମ୍ୟାନେଜର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଥିବା ବେଳେ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। କାମ ହରାଇଥିବା ଶ୍ରମିକମାନେ ଏବେ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ବେଳେ ସେମାନଙ୍କ ପରିବାର ମଧ୍ୟ ମାନସିକ ଚାପରେ ରହିଛନ୍ତି। ଏହି ମର୍ମରେ ପୂର୍ବତନ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ କରିଥିବାବେଳେ ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଡାକ୍ତର ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ସେ ଚିକିତ୍ସା ପାଇଁ ହସ୍ପିଟାଲ ଯିବାକୁ ମନା କରିଦେଇ ଥିଲେ।

# ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୫।୪(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସପ୍ତାହବ୍ୟାପୀ ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଶନିବାର ତାଳପଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ଗଡ଼ତିଆ ଅଧ୍ୟକ୍ଷତା କରି ବାଲ୍ୟବିବାହର କୁପ୍ରଭାବ ଓ ଏଥିପାଇଁ ଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ, ଝିଅର ବୟସ ୧୮ ବର୍ଷ ଓ ପୁଅର ବୟସ ୨୧ ବର୍ଷରୁ କମ୍ ଥିବା ସମୟରେ ବିବାହ କରାଇବା ଏକ ଅପରାଧ। ଏଥିସହ ମ୍ୟାଟ୍ରିକ୍ କିମ୍ବା +୨ ପରେ ପାଠ ଛାଡ଼ିଥିବା କିଶୋର କିଶୋରୀମାନେ କିପରି ଝାରସୁଗୁଡ଼ା ଓ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର, ଭୁବନେଶ୍ୱରରୁ ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିବେ, ସେ ବିଷୟରେ ପରାମର୍ଶ ଦେଇଥିଲେ। ସେହିପରି ସେଣ୍ଟର ଆଡମିନିଷ୍ଟ୍ରେଟର ମଧୁମିତା ବରାଳ ମହିଳା ଓ ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ହେଲ୍ପଲାଇନ୍ ନମ୍ବର ଯଥା- ୧୮୧, ୧୦୯୮ ଓ ୧୧୨ ସେବା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। "ଶକ୍ତି ସଦନ ଆଶ୍ରୟ ଗୃହ' ମାଧ୍ୟମରେ ଅସହାୟ ମହିଳାଙ୍କୁ ଆଶ୍ରୟ ଏବଂ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଥିବା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚୁଡାମଣି ପଣ୍ଡା ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ଏବଂ ଆର୍ଥିକଦୃଷ୍ଟିରୁ ଦୁର୍ବଳ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସ୍କଲାରସିପ୍ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଜୁବଲି ରାଣୀ



ପଟେଲ, ଝସକେତନ ସା, ସଞ୍ଜୟ ଭୋଇ ଓ ଶିବମ ପଟେଲ ସହଯୋଗ କରିଥିଲେ। ଯାଜ୍ଞସେନୀ ମହାନନ୍ଦ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

■ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ଓ ପରିବେଶ ପରିଚାଳନା ନେଇ ବୈଠକ

# ବନ୍ୟଜନ୍ତୁଙ୍କ ସମସ୍ୟା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା

ଝାରସୁଗୁଡ଼ା,୨୫।୪(ସମିସ): ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବିମାନବନ୍ଦର ପରିସରରେ ଏରୋଡ୍ରୋମ କମିଟି ଏବଂ ବିମାନବନ୍ଦର ପରିବେଶ ପରିଚାଳନା କମିଟିର ଏହି ମିଳିତ ବୈଠକ ସମ୍ପନ୍ନ ହୋଇଛି। ଏହି ବୈଠକରେ ବିମାନବନ୍ଦରର ସାମଗ୍ରୀକ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ବିଶେଷକରି ବିମାନ ଉଡ଼ାଣ ଏବଂ ଅବତରଣ ସମୟରେ ବନ୍ୟଜନ୍ତୁଙ୍କ ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ଆହ୍ୱାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ରହିଥିବା ଏହି ବନ୍ୟଜନ୍ତୁ ସମସ୍ୟାର ସମାଧାନ ପାଇଁ ବନ ବିଭାଗ ଓ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିମାନବନ୍ଦରର ଚତୁଃପାଶ୍ୱର୍ରେ ପରିବେଶ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ପକ୍ଷୀଙ୍କ ପ୍ରାଦୁର୍ଭାବ କମାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ବିମାନବନ୍ଦରକୁ ଅଧିକ ସୁରକ୍ଷିତ ଏବଂ ଯାତ୍ରୀ ଅନୁକୂଳ କରିବାପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ କାର୍ଯ୍ୟକରିବେ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ବିମାନବନ୍ଦର ନିର୍ଦ୍ଦେଶକଙ୍କ ସମେତ ପୁଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ଗ୍ରାମାଞ୍ଚଳର ବିକାଶ ଓ ମହିଳା ସଶକ୍ତୀକରଣ ସରକାରଙ୍କ ଲକ୍ଷ୍ୟ

ଝାରସୁଗୁଡ଼ା,୨୫।୪(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍‌ସିଏଲ ଅଡିଟୋରିୟମ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଆଜି ସମଗ୍ର ଦେଶରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ସମସ୍ତ ଗ୍ରାମାଞ୍ଚଳର ବିକାଶ ହେବାସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି କହିଛନ୍ତି। ଗାଁକୁ ସ୍ୱାୟତ୍ତତା ପ୍ରଦାନ ଦିଗରେ ଏହି ଦିନର ମହତ୍ୱ ରହିଛି। ଗାଁ ର ବିକାଶ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାହାକୁ ପୂରଣ କରିବା ପଥରେ ଆଗେଇ ଚାଲିଛନ୍ତି ବୋଲି ସମ୍ବୋଧନ କରି ସମଗ୍ର ଭାରତ ବର୍ଷ ଓ ଓଡିଶା ମାଟିର ବିକାଶ ଦିଗରେ ସମସ୍ତେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସରନା ଏବଂ ଝାରସୁଗୁଡା ବିଡିଓ ଅନୀଲ କୁମାର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱରଞ୍ଜନ ନାୟକ ସ୍ୱାଗତଭାଷଣ ପ୍ରଦାନ କରିବା ସହ ଜିଲ୍ଲାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ପ୍ରଶାସନ ସର୍ବଦା ତତ୍ପର ବୋଲି କହିଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଜିଏମ୍‌ଏସ୍ ପକ୍ଷରୁ ବିପଦ ମୂଲ୍ୟାଙ୍କନ କର୍ମଶାଳା

ଇବଥର୍ମାଲ,୨୫।୪(ସମିସ): ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି (ଡିଜିଏମଏସ୍) ପକ୍ଷରୁ ବିପଦ ମୂଲ୍ୟାଙ୍କନ ଆଧାରିତ ପ୍ରଭାବଶାଳୀ ସୁରକ୍ଷିତ କାର୍ଯ୍ୟପ୍ରଣାଳୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଡାଇରେକ୍ଟର ଅଫ୍ ମାଇନ୍ସ ସେଫ୍ଟି ନସିନା ବାଲ୍ ସୁବ୍ରମନ୍ୟମ, ଡେପୁଟି ଡାଇରେକ୍ଟର ଯୁଶିବ ଶଂକର ଯୋଗଦେଇ ଖଣି କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ଅଧିକାରୀଙ୍କ ସୁରକ୍ଷାକୁ ସର୍ବୋପରି ଗୁରୁତ୍ୱ ଦେଇ ଡିଜିଏମଏସ୍ ଦ୍ୱାରା ଆଧାରିତ ସୁରକ୍ଷା କାର୍ଯ୍ୟ ପ୍ରଣାଳୀ (ଏସୋପି) ପ୍ରସ୍ତୁତି ଉପରେ ନୂତନ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିୟମ ଆଧାରିତ ଉପଦେଶ ଖଣି ଅଞ୍ଚଳରେ ଦୁର୍ଘଟଣା ହ୍ରାସ୍ କରିବା ସହ କର୍ମଚାରୀଙ୍କ ଜୀବନର ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ର, ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର, ବସୁନ୍ଧରା କୋଇଲା କ୍ଷେତ୍ର, ମହାଲକ୍ଷ୍ମୀ କୋଇଲା କ୍ଷେତ୍ର, ଓରିଏଣ୍ଟ କୋଇଲା କ୍ଷେତ୍ର, ଏନ୍‌ଟିପିସି ଦର୍ଲିପାଲି ଅଧୀନ ଦୁଲଙ୍ଗା କୋଇଲା କ୍ଷେତ୍ର, ବେଦାନ୍ତ କମ୍ପାନୀ ପକ୍ଷରୁ ଜାମକାନୀ କୋଇଲା ପ୍ରୋଜେକ୍ଟ, ଏନଏଲସି ପକ୍ଷରୁ ତଲାବିରା ଓସିପି ୨ ଓ ୩ , ଓସିପିଏଲ ପକ୍ଷରୁ ମନୋହରପୁର କୋଇଲା କ୍ଷେତ୍ର ଅଧିକାରୀ ଯୋଗଦେଇ ନିୟମ ଅନୁସାରେ କିଭଳି ସୁରକ୍ଷା ବ୍ୟବସ୍ଥା ଖଣି କ୍ଷେତ୍ରରେ କରାଯାଉଛି ତାର ବିବରଣୀ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ, ବସୁନ୍ଧରା କୋଇଲା କ୍ଷେତ୍ର ମହାପ୍ରବନ୍ଧକ ବୁଛୁ ରେ‡ୀ, ମହାଲକ୍ଷ୍ମୀ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୀବ କୁମାର, ଓରିଏଣ୍ଟ କୋଇଲାକ୍ଷେତ୍ର ମହାପ୍ରବନ୍ଧକ ଅଜୟ ନାମଯୋଷୀ, ତରୁନ୍ ବେହେରା, ଏମସିଏଲ ମୁଖ୍ୟ କାର୍ଯ୍ୟାଳୟ ମହାପ୍ରବନ୍ଧକ ଏମ୍‌ଆଣ୍ଡଆର୍ ସୁନୀଲ କୁମାର ସର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଇଲାଖଣି ମାନଙ୍କରେ କାମ କରୁଥିବା ବହୁ ପଦାଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ଲଖନପୁର କୋଇଲାକ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ମୁଣ୍ଡି , ଏରିଆ ସିକ୍ୟୁରିଟି ଅଧିକାରୀ ନିରଞ୍ଜନ ପଟେଲ ସହଯୋଗ କରିଥିଲେ।




# 'ଗୋଳାବାରୁଦ କାରଖାନା ନୁହେଁ, କୃଷି ଓ ପର୍ଯ୍ୟଟନଭିତ୍ତିକ ଶିଳ୍ପ ଆବଶ୍ୟକ'

ଦେବଗଡ଼,୨୫।୪(ସମିସ): ଶିଳ୍ପ ବିହୀନ ଦେବଗଡ଼ ଜିଲ୍ଲାରେ ଏକ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ପ୍ରସ୍ତାବିତ ଏହି ଗୋଳାବାରୁଦ କାରଖାନା ପ୍ରତିଷ୍ଠାକୁ



ନେଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଆପତ୍ତି ଉଠାଇଛନ୍ତି। ଆଜି ସ୍ଥାନୀୟ ବଡ଼ବଗିଚା ପଡ଼ିଆଠାରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକ ଶ୍ରୀ ବିଶ୍ୱାଳ ଯୋଗଦେଇ ଉଦ୍‌ବୋଧନ ଦେବା ଅବସରରେ ଏହା କହିଥିଲେ। ଦେବଗଡ଼ ଜିଲ୍ଲାର ପରିବେଶ ଏକ ସୁସ୍ଥ ଏବଂ ଶାନ୍ତ ପରିବେଶ ହୋଇଥିବାରୁ କୌଣସି ଗୋଳା ବାରୁଦ କାରଖାନାରେ ଆବଶ୍ୟକତା ନାହିଁ। ବରଂ ଦେବଗଡ ଜିଲାରେ କୃଷି ଭିତ୍ତିକ ଓ ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ସ୍ଥାପନ ହେଲେ ଜିଲ୍ଲାବାସୀ ବେଶ ଉପକୃତ ହୋଇପାରିବେ। ତେବେ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ନଗର ଉନ୍ନୟନ ମନ୍ତ୍ରୀ ରବି ନାୟକ ତାଙ୍କର ଅଭିଭାଷଣ ଦେଇ ଦେବଗଡ ଜିଲ୍ଲାରେ ନିଶ୍ଚିତ ଭାବେ କୃଷି ଭିତ୍ତିକ ଓ ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେବାସହ ଅର୍ଥନୈତିକ ଅଭିବୃଦ୍ଧି ଦୃଷ୍ଟିରୁ ଗୋଳାବାରୁଦ କାରଖାନା ପ୍ରତିଷ୍ଠାର ମଧ୍ୟ ଆବଶ୍ୟକତା ରହିଥିବା ସପକ୍ଷରେ ଯୁକ୍ତି ବାଢିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଏହି ସଭାରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଲୋକସଭା ସଦସ୍ୟ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

# ଖରାରେ ଶ୍ରମିକ କାମ କରୁଥିବାରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତାଗିଦ୍

ଝାରସୁଗୁଡ଼ା,୨୫।୪(ସମିସ)

ଝାରସୁଗୁଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସ୍ୱତନ୍ତ୍ର ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି। ଆଜି କ୍ଷେତ୍ର ପରିଦର୍ଶନ ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କିଛି ସ୍ଥାନରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗ ଓ ଠିକାଦାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଟେଲିଫୋନ୍ ଯୋଗେ



କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାଙ୍କୁ ତୁରନ୍ତ ଚେତାବନୀ ଜାରି କରିବାକୁ ସେ କହିଛନ୍ତି। ସରକାରୀ ଗାଇଡଲାଇନ୍ ଉଲ୍ଲଂଘନ କରି ଯଦି କୌଣସି ଠିକାଦାର ଶ୍ରମିକଙ୍କୁ ଖରାରେ କାମ କରାନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ଝାରସୁଗୁଡ଼ାରେ ବର୍ତ୍ତମାନ ଜାରି ରହିଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ସେ ଶ୍ରମିକମାନଙ୍କୁ ସତର୍କ କରାଇବା ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ମଧ୍ୟାହ୍ନର ପିକ୍ ଆୱାର୍ ସମୟରେ ବାହାରେ କାମ ନକରି ଘର ଭିତରେ କିମ୍ବା ନିରାପଦ ସ୍ଥାନରେ ରହିବାକୁ ସେ ଅନୁରୋଧ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇଦିନ ପୂର୍ବରୁ ରେଳବାଇ ଓଭରବ୍ରିଜ୍ କାର୍ଯ୍ୟସ୍ଥଳରେ ନିୟମ ଉଲ୍ଲଂଘନ ଅଭିଯୋଗରେ ଶ୍ରମ ବିଭାଗ ଚଢ଼ାଉ କରି ନୋଟିସ୍ ଜାରି କରିଥିଲା। ଜିଲ୍ଲାପାଳଙ୍କ ଏହି ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ସମଗ୍ର ଜିଲ୍ଲାରେ ଶ୍ରମିକ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି।

# ୧୬ ଚକିଆ ଧକ୍କାରେ ଅଟୋ ଚୁର୍‌ମାର୍, ଚାଳକ ଆହତ



**ବଣାଇଁ, ୨୫।୪ (ସମିସ):** ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ଅଧୀନ ବଣାଇଁ ବାରକୋଟ ୧୪୩ ନମ୍ବର ଜାତୀୟ ରାଜପଥର ବିଜାକୁଳି ଗ୍ରାମ ନିକଟରେ ଶନିବାର ସକାଳେ ଏକ ୧୬ ଚକିଆ ଟ୍ରକ୍ ଧକ୍କାରେ ଅଟୋ ଚୁରମାର୍ ହୋଇଯାଇଛି। ସୂଚନା ଅନୁସାରେ ଟ୍ରକ୍‌ଟି ବାରକୋଟ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ଧକ୍କା ହୋଇଥିଲା। ଟ୍ରକ୍‌ର ବେଗ କମ୍ ଥିବାରୁ ଅଟୋ ଚାଳକ ଆହତ ହୋଇଥିଲେ ମଧ୍ୟ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ଅଟୋ ଚାଳକ ବଣାଇଁ ଥାନା କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅଧୀନ ଉପରପଡ଼ା ଗ୍ରାମର କ୍ଷୀରେଶର ପତି (୪୫) ବୋଲି ଜଣାପଡ଼ିଛି। ଖବର ପାଇ ଅଟୋ ଚାଳକଙ୍କ ପରିବାର ଲୋକେ ଓ ଟିକାୟତ ପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଅଟୋ ଚାଳକଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଉଭୟ ଗାଡ଼ିକୁ ଜବତ୍ କରିବା ସହ ଟ୍ରକ ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି।

# ବଣାଇଁରେ ଆଇନ ସଚେତନତା



**ବଣାଇଁ, ୨୫।୪ (ସମିସ):** ବଣାଇଁ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ୍ ଆଶୁତୋଷ ଦାଶଙ୍କ ତତ୍ତ୍ୱାବଧାନରେ ବଣାଇଁ ସିଭିଲ କୋର୍ଟ ପରିସରରେ ଥିବା ସଭାଗୃହରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ମନୁଷ୍ୟ ଓ ବନ୍ୟଜନ୍ତୁ ଲଢେଇର ଅବସାନ, ଯୌନ ଉତ୍ପୀଡ଼ନ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସବ୍‌ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ୍ ଅଭିନନ୍ଦନ ନନ୍ଦ, ଜେଏମ୍‌ଏଫ୍‌ସି କୋଇଡା ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ, ଶିଶୁ ବିକାଶ ସୁପରଭାଇଜର ଅରୁଣା ବାଳା ମିଶ୍ର, ରିଟେନର ମାନସ ରଞ୍ଜନ ପତି, ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ, ଧୀରୋଜ କୁମାର ସାହୁ, ଝାଡେଶ୍ୱର ବେହେରା, ପ୍ରଭାତ କୁମାର ସାହୁ, ତହସିଲଦାର ପାତ୍ର, ଅର୍ଜୁନ କୁମାର ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନବ ବିବାହିତାଙ୍କ ଆତ୍ମହତ୍ୟା

**କୋଇଡା, ୨୫।୪ (ସମିସ):** କୋଇଡ଼ା ବ୍ଲକ କେବଲାଙ୍ଗ ଥାନା ଅଧୀନ ହାତୀକୁଚା ଗ୍ରାମର ବିର୍ଜୁ ଲୁହୁରା ଗତ ଦୁଇ ମାସ ତଳେ କୋଇଡା ପଞ୍ଚାୟତ ତେହେରେଇ ଗ୍ରାମର ଡୁଗୀ ମୁଣ୍ଡା (୧୭)କୁ ନେଇଆସି ବିବାହ କରିଥିଲେ। ତାଙ୍କ ମଧ୍ୟରେ କିଛି କଥାକୁ ନେଇ ଝଗଡ଼ା ଲାଗି ରହୁଥିଲା। ଏମିତିକି ଏହା ପୂର୍ବରୁ ମଧ୍ୟ ଡୁଗୀ ଦୁଇଥର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ; ହେଲେ ପରିବାର ଲୋକ ବଞ୍ଚାଇଥିଲେ। ଗତକାଲି ବିର୍ଜୁ ନିକଟସ୍ଥ ନାଳ ନିକଟକୁ ଶୌଚ ଯାଇଥିବା ବେଳେ ସୁଯୋଗ ପାଇ ଡୁଗୀ ଘରପାଖ ଥିବା ଗଛରେ ନିଜ ଚୁନି ସାହାଯ୍ୟରେ ଝୁଲି ପଡ଼ି ଆତ୍ମହତ୍ୟା କରିଥିଲେ। ଶୌଚରୁ ଫେରି ସ୍ୱାମୀ ବିର୍ଜୁ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଡୁଗୀ ମୁଣ୍ଡାଙ୍କ ବାପା ମାଆଙ୍କୁ ଖବର ଦେଇଥିଲେ। ବାପାଙ୍କ ଏତଲା କ୍ରମେ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

# ରାଧାକୃଷ୍ଣ ଗୋପାଳ ସମାଜର ପଞ୍ଚମ ବାର୍ଷିକ ଉତ୍ସବ



**କୋଇଡ଼ା, ୨୫।୪ (ସମିସ):** କୋଇଡ଼ାର ରାଧାକୃଷ୍ଣ ଗୋପାଳ ସମାଜ ପକ୍ଷରୁ ପଞ୍ଚମ ବାର୍ଷିକ ଉତ୍ସବ ଓ ପବିତ୍ର ଗୀତାଯଜ୍ଞ ତେହେରେଇ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପବିତ୍ର ଗୀତା ପାଠ, ଯଜ୍ଞ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବଣାଇଁ ରାଜା ସାହେବ ବୀରକେଶରୀ ଇନ୍ଦ୍ର ଦେବ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଚତୃଭୂଜ ନନ୍ଦ, ଗୋପାଳ ସମାଜ ସଭାପତି ମିତ୍ରଭାନୁ ମହାକୁଡ, ସମ୍ପାଦକ ଡ. ବାଦଲ ବାରିକ, ସମାଜସେବୀ ଦଶରଥ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ରାଧାକୃଷ୍ଣ ଗୋପାଳ ସମାଜ, କୋଇଡାର ସଭାପତି ମିତ୍ରଭାନୁ ପଲେଇ, ସମ୍ପାଦକ ବାଞ୍ଛାନିଧି ଘଣା, କୋଷାଧ୍ୟକ୍ଷ ଆନନ୍ଦ ବାରିକ୍, ଉପସଭାପତି ମୋହନ ମହାକୁଡ, ଅନାଦି ପଲେଇ, ଲକ୍ଷ୍ମଣ ମହାକୁଡ଼, ଅର୍ଜୁନ ଆପଟ, ଚରଣ ବେହେରା, ଗୟା ବାରିକ, କପିଳାସ ପଲେଇ, ପାତୁ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

## ସାଧୁ ବେଶରେ ମହିଳାଙ୍କଠାରୁ ଲୁଟିଲେ ଟଙ୍କା ଓ ଅଳଙ୍କାର

# ୫ ଗିରଫ; ୩୬ ହଜାର ଟଙ୍କା, ରଙ୍ଗ ପଥର, ତାବିଜ୍ ଜବତ

**ରାଉରକେଲା, ୨୫।୪(ସମିସ)**

ପୁଣି ସାଧୁ ବେଶରେ ଲୁଟ୍। ଗତ କିଛିଦିନ ପୂର୍ବେ ରାଉରକେଲାର ବାସନ୍ତୀ କଲୋନୀରେ ଜଣେ ମହିଳାଙ୍କଠାରୁ ୨ ଜଣ ଦୁର୍ବୃତ୍ତ ସାଧୁ ବେଶରେ ସୁନା ଅଳଙ୍କାର ଲୁଟ୍ ନେଇଥିଲାବେଳେ ଏବେ ପୁଣି ସମାନ ଖବର ଆସିଛି ସୁନ୍ଦରଗଡ଼ ଜିଲ୍ଲାର ଲଙ୍କାହୁଡା ଗାଁରୁ। ସଦର ଥାନା ଅଧୀନ ଲଙ୍କାହୁଡା ଗାଁରେ ଗୋବର୍ଦ୍ଧନ ଓରାମ ଏବଂ ତାଙ୍କପତ୍ନୀ ସୁମିତ୍ରାଙ୍କୁ ଗ୍ରହ ଖରାପ ରହିଥିବାରୁ ଘରେ ଅନିଷ୍ଟ ହେବାସହ ସ୍ୱାମୀଙ୍କ ଶରୀର ଅସୁସ୍ଥ ହେବ ବୋଲି ଭୟ ଦେଖାଇ ୫ ଭଣ୍ଡ ସାଧୁ ମହିଳାଙ୍କ ଠାରୁ ସୁନା ଅଳଙ୍କାର ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଥିଲା। ସଦରଥାନା ପୁଲିସ ୫ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଭଣ୍ଡମାନେ ହେଲେ ଗୁଗୁ ପଣ୍ଡା (୪୬), ଦୁଲାର ପଣ୍ଡା(୩୧), ବିଶାଲ ପଣ୍ଡା (୩୬), ଧନୁ ପଣ୍ଡା (୨୦), ଡକ୍ଟର ପଣ୍ଡା (୨୦)। ସେମାନେ ସମସ୍ତେ ବିହାର ରାଜ୍ୟ ଅଉରଙ୍ଗାବାଦ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୩୬ ହଜାର ୧୭୦ ଟଙ୍କା, ସୁନା ଅଳଙ୍କାର, ବିଭିନ୍ନ ଡେଉଁରିଆ, ତାବିଜ, ବିଭିନ୍ନ ରଙ୍ଗର ପଥର, ଜଡିବୁଟି ଆଦି ଜବତ କରାଯାଇଛି। ଗୋବର୍ଦ୍ଧନ ଓରାମଙ୍କ ରିପୋର୍ଟ ମୁତାବକ ସେ ଘରେ ନ ଥିବା ବେଳେ ୪/୫ ଜଣ ଦୁର୍ବୃତ୍ତ ସାଧୁବେଶରେ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ କୌଣସି ଏକ ସିଦ୍ଧପୀଠର ସାଧୁ ବୋଲି ତାଙ୍କ ପତ୍ନୀ ସୁମିତ୍ରା ଓରାମଙ୍କୁ ପରିଚୟ ଦେଇ ତାଙ୍କ ଘରେ ଗ୍ରହ ଅଶାନ୍ତି ରହିଥିବାରୁ ତାଙ୍କ ଘରପ୍ରତି ଘୋର ଅନିଷ୍ଟ ମାଡ଼ି ଆସୁଛି। ତାଙ୍କ ସନ୍ତାନ ଏବଂ ସ୍ୱାମୀଙ୍କ ଶରୀର ଗୁରୁତର ଭାବେ ଅସୁସ୍ଥ ହୋଇଯିବ ବୋଲି କହି ଭୟଭୀତ କରାଇଥିଲେ। ରିଷ୍ଟ ଖଣ୍ଡନ ପାଇଁ ଗ୍ରହଶାନ୍ତି ନିମିତ୍ତ ପୂଜା କରିବା ପଡ଼ିବ। ଏଥିପାଇଁ ଘରେ ଯାହା ଟଙ୍କା ଓ ସୁନା ଗହଣା ଅଛି ତାକୁ ଦେଇ ଦେବାକୁ ସୁମିତ୍ରାଙ୍କୁ କହିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ସୁମିତ୍ରା ଟଙ୍କା ଓ ସୁନା କାନଫୁଲ ସେମାନଙ୍କୁ ଦେଇ ଦେଇଥିଲେ। ଏହାପରେ ବିଭିନ୍ନ ବାହାନା କରି ସେମାନେ ଟଙ୍କା ଓ ସୁନା କାନଫୁଲ ନେଇ ସେଠାରୁ ଚମ୍ପଟ ହୋଇ ଯାଇଥିଲେ। ପରେ ଗାଁ ଲୋକଙ୍କ ସହ କଥା ହେବା ପରେ ସୁମିତ୍ରା ଠକାମୀର ଶିକାର ହୋଇଥିବା ଜାଣି ସ୍ୱାମୀ ଗୋବର୍ଦ୍ଧନଙ୍କୁ ଜଣାଇଥିଲେ। ଏହାପରେ ଗୋବର୍ଦ୍ଧନ ଓରାମ ସଦର ଥାନାରେ ଏ ନେଇ ଏତାଲା ଦେବାରେ ପୁଲିସ



ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ସୁନ୍ଦରଗଡ଼ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ମାମଲା ରୁଜୁ ପରେ ଘଟଣାର ତଦନ୍ତ ପାଇଁ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା, ଭସ୍ମା ଥାନା ଓ ଟାଉନ ଥାନା ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ଏହି ଚଢ଼ଉ ବେଳେ ଉପରୋକ୍ତ ଏହି ୫ ଜଣ ଭଣ୍ଡ ସାଧୁଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୩୬, ୧୭୯ ଟଙ୍କା ଓ ଲୁଟ ସୁନା ମୁଦି ତଥା ବିଭିନ୍ନ ୧୦ ଟି ତାବିଜ, ଡେଉଁରିଆ ସହ ଧାତବ ହନୁମାନ ମୂର୍ତ୍ତି, ବ୍ରୋଞ୍ଜ ଶିବ, କାଳି, ଲକ୍ଷ୍ମୀ, ରାଧାକୃଷ୍ଣ ମୂର୍ତ୍ତି, ୨ଟି କାନ ଫୁଲ, ସିଲଭର ଚେନ ଲକେଟ, ରୁଦ୍ରାକ୍ଷ ମାଳ ୨ଟି, ସିଲଭର ଚେନ, ହନୁମାନ ଲକେଟ, ହନୁମାନ ଚାଳିଶା, ସତ୍ୟନାରାୟଣ ବ୍ରତ କଥା ବହି, ବିଭିନ୍ନ ରଙ୍ଗର ୩୮ଟି ପଥର, ୨୦ଟି ଧାତବ ମୁଦି ଏବଂ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ପୁଲିସ ସମ୍ପ୍ରତି ପଡୋଶୀ ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର ପୁଲିସକୁ ସେମାନଙ୍କ ଫଟୋ ପଠେଇ ସେମାନେ ଅନ୍ୟ କୌଣସି ଅନୁରୂପ ଅପରାଧରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ କରୁଛି ବୋଲି ଏସଡିପିଓ ଶ୍ରୀ ମହାପାତ୍ର କହିଛନ୍ତି।

## ୨୫ ଦିନ ହେଲା ଛାତ୍ରୀ ନିଖୋଜ

# ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ପରିବାରର ଅସନ୍ତୋଷ

**ରାଉରକେଲା, ୨୫।୪(ସମିସ):** କମ୍ପ୍ୟୁଟର କ୍ଲାସ ପାଇଁ ଘରୁ ବାହାରିଥିବା ଜଣେ ଛାତ୍ରୀ ନିଖୋଜ ହୋଇଛନ୍ତି। ପରିବାର ପୁଲିସ ନିକଟକୁ ଦୌଡ଼ି ଦୌଡ଼ି ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାର ୨୫ ଦିନ ପରେ ମଧ୍ୟ ଛାତ୍ରୀଙ୍କ କୌଣସି ପତ୍ତା ମିଳିନାହିଁ। ଅଭିଯୋଗ ମୁତାବକ, ମାଲଗୋଦାମର ଖଟାଲ ବସ୍ତି ନିକଟରେ ରହୁଥିବା ସନ୍ତୋଷ ସାହୁ ଓ ସଞ୍ଜୁ ଦେବୀଙ୍କ ୧୮ ବର୍ଷୀୟା ଝିଅ ଅଞ୍ଜଳି ସାହୁ ମାର୍ଚ୍ଚ ୩୧ରେ କମ୍ପ୍ୟୁଟର କ୍ଲାସ ପାଇଁ ଘରୁ ବାହାରିଥିଲେ। ହେଲେ ଅଞ୍ଜଳି ବହୁତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ଯାହା ପରିବାର ପାଇଁ ଚିନ୍ତାର କାରଣ ହୋଇଥିଲା। ତାଙ୍କ ମାଆ ସଞ୍ଜୁ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନଥିଲା। ଘରୁ ବାହାରିବା ସମୟରେ ସେ ଗୋଲାପୀ ପୋଷାକ ପିନ୍ଧିଥିଲେ। ପରିବାର ଲୋକେ ନିଜେ ବହୁତ ଖୋଜାଖୋଜି କରିଥିଲେ। କିନ୍ତୁ ଅଞ୍ଜଳିର କୌଣସି ପତ୍ତା ମିଳିଲା ନାହିଁ। ପରଦିନ ଉଦିତନଗର ଥାନାରେ ଏକ ରିପୋର୍ଟ ଦାଖଲ କରାଯାଇଥିଲା। ଘଟଣାର ତୃତୀୟ ଦିନ ଏପ୍ରିଲ୍ ୨ ତାରିଖରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। କିନ୍ତୁ ନିଖୋଜ ଛାତ୍ରୀ ଅଞ୍ଜଳିକୁ ଉଦ୍ଧାର କରିବାରେ ପୁଲିସ ଆଶାନୁରୂପ ସହାୟତା ଯୋଗାଇ ପାରିନଥିଲା। ପୁଲିସ ଏଦିଗ ପ୍ରତି ଗୁରୁତ୍ୱ ଦେବାକୁ ପରିବାର ଲୋକେ ଗୁହାରି କରିଛନ୍ତି। ବର୍ତ୍ତମାନ୍ ପରିବାର ଚିନ୍ତାରେ ଥିବା ଜଣାପଡ଼ିଛି।

# ଆରଏସ୍‌ପି ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀ ଦକ୍ଷତା

**ରାଉରକେଲା, ୨୫।୪ (ସମିସ):** ରାଉରକେଲା ଇସ୍ପାତ କାରଖାନା କ୍ଷମତା ବିକାଶ କମିଶନ (ସିବିସି) ଏବଂ ଇସ୍ପାତ ମନ୍ତ୍ରଣାଳୟ (ଏମଓଏସ) ଦ୍ୱାରା ମାର୍ଗଦର୍ଶିତ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ତର ଜନସେବା କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ବିକାଶରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଆର୍‌ଏସ୍‌ପି ଜଣେ ଲିଡ୍ ଟ୍ରେନର ସହ ୫୩ ଜଣ ମାଷ୍ଟର ଟ୍ରେନ୍‌ର ବିକଶିତ କରିଛି, ଯେଉଁମାନେ ପ୍ରାୟ ୨୦୮୫ ରୁ ଅଧିକ କର୍ମଚାରୀଙ୍କୁ ଏକ ଦିବସୀୟ ତାଲିମ ପ୍ରଦାନ କରିଛନ୍ତି। କାରଖାନା ଆଇଗଟ୍ (ଆଇ ଜିଓଟି) ପୋର୍ଟାଲରେ ଶତ ପ୍ରତିଶତ କର୍ମଚାରୀଙ୍କୁ ସାମିଲ କରିପାରିବା ସହିତ ଏହାର ସମୁଦାୟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୬୪ ପ୍ରତିଶତ କର୍ମଚାରୀ ଅନିବାର୍ଯ୍ୟ ଛଅଟି ସିବିସି ପାଠ୍ୟକ୍ରମ ଏ ସମୟ ପର୍ଯ୍ୟନ୍ତ ସମାପ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ ଆଇଗଟ, ସମନ୍ୱିତ ସରକାରୀ ଅନଲାଇନ୍ ତାଲିମକୁ ବୁଝାଏ, ଯାହା ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବ୍ୟାପକ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ। ଏହା ପ୍ରଶାସନିକ




କର୍ମଚାରୀ ଏବଂ ଅଗ୍ରଣୀ କର୍ମଚାରୀମାନଙ୍କୁ ଶାସନ ଏବଂ ସାର୍ବଜନୀନ ସେବାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଦକ୍ଷତା-ଚାଳିତ ଅନଲାଇନ୍ ତାଲିମ ସହିତ ସଜ୍ଜିତ କରିଥାଏ। ଆର୍‌ଏସ୍‌ପିର ନେତୃତ୍ୱ କର୍ମଚାରୀ ବିକାଶକୁ ପ୍ରାଥମିକତା ଦେଇ କାରଖାନାକୁ ଆଧୁନିକ ଇସ୍ପାତ ଶିଳ୍ପରେ ଅଗ୍ରଣୀ କରିବା ଦିଗରେ ପ୍ରୟାସରତ ଓ ଏହି ପଦକ୍ଷେପଗୁଡ଼ିକ ଜାତୀୟ କ୍ଷମତା-ନିର୍ମାଣ ଲକ୍ଷ୍ୟ ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ, ସୁରକ୍ଷା ଏବଂ ନିରନ୍ତର ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶୋକ ବଳଙ୍କୁ ଶ୍ରଦ୍ଧାଞ୍ଜଳି



**ରାଉରକେଲା, ୨୫।୪(ସମିସ):** ବିଶିଷ୍ଟ ଅଭିନେତା, ସୁନାମଧନ୍ୟ ନିର୍ଦ୍ଦେଶକ, ଦକ୍ଷ ସଂଗଠକ, ଟେଲିଫିଲ୍ମ ଅଭିନେତା ତଥା ସାଂସ୍କୃତିକ କଳାପରିଷଦ ସଂକଳ୍ପ ସମେତ ବିଭିନ୍ନ ନାଟ୍ୟାନୁଷ୍ଠାନ, ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ସହିତ୍ ସଂଶ୍ଳିଷ୍ଟ ଅଶୋକ ବଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେକ୍ଟର -୬ ସ୍ଥିତ ମା' ଶାରଳା ମନ୍ଦିର ପରିସରରେ ପରିବାର ପକ୍ଷରୁ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସହରର ବିଭିନ୍ନ ଅନୁଷ୍ଠାନର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇ ଥିଲେ। ତାଙ୍କର ତ୍ୟାଗ ଓ ସାଂଗଠନିକ ଦକ୍ଷତା ଯୋଗୁଁ ଅନେକ ଅନୁଷ୍ଠାନର ଉନ୍ନତି ସଂଭବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଫେସର ସମର ମୁଦାଲି, ସୁଶାନ୍ତ ଖୁଣ୍ଟିଆ, ରାଧାମୋହନ ନାୟକ, ଅକ୍ଷୟ ଧଳ, କୁଞ୍ଜନଲାଲ ବୋଷ, ପ୍ରିୟଦର୍ଶନ ରାଉତ, ଦିପ୍ତି ରଞ୍ଜନ ବାରିକ, ପ୍ରଫୁଲ୍ଲ ସେଠୀ, ଗଙ୍ଗାଧର ପ୍ରଧାନ, ଶରତ ଧଳ, ଆଲୋକ ବୋଷ, ଅକ୍ଷୟ ସାମଲ, ସୁକାନ୍ତ ମହାପାତ୍ର, ପ୍ରଭାକର ପାତ୍ର, ଇଂ ଅଭୟ କୁମାର ଦାସ, କାର୍ତ୍ତିକ ପାଣ୍ଡବ, ପଶୁପତିନାଥ ଚାଟାର୍ଜୀ, ଭଗବାନ ମହାପାତ୍ର, ଶ୍ରୀବତ୍ସ କୁଅଁର, ଜଗନ୍ନାଥ ରାଉତ, ଅରିକ୍ଷିତ ପାତ୍ର, ଆର୍ତ୍ତ ମହାରଣା, ମନୁ ସାମଲ, ସତ୍ୟାନନ୍ଦ ବେହେରା, ପର୍ଶୁରାମ ପଟ୍ଟନାୟକ, ଅରବିନ୍ଦ ସ୍ୱାଇଁଙ୍କ ସମେତ ସେକ୍ଟର-୬ସ୍ଥିତ ଶାରଳା ମନ୍ଦିର ପରିଚାଳନା କମିଟି, ସେକ୍ଟର-୬ ମାର୍କେଟ କମିଟି, ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ, ଶ୍ରଦ୍ଧା, ଆଦର୍ଶ ପାଠାଗାର ସହିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ପ୍ରତିନିଧିମାନେ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ପରିବାର ପକ୍ଷରୁ ପତ୍ନୀ ମେନକା, ଭାଇ ମନୋଜ, ପୁତ୍ର ଅମିତ୍‌ଙ୍କ ସହିତ ପୁତ୍ରବଧୂ, କନ୍ୟା ଓ ଜାମାତା ଆୟୋଜନ କରିଥିଲେ।

# ଲହୁଣୀପଡ଼ାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ଲହୁଣୀପଡ଼ା, ୨୫।୪(ସମିସ):** ସ୍ଥାନୀୟ ବ୍ଲକ ପଡ଼ିଆଠାରେ ଶୁକ୍ରବାର ସନ୍ଧ୍ୟାରେ ଆଭାସି ମାଧ୍ୟମରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ଲହୁଣୀପଡ଼ା ବ୍ଲକ ପଡ଼ିଆ ଠାରେ ଅଭାସି ମାଧ୍ୟମରେ ଦେଖିବା ପାଇଁ ଆୟୋଜନ କରାଯାଇଥିଲା। ଏଥିରେ ବଣାଇଁ ଉପଜିଲ୍ଲାପାଳ ଡ.ଅଶୋକ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଧିକାରୀ ଭଗବାନ ବଙ୍କିରା ଉଦ୍‌ଘାଟନ କରିଥିଲେ। ବ୍ଲକର ସମସ୍ତ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ସମସ୍ତ ପଞ୍ଚାୟତର ପିଇଓ, ଏଡିଇଓ ପ୍ରମୁଖ ଉପସ୍ଥିତ ଥିବାବେଳେ ଏବିଡିଓ ବିନୋଦ ଲାକ୍ରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମନରେଗା ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶଶ୍ୟକଳା ପଞ୍ଚାୟତ ପ୍ରଥମ, ବଡ଼ ପୁରୁଣା ପାଣି ପଞ୍ଚାୟତ ଦିତୀୟ, ଦର୍ଜି ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ରୁରାଲ ହାଉସିଙ୍ଗ ଯୋଜନାରେ ବଡ଼ ପୁରୁଣା ପାଣି, ହଳଦୀ କୁଦର, ଡଲେଇସରା ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା। ବେଷ୍ଟ କନିଷ୍ଠ ଯନ୍ତ୍ରୀ, ବେଷ୍ଟ ପିଇଓ, ବେଷ୍ଟ ସରପଞ୍ଚ, ବେଷ୍ଟ ଯୋଗାଣ ସହାୟକ ଏବଂ ବେଷ୍ଟ ସଂଘ ସହାୟୀକା ଗୋଷ୍ଠୀମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା।



# ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



**ବଣାଇଁ, ୨୫।୪ (ସମିସ);** ବଣାଇଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବଣାଇଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ପଞ୍ଚାୟତି ରାଜଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଶ୍ରୀ ଜୟପୁରିଆ ସଂକ୍ଷେପରେ ବିଭିନ୍ନ ଜନ କଲ୍ୟାଣ ଯୋଜନାର ସୁପରିଚାଳନା ଯୋଗୁଁ ଜନସାଧାରଣ ତଥା ଯୋଗ୍ୟ ହିତାଧିକାରୀ କିପରି ଉପକୃତ ହୋଇପାରିଛନ୍ତି ଏବଂ ଆଗକୁ ମଧ୍ୟ ଲାଭବାନ ହୋଇ ପ୍ରଗତିରେ ଉନ୍ନତି ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲ୍ଲାପାଳ ଅଶୋକକୁମାର ଦାସ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦକ୍ଷ କର୍ମଚାରୀ ଭାବେ ରୋମ୍ୟ ରଞ୍ଜନ ପ୍ରଧାନଙ୍କୁ ବ୍ଲକସ୍ତରରେ ତଥା ଜିଲ୍ଲାସ୍ତରରେ ସମ୍ମାନିତ କରାଯାଇଥିଲା। ସେହିଭଳି ବ୍ଲକ କାର୍ଯ୍ୟାଳୟର ସକ୍ରିୟ ଦକ୍ଷ କର୍ମଚାରୀ ଓ ସରପଞ୍ଚ, ସମିତି ସଭ୍ୟ, ବ୍ୟାଙ୍କ ସାଥୀ ପ୍ରମୁଖଙ୍କୁ ବ୍ଲକସ୍ତରରେ ସମ୍ମାନିତ କରାଯାଇଥିଲା। ଇ.କେ.ୱାଇ. ସି ମାଧ୍ୟମରେ ସଂଶୋଧନ କରାଯାଇ ଓଡ଼ିଶାର ବହୁତ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ ପ୍ରକ୍ରିୟା ଏହି ଜାତୀୟ ଦିବସରେ ଆରମ୍ଭ ହୋଇଛି। ବଣାଇଁଗଡ଼ ବ୍ଲକର ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବେ କେନାଭେଟା ପଞ୍ଚାୟତ ପୁରସ୍କୃତ କରାଯାଇଥିଲା। ବଣାଇଗଡ଼ ବ୍ଲକର ୧୩ଟି ପଞ୍ଚାୟତ ସାମାଜିକ ଭତ୍ତା, ରାସନ କାର୍ଡ, ଅନ୍ତ୍ୟୋଦ୍ୱୟ ଗୃହ ଯୋଜନା ବିତରଣ କରାଯାଇଥିଲା। ସହକାରୀ ବିଡିଓ ସାରିଆ ଲାକ୍ରା, ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା ୱାର୍ଡମେମ୍ବରଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ତଥା ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମୀଣ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ ମଞ୍ଚ ପରିଚାଳନା କରିଥିଲେ।

# ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ୨୪ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ

**ରାଉରକେଲା, ୨୫।୪(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଗତ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ପାର୍ଶ୍ୱାଞ୍ଚଳ ଗ୍ରାମ ସହ ରାଉରକେଲା ଏବଂ ଏହାର ଆଖପାଖରେ ଥିବା ପୁନର୍ବାସ କଲୋନୀର ଅବହେଳିତ ବର୍ଗର ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ୨୪ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରିଛି। ଏହି ଅବସରରେ ଗତ ୨୦୨୫ ଏପ୍ରିଲ ୨୪ ତାରିଖରେ ସିଏସ୍‌ଆର୍ ବିଭାଗର ଇନଷ୍ଟିଚ୍ୟୁଟ୍ ଅଫ୍ ପେରିଫେରାଲ୍ ଡେଭଲପମେଣ୍ଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ରାଉରକେଲାର ଡେପୁଟି କଲେକ୍ଟର ପି.ବଡ଼ପଣ୍ଡା ସମ୍ମାନିତ




ଅତିଥି ଭାବେ ଯୋଗ ଦେଇଥିଲେ। ସିଏସଆର ବିଭାଗର ଡିଜିଏମ ଆର ଏସ୍ ବାରା, ଡିଜିଏମ ପି.ସାହୁଙ୍କ ସମେତ ସିଏସ୍‌ଆର୍ ବିଭାଗର ଅନ୍ୟ ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ଏବଂ ଡମି ଚେକ୍ ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ ଛାତ୍ରବୃତ୍ତି ଟଙ୍କା ସମସ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯିବ। ଛାତ୍ରମାନଙ୍କୁ ସମ୍ବୋଧିତ କରି ମିତ୍ର ଶିକ୍ଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇ ଆରଏସପି ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ସିଏସଆର କାର୍ଯ୍ୟକଳାପ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। କ୍ରାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରଏସ୍ ବାରା ସମାବେଶକୁ ସ୍ୱାଗତ କରିବା ସହିତ ଉକ୍ତ ଯୋଜନା ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ପରିଶେଷରେ ପି.ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ସେକ୍‌ସନ୍ ଅଫିସର ବି ଏକ୍କା ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ୨୦୦୭-୮ ବର୍ଷରେ ଆରମ୍ଭ ହୋଇଥିବା ଏହି ଛାତ୍ରବୃତ୍ତି ଯୋଜନାରେ ବିଦ୍ୟାର୍ଥୀମାନଙ୍କୁ ରାଉରକେଲା ଏଡିଏମଙ୍କ କାର୍ଯ୍ୟାଳୟ ଦ୍ୱାରା ମନୋନୀତ କରାଯାଇଥାଏ। ଏହା ଅଧୀନରେ ଉଚ୍ଚ ମାଧ୍ୟମିକ ଏବଂ ମାଧ୍ୟମିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିବର୍ଷ ୧୨, ୦୦୦ ଟଙ୍କା ଏବଂ ପ୍ରାଥମିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିବର୍ଷ ୧୦, ୮୦୦ ଟଙ୍କା ପ୍ରଦାନ କରାଯାଏ।

# ଜ୍ଞାନ ବୃଦ୍ଧି ପାଇଁ ହିନ୍ଦୀକୁ ପ୍ରୋତ୍ସାହିତ କରିବା ଜରୁରୀ: କୁଳପତି

## ଅଣ-ହିନ୍ଦୀ ଭାଷା ପାଇଁ ହିନ୍ଦୀ ନୂତନ ଲେଖକ ଶିବିର ଉଦ୍‌ଘାଟିତ

**ସମ୍ବଲପୁର, ୨୫।୪ (ସମିସ)**

କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ, ଶିକ୍ଷା ମନ୍ତ୍ରଣାଳୟ, ଉଚ୍ଚଶିକ୍ଷା ବିଭାଗ, ଭାରତ ସରକାରଙ୍କ ନୂଆଦିଲ୍ଲୀ ଏବଂ ହିନ୍ଦୀ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଛଅଦିନିଆ ହିନ୍ଦୀ ଅଣ-ହିନ୍ଦୀ ଭାଷା ନୂତନ ଲେଖକ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ ବେହେରା କହିଛନ୍ତି ଯେ, ନୂତନ ପିଢ଼ି ଯଥାସମ୍ଭବ ପୁସ୍ତକ ପଢ଼ିବା ଏବଂ ଲେଖିବା ଉଚିତ। ଲେଖାରେ ସ୍ଥାନୀୟ ଭାଷା, ସଂସ୍କୃତି ଏବଂ ପରିସ୍ଥିତି ଭଳି ନୂତନ ବିଷୟ ଉପରେ ଲେଖା ମଧ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ। କାର୍ଯ୍ୟକ୍ରମ ଅଧ୍ୟକ୍ଷ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଛନ୍ତି ଯେ, ଜ୍ଞାନ ବୃଦ୍ଧି ପାଇଁ ହିନ୍ଦୀକୁ ପ୍ରୋତ୍ସାହିତ କରିବା ଏବଂ



ଜନସାଧାରଣଙ୍କ ସହିତ ଯୋଡ଼ିବା ଆବଶ୍ୟକ। ଯଦି ଭାରତକୁ ଆଗକୁ ବଢ଼ିବାକୁ ହୁଏ, ତେବେ ହିନ୍ଦୀକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ, କାରଣ ଅଧିକାଂଶ ଲୋକ ଏହାକୁ କହନ୍ତି ଏବଂ ବୁଝନ୍ତି। ହିନ୍ଦୀରେ ଲେଖିବା ଦ୍ୱାରା ଅଧିକ ଲୋକ ଏହାକୁ ପଢ଼ିପାରିବେ ଏବଂ ସେମାନେ ସେମାନଙ୍କର ଚିନ୍ତାଧାରା ବ୍ୟାପକ ପାଠକଙ୍କ ନିକଟରେ ପହଞ୍ଚାଇପାରିବେ। ଓଏସଓୟୁର ପୂର୍ବତନ କୁଳସଚିବ ଡ. ଜୟନ୍ତ କରଶର୍ମା କହିଛନ୍ତି ଯେ, ଲେଖାଲେଖି ପ୍ରଗତି ହେଲେ ହିଁ ହିନ୍ଦୀ ସାହିତ୍ୟ ସମୃଦ୍ଧ ହେବ। ତିରୁବର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତାମିଲନାଡୁର ସମ୍ମାନିତ ଅତିଥି ପ୍ରଫେସର ଏସ.ଭି.ଏସ.ଏସ. ନାରାୟଣ ରାଜୁ ମଧ୍ୟ ହିନ୍ଦୀ ଲେଖା ପାଇଁ ଆହ୍ୱାନ ଦେଇଥିଲେ।

ପ୍ରାରମ୍ଭରେ, ଶିବିର ପ୍ରଭାରୀ କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ଡ. ବବିତା ଶ୍ରୀବାସ୍ତବ ଶିବିରର ଉଦ୍ଦେଶ୍ୟ ଏବଂ ଦିଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶିବିର ସଂଯୋଜକ ଡ. ରଞ୍ଜନ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିବିର ସଂଯୋଜକ ଡ. ଦାଶରଥି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିର ସହସଂଯୋଜକ ଡ. ପ୍ରଣତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସହସଂଯୋଜକ ଡା. ସ୍ମୃତି ସ୍ମରଣିକ ଜେନା ସହିତ ଓଡିଆ ତଥା ସଂସ୍କୃତ ବିଭାଗର ଅଧ୍ୟାପିକ, ଅଧ୍ୟାପିକା, ଗବେଷକ, ଛାତ୍ରଛାତ୍ରୀମାନେ ସହଯୋଗ କରୁଛନ୍ତି। ୨୫-୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ, ଓଡ଼ିଶା ଏବଂ ମହାରାଷ୍ଟ୍ର ଭଳି ଅଣ-ହିନ୍ଦୀ ଭାଷାଭାଷୀ ରାଜ୍ୟରୁ ୨୫ ରୁ ଅଧିକ ନୂତନ ଲେଖିକ ଲେଖିକାମାନେ ଅଂଶଗ୍ରହଣ କରିଛନ୍ତି।

### ମହିଳା କଲେଜରେ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ହେଲାନି, ବଦଳି ହେଲା

**ସମ୍ବଲପୁର, ୨୫।୪ (ସମିସ):** ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ଏବଂ ସମ୍ପୃକ୍ତ ଛାତ୍ରୀଙ୍କ ସମ୍ମାନ ପ୍ରତି ଆଞ୍ଚ ଆସିବା ଅଭିଯୋଗ ହୋଇଥିଲା। ଏହାପରେ ନିୟମାନୁଯାୟୀ ମହାବିଦ୍ୟାଳୟରେ ଅନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରାଯାଇଥିଲା। ଏହି ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କୁ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୨୧୮୧୮ ତା. ୨୪ ଏପ୍ରିଲ ୨୦୨୬ ଜରିଆରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବଦଳି କରି ଦିଆଯାଇଛି। ଯାହାକୁ ନେଇ ଛାତ୍ରୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୯ ତାରିଖରେ ମହିଳା ମହାବିଦ୍ୟାଳୟର ପାଞ୍ଚ ଜଣ ଛାତ୍ରୀ ସେମାନଙ୍କୁ ସମ୍ପୃକ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ କରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଏହାର ଦୁଇଦିନ ପୂର୍ବରୁ ହୋଇଥିବା ସେମିନାର ସମୟରେ ଏବଂ ଶ୍ରେଣୀ କକ୍ଷରେ ମଧ୍ୟ ଉକ୍ତ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ଇଂରାଜୀ ବିଭାଗର ଜଣେ ଅଧ୍ୟାପିକା ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଅଧ୍ୟାପକଙ୍କୁ ସମାନ ଅଭିଯୋଗ ହେବାପରେ ସୁନ୍ଦରଗଡ଼ କଲେଜରୁ ସମ୍ବଲପୁରକୁ ବଦଳି କରାଯାଇଥିଲା। ପୁଣି ମହିଳା ମହାବିଦ୍ୟାଳୟରେ ଯୋଗ ଦେବାର ବର୍ଷକ ମଧ୍ୟରେ ଜଣେ ଛାତ୍ରୀ ଅଧ୍ୟାପକଙ୍କ ବ୍ୟବହାରକୁ ନେଇ ମୌଖିକ ଅଭିଯୋଗ କରିଥିଲେ ସୁଦ୍ଧା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାହାକୁ ଗୁରୁତ୍ୱର ସହ ନେଇ ନ ଥିଲେ। ଗତ ୧୯ ତାରିଖ ଅଭିଯୋଗ ପାଇବାପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାହାକୁ ତଦନ୍ତ କରିବା ପାଇଁ ୪ଟି କମିଟିକୁ ଦାୟିତ୍ୱ ଦେଇଥିଲେ। ଏହି ରିପୋର୍ଟ ପାଇବାପରେ ସରକାର ଏବଂ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ପଠାଯାଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ, ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମହାବିଦ୍ୟାଳୟର ଛାତ୍ରୀମାନେ ଏକ ଭୟର ବାତାବରଣ ମଧ୍ୟରେ ରହୁଥିବା ଏବଂ ଆଇସିସି ରିପୋର୍ଟରେ ସେମାନଙ୍କ ମତାମତ ଏବଂ ଅଭିଯୋଗକୁ ସଠିକ୍ ଭାବେ ସ୍ଥାନିତ ନ କରିବା ନେଇ ଗତଦିନରେ ଛାତ୍ରୀମାନେ ଜିଲ୍ଲାପାଳ ତଥା ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କଠାରେ ଅଭିଯୋଗ କରିଥିଲେ। ଏହାସହ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଓ ଭୟ-ଶୂନ୍ୟ ବାତାବରଣ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତେବେ, ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବଦଳି କରି ଦିଆଯାଇ ଥିବାବେଳେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

## ଜିଏମ୍‌ୟୁରେ ପୁସ୍ତକ ଲୋକାର୍ପିତ

**ସମ୍ବଲପୁର, ୨୫।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ୧୨୫ତମ ନୃସିଂହ ଗୁରୁଙ୍କ ଜୟନ୍ତୀ ଅବସରରେ ଉଦ୍‌ଘାଟନୀ ଉତ୍ସବ ଏବଂ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀ ତୃଷ୍ଣା ଦାଶଙ୍କ ଓଡ଼ିଆ ପ୍ରବନ୍ଧ ସଂକଳନ 'ସରୁ ଏକ ସ୍ରୋତ' ଉନ୍ମୋଚିତ ହୋଇଛି। ଏହା ଓଡ଼ିଆ ବାଣୀଭଣ୍ଡାରକୁ ସମର୍ପିତ ତାଙ୍କର ପ୍ରଥମ ଅର୍ଘ୍ୟ। ଏହି ପ୍ରବନ୍ଧ ସଙ୍କଳନରେ ୩୧ଟି ଭିନ୍ନ ରୁଚିର ଭାଷା ସାହିତ୍ୟ ସମ୍ବଳିତ ଉଚ୍ଚକୋଟୀର ମୂଲ୍ୟବୋଧଧର୍ମୀ ପ୍ରବନ୍ଧ ସ୍ଥାନ ପାଇଛି। ପୁସ୍ତକ ଲୋକାର୍ପଣ ଉତ୍ସବରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା, 'ସ୍ୱୀକାର' ପତ୍ରିକାର ବରିଷ୍ଠ ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଜିଏମ୍‌ୟୁ ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ

**କୁଚିଣ୍ଡା, ୨୫।୪(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଥିଲା। ବକ୍ସମା ରାଜୀବ ଭବନରେ ସରପଞ୍ଚ ସରସ୍ୱତୀ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ରଶ୍ମି କୁସୁମ ଓ ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଜାତୀୟ ପଞ୍ଚାୟତିରାଜ ଦିବସ ବାବଦରେ ଉଦ୍‌ବୋଧନ ଦେଇଥିଲେ। ପରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ନୋଡାଲ ଅଫିସର ଦୁଷ୍ମନ୍ତ କିସାନ ଯୋଗ ଦେଇ ନ ଥିବାରୁ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହା ବ୍ୟତୀତ ଉପଯୁକ୍ତ ସର୍ଭେ ନ କରି ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ଲକ ପକ୍ଷରୁ ଘର ବଣ୍ଟନ କରାଯାଇ ଥିବାରୁ ସଭାରେ ୱାର୍ଡ ମେମ୍ବରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମସଭାରେ ପଞ୍ଚାୟତର ଉନ୍ନତି ପାଇଁ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଏଡିଇଓ ସରୋଜ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମସଭାରେ ବିଭିନ୍ନ ଗ୍ରାମର ଗ୍ରାମବାସୀ, ଏସଏଚଜିର ମହିଳା ସଦସ୍ୟା ଏବଂ ୱାର୍ଡ ମେମ୍ବରମାନେ ଯୋଗ ଦେଇଥିଲେ।

## ବିବାହ ଅବସରରେ ସହାୟତା

**ସମ୍ବଲପୁର, ୨୫।୪ (ସମିସ):** ସମ୍ବଲପୁର ମହାନଗର ୱାର୍ଡ ନଂ. ୨୭, ଦେହେରିପାଲିର ଅସହାୟ ଝିଅ ଦୀପା ବେହେରାଙ୍କ ବିବାହ ଅବସରରେ ଏକ ମାନବିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ସମାଜସେବୀ ଓ ବିଜେଡି ନେତା ହରଦୀପ ସିଂହ ଭୂର୍ଜୀ ଆଗେଇ ଆସି ଦୀପାଙ୍କ ମା' ମନ୍ଦାକିନୀ ବେହେରା ଓ ବାପା ନୁରୁ ବେହେରାଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଥିଲେ। ବିବାହ ମାତ୍ର ଏକ ଉତ୍ସବ ନୁହେଁ, ଏହା ଦୁଇଟି ପରିବାରର ଆଶା ଓ ସ୍ୱପ୍ନର ଆରମ୍ଭ। ଏହି ମୁହୂର୍ତ୍ତକୁ ସୁନ୍ଦର କରିବା ପାଇଁ ଘରୋଇ ପ୍ରୟୋଜନୀୟ ସାମଗ୍ରୀ ଯଥା ମିକ୍ସର୍ ଗ୍ରାଇଣ୍ଡର, ପ୍ରେସର କୁକର୍, ଇଡଲି ମେକର, ଆଇରନ୍, ହଟ୍‌କେସ ସେଟ୍, ଟି-ସେଟ୍, ଡିନର ସେଟ୍, ଡ୍ରେସ୍ ମେଟେରିଆଲ୍, ଘଡ଼ି, କମ୍ବଳ ଇତ୍ୟାଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ବେଣୁଧର ଦାଶ, ସତ୍ୟେନ୍ଦ୍ର କୁମାର ଦାଶ, ଯୁବ ନେତା ପ୍ରଦୋଷ ମହାନ୍ତି, ହରିହର ପାଣି, ମନୋଜ ଖୁଣ୍ଟିଆ, ପ୍ରହଲ୍ଲାଦ ଗୁରୁ, ରବି ସେନାପତି, ସୁକେଶ ସିଂ ପ୍ରମୁଖ ଉପସ୍ଥିତରହି ଦୀପାଙ୍କୁ ଆଶୀର୍ବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ



**ସମ୍ବଲପୁର, ୨୫।୪ (ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଲବଜାର ନିକଟସ୍ଥ ଜେପି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ ଥିମ୍ ରହିଛି'ମ୍ୟାଲେରିଆ ଶେଷ କରିବା ପାଇଁ ସଂକଳ୍ପବଦ୍ଧ-ଏବେ ଆମେ କରିପାରିବା, ଏବେ ଆମକୁ କରିବାକୁ ହେବ'। ସଭାରେ ଏହି ପ୍ରସଙ୍ଗକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ତାହାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ଦେବାସହ ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ପରାମର୍ଶ ଦେଇଥିଲେ। ଡ. ସୁଧାଂଶୁ ସାହୁ ମଶାରୀର ବ୍ୟବହାର କରିବା ପାଇଁ ଆଶା କର୍ମୀମାନଙ୍କୁ ସଚେତନତ। ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଏଡିପିଏଚ୍‌ଓ (କୁଷ୍ଠ) ଡ. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ରୋଗର କାରଣ, ନିରାକରଣ ଏବଂ ଚିକିତ୍ସା ବାବଦରେ ବିସ୍ତୃତ ଭାବେ ବୁଝାଇଥିଲେ। ସଭାକୁ ପିଏଚ୍‌ଏମ୍ ଭାରତୀ ସ୍ୱରାଜ ସାହୁ, ଅରୁଣାକ୍ଷ ପ୍ରଧାନ, ସରୋଜ ଧଳ, ଚାର୍ଲି ଗୁରୁ ପରିଚାଳନା କରିଥିଲେ। ଶେଷରେ ଭିବିଡି ପରାମର୍ଶଦାତା ଯଶୋବନ୍ତ ହୋତା ଶପଥ ପାଠ କରାଇଥିଲେ।

## ଜିଲ୍ଲାରେ ୧୩ ବର୍ଷରେ ୬ ମୃତ

ସମ୍ବଲପୁର ଜିଲ୍ଲାରେ ଗତ ୧୩ ବର୍ଷରେ୬ ଜଣମ୍ୟାଲେରିଆ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ୨୦୧୩ ଓ ୨୦୧୪ ମସିହାରେ ଜଣେ ଲେଖାଏ ଆକ୍ରାନ୍ତ ମୃତ୍ୟୁବରଣ କରିଥିବାବେଳେ ୨୦୧୫ରେ ୨ ଜଣ, ୨୦୧୬ରେ ଜଣେ ଏବଂ ୨୦୨୪ ଜଣେ ମୃତ୍ୟୁବରଣ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ଜିଲ୍ଲାରେ ୧୭୮୦୫୯ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା, ସେଥିରୁ ୧୯୭ ଜଣ ମ୍ୟାଲେରିଆ ପଜିଟିଭ ବାହାରିଥିଲା। ତନ୍ମଧ୍ୟରେ ୧୨୭ ଜଣଙ୍କୁ ସାଂଘାତିକ ମ୍ୟାଲେରିଆ (ପିଏଫ୍) ହୋଇଥିଲା। ତେବେ, ୨୦୨୫ରେ କୌଣସି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇନାହିଁ। ଜିଲ୍ଲା ମ୍ୟାଲେରିଆ ବିଭାଗ ପକ୍ଷରୁ ସମସ୍ତ ଆଦିବାସୀ ଆବାସିକ ସ୍କୁଲ ଗୁଡ଼ିକରେ ବର୍ଷକ ଦୁଇଥର ପୂଜା ଛୁଟି ଓ ଖରା ଛୁଟି ପରେ ବିଦ୍ୟାର୍ଥୀ ମାନଙ୍କ ସାମୂହିକ ଯାଞ୍ଚ (ସ୍କାନିଂ) କରାଯାଇଥାଏ। ଏହାସହ ପ୍ରଭାବିତ ଗ୍ରାମ ଗୁଡ଼ିକରେ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) ଯୋଜନାରେ କାର୍ଯ୍ୟ ଜାରି ରହିଛି। ଗତବର୍ଷ ଜିଲ୍ଲାର ୧୬୦ଟି ସବ୍‌ସେଣ୍ଟରରୁ ୨୬ଟି ସବ୍‌ସେଣ୍ଟରରେ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇ ଆଭ୍ୟନ୍ତରୀଣ କୀଟନାଶକ ସିଞ୍ଚନ (ଆଇଆର୍‌ଏସ୍) କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

### ୫ ପାଉଁଶ ଭର୍ତ୍ତି ହାଇୱା ଜବତ

# ୧ ଲକ୍ଷ, ୭୭ ହଜାର, ୭୨୦ଜରିମାନା

**କୁଚିଣ୍ଡା, ୨୫।୪(ସମିସ):** ଶନିବାର ପୂର୍ବାହ୍ନରେ କୁଚିଣ୍ଡା ସହର ଦେଇ ୫ଟି ୧୨ଚକିଆ ହାଇୱା ଆସ ଭର୍ତ୍ତି କରି ମନ୍ଦିର ଛକ ପଟକୁ ଯାଉଥିବା ବେଳେ କୁଚିଣ୍ଡା ପୁଲିସ ଗାଡି ଗୁଡିକ ଥାନାକୁ ଆଣି ଅଟକ ରଖି ସମ୍ବଲପୁର ଆର୍‌ଟିଓଙ୍କୁ ଖବର ଦେଇଥିଲେ। ଆର୍‌ଟିଓ ପକ୍ଷରୁ ଗାଡି ଓଭର ଲୋଡିଂ ଓ ସହର ଭିତରେ ଯିବା ଯୋଗୁଁ ମୋକଦମା ରୁଜୁ କରି ୧ ଲକ୍ଷ ୭୭ ହଜାର ୭୨୦ ଟଙ୍କା ଜରିମାନା କରାଯାଇଛି।



କୁଚିଣ୍ଡା ଅଞ୍ଚଳରେ ବେଆଇନ ଭାବରେ ଆସ ଆସି କୁଚିଣ୍ଡା ଅଭ୍ୟନ୍ତର ଅଞ୍ଚଳରେ ପକାଉଥିବା ପୂର୍ବରୁ ଅଭିଯୋଗ ରହିଛି। କୁଚିଣ୍ଡା ପୁଲିସ ଗାଡି ଗୁଡିକୁ ଜବତ କରି ଥାନାରେ ଅଟକ ରଖି ତଦନ୍ତ କରୁଛନ୍ତି। ପୂର୍ବରୁ ଏକ ଆସ ଗାଡି ଥାନାରେ ଅଟକ ରଖାଯାଇଛି। ସୁନ୍ଦରଗଡ଼ ଅଞ୍ଚଳ ରାଧେଶ୍ୟାମ ଟ୍ରାନ୍ସପୋର୍ଟ ନାମରେ ଗାଡି ଗୁଡିକରେ ଲେଖାଯାଇଛି। କୁଚିଣ୍ଡା ଅଞ୍ଚଳରେ ରାତ୍ରି ସମୟରେ ଆସ ଗାଡି ଆସି ଜଙ୍ଗଲ ଭିତରେ ରାସ୍ତା କଡରେ ଆସ ପକାଉଥିବା ଅଭିଯୋଗ ରହିଛି।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ



**ସମ୍ବଲପୁର, ୨୫।୪ (ସମିସ) :** ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାସ ଚନ୍ଦ୍ର ଚୌଧରୀ ସମ୍ବଲପୁର ରେଳମଣ୍ଡଳର ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ, ମଣ୍ଡଳ ରେଳ ପ୍ରବନ୍ଧକ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱଦେଇ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଶ୍ରୀ ଚୌଧରୀ ଜରପଡ଼ା, ବଇଣ୍ଡା ଏବଂ ରେଢ଼ାଖୋଲ ଷ୍ଟେସନ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଯାତ୍ରୀ ସୁବିଧା, ସ୍ଥାୟୀ ସମ୍ପତ୍ତି ଏବଂ କାର୍ଯ୍ୟକ୍ଷମ ପ୍ରତିଷ୍ଠାନଗୁଡ଼ିକୁ ଯାଞ୍ଚ କରିଥିଲେ। ସେ ରେଳ କର୍ମଚାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟ ସ୍ଥିତି ସମୀକ୍ଷା କରିଥିଲେ ଏବଂ ଦକ୍ଷତା, ସୁରକ୍ଷା ଏବଂ ଯାତ୍ରୀ ସେବାର ଉଚ୍ଚ ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ଚାଲୁଥିବା କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ନୃସିଂହ ଗୁରୁଙ୍କ ବର୍ଷବ୍ୟାପୀ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ସମ୍ବଲପୁର, ୨୫।୪ (ସମିସ):** 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୫ତମ ବର୍ଷ ବ୍ୟାପୀ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଲୋକ କବିରତ୍ନ ହଳଧର ନାଗ ବର୍ଷବ୍ୟାପୀ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଶ୍ରୀ ନାଗ ନୃସିଂହ ଗୁରୁଙ୍କ ନାମ ଉଲ୍ଲେଖ ଥିବା ସ୍ୱରଚିତ 'ବୀର୍ ସୁନ୍ଦର ସାଏ' କାବ୍ୟର ପଦାବଳୀ ଗାନ କରି ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନୃସିଂହ ଗୁରୁଙ୍କ ଉପରେ ଏକ ବୃତ୍ତଚିତ୍ର ନିର୍ମାଣ କରିବା ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଯୁବ ସାହିତ୍ୟିକ ମାନସ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ମୃତି ସମିତିର ଉପସଭାପତି ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ତ୍ୟାଗପୂତ ଜୀବନ ବିଷୟରେ ଆଲୋକପାତ କରିଥିଲେ। ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଏବଂ ଯୁଗ୍ମ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସିସିଆର୍‌ଟି ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟରେ ଶିଶୁ କଳାକାର ବୃତ୍ତି ପାଇବା ପାଇଁ ମନୋନିତ ହୋଇଥିବା ଅମୃତୋୟା ସାହୁ ଓ ଏକ ଘରୋଇ ଓଡିଆ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ ନୃତ୍ୟ କାର୍ଯ୍ୟକ୍ରମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସମୃଦ୍ଧି ସାହୁଙ୍କୁ ସ୍ମୃତି ସମିତି ତରଫରୁ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ନୃସିଂହ ଗୁରୁଙ୍କ ଜୀବନୀ ଆଧାରିତ ମୋହନ ସାହୁଙ୍କ ଲିଖିତ ଏକ ଗୀତକୁ ପ୍ରଫୁଲ୍ଲ ମିତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ୧୩ ଜଣ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପରିବେଷଣ କରିଥିଲେ। ଏହାଛଡ଼ା ତୃଷ୍ଣା ଦାଶଙ୍କ ଲିଖିତ ପୁସ୍ତକ 'ସରୁ ଏକ ସ୍ରୋତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରାଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମାନସ ଷଡ଼ଙ୍ଗୀ, ଅଶ୍ୱିନୀ ବାରିକ, ଅନୁପମା ବିଶ୍ୱାଳ, ମମତା ନାଥ, ପଙ୍କଜିନୀ ନାୟକ ଓ ଅନନ୍ୟା ବେହେରାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ନୃସିଂହ ଗୁରୁଙ୍କ ଜୀବନୀ ଆଧାରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେନ୍ଦ୍ର ସତନାମୀ, ବଂଶୀଧର କର, ଦେବାଶିଷ ସାହୁ, ଗଣେଶ ନାହାକ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଶୀ ନୃତ୍ୟରେ ତ୍ରିୟା ବାଗଙ୍କ ସଫଳତା

**ସମ୍ବଲପୁର, ୨୫।୪(ସମିସ):** ବୁର୍ଲାର ତ୍ରିୟା ବାଗ ଓଡ଼ିଶୀ ନୃତ୍ୟ ଶ୍ରେଣୀରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ସିସିଆରଟି ଦ୍ୱାରା ପ୍ରଚଳିତ କଲ୍‌ଚରାଲ୍ ଟାଲେଣ୍ଟ ସର୍ଚ୍ଚ ସ୍କଲାରଶିପ୍ ଯୋଜନାରେ ମନୋନୀତ ହୋଇଛନ୍ତି। ତ୍ରିୟା ଗୁରୁ ଡ. ବିଶ୍ୱଜିତ ଦାଶଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଡ. ଭବାନୀ ପ୍ରସାଦ ବାଗ ଓ କଳ୍ପନା ମାର୍ଥାଙ୍କ କନ୍ୟା ତ୍ରିୟା ସମ୍ବଲପୁରର ସେଣ୍ଟ୍ ଜୋସେଫ୍‌ସ କନଭେଣ୍ଟ୍ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ। ତାଙ୍କର ଏହି ସଫଳତା ତାଙ୍କ ପରିବାର, ଗୁରୁଜନ, ସ୍କୁଲ ଏବଂ ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି। ଭବିଷ୍ୟତରେ ତ୍ରିୟା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଭଳି ଜଣେ ସୁଦକ୍ଷ ନୃତ୍ୟଶିଳ୍ପୀ ହେବାକୁ ଆଶା ରଖିଥିବା କହିଛନ୍ତି।

## କର୍ମୀଙ୍କ ବିୟୋଗରେ ବିଜେଡି ପକ୍ଷରୁ ଶୋକସଭା



**ରେଢ଼ାଖୋଲ, ୨୫।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଶନିବାର ବିଜେଡିର ସକ୍ରିୟ କର୍ମୀ ଆଶିଷ କୁମାର ପ୍ରଧାନଙ୍କ ହୃଦଘାତ ଯୋଗୁଁ ଅକାଳ ବିୟୋଗରେ ବିଜେଡି ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅକାଳ ବିୟୋଗରେ ବିଜୁ ଜନତା ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ କର୍ମୀମାନେ କହିଛନ୍ତି। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ଶୋକ ବାର୍ତ୍ତା ପ୍ରଦାନ କରିଥିଲେ। ଶୋକସଭାରେ ଆଶିଷଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ବିଜେଡି ଜିଲ୍ଲା ଉପସଭାପତି ଅନାଦି ଚରଣ ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ବରିଷ୍ଠ କର୍ମକର୍ତ୍ତା ଅରୁଣ କୁମାର ପ୍ରଧାନ, ବିଜେଡ଼ି ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ, ଦତ୍ତ ବିଶ୍ୱାଳ, ଖେଳାନିଧି ପ୍ରଧାନ, ବୁବୁ ରାଉତ, ଶଶାଙ୍କ ଗିରି, ପ୍ରଶାନ୍ତ ପ୍ରଧାନ, ବୁବୁନ ଦାସ, କୁନା ସାହୁ, ସୁନୀଲ ସାହୁ ପ୍ରମୁଖ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବସ୍‌ରେ ଧୂଆଁ, ଯାତ୍ରୀ ଆତଙ୍କିତ

**ସମ୍ବଲପୁର, ୨୫।୪(ସମିସ):** ଆଜି ସନ୍ଧ୍ୟାରେ ସମ୍ବଲପୁର ବସଷ୍ଟାଣ୍ଡରେ ଏକ ଯାତ୍ରୀବାହୀ ବସ ଛିଡା ହୋଇଥିବା ବେଳେ ପ୍ରବଳ ଧୂଆଁ ବାହାରିଥିଲା, ଲୋକେ ଆତଙ୍କିତ ହୋଇ ଏଣେତେଣେ ଦୌଡିଥିଲେ। ପରେ ଅଗ୍ନି ନିର୍ବାପକ ଯନ୍ତ୍ର ଖୋଲିଯିବାରୁ ଧୂଆଁ ବାହାରିଥିବା ଜଣାପଡିଥିଲା।



ସୂଚନା ଅନୁଯାୟୀ, ଇବଥର୍ମାଲ ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ (ଓଡି-୦୨-ବିଟି-୨୫୪୪) ସମ୍ବଲପୁରଠାରେ ପହଞ୍ଚି ସରକାରୀ ବସଷ୍ଟାଣ୍ଡରେ ଛିଡ଼ା ହୋଇଥିଲା। ଏହି ସମୟରେ ବସରୁ ପ୍ରବଳ ଧୂଆଁ ବାହାରିବା ସହ ସମ୍ପୂର୍ଣ୍ଣ ବସଟି ଧୂଆଁମୟ ହୋଇଯାଇଥିଲା। ବସରେ ନିଆଁ ଲାଗିଗଲା ବୋଲି ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଯିଏ ଯୁଆଡ଼େ ପାରିଲେ ବସରୁ ବାହାରି ଦୌଡ଼ିବାକୁ ଲାଗିଲେ। ପରେ ଜଣାପଡିଲା ଯେ, ବସରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖା ଯାଇଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ପିନ ଖୋଲିଯିବାରୁ ସେଥିରୁ ପ୍ରବଳ ଧୂଆଁ ବାହାରି ବସଟି ଧୂଆଁମୟ ହୋଇଯାଇଥିଲା। ତୁରନ୍ତ ବସର କବାଟ ଓ ଝରକା ଖୋଲି ଦିଆଯିବାରୁ ଧୂଆଁ ବାହାରକୁ ଚାଲିଯାଇଥିଲା ଏବଂ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିବା ସୂଚନା ମିଳିଛି। ଅଗ୍ନିନିର୍ବାପକ ଯନ୍ତ୍ରର ସଠିକ ସ୍ଥାନରେ ନ ଥିବାରୁ କୌଣସି କାରଣବଶତଃ ପିନ୍ ଖୋଲିଯାଇ ସେଥିରୁ ପ୍ରବଳ ଧୂଆଁ ବାହାରିଥିବା କୁହାଯାଉଛି।

### ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବାଳକରେ ହୀରାକୁଦ ଓ ବାଳିକାରେ ମେହେର ଆସୋସିଏସନ ଚାମ୍ପିଅନ

**ସମ୍ବଲପୁର, ୨୫।୪ (ସମିସ)**

ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ ଆନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ଫାଇନାଲ ମ୍ୟାଚ୍ ହୀରାକୁଦ ଆଥେଲେଟିକ ଏସୋସିଏସନ ଏବଂ ମେହେର ଆସୋସିଏସନ ମଧ୍ୟରେ ହୋଇଥିବାବେଳେ ହୀରାକୁଦ ଆଥଲେଟିକ୍ ଆସୋସିଏସନ୍ ୫-୧ ଗୋଲରେ ବିଜୟୀ ହୋଇ ଚମ୍ପିଆନ ହୋଇଛି। ସେହିପରି ବାଳିକା ବର୍ଗରେ ମେହେର ଆସୋସିଏସନ ଓ ଏଞ୍ଜେଲ ଫୁଟବଲ୍ ଏକାଡେମୀ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିବାବେଳେ ମେହେର ଆସୋସିଏସନ୍ ବିଜୟୀ ହୋଇ ଚଳିତବର୍ଷର ଚମ୍ପିଆନ ହୋଇଛି। ରେଫରୀ ଭାବେ ମ୍ୟାଚ ଗୁଡ଼ିକୁ ଅରୁଣ ଭୋଇ, ଅସିତ କୁମାର ସାହୁ, ପରେଶ ପଧାନ, ଜୟନ୍ତ କୁମାର ପିଙ୍ଗ, ବିଜୟ ଓରାମ, ଭାରତୀ ଓରାମ ଓ ଅନୀତା ଓରାମ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ଚମ୍ପିଆନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ଶ୍ରେଷ୍ଠ ଖେଳାଳି ଓ ଅନ୍ୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସମୀର ରଞ୍ଜନ ବାବୁ, ଡଃ ପ୍ରମୋଦ ରଥ, ସୁଶାନ୍ତ ପୁରୋହିତ, ପ୍ରବୀଣ ସିଂଦେଓ, ସୂର୍ଯ୍ୟ ପାଣିଗ୍ରାହୀ, କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ବିକାଶ ମିଶ୍ର, କୃଷ୍ଣଚନ୍ଦ୍ର ଶତପଥୀ, ଉମାପତି ତ୍ରିପାଠୀ, ଲକ୍ଷ୍ମଣ ନାଥ, ସୁବ୍ରତ ଚାନ୍ଦ, ସାହେବ ଖମାରୀ, ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ସୁବାଷ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ମହମ୍ମଦ ଜିଦା, ମହମ୍ମଦ ବରକତ ପ୍ରମୁଖ ସହଯୋଗ କରିଥିଲେ।



# ଜିଲ୍ଲାସ୍ତରୀୟ ପ୍ରାଣୀ ଚିକିତ୍ସା ଦିବସ



**ପଦ୍ମପୁର, ୨୫। ୪(ସମିସ):** ପଦ୍ମପୁର ସିଦ୍ଧିବିନାୟକ କଲ୍ୟାଣମଣ୍ଡପରେ ପ୍ରାଣୀ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପଦ୍ମପୁର ଉପଖଣ୍ଡିୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ପାଟଯୋଶୀ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିଗମାନନ୍ଦ ପାଢ଼ୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିରୁପାକ୍ଷ ନାୟକ ଯୋଗଦେଇଥିଲେ। ସଭାକୁ ବରଗଡ଼ର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମିଲି ପାଣ୍ଡେ ପରିଚାଳନା କରିଥିଲେ। ସଭାରେ ଝାରବନ୍ଧ ର ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ଡାକ୍ତର ଆକାଶ ମହାପାତ୍ର, ଗାଇସିଲେଟ ବ୍ଲକର ଅତିରିକ୍ତ ପ୍ରାଣୀ ଚିକିତ୍ସାକ ଡାକ୍ତର ରାନୁ ଦାଶ ପ୍ରମୁଖ ଉତ୍ତମ ପ୍ରାଣୀଜ ଖାଦ୍ୟ ସୁରକ୍ଷା ଓ ନିରପତ୍ତା ସମ୍ପର୍କରେ ଗୋପାଳକଙ୍କୁ ବୁଝାଇଥିଲେ। ସଭାରେ ବୈଜ୍ଞାନିକ ଓ ଚାଷୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଉଥିଲା। ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ଉପସ୍ଥିତ ଥିଲେ।ଶେଷରେ ଝାରବନ୍ଧର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧୀକାରୀ ଡାକ୍ତର ସମୀର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ସାକ୍ଷାତକାର ଅଭିଯାନ



**ବରଗଡ଼, ୨୫। ୪(ସମିସ):** ସମାଜରେ ବରିଷ୍ଠ ନାଗରିକମାନଙ୍କ ଅବଦାନ ଅମୂଲ୍ୟ। ସେମାନଙ୍କ ଅନୁଭବ ଆମ ପାଇଁ ପଥପ୍ରଦର୍ଶକ ସମାନ। ଏହି ଉଦ୍ଦେଶ୍ୟକୁ ନଜରରେ ରଖି ଆଜି ବରଗଡ଼ ଅଞ୍ଚଳରେ ବରିଷ୍ଠ ନାଗରିକ ସାକ୍ଷାତକାର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ସହ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟ, ଜୀବନ ପରିସ୍ଥିତି ଓ ମନୋଭାବ ବିଷୟରେ ଜାଣିବାକୁ ଏକ ସ୍ୱେଚ୍ଛାସେବୀ ଦଳ ପ୍ରୟାସ କରିଥିଲା। ଏହି ଅଭିଯାନର ଅଂଶ ଭାବେ ସଦସ୍ୟମାନେ ପ୍ରଥମେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସୁବଳ କିଶୋର କରଙ୍କ ସହିତ ସାକ୍ଷାତ କରିଥିଲେ। ସେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଚକ୍ଷୁ ସମସ୍ୟା ଓ ତାହାର ସମାଧାନ ସମ୍ବନ୍ଧରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ବୟସ୍କ ଲୋକମାନଙ୍କ ନିୟମିତ ଚକ୍ଷୁ ପରୀକ୍ଷା କରାଇବାର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ। ସରଳ ଜୀବନଶୈଳୀ ଓ ସୁସ୍ଥ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ତାପରେ ଦଳ ଗଙ୍ଗାଧର ନଗରର ବାସିନ୍ଦା କୃଷ୍ଣଚନ୍ଦ୍ର ଦାଶଙ୍କ ଘରକୁ ଯାଇଥିଲେ। ସଭାପତି କେଦାର ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ଦେବୀ ପଟ୍ଟନାୟକ ଓ ସମାଜସେବୀ ତଥା ସାମ୍ବାଦିକ ତୁଳସୀ ଚରଣ ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ବୈଶାଖମେଳା ପାଇଁ ନୃସିଂହନାଥ ପୀଠ ଚଳଚଞ୍ଚଳ
# ଆଜିଠାରୁ ମେଳା ଆରମ୍ଭ

**ପାଇକମାଲ, ୨୫।୪(ସମିସ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ବୈଶାଖ ମେଳା ପାଇଁ ଚୂଡାନ୍ତ ପ୍ରସ୍ତୁତି ଶେଷ ରବିବାର ସନ୍ଧ୍ୟାରେ ନୃସିଂହନାଥ ବୈଶାଖମେଳା ଅରମ୍ଭ ସହ କଳସ ଅଧିବେସନ କରାଯିବ।ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ କରାଯିବ। ଶନିବାର ଏଣ୍ଡ୍ରିମ ଟ୍ରଷ୍ଟି ଦେବାଶିଷ ସିହ୍ନାଙ୍କ ସହ ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ମେଳା କମିଟିର ସଦସ୍ୟମାନେ ମେଳା ପରିସର ବୁଲି ଦେଖିବା ସହ ବାଇପାସ ରୋଡ୍, ପାର୍କିଂପ୍ଲେସ, ଉଠା ଦୋକାନ ସ୍ଥାନ ବୁଲି ଦେଖିଥିଲେ। ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇ ପଡ଼ିଛି। ଚଳିତ ବର୍ଷ ଆୟୁର୍ବେଦ ମହାବିଦ୍ୟାଳୟରୁ ନୃସିଂହନାଥ ପର୍ଯ୍ୟନ୍ତ ପ୍ରବଳ ଭିଡକୁ ନଜର ରଖି ରାସ୍ତାର ପାର୍ଶ୍ୱରେ ଲାଗି ଦୋକାନ ନବସାଇ ଟିକିଏ ରାସ୍ତା ଛାଡି ବସାଯାଇଛି।



ମେଳା ପରିସରରେ ଦୋକାନ ବଜାର ଦୋଳି ସର୍କସ ଆଦି ବସି ସାରିଲାଣି। ପ୍ରଶାସନ ତଥା ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚାଳଧାରରେ ବାଉଁଶରେ ତିଆରି ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ମନ୍ଦିର ପରିସରରେ ଯଜ୍ଞ ମଣ୍ଡପ କାର୍ଯ୍ୟ ଶେଷ ହୋଇଯାଇଛି। ୨୬ ତାରିଖ (ରବିବାର) ଠାରୁ ମେ'୧ ତାରିଖ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ବୈଶାଖ ମେଳା ଅନୁଷ୍ଠିତ ହେବ। ପ୍ରଥମ ଦିନ ରବିବାର କଳସ ଯାତ୍ରା ପାଇଁ ଅପରାହ୍ନ ୪ଟାରେ ପୂଜା ପାଠ ଅନୁଷ୍ଠିତ ହେବ।୨୭ ତାରିଖ ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ବୀଜମନ୍ତ୍ର ଜପ କରାଯିବ। ୩୦ ତାରିଖରେ ନୃସିଂହନାଥ ମହାପ୍ରଭୁ ମାର୍ଜାର କେଶରୀଙ୍କ ଜନ୍ମଉତ୍ସବ ପାଳନ କାର୍ଯ୍ୟକ୍ରମ ରହିଛି।କନ୍ଧ ସମାଜ ଦ୍ୱାରା ନୃସିଂହ ମହାପ୍ରଭୁଙ୍କୁ ପିତାକନ୍ଦା ଭୋଗ ଅର୍ପଣ ଏବଂ ଧ୍ୱଜା ବନ୍ଧନ କରଯିବ। ମେ'୧ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ଅକ୍ଷୟ ତୃତୀୟା ଠାରୁ ନୃସିଂହନାଥରେ ଅପରାହ୍ନ ୪ଟାରେ ନୃସିଂହ ମହାପ୍ରଭୁଙ୍କ ଠାରେ ଲାଗୁ ହେଉଥିବା ପଖାଳ ଭୋଗ ଶନିବାର ଶେଷ ହୋଇଯାଇଛି।

## ବିଜୁ ଏକ୍ସପ୍ରେସ୍ ୱେରୁ ଗଛଲତା କାଟିବାକୁ ଦାବି



**ପାଇକମାଲ, ୨୫।୪ (ସମିସ):** ପ୍ରସିଦ୍ଧ ନୃସିଂହନାଥ ବୈଶାଖ ମେଳା ଆଜି(ରବିବାର) ଠାରୁ ଆରମ୍ଭ ହେବାକୁ ଯାଉଛି। ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ମେଳାରେ ଯୋଗଦେବାକୁ ଆସୁଥିବାରୁ ପାଇକମାଲରୁ ମାଣ୍ଡୋସିଲ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ଭିଡ଼ ବଢ଼ିବାର ସମ୍ଭାବନା ରହିଛି। କିନ୍ତୁ ବିଜୁ ଏକ୍ସପ୍ରେସ ୱେ ରାସ୍ତା ମଝିରେ ଥିବା ଛୋଟ ଛୋଟ ଗଛଲତା ଚିନ୍ତା ବଢ଼ାଇଛି। ରାସ୍ତା ମଝିରେ ଗଛ ଥିବାରୁ ଗାଡ଼ି ଚଳାଚଳ ସମୟରେ ଏକ ପଟୁଆରୁ ଆସୁଥିବା ଯାନ ଅନ୍ୟ ପଟୁଆରୁ ସ୍ପଷ୍ଟ ଦେଖାଯାଉନଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ଦୃଢ଼ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପକ୍ଷରୁ ପ୍ରଶାସନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଦୁର୍ଘଟଣା ଘଟିବା ପୂର୍ବରୁ ରାସ୍ତା ମଝିରେ ଥିବା ଛୋଟ ଛୋଟ ଗଛଲତାଗୁଡ଼ିକୁ କାଟିବା ତଥା ସଫା ସୁତୁରା କରି ଯାତାୟାତକୁ ସୁଗମ କରିବାକୁ ଲୋକମାନେ ଅନୁରୋଧ କରିଛନ୍ତି।

## ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର

**ପାଇକମାଲ, ୨୫।୪(ସମିସ):** ବୈଶାଖ ମେଳା ଅବସରରେ ଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଅପ୍ରେଲ ୨୬ ରୁ ମେ'୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମେଳା ପୂର୍ବରୁ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାବାନ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ବରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର୍ ହୁସେନ୍, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏବଂ ଅତିରିକ୍ତ ବିଡିଓ ଦେବାଶିଷ ସିହ୍ନା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।ଶିବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ 'ଜୟ ଗୋପାଳ ଗ୍ରୁପ' ଶ୍ରେଷ୍ଠ ବିବେଚିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜଖରିଆରର ଦିଗବିଜୟ ସିଂହ ଦ୍ୱିତୀୟ ଏବଂ 'ଲିଟିଲ୍ ଏଞ୍ଜେଲ୍' ଗ୍ରୁପ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଆୟୋଜିତ ଚିତ୍ରକଳା ଶିବିରରେ ୧୫ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ଭାବଗ୍ରାହୀ ଚିତ୍ରମାନ ଅଙ୍କନ କରିଥିଲେ। ଅତିଥିମାନେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆଲୋକ ଗରିଆ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ।



# କୁମୁଦିନୀ ନିଗମ ଝାରବନ୍ଧ ବ୍ଲକ୍ ବିଜେଡି ସଭାନେତ୍ରୀ

**ଝାରବନ୍ଧ, ୨୫।୪(ସମିସ):** ବିଜୁ ମହିଳା ଜନତା ଦଳ ଝାରବନ୍ଧ ବ୍ଲକ ସଭାନେତ୍ରୀ ଭାବେ କୁମୁଦିନୀ ନିଗମଙ୍କୁ ମନୋନୀତ କରାଯାଇଛି। ଏହା ଅଞ୍ଚଳରେ ଦଳୀୟ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବ। ଏହି ସୁଯୋଗ ଦେଇଥିବାରୁ ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟିକା ବର୍ଷା ସିଂ ବରିହା ଓ ବରଗଡ଼ ଜିଲ୍ଲା ସଭାପତି ଜାପାନ ମହାପାତ୍ରଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସ୍ଥାନୀୟ ଦଳୀୟ କର୍ମୀମାନେ ମଧ୍ୟ ଏହି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଦଳ ଓ ସମାଜ ସେବା କ୍ଷେତ୍ରରେ ନୂତନ ଗତି ଆସିବ ବୋଲି ଆଶା ରହିଛି। ଶ୍ରୀମତୀ ନିଗମ କହିଛନ୍ତି ଯେ ଅଞ୍ଚଳର ସେବା ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ନିଷ୍ଠାର ସହ କାମ କରିବେ। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସ୍ୱର ଭାବେ କାମ କରିବେ। ମହିଳାଙ୍କ ସଶକ୍ତୀକରଣ ସହ ଅଞ୍ଚଳର ସମଗ୍ର ଉନ୍ନତିକୁ ଗୁରୁତ୍ୱ ଦେବେ। ଏହି ଅବସରରେ ସେ ଦଳର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ଆଶା କରିଛନ୍ତି। ସମସ୍ତଙ୍କୁ ଏକତ୍ର ହୋଇ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି।



# ଇନର ହୁଇଲ କ୍ଲବ୍ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ

**ବରଗଡ଼, ୨୫। ୪(ସମିସ):** ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଇନର୍ ହୁଇଲ କ୍ଲବ୍ ଅଫ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ବରଗଡ଼ର ମୁଖ୍ୟ ରାସ୍ତା ପେଣ୍ଟାଲନ ନିକଟରେ ପଥଚାରୀଙ୍କ ପାଇଁ ଦହି ପାଣି ଓ ସରବତ ଆଦି ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। କ୍ଲବ୍‌ର ସଭାପତି ଅଫସାନା ଲୋଧିଆ ଆଉ ପିପି ଭାବନା ଅଗ୍ରୱାଲ, ନୁପୁର ଅଗ୍ରୱାଲ, ପ୍ରିୟା ଫଂଶାରି, ଇନ୍ଦୁ ଅଗ୍ରୱାଲ, ଦୀପ୍ତି ଶତପଥୀ, ପୁଷ୍ପାଞ୍ଜଳି ସୁବୁଦ୍ଧି, ନିଶା ଲାଠ ପ୍ରମୁଖ ମହିଳା ମଣ୍ଡଳୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଚେରେଙ୍ଗାଝାଞ୍ଜରେ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ପାଇକମାଲ, ୨୫।୪ (ସମିସ):** ଚେରେଙ୍ଗାଝାଞ୍ଜ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଉଗ୍ରସେନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ସହଦେବ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜ ଉଦ୍‌ବୋଧନରେ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ଓ ଏହା ମାଧ୍ୟମରେ ପାଠ୍ୟଦାନ ପ୍ରକ୍ରିୟାକୁ କିପରି ଆକର୍ଷଣୀୟ ଓ ଫଳଦାୟକ କରାଯାଇପାରେ ସେ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ନୂତନ ଓ ସୃଜନଶୀଳ ଶିକ୍ଷଣ ସାମଗ୍ରୀ ବ୍ୟବହାର କଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗ୍ରହଣ କ୍ଷମତା ବୃଦ୍ଧି ପାଏ। ଏହି କର୍ମଶାଳାରେ ଚେରେଙ୍ଗାଝାଞ୍ଜ କ୍ଲଷ୍ଟର ଅଧୀନର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ବ୍ୟବହାର ସମ୍ପର୍କରେ ପ୍ରୟୋଗିକ ଅଭ୍ୟାସ କରିଥିଲେ। ଶିକ୍ଷକମାନେ ନୂତନ ପଦ୍ଧତି ଓ ସୃଜନଶୀଳ ଧାରଣା ବିନିମୟ କରି ଏହାକୁ ଆଗାମୀ ପାଠ୍ୟଦାନରେ ପ୍ରୟୋଗ କରିବାକୁ ସଙ୍କଳ୍ପ ନେଇଥିଲେ। ଶେଷରେ ଶିକ୍ଷକ ସହଦେବ ଦାଉ ଧନ୍ୟବାଦ ଜଣାଇ କର୍ମଶାଳାର ସମାପନ କରିଥିଲେ।

# ଗ୍ରାମାଞ୍ଚଳରେ ଉନ୍ନତ କିସମର ଯନ୍ତ୍ରପାତି ବ୍ୟବହାର ଉପରେ ତାଲିମ

**ବରଗଡ଼, ୨୫।୪(ସମିସ):** ଗ୍ରାମାଞ୍ଚଳରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର କରି ଚାଷ କ୍ଷେତ୍ରରେ କିପରି ଖର୍ଚ୍ଚ କମ୍ କରାଯାଇ ପାରିବ ଓ ସହଜରେ ହୋଇପାରିବ ସେ ଉପରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ତରଫରୁ ତାଲିମ ଦିଆଯାଇଛି। କଟାପାଲି, ବରଗାଁ, କମଗାଁ ଓ ବାଉଳ ସିଂହାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷ ଜମି ସମତୁଲ କରିବା ପାଇଁ ଲେଜର ଲେବେଲିଂ ସହ ଟ୍ରାକ୍ଟର, ସିଡ୍ ଡ୍ରିଲ୍, ପାୱାର ଟିଲର, ସୋଲାର ଥ୍ରେସର୍, ରେପର୍ ବାଇଣ୍ଡିଂ, ଟ୍ରାନ୍ସପ୍ଲାଣ୍ଟର, ଉନ୍ନତ ମାନର ମେସିନ୍‌ଗୁଡ଼ିକ କୃଷିତାରା ଫାର୍ମର ପ୍ରଡ୍ୟୁସର୍ କମ୍ପାନୀର ଦାୟିତ୍ୱରେ କଟକ ଧାନ ଗବେଷଣା କେନ୍ଦ୍ର ତରଫରୁ ଦିଆଯିବ। ୩ ବର୍ଷ ପାଇଁ ଚାଷୀଙ୍କୁ ମାଗଣାରେ ନିର୍ଦ୍ଦିଷ୍ଟ ଜମି ପାଇଁ ଡେମୋଷ୍ଟ୍ରେସନ୍ ହିସାବରେ ବ୍ୟବହାର ପାଇଁ ଏହା ଦିଆଯିବ। ଏହା ବ୍ୟତୀତ ଗୋଟିଏ ସ୍ଥାୟୀ ମେସିନ୍ ମରାମତି କେନ୍ଦ୍ର ସ୍ଥାପନ କରାଯିବ। ଯନ୍ତ୍ରପାତି ସଜାଇବା ପାଇଁ ମେକାନିକ ରଖାଯିବ। ଗ୍ରାମର ବେକାର ଯୁବକ ଯୁବତୀଙ୍କୁ ନେଇ ନିଃଶୁଳ୍କ ତାଲିମ ପ୍ରଦାନ କରାଯିବ। ଏହାଦ୍ୱାରା ନୂଆଁ ମେକାନିକ ସୃଷ୍ଟି କରାଯିବ। ତେବେଯାଇ ନୂଆଁ ରୋଜଗାର ସୃଷ୍ଟି ହେବା ସହ କୃଷି କାର୍ଯ୍ୟରେ ବହୁ ପରିମାଣରେ ଖର୍ଚ୍ଚ କମିଯିବ ବୋଲି କୁହାଯାଇଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଚାଷୀଙ୍କୁ ତାଲିମ୍ ଦେବା ପାଇଁ କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରୁ ବରିଷ୍ଠ ଯାନ୍ତ୍ରିକ ବୈଜ୍ଞାନିକ ପ୍ରକାଶ ଚନ୍ଦ୍ର ଜେନା ଓ ଡ. ଏନଏନ ଜମ୍ବୁଲକର ଯୋଗ ଦେଇଥିଲେ। କଟାପାଲି ଯୁବ ସରପଞ୍ଚ ରମେଶ ସାହୁ ଓ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଶାନ୍ତନୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟଦେବ ମହାରଣା, ଚୈତନ୍ୟ ପ୍ରଧାନ, ଉତ୍ତର ସାହୁ, ଶାନ୍ତନୁ ଦାସ, କୁମରମଣି ନାଏକ, ସୁରେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରିଜତଳକୁ ଖସିଲା କାର୍, ମହିଳା ଗୁରୁତର

**ପଦ୍ମପୁର, ୨୫। ୪(ସମିସ):** ପାଟଣାଗଡ଼ରୁ ପଦ୍ମପୁରକୁ ଆସୁଥିବା କାର୍ ପଦ୍ମପୁର ନିକଟସ୍ଥ ଝାଙ୍କରପାଲି ବ୍ରିଜ ତଳକୁ ଖସିପଡ଼ି ଥିଲା। କାର୍‌ରେ ଥିବା ଡ୍ରାଇଭର ୧ବର୍ଷର ଛୋଟ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରାଯାଇ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମହିଳା ଜଣକ ଭୁବନେଶ୍ୱରର ମନିଷା ପୁରୋହିତ (୩୨) ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭିମସାର ବୁର୍ଲାକୁ ପଠାଯାଇଛି।

# ଦୁର୍ଘଟଣାରେ ପ୍ରଧାନଶିକ୍ଷକଙ୍କ ପରଲୋକ

**ବରଗଡ଼, ୨୫।୪(ସମିସ):** ସଦର ବ୍ଲକ ଏସଡୁମ୍ବେରପାଲି ଗ୍ରାମର ଶିକ୍ଷକ ଉପେନ୍ଦ୍ର ସାହୁ (୫୪)ଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ସେ ସକାଳୁ ପ୍ରାତଃ ଭ୍ରମଣ କରୁଥିବା ବେଳେ ବାଇକ୍ ଆରୋହୀ ଆସି ଜୋର୍‌ରେ ଧକ୍କା ଦେଇଥିଲା। ସେ ଚେତା ଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଜାଣିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ନିଲେଶ୍ୱର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ନିଜ ଗ୍ରାମ ଏସଡୁମ୍ବେରପାଲିରେ ରହିଥିବା ଜ୍ଞାନ ରଶ୍ମି ପାଠାଗାରର ପ୍ରତିଷ୍ଠାତା ସଭ୍ୟ ଥିବା ସହିତ ପୂର୍ବତନ ସମ୍ପାଦକ ମଧ୍ୟ ଥିଲେ। ପାଠାଗାର ପକ୍ଷରୁ ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଗ୍ରାମ ମଶାଣିରେ ତାଙ୍କର ସଂସ୍କାର ସମ୍ପନ୍ନ ହୋଇଥିଲା।ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।



# ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ







**ବରଗଡ଼, ୨୫।୪(ସମିସ)**

ବରଗଡ଼ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଯଦୁମଣି ପଧାନ ଅଡିଟୋରିୟମରେ ପାଳିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଅଭିଭାଷଣରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ବଖାଣିଥିଲେ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଯାଇ ଏକ ଉନ୍ନତ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ସରକାର ଗ୍ରାମୀଣ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବା ଓ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଉଦ୍ୟମ ଜାରି ରଖିଛି। ରାଜ୍ୟର ସମସ୍ତ ପରିବାରକୁ ପାଇପ୍ ଯୋଗେ ନିରାପଦ ପାନୀୟ ଜଳ ଯୋଗାଣ, କଚ୍ଚା ଘର ଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଣ ସମସ୍ତ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରଯୁକ୍ତି ବିଦ୍ୟାର ସହାୟତା, ପଞ୍ଚାୟତ ସ୍ତରରେ ନିଜ ଆୟ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହେଉଥିବା ଶ୍ରୀ ପୁରୋହିତ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ପ୍ରମୁଖ ଉପସ୍ଥିତ ରହି ୧୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ୫ଜଣ ଜଣ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ଏବଂ ତିନି ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିଥିବା ୩ ଜଣ ହିତାଧିକାରୀଙ୍କୁ ଇନସେନଟିଭ ବଣ୍ଟନ ସହ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାର ପ୍ରମୁଖ ବ୍ଲକ, ପଞ୍ଚାୟତ, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଆରଏସ, ପିଇଓ, ଜେଇଙ୍କୁ ସମ୍ମାନିତ କରାଯାଇଥିଲା।

**ଭଟଲି:** ଭଟଲି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ବଖାଣି ଥିଲେ।ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନଙ୍କ ସହିତ ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଏବିଡିଓ ଜ୍ୟୋସ୍ନାରାଣୀ ଗଡ଼ତିଆ, ସିଡିପିଓ ସୈରେନ୍ଦ୍ରୀ ମହାନନ୍ଦ, ବରଗଡ଼ ସାଂସଦ ପ୍ରତିନିଧି ପ୍ରତାପ ବାବୁ, ବ୍ଲକ ଉପଧ୍ୟକ୍ଷା ଲଳିତା ବାଗ, ଏମଏଲଏ ପ୍ରତିନିଧି ଅଚ୍ୟୁତ ବୁଧିଆ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବିତରଣ କରାଯିବ ସହିତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ମଧ୍ୟ ଭତ୍ତା ବିତରଣ କରାଯାଇଥିଲା।

**ପଦ୍ମପୁର:** ବରଗଡ଼ ଜିଲ୍ଲା ରାଜବୋଡାସମ୍ବର (ପଦ୍ମପୁର) ଉପଖଣ୍ଡର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଭାରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଅଂଶଗ୍ରହଣ ଓ ବିକାଶ ଧାରା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସାଂସଦଙ୍କ ପ୍ରତିନିଧି ସରୋଜ ପାଣିଗ୍ରାହୀ, ଉପଅଧ୍ୟକ୍ଷା ସଂଯୁକ୍ତା ଚାନ୍ଦ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ହିତାଧିକାରୀଙ୍କୁ ଉତ୍ସାହିତ କରିଥିଲେ। ସମାରୋହରେ ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ ଯୋଜନାର ସହାୟତା ବଣ୍ଟନକୁ ପ୍ରାଧାନ୍ୟ ଦିଆଯାଇଥିଲା। ଯୋଗାଣ ବିଭାଗ ପକ୍ଷରୁ ନଳିନୀ ବେହେରା ଓ ପୁଷ୍ପାଞ୍ଜଳି ମେହେରଙ୍କ ଭଳି ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ମନରେଗା ଯୋଜନାରେ ୩୦୦ ଦିନର କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ସହଦେବ ବାଗ ଓ ବିଜୟ କରେଇଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଏବଂ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ସହ ପ୍ରୋତ୍ସାହନ ରାଶିର ଚେକ୍ ବଣ୍ଟନ କରାଯାଇଥିଲା। ମିଶନ ଶକ୍ତି ଅଧୀନରେ ଲକ୍ଷପତି ଦିଦି ଓ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା।ବିଡିଓ ମନୋଜ ଦେବତା ସଭା ପରିଚାଳନା କରିଥିଲେ। ଶେଷରେ ଏବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରବନ୍ଧ:** ଝାରବନ୍ଧ ବ୍ଲକ ପଡ଼ିଆରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଝାରବନ୍ଧ ବିଡ଼ିଓ ପର୍ଶୁରାମ ପଣ୍ଡା, ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଆକାଉଣ୍ଟାଣ୍ଟ ଜୟଦେବ କିଷାନ, ବିଜେପି ନେତା ବିନୋଦ ବିହାରୀ ବାଘ, ବିଜେପି ଝାରବନ୍ଧ ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ ସହିତ ଦୋଳଚନ୍ଦ୍ର ସାହୁ ତ୍ରିଲୋଚନ ସାହୁ ମଞ୍ଚସୀନ ଥିଲେ। କଳାଗୌରବ ଚକ୍ରପାଣି ସେଠ ଓ ସାଥିମାନେ ସାଂସ୍କୃତିକ କଳା ପରିବେଷଣ କରିଥିଲେ। ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର କର୍ମଚାରୀ, ଜନସାଧାରଣ ଉପସ୍ଥିତ ଥିଲେ।ବିପିଏମ ସତ୍ୟ କୁମ୍ଭାର ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ।

# ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସୁଶୀଲ ସାହୁଙ୍କ ଦେହାନ୍ତ

**ଥୁଆପାଲି, ୨୫।୪(ସମିସ):** ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁଶୀଲ ସାହୁଙ୍କ ୬୭ ବର୍ଷ ବୟସରେ ପରଲୋକ ଘଟିଛି। ବରଗଡ଼ ବ୍ଲକ ଖୁଣ୍ଟୁପାଲି ପୈତୃକ ଗ୍ରାମରେ ତାଙ୍କ ଦେହାନ୍ତ ହୋଇଯାଇଛି। ସେ ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୯୮୪ରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ ଶିକ୍ଷାଦାନ କରି ଆସିଥିଲେ। ସେ ମୂଳି ଧାନଚାଷ ଉପରେ ଗବେଷଣା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପାଇଥିଲେ। ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନଙ୍କ ପରିଚାଳନାରେ ତାଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।



# ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ

**ବିଜେପୁର, ୨୫।୪ (ସମିସ):** ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମେଲେରିଆ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଲେରିଆ ଏକ ଗୁରୁତର କିନ୍ତୁ ପ୍ରତିରୋଧ ଯୋଗ୍ୟ ରୋଗ ବୋଲି କହିଥିଲେ। ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୁଦ୍ରଦେବ ତନସନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗ୍ରାମାଞ୍ଚଳରେ ମେଲେରିଆ ବିଷୟରେ ସଚେତନତା ବଢ଼ାଇବା ଅତ୍ୟନ୍ତ ଆବଶ୍ୟକ। ସେଥିପାଇଁ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଗାଁ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ବିଜେପୁର ବ୍ଲକର ବିଭିନ୍ନ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀ, ସିଏଚଓ ଏବଂ ସ୍ୱାସ୍ଥ୍ୟ ସେବା ସମ୍ପୃକ୍ତ କର୍ମଚାରୀ ଯୋଗ ଦେଇଥିଲେ। ସେମାନେ ମେଲେରିଆ ରୋଗର ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ବିଷୟରେ ଜାଣିଥିଲେ ଓ ଏହାକୁ ଲୋକମାନଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ସଙ୍କଳ୍ପ କରିଥିଲେ। ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ, ସୁପରଭାଇଜର ରଣଜିତ ବେହେରା ଓ ନବ କୁମାର ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ଭିବିଡିଟିଏସ ପଙ୍କଜ ମେହେର ଧନ୍ୟବାଦ ଜଣାଇଥିଲେ।

୨୫/୪/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୭,୫୪୮/- ସୁନା:୦୨.୧୦୦ ଗ୍ରାମ୍ ରୁପା: ୧୭.୮୦୦ ଗ୍ରାମ୍



୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା

# ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ପୁରୀ/ବ୍ରହ୍ମଗିରି,୨୫ା୪(ସମିସ)



## ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ଦାବି

ପୁରୀ ଜିଲ୍ଲା ବ୍ରହ୍ମଗିରି ସାତପଡ଼ା ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଘଟଣା ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ରହ୍ମଗିରି ଅଞ୍ଚଳରେ ଏହିଭଳି ଗୋଟିକ ପରେ ଗୋଟିଏ ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି। ଏହି ପରିପ୍ରେକ୍ଷୀରେ ଶନିବାର କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଦଳ ଏସ୍‌ପିଙ୍କୁ ସାକ୍ଷାତ୍ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ଦାବି ରଖିଛନ୍ତି। ପରେ ଏହି ଟିମ୍ ପୀଡ଼ିତାଙ୍କ ଗାଁକୁ ଯାଇ ତାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି।

ସତ୍ୟବ୍ରତ ପାତ୍ରଙ୍କ ନେତୃତ୍ୱରେ ୨୧ ଜଣିଆ ଟିମ୍ ପ୍ରଥମେ ଏସ୍‌ପିଙ୍କୁ ସାକ୍ଷାତ୍ କରିଥିଲେ। ପୁରୀ ଜିଲ୍ଲା ବିଶେଷକରି ବ୍ରହ୍ମଗିରି ଅଞ୍ଚଳରେ କିପରି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ୬ ବର୍ଷର ଶିଶୁ ଦୁଷ୍କର୍ମ କରାଯିବା ଭଳି ଲଜ୍ଜାଜନକ ଘଟଣା ଜିଲ୍ଲାକୁ ବଦନାମ କରିଛି ବୋଲି କହିଥିଲେ। ତେଣୁ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବ୍ରହ୍ମଗିରି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ନିକଟରେ ବାଲିହରଚଣ୍ଡୀ ପୀଠରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏବେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ହୋଇଛି। ବ୍ରହ୍ମଗିରିରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଭବିଷ୍ୟତରେ ଯେଭଳି ଏହିପରି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ପୁଲିସ ପ୍ରଶାସନ ସତର୍କ ରହିବାକୁ ଦଳ ଦାବି ରଖିଛି। ସେହିପରି ନିୟମ ଅନୁଯାୟୀ ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଦଳ ଦାବି କରିଛି। ପରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ୍ ପୀଡ଼ିତାଙ୍କ ଗାଁକୁ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ପରିବାର ଏବଂ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ। ଗାଁ ଲୋକେ ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କହିଥିଲେ। ଅନ୍ୟପକ୍ଷରେ ଟିମ୍ ସଦସ୍ୟ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ପ୍ରତିଦିନ ନାରୀ ନିର୍ଯାତନା, ଅତ୍ୟାଚାର, ଦୁଷ୍କର୍ମ ଘଟଣା ବଢ଼ିଚାଲିଛି। ସରକାର ବଡ଼ ବଡ଼ ଭାଷଣ ମାରୁଛନ୍ତି। ହେଲେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ରଖୁନାହାନ୍ତି। ଫଳରେ ଅପରାଧମୂଳକ ଘଟଣା ବଢ଼ିଚାଲିଛି ବୋଲି କହିଥିଲେ।

## ଗଡ଼ିଆ ପାଣିରେ ବୁଡ଼ି ଯୁବକ ମୃତ

ଡେଲାଙ୍ଗ,୨୫ା୪(ସମିସ): ଡେଲାଙ୍ଗ ଥାନା ଅନ୍ତର୍ଗତ ବେରବୋଇ ଗ୍ରାମର ଜଣେ ଯୁବକଙ୍କର ଗଡ଼ିଆ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବେରବୋଇ ଗ୍ରାମର କେଳୁଚରଣ ବେହେରା (୫୩) ତାଙ୍କ ନାତୁଣୀ ସହ ନିକଟରେ ଥିବା ଏକ ଗଡ଼ିଆକୁ ଗାଧୋଇବାକୁ ଯାଇଥିଲେ। ସେ ଗାଧୋଇବା ସମୟରେ ଅସାବଧାନତା ବଶତଃ ଗଡ଼ିଆରେ ପଡ଼ିଯାଇ ପାଣିରେ ବୁଡ଼ି ଯାଇଥିଲେ। କୁନି ନାତୁଣୀ ଏହା ଦେଖି ଦୌଡ଼ି ଯାଇ ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗଡ଼ିଆ ପାଣିରୁ କେଳୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗରୁ ଖବର ପାଇ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପୁଲିସ ଶବକୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ୪୦୦ ଲିଟର ପୋଚ ଜବତ; ୨ ମହିଳା ଗିରଫ

ପୁରୀ,୨୫ା୪(ସମିସ): ବେଆଇନ ଭାବରେ ଦେଶୀ ମଦ ପ୍ରସ୍ତୁତ ଓ ବିକ୍ରୟ କରୁଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି ଦୁଇଟି ଭିନ୍ନ ଭିନ୍ନ ମାମଲାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ପୁଲିସ ପକ୍ଷରୁ ମାଦକଦ୍ରବ୍ୟ ଉପରେ ଚଢ଼ଉ କରାଯାଉଥିବାବେଳେ ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା କି ସିଟି ରୋଡ୍ ନୂଆ ସାହିର ତାରା ମହାନ୍ତି ନାମକ ଜଣେ ମହିଳା ବେଆଇନ ଭାବରେ ଦେଶୀ ମଦ ପ୍ରସ୍ତୁତ କରିବା ସହ ବିକ୍ରୟ କରୁଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତ ନିକଟରୁ ୨୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ, ୫ଟି ଅଲୁମିନିୟମ୍ ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର୍ ସହ ୫ଟି ଟିଣର ପାତ୍ର ଜବତ କରିଛି। ଏହି ଘଟଣାରେ ପୁଲିସ କେସ୍ ନଂ ୧୨୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଦ୍ୱିତୀୟ ଘଟଣାରେ ପୁଲିସ ସିଟି ରୋଡ୍ ନୂଆ ସାହିର ଅଙ୍କା ନିଳାମାନ ନାମକ ମହିଳାଙ୍କୁ ଗିରଫ କରିଛି। ତାଙ୍କଠାରୁ ମଧ୍ୟ ପୁଲିସ ୨୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ, ୫ଟି ଅଲୁମିନିୟମ୍ ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର୍ ସହ ୫ଟି ଟିଣ ପାତ୍ର ଜବତ କରି କେସ୍ ନଂ ୧୨୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସୂର୍ଯ୍ୟମନ୍ଦିର ପରିସରରେ ସାପ କାମୁଡ଼ାରେ ମହିଳା ଗୁରୁତର

ଜବରଦଖଲ ସମସ୍ୟା ଯୋଗୁଁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

କୋଣାର୍କ,୨୫ା୪(ସମିସ): ଶନିବାର ପୂର୍ବାହ୍ଣରେ ସୂର୍ଯ୍ୟମନ୍ଦିର ପରିସରରେ ଜଣେ ମହିଳା ଶ୍ରଦ୍ଧାଳୁ ସାପ କାମୁଡ଼ା ଯୋଗୁଁ ଗୁରୁତର ଆହତ ହୋଇଛନ୍ତି। ବୈଶାଖ ମାସ ଶେଷ ଶନିବାର ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ଶେଷ କରିବା ପରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ମଧୁବନ ଅଞ୍ଚଳର ରିଙ୍କି ସେନାପତି (୩୦) ମନ୍ଦିର ବେଢ଼ାରେ ବସିଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଅବିଳମ୍ବେ ଆମ୍ବୁଲାନ୍ସ ସେବା ପାଇଁ ଯୋଗାଯୋଗ କରାଯାଇଥିଲା। ମେଡିକାଲ ଛକଠାରୁ ନବଗ୍ରହ ମନ୍ଦିର ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍‌ରେ ରାସ୍ତା ମଝିରେ ବେଆଇନ ଭାବେ ଉଠାଦୋକାନୀଙ୍କ ଖଟ ପଡ଼ିଥିବା ସହିତ ଗାଡ଼ି ପାର୍କିଂ ଯୋଗୁଁ ଆମ୍ବୁଲାନ୍ସ ଭିତରକୁ ଯାଇପାରି ନ ଥିଲା। ନବଗ୍ରହ ପୀଠରୁ ଶ୍ରଦ୍ଧାଳୁ ଭକ୍ତମାନେ ସମ୍ପୃକ୍ତ ମହିଳାଙ୍କୁ କାନ୍ଧରେ ବସାଇ ପ୍ରଥମେ ଚିକିତ୍ସା ପାଇଁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାପ କାମୁଡ଼ା ଇଞ୍ଜେକ୍ସନ୍ ଉପଲବ୍ଧ ନ ଥିବାରୁ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା।

## ଛୁରାମାଡ଼ରେ ଯୁବକ ଗୁରୁତର

ପୁରୀ,୨୫ା୪(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରାମାଡ଼ କରାଯାଇଛି। ସେ ହେଉଛନ୍ତି ରାମଚଣ୍ଡୀ ବାଲି ଉପରର ଚଗଲା ନାୟକ (୩୦)। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚଗଲାର ବାମ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସୂଚନା ମୁତାବକ, ଶନିବାର ସନ୍ଧ୍ୟା ସମୟରେ ଚଗଲା ଘର ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହଠାତ୍ ଆସି ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ସେ କିଛି ବୁଝିପାରି ନ ଥିଲେ। ପାଟି କରିବାରୁ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ଏ ନେଇ କୁମ୍ଭାରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



• ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୨୫ ଦିନରେ ପ୍ରତିବାଦ ପଦଯାତ୍ରା

ପୁରୀ,୨୫ା୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଏହି ଦାବିପ୍ରତି ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ଶନିବାର ୨୫ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଦିନକୁ ଦିନ ଏଥିରେ ନୂଆ ନୂଆ ଅଂଶଗ୍ରହଣକାରୀ ସାମିଲ୍ ହେଉଛନ୍ତି। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ପ୍ରୀୟାନ୍ସି ଦାସ, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ବିଜୟ ମିଶ୍ର, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ସନ୍ତୋଷ ସେନାପତି, ନିରଞ୍ଜନ ବିଶ୍ୱାଳ, ବାସୁଦେବ ଲେଙ୍କା, କିଶୋର ଚନ୍ଦ୍ର ଦାସ, ଦେବକୀ ମା', ବିଜୟ ପଣ୍ଡା, ମମତା ଦାସ, ଗୌରୀ ସାହୁ, ଅରୁନ୍ଧତୀ ବେହେରା, ରାମକୃଷ୍ଣ ମହାନ୍ତି, ସୁକାନ୍ତ ପରିଡ଼ା, ଅମୂଲ୍ୟ ଦାସ, ମୀନାକ୍ଷୀ ଦାସ, ଯାଦବାନନ୍ଦ ରାୟ, ପ୍ରଣତି ରାୟ, ଦାଶରଥି ପ୍ରକାଶ ଦାସ ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



ଜୁଆଡ଼ିଙ୍କୁ ଧରିବାକୁ ସାଦା ପୋଷାକରେ ଯାଇ ପୁଲିସ ହଟହଟା

## ପୁଲିସକୁ ମାଡ଼ ମାରି ଏକ ଘରେ ବନ୍ଦ କରିଦେଲେ

ଦୁଇ ପୁଲିସ ଆହତ; ୨ ଜୁଆଡ଼ି ଅଟକ

ଡେଲାଙ୍ଗ,୨୫ା୪(ସମିସ)

ଜୁଆଡ଼ିଙ୍କୁ ଧରିବାକୁ ସାଦା ପୋଷାକରେ ଯାଇ ପୁଲିସ ହଟହଟା ହୋଇଥିବା ଘଟଣା ଏବେ ସାରା ଜିଲ୍ଲାରେ ଚହଳ ସୃଷ୍ଟି କରିଛି। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା କଲ୍ୟାଣପୁର ଗ୍ରାମ ମେଳଣ ପଡ଼ିଆରେ ଜୁଆ ଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୀ ଜିଲ୍ଲା ମୁଖ୍ୟାଳୟରୁ ୬ ଜଣ ସ୍ୱତନ୍ତ୍ର ପୁଲିସର ଏକ ଦଳ ସାଦା ପୋଷାକରେ ଆସି ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ। ପୁଲିସ ସାଦା ପୋଷାକରେ ଥିବାରୁ ଜୁଆ ଖେଳ ସହ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ପୁଲିସଙ୍କୁ ଚିହ୍ନି ନ ପାରି ପ୍ରତିବାଦ କରିବା ସହ ଧସ୍ତାଧସ୍ତି ହୋଇଥିଲେ। ଜୁଆଡ଼ିଙ୍କ ଆକ୍ରମଣରେ ଦୁଇ ପୁଲିସ ଆହତ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ୨ ଜୁଆଡ଼ିଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, କଲ୍ୟାଣପୁର ଗ୍ରାମରେ ମେଳଣ ଚାଲିଥିବାବେଳେ ସାଦା ପୋଷାକଧାରୀ ପଲିସ ପ୍ରଥମେ ଜୁଆଡ଼ିଙ୍କଠାରୁ ଟଙ୍କାକୁ ନେଇଯାଇଥିଲେ। ପରିଚୟ ପଚାରିବାରୁ ସେମାନେ ପୁଲିସ ବୋଲି କହିଥିଲେ। ତେବେ ପୁଲିସ ସାଦା ପୋଷାକରେ ଥିବାରୁ ଉପସ୍ଥିତ ଲୋକେ ସନ୍ଦେହ ପ୍ରକାଶ କରିବା ସହ କୌଣସି ବ୍ୟକ୍ତି ଦାଦାବଟି ପାଇଁ ଆସି ଚଢ଼ଉ କରି ଟଙ୍କା ନେଇଯାଉଥିବା ଆରୋପ ପ୍ରତ୍ୟାରୋପ କରିଥିଲେ। ଫଳରେ ସାଦା ପୋଷାକଧାରୀ ପୁଲିସ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହେବା ସହ ଧସ୍ତାଧସ୍ତି ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ସେମାନଙ୍କୁ ଗ୍ରାମର ଏକ ଘରେ କିଛି ସମୟ ଅଟକ ରଖାଯାଇଥିଲା। ସ୍ଥାନୀୟ ପୁଲିସ ପହଞ୍ଚି ସେଠାରୁ ଉଦ୍ଧାର କରି ଆହତ ହୋଇଥିବା ଦୁଇଜଣ ପୁଲିସ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନେଇଥିଲେ। ପୁଲିସ ଉପରେ ଆକ୍ରମଣ ହୋଇଥିବାରୁ ଏହି ଘଟଣାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁରୁତ୍ୱର ଭାବେ ନେଇ ଘଟଣାର ଛାନ୍‌ଭିନ୍ ଚଳାଇଥିବା ସୂଚନା ମିଳିଛି।

ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା ଚଳାଇଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି କଲ୍ୟାଣପୁର ଗ୍ରାମରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ପୁଲିସ ଜ୍ଞାତସାରରେ ଜୁଆ ଖେଳ ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ପୁରୀ ଏସ୍‌ପି ସ୍ୱତନ୍ତ୍ର ପୁଲିସ ଦଳ ପଠାଇଥିବା ଏଠାରେ ଚର୍ଚ୍ଚା ହେଉଛି। ଡେଲାଙ୍ଗ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ସଂଖ୍ୟା ବଢୁଥିବାରୁ ଜୁଆଆଡ୍ଡା ଉପରେ କେହି ଦୁର୍ବୃତ୍ତ ଚଢ଼ଉ କରିପାରିଥା'ନ୍ତି ବୋଲି ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ପୁଲିସ ଭୟରେ କଲ୍ୟାଣପୁର ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି।

ମହିଳା ବିଲ୍‌କୁ ନେଇ ବିଜେପିର ପ୍ରତିବାଦ ସଭା

## ଏମ୍‌ବିକେ, ସିଆର୍‌ପିଙ୍କୁ ଯୋଗଦେବାକୁ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶ !

ପୁରୀ,୨୫ା୪(ସମିସ): ମହିଳା ସଂରକ୍ଷଣ ବିଲ୍‌କୁ ନେଇ ତେଜିଛି ରାଜନୀତି। ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଲ୍ ୨୦୨୬ ସଂସଦରେ କାଟ୍ ଖାଇବା ପରେ ବିଜେପି ନିଜ ରାଜନୈତିକ ଫାଇଦା ହାସଲ ପାଇଁ ଉଦ୍ୟମ ଚଳାଇଛି। ମହିଳାଙ୍କୁ ଏକ୍‌ଜୁଟ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରୁଛି। ଶନିବାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା କରାଯାଇ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ ବିଜେପିର ନେତୃତ୍ୱ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଗ୍ରାମୀଣସ୍ତରରେ କାର୍ଯ୍ୟରତ ସିଆର୍‌ପି ଓ ଏମ୍‌ବିକେମାନଙ୍କୁ ସରକାରୀ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ଶୁଣିବାକୁ ମିଳିଛି। ଫଳରେ ବିରୋଧୀ ଏହାକୁ ଗଣତନ୍ତ୍ର ବିରୋଧୀ ବୋଲି ଆଖ୍ୟା ଦେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ବିକେ ଏବଂ ସିଆର୍‌ପିମାନଙ୍କ ହ୍ୱାଟ୍ସଆପ୍‌କୁ ଏଭଳି ବାର୍ତ୍ତା ଯାଇଛି। ଯେଉଁଥିରେ ଲେଖାଯାଇଛି ଯେ, ୨୪ ତାରିଖ ଅପରାହ୍ଣ ୪ଟାରେ ଆପଣମାନେ ନିଜ ନିଜ ଅଞ୍ଚଳର ଏମ୍‌ବିକେ ଏବଂ ସିଆର୍‌ପିମାନଙ୍କୁ ଧର ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବେ। ସେଠାରେ ମହିଳାମାନଙ୍କର ଏକ ସଦ୍‌ଭାବନା ରାଲି ରହିଛି। କିନ୍ତୁ କେହି ଡ୍ରେସ୍‌କୋଡ୍‌ରେ ଆସିବେ ନାହିଁ। ଏସ୍‌ଏଚ୍‌ଜି ମହିଳାମାନଙ୍କୁ ମଧ୍ୟ ଆସିବା ପାଇଁ ଏଥିରେ କୁହାଯାଇଛି। ଏହି ବାର୍ତ୍ତା ବିଭିନ୍ନ ଏମ୍‌ବିକେ, ସିଆର୍‌ପିଙ୍କ ମୋବାଇଲ୍‌କୁ ଛଡ଼ାଯାଇଥିଲା। ସମସ୍ତଙ୍କୁ ଯେମିତି ହେଉ ପହଞ୍ଚିବାକୁ ସେଥିରେ ଉଲ୍ଲେଖ ଥିଲା। ତେବେ କିଛି ସିଆର୍‌ପି ଓ ଏମ୍‌ବିକେ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସେମାନଙ୍କୁ ସରକାରୀ କାମ ଛାଡ଼ି ଦଳୀୟ କାର୍ଯ୍ୟରେ ଲାଗିବାକୁ ଚାପ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ସମ୍ପୂର୍ଣ୍ଣ ଦଳୀୟ କାର୍ଯ୍ୟକ୍ରମ ଥିଲା। ଏଥିରେ ବିଜେପି ମହିଳା ବିଲ୍‌କୁ ନେଇ ବିରୋଧୀଙ୍କୁ ଟାର୍ଗେଟ କରିଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ବିକେ, ସିଆର୍‌ପି ପ୍ରମୁଖଙ୍କୁ ଯୋଗଦେବା ପାଇଁ କାହିଁକି ସରକାରୀସ୍ତରରେ ଉଦ୍ୟମ ହୋଇଥିଲା। ତାହାକୁ ନେଇ ପୁରୀରେ ବେଶ୍ ଚର୍ଚ୍ଚା, ଆଲୋଚନା କରାଯାଉଛି। ଏ ସମ୍ପର୍କରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏମିତି କିଛି ବାର୍ତ୍ତା ଏମ୍‌ବିକେ ଏବଂ ସିଆର୍‌ପିଙ୍କୁ ଦିଆଯାଇ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ କଥା ଉଠୁଛି ଯଦି ସେମିତି କିଛି ଉଦ୍ଦେଶ୍ୟ ନ ଥିଲା ତେବେ ବିଭିନ୍ନ ହ୍ୱାଟ୍ସଆପ୍‌ରେ ଘୂରି ବୁଲୁଥିବା ଏହି ମେସେଜ କେଉଁଠୁ ଆସିଲା। ପୁଣି ଡ୍ରେସ୍‌କୋଡ୍‌ରେ ଆସିବାକୁ ବାରଣ କରାଯାଇଥିଲା କାହିଁକି?

## 'ମଧୁ ଜ୍ୟୋତି' ସମ୍ମାନ ପାଇବେ ବରିଷ୍ଠ ଆଇନଜୀବୀ ରାମପ୍ରସାଦ ଦାଶ

ପୁରୀ,୨୫ା୪(ସମିସ): ପ୍ରଥମଥର ପାଇଁ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ସମ୍ମତିକ୍ରମେ ପୁରୀ ବାର୍‌ର ବରିଷ୍ଠ ଅଧିବକ୍ତା ରାମପ୍ରସାଦ ଦାଶଙ୍କୁ ପ୍ରତିଷ୍ଠିତ 'ମଧୁ ଜ୍ୟୋତି' ପୁରସ୍କାରରେ ସମ୍ମାନିତ କରାଯିବ। ଯାହାକି ପୁରୀ ବାର୍ ଆସୋସିଏସନ ପାଇଁ ଏକ ଗୌରବର ବିଷୟ। ଆସନ୍ତା ୨୮ ତାରିଖରେ ଝାରସୁଗୁଡ଼ାର ନବ ଦାସ ଅଡିଟୋରିୟମ୍‌ରେ ଆୟୋଜିତ 'ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ' କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯିବ। ପୁରୀର ଜଣେ ପ୍ରତିଷ୍ଠିତ ଆଇନଜୀବୀ ଭାବେ ଶ୍ରୀ ଦାଶ ବେଶ୍ ପରିଚିତ। ତାଙ୍କୁ ଏହି ସମ୍ମାନ ମିଳିବା ନିଶ୍ଚିତ ପୁରୀ ବାର୍ ଆସୋସିଏସନ ସହ ସମଗ୍ର ଜିଲ୍ଲାର ଆଇନଜୀବୀମାନଙ୍କ ପାଇଁ ଗର୍ବର ବିଷୟ ବୋଲି କୁହାଯାଉଛି।



## ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଆରମ୍ଭ



ପୁରୀ,୨୫ା୪(ସମିସ): ମୋଚିସାହିସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଉଦ୍‌ଘାଟିତ ହୋଇଛି ୧୯ତମ କିରୋଗୀ ଓ ୧୧ତମ ଫୁସି ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା। ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ ପୁରୀ ଓ ଦି ସ୍କୁଲ ଅଫ୍ ତାଏକ୍ୱୋଣ୍ଡୋର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୪୮ ବାଳକ ଓ ୧୦୫ ବାଳିକା ସମୁଦାୟ ୨୫୩ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ୧୦ଟି ଟ୍ରେନିଂ ସେଣ୍ଟରରୁ ଆସିଥିବା ବାଳକ ଓ ବାଳିକାମାନେ କିରୋଗୀ ଓ ଫୁସି ଇଭେଣ୍ଟରେ ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ପ୍ରତିଯୋଗିତାରେ ଆଧୁନିକ ଇଲେକ୍ଟ୍ରୋନିକ୍ ସେନ୍‌ସର ମାଧ୍ୟମରେ ସ୍କୋରିଂ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ୧୮ ଜଣ ଜାତୀୟ ରେଫରୀ ପ୍ରତିଯୋଗିତାକୁ ପରିଚାଳନା କରୁଥିବାବେଳେ ମୌଳିନ୍ଦୁ କୁମାର ମହାନ୍ତ ଓ ଏମ୍‌ଡି ରାମ୍‌ଜାନ ମୁଖ୍ୟ ଟେକ୍‌ନିକାଲ ଅଫିସିଆଲ ଭାବେ ଦାୟିତ୍ୱ ନିଭାଉଛନ୍ତି। ଉଦ୍‌ଘାଟନୀ ଅବସରରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କ ସହ ରବିଶଙ୍କର ପ୍ରତିହାରୀ, ବ୍ୟୋମକେଶ ଅଭିଳାଷ ପ୍ରସାଦ, ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

ଶିକ୍ଷାଶ୍ରୀ ଶିଶୁ ପାଠାଗାରର ବାର୍ଷିକ ଉତ୍ସବ

# 'ସଭ୍ୟତା ସଂସ୍କୃତିର ବିକାଶକୁ ଆଗକୁ ନିଏ ପାଠାଗାର'

ପୁରୀ,୨୫ା୪(ସମିସ): ପାଠାଗାର ହେଉଛି ଏକମାତ୍ର ସ୍ଥାନ, ଯେଉଁଠି ବିନା ଖର୍ଚ୍ଚରେ ପୃଥିବୀକୁ ଆବିଷ୍କାର କରିହୁଏ। ମନ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ପାଠାଗାର, ଯାହାକି ମଣିଷକୁ ମୁକ୍ତି ପ୍ରଦାନ କରେ ଏବଂ ସଭ୍ୟତା ସଂସ୍କୃତିର ବିକାଶକୁ ଆଗକୁ ନିଏ। ସୁତରାଂ ପ୍ରତି ପଞ୍ଚାୟତରେ ପାଠାଗାର ସ୍ଥାପନ ସହିତ ପାଠାଗାର ଆନ୍ଦୋଳନକୁ ଅଧିକରୁ ଅଧିକ କ୍ରିୟାଶୀଳ କରାଯିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି।

ଶନିବାର ଶିକ୍ଷାଶ୍ରୀ ଶିଶୁ ପାଠାଗାରର ୨୨ତମ ବାର୍ଷିକ ଉତ୍ସବ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ସାହିତ୍ୟିକ ଡ. କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ "ଆମ ପରଶମଣି'ର ସମ୍ପାଦକ ବର୍ଷୀୟାନ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ଦେଓ ଉଦ୍‌ଘାଟକ, କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର ମୁଖ୍ୟବକ୍ତା, ଶିଶୁ କିଶୋର ସାହିତ୍ୟ ଏକାଡେମୀ ଓଡ଼ିଶାର ସାଧାରଣ ସମ୍ପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

ସମାରୋହ ପ୍ରାରମ୍ଭରେ ମହେନ୍ଦ୍ର ବିଶୋଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ।



ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ସେନାପତି। ଉତ୍ସବରେ ରମେଶ ଚନ୍ଦ୍ର ଦାଶଙ୍କ ରଚିତ 'ପରୋପକାରୀ କୁକୁର ଓ ଅନ୍ୟାନ୍ୟ କାହାଣୀ' ଏବଂ "ପିଲାଙ୍କ ଉତ୍କଳମଣି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରଗଡ଼ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ପ୍ରତିଷ୍ଠାତା ଡ. ରବିନାରାୟଣ ସାହୁ, ନୟାଗଡ଼ ନୂଆଗାଁସ୍ଥିତ ଦାଶରଥି ପଟ୍ଟନାୟକ ପାଠାଗାର ଓ ସଂଗ୍ରହାଳୟର ଦୀପକ କୁମାର ପଟ୍ଟନାୟକ, ଶିକ୍ଷକ ଓ ନାଟ୍ୟ ସଂଗଠକ ବିକାଶ ଦତ୍ତ, ବାଲେଶ୍ୱରସ୍ଥିତ ଲୋକନାଥ ପାଠାଗାରର ପ୍ରତିଷ୍ଠାତା ତଥା ଶିଶୁ ପତ୍ରିକା 'ବାଇ ଚଢ଼େଇ'ର ସମ୍ପାଦକ ବିକାଶ କୁମାର ଶତପଥୀ, ଶିଶୁ ସାହିତ୍ୟିକା ସୁଜାତା ସିହ୍ନା ଏବଂ ବ୍ରହ୍ମଗିରି ବିଜିପୁରର କୃତୀ ଛାତ୍ର ସାଦ୍ୟାନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀପ୍ରିୟା ଦାଶ, ପ୍ରଶାନ୍ତ କୁମାର ମଙ୍ଗରାଜ, ଦୁର୍ଗାବତୀ ପ୍ରଧାନ, କବିତା ମିଶ୍ର, ଲକ୍ଷ୍ମୀଧର ମାଝୀ, ପର୍ଶୁରାମ ପାତ୍ର ମାନପତ୍ର ପାଠ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ପ୍ରଜ୍ଞା ସାହୁ। କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିବାବେଳେ ଶିଶୁ କବିତା ପାଠ କରିଥିଲେ ପ୍ରଶାନ୍ତ କୁମାର ତ୍ରିପାଠୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କବି କ୍ରିଷ୍ଣା ମହାପାତ୍ର। ରାକେଶ ଦାଶ, ରାଖେଲ ଦାଶ, କାଶୀନାଥ ମହାପାତ୍ର, ପୂଜା ସାହୁ, ଜଳନ୍ଧର ବିଶୋଇ, ଶିବ ପ୍ରସାଦ ମିଶ୍ର, ରଶ୍ମି ବେହେରା, ସିଦ୍ଧେଶ୍ୱର ବେହେରା, ଦେବସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ପୁଣି ବେଣାପଞ୍ଜରୀ ଅଶାନ୍ତ

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ

**ଜଟଣୀ, ୨୫।୪ (ସମିସ):** ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମ ପୁଣି ଅଶାନ୍ତ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଖଣ୍ଡା ଓ ପଥରରେ ଛେଚି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଗୁରୁତର ଯୁବକଙ୍କ ପରିବାର ପକ୍ଷରୁ କୁହାଯାଇଥିବା ବେଳେ ଏନେଇ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୁଲିସ ସୂତ୍ରରୁ କୁହାଯାଇଛି । ଶନିବାର ପୂର୍ବାହ୍ନ ୧୦ଟା ସମୟରେ ବେଣାପଞ୍ଜରୀ ଗ୍ରାମର ମହମ୍ମଦ ସମସେର ଓରଫ ହମ ନିକଟସ୍ଥ ଏକ ରାସନ ଦୋକାନକୁ ଯାଇଥିବା ବେଳେ ସେଠାରେ କେତେକ ଯୁବକ ତାଙ୍କ ସହିତ କଥା ବାର୍ତା ହୋଇଥିଲେ । ହମ ସେଠାରୁ ଘରକୁ ଫେରିବା ସମୟରେ ତାଙ୍କୁ ବାଟରେ ଅଟକାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡାରେ ଚୋଟ ପକାଇବାକୁ ଚେଷ୍ଟା କରିଥିଲେ । ତେବେ ହମ ଜୀବନ ବଞ୍ଚାଇବା ଲାଗି ହାତ ଦେଖାଇବା ସମୟରେ ହାତର ପାପୁଲି ରେ ଗୁରୁତର ଚୋଟ ବାଜିଥିଲା । ଫଳରେ ହମ ସେଠାରେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଦେଖି ଗୁରୁତର ଅବସ୍ଥାରେ ପ୍ରଥମେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଏମ୍ସ କୁ ସ୍ଥାନାନ୍ତର କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି । ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏନେଇ କୌଣସି ଅଭିଯୋଗ ହୋଇନଥିଲା । ଏହି ଘଟଣା ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଅନୁମାନ କରାଯାଇଛି।

# ଖୋର୍ଦ୍ଧାରେ ଅଗ୍ନିବର୍ଷା; ନାକେଦମ୍ କଲାଣି ଝାଞ୍ଜି, ସିଝୁଛି ଜିଲ୍ଲା

**ଖୋର୍ଦ୍ଧା,୨୫।୪(ସମିସ)**

ଗତ କିଛିଦିନ ହେବ ଖୋର୍ଦ୍ଧା ମାଟିରେ ଅଗ୍ନିବର୍ଷା ଜାରି ରହିଛି। ଅସହ୍ୟ ତାତିରେ ଜଳୁଛି ଜିଲ୍ଲା। ତାପମାତ୍ରା ବଢିବା ଦ୍ୱାରା ବିଭିନ୍ନ ପୋଖରୀ ଶୁଖିଲା ଦେଖାଯାଇଛି। କୂଅ ଗୁଡ଼ିକକୁ ଏବେଠାରୁ ଆଖି ପାଉନଥିବା ବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଂଟାଏ ମାରିଲ ଏକ ବାଲଟି ପାଣି ବାହାରିବା ଦେଖାଯାଇଛି। ଲୋକଙ୍କ ଘରେ ଲଗାଇଥିବା ଶୀତତାପ ଯନ୍ତ୍ର ଗୁଡ଼ିକ ସତେ ଯେମିତି ଦିନ ସାଢେ ୧୦ଟା ପରେ ଅଚଳ ହୋଇପଡୁଛି। ସହରର ପ୍ରମୁଖ ରାସ୍ତା ଉଭୟ ପାର୍ଶ୍ୱରେ ଗଛ ଦେଖିବା ସାତ ସପନ ପାଲଟିଥିବା ବେଳେ ଦିନ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହେବା ଏକପ୍ରକାର ଦେଖାଯାଉଛି।

ସହର ଏବଂ ଗ୍ରାମାଂଚଳରେ ଯେମିତି ହୋଇଛି ଅଘୋଷିତ ଲକଡାଉନ। ଅଗ୍ନିବର୍ଷା ଭୟରେ ବ୍ୟବସାୟ ଅନୁଷ୍ଠାନ ଗୁଡ଼ିକ କାଁ ଭାଁ ଖୋଲା ଦେଖାଯାଉଥିବା ବେଳେ ସନ୍ଧ୍ୟା ସାଢେ ୭ଟା ବେଳକୁ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡ଼ିବା ଦେଖାଯାଇଛି। ପାରଦ ପ୍ରାୟ ୪୦ ଡିଗ୍ରୀ ତଳକୁ ଖସିବା ନାଁ ଧରୁନଥିବା ବେଳେ ପ୍ରାୟ ସପ୍ତାହ ହେବ ସହରରେ ଜାରି ରହିଛି ଅଗ୍ନିବର୍ଷା। ପ୍ରଚଣ୍ଡ ତାତି ଏବଂ ପରିବେଶ ରକ୍ଷା ପାଇଁ ଶିଳ୍ପାଂଚଳରେ ନିୟମ ମୁତାବକ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇବା ତ' ଦୂରର କଥା ବରଂ ଶିଳ୍ପପାଇଁ ବହୁ ଗଛ କଟାଯାଉଛି। ଯାହାଫଳରେ ଖୋର୍ଦ୍ଧା ସହରରେ ବେଳକୁ ବେଳ



ଉତ୍ତପ୍ତ ସହରରେ ପରିଣତ ହେବାରେ ଲାଗିଛି। ଆଉ ଏକ ମୁଖ୍ୟ ସମସ୍ୟା ହୋଇ ଠିଆ ହେଉଛି ସହର ଜନସଂଖ୍ୟା ବୃଦ୍ଧି। ରାଜଧାନୀ ଉପଖଣ୍ଡରେ ଏ ସହର ଅବସ୍ଥିତ ହୋଇଥିବାବେଳେ ରାଜଧାନୀ ବାସୀ ଏବେ ଖୋର୍ଦ୍ଧା ସହର ମୁହାଁ ହେବା ଦେଖାଯାଇଛି। ଯେଉଁ ଅନୁପାତରେ ଜନସଂଖ୍ୟା ବଢୁଛି ସେହି ଅନୁପାତରେ ଯାନବାହାନ, କଳକାରଖାନା ବଢିବାରେ ଲାଗିଛି। ଗମନାଗମନ କ୍ଷେତ୍ରରେ ସୁଧାର ଆଣିବାକୁ ଗତ ୭ବର୍ଷରେ ପାଖା ପାଖି ସହରର ପ୍ରମୁଖ ରାସ୍ତାର ପ୍ରଶକ୍ତିକରଣ କାର୍ଯ୍ୟ ପ୍ରଶାସନ ହାତକୁ ନେଇଛି। ରାସ୍ତା ଉନ୍ନୟନ ଆଳରେ ସେ ସବୁ ରାସ୍ତାଗଡ଼ରେ ଥିବା ବିରାଟକାୟ ଗଛ ଗୁଡ଼ିକ କାଟିଦିଆଯାଇଛି। କିନ୍ତୁ ଯେଉଁ ପରିମାଣ ବଡ ବଡ ଗଛ କଟା ଯାଇଛି ତାର କାଣିଚାଏ ଚାରା ରାସ୍ତାପାର୍ଶ୍ୱରେ ରୋପଣ ହେବା ଦେଖିବାକୁ ମିଳୁନି।କେବଳ ରାସ୍ତାର ମଝିରେ ଛୋଟ ଛୋଟ ଫୁଲଗଛ ସଦୃଶ ଗଛ ଲାଗାଇ କାମ ସାରିଦେଇଛି। ଏହାର କୁପରିଣାମ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି।

ସେହିପରି ସହରର ବିଭିନ୍ନ ଗଳିଗନ୍ଦି ଗୁଡ଼ିକ କଂକ୍ରିଟ୍ ରାସ୍ତାରେ ପରିଣତ ହେଉଥିବା ବେଳେ ସକାଳ ସାଢେ ୮ଟା ପରେ ଏଥିରୁ ବାହାରୁ ଥିବା ତତଲା ବାଷ୍ପରୁ ଜନସାଧାରଣଙ୍କୁ ନିସ୍ତାର ମିଳୁନି। ସବୁଠାରୁ ବେଶୀ ଯନ୍ତ୍ରଣା ଦାୟକ ହେବାରେ ଲାଗିଛି ବିଦ୍ୟୁତ ବିଭାଗ ଅଘୋଷିତ ବିଦ୍ୟୁତ କାଟ। ବିଦ୍ୟୁତ କାଟ ନକରିବାକୁ ସରକାରଙ୍କ ନିର୍ଦ୍ଦେଶ ସତ୍ୱେ ଏହାକୁ ଖାତିର କରୁନି ବିଭାଗ। ଗ୍ରୀଷ୍ମର ଲହିରୀ ବଢିବା ଦିନ ଠାରୁ ମରାମତି ଆଳରେ ଦିନକୁ ୨ରୁ ୩ ଥର ହୁତୁହୁତ ଖରାରେ ବିଦ୍ୟୁତ୍ କାଟିବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ପ୍ରଚଣ୍ଡ ତାତିକୁ ଦେଖି ଅଂଶୁଘାତ ହେବା ଆଶଙ୍କାରେ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ନେଇ ବାହାବାହା ମାରୁଛି। ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ କେବଳ ମୁକୁନ୍ଦପ୍ରସାଦ, ଗୁରୁଜଙ୍ଗ, ସମବାୟ ବ୍ୟାଙ୍କ ଛକ, ଚଣ୍ଡିଚୁଆ ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସହରର ପ୍ରମୁଖ ୬ଟି ସ୍ଥାନରେ ଜଳଛତ୍ର ଖୋଲାଯାଇଛି। କିନ୍ତୁ ଗ୍ରାମାଂଚଳରେ ପଂଚାୟତରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ କେଉଁଠାରେ ଏପର୍ଯ୍ୟନ୍ତ ଖୋଲିନଥିବା ଦେଖାଯାଇଛି। ଯାହା ଅଂଶୁଘାତର ପ୍ରତିକାର ଦିଗରେ ପ୍ରଶାସନ କେତେ ଆନ୍ତରିକତା ରହିଛି ତାହା ଜଳ ଜଳ ହୋଇ ଦିଶୁଛି। ଡହ ଡହ ଖରାରେ ଲୋକେ ପାଣି ବୋତଲ ଏବଂ ଆଖୁରସ ଉପରେ ଭରସା କରୁଛନ୍ତି। ନଚେତ ଲସି କିମ୍ବା ପଇଡ଼ରେ ନିଜ ତୃଷ୍ଣା ମେଂଟାଇବାକୁ ଉଚିତ ମନେ କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଗାଇଗୋରୁ ପାଣି ଟୋପାଏ ପାଇଁ ଡହକ ବିକଳ ହେଉଛନ୍ତି।

■ ସମ୍ପାଦକଙ୍କ ମୃତ୍ୟୁ ପରେ ଲେଣ୍ଡୁ ସମବାୟ ସମିତିରେ ଅଚଳାବସ୍ଥା

## ୨୩ ଦିନ ପରେ ତାଲା ଭାଙ୍ଗି ରେକର୍ଡ ଜବତ ପାଇଁ ନିର୍ଦ୍ଦେଶ

**ନିରାକାରପୁର, ୨୫।୪ (ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୁ ସେବା ସମବାୟ ସମିତିରେ ଦୀର୍ଘ ୨୩ ଦିନ ହେବ ଅଚଳାବସ୍ଥା ଜାରି ରହିଛି। ସମିତିର ସମ୍ପାଦକ ସ୍ୱର୍ଗତ ଦେବବ୍ରତ ସାମନ୍ତରାୟ (ଦୀପୁ)ଙ୍କ ଗତ ୪ ତାରିଖରେ ଅକାଳ ବିୟୋଗ ପରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ସ୍ଥାନୀୟ ଚାଷୀ ଓ ପରିଚାଳନା ପରିଷଦ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପାଦକଙ୍କ ମୃତ୍ୟୁ ପରେ ଦୈନନ୍ଦିନ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ଖୋର୍ଦ୍ଧା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଚିଠି ସଂଖ୍ୟା ୬୭୪ (ତା-୧୫.୦୪.୨୦୨୬) ଜରିଆରେ ନିକଟସ୍ଥ ସୁନ୍ଦରପୁର ସମିତିର ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ତାଲା ଖୋଲାଯାଇ ରେକର୍ଡ ପତ୍ର ଜବତ କରିବାର କାର୍ଯ୍ୟକ୍ରମ ଥିଲା, ମାତ୍ର ସମିତି ସଭାପତି ଓ ପରିଚାଳନା କମିଟି ସଭ୍ୟଙ୍କ ଅନୁପସ୍ଥିତି ଯୋଗୁଁ ଏହା ସମ୍ଭବ ହୋଇପାରିନଥିଲା। ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ସହକାରୀ ନିବନ୍ଧକ ଏକ ନୂତନ ଅର୍ଡର (ନମ୍ବର ୭୭୧, ତା-୨୪.୦୪.୨୦୨୬) ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୨୭.୦୪.୨୦୨୬ ରିଖ ପୂର୍ବାହ୍ନ ୧୦:୩୦ ମିନିଟରେ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ଲେଣ୍ଡୁ ସମିତିର ତାଲା ଭଙ୍ଗାଯାଇ ସମସ୍ତ ରେକର୍ଡ ଓ ସମ୍ପତ୍ତି ଜବତ କରାଯିବ। ଏଥିପାଇଁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହି ୨୩ ଦିନର ଅଚଳାବସ୍ଥା ପାଇଁ ଦାୟୀ କିଏ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଟାଙ୍ଗୀ ବ୍ଲକ ପାଇଁ ଏରିଆ ଅଫିସର ଭାବେ ଜଣେ ଅଧିକାରୀ ଦାୟିତ୍ୱରେ ଥିବା ସତ୍ତ୍ୱେ ପରିଚାଳନା ପରିଷଦକୁ ଠିକ୍ ସମୟରେ ଚିଠି ପହଞ୍ଚାଇବାରେ ବିଭାଗ କାହିଁକି ବିଫଳ ହେଲା ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠୁଛି। ୧୫ କିଲୋମିଟର ଦୂରରେ ଥିବା ସୁନ୍ଦରପୁର ସମିତି ସମ୍ପାଦକଙ୍କୁ କାହିଁକି ଦାୟିତ୍ୱ ଦିଆଗଲା? ନିକଟସ୍ଥ କାଶିପୁର-୨, ରାମେଶ୍ୱର କିମ୍ବା ନୂଆଗଡ ସମିତିକୁ କାହିଁକି ବିଚାରକୁ ନିଆଗଲା ନାହିଁ ବୋଲି ଚାଷୀ ମହଲରେ ପ୍ରଶ୍ନ ଉଠିଥିବାବେଳେ ସହକାରୀ ନିବନ୍ଧକଙ୍କ କହିବା ଅନୁଯାୟୀ, କାଶିପୁର-୨ ସମିତି ସମ୍ପାଦକଙ୍କ ବିରୋଧରେ କୋର୍ଟ କେସ୍ ଚାଲିଥିବା ବେଳେ ରାମେଶ୍ୱର ଓ ନୂଆଗଡ ସମିତିର ସମ୍ପାଦକମାନେ ନୂଆ ହୋଇଥିବାରୁ, ଅଭିଜ୍ଞତା ଭିତ୍ତିରେ ସୁନ୍ଦରପୁର ସମିତି ସମ୍ପାଦକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି।ଦୀର୍ଘ ଦିନ ଧରି ସମିତି ବନ୍ଦ ରହିବା ଯୋଗୁଁ ଚାଷୀମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଯଦି ଆସନ୍ତା ୨୭ ତାରିଖରେ ସମସ୍ୟାର ସମାଧାନ ନ ହୁଏ, ତେବେ ଚାଷୀମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି।

## ସ୍କୁଲ ଛାତରୁ ପଡ଼ି ଶ୍ରମିକ ମୃତ

**ଜଟଣୀ, ୨୫।୪ (ସମିସ):** ଜଟଣୀ ଥାନା ଅନ୍ତର୍ଗତ ରାଜା ବଜାର ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲ ଛାତରୁ ପଡି ଜଣେ ଶ୍ରମିକର ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଜଣକ ହେଉଛନ୍ତି ଅଶ୍ୱିନୀ କୁମାର ମହାନ୍ତି । ଜଟଣୀ ରାଜା ବଜାର ଠାରେ ଥିବା ଏକ ଘରୋଇ ଇଂରାଜୀ ମାଧ୍ୟମିକ ସ୍କୁଲ ଛାତ ଉପରେ ପାଇପ କାମ କରୁଥିବା ସମୟରେ ହଠାତ ଛାତରୁ ପଡି ଅଶ୍ୱିନୀ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ହସ୍ପିଟାଲ ନେଇ ଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିପୁଟ ମାଟିଆପଡା ବରପଦା ଗ୍ରାମର ଅଶ୍ୱିନୀ କୁମାର ମହାନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ନିଆ ଯାଇଛି। ଘଟଣା ସ୍ଥଳରେ ଜଟଣୀ ପୋଲିସ ପହଁଚି ତଦନ୍ତ ଜାରି ରଖିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ସରକାର ସମସ୍ତ ଶ୍ରମିକ ମାନଙ୍କୁ ଦୀନ ୧୧ ଟାରୁ ମଧ୍ୟାହ୍ନ ୩ ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦେଶ ଦେଇଥିବା ସତ୍ୱେ କିଭଳି ଘରୋଇ ଶିକ୍ଷାନୁଷ୍ଠାନ ଶ୍ରମିକ ମାନଙ୍କୁ ନେଇ ଉଚ୍ଚ କୋଠା ରେ କାର୍ଯ୍ୟ କରାଉଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ଅସୁରକ୍ଷିତ ଜୟଦେବ ପୀଠ

## ଜିଲ୍ଲାପାଳଙ୍କୁ ଭେଟି ସୁରକ୍ଷା ଲୋଡ଼ିଲେ ସାଧୁସନ୍ଥ



**ଖୋର୍ଦ୍ଧା,୨୫।୪(ସମିସ):** ବାଲିଅନ୍ତା ବ୍ଲକ କେନ୍ଦୁବିଲ୍ୱ ଜୟଦେବଙ୍କ ପୀଠ ଅସମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ପବିତ୍ର ପୀଠରେ କେତେଜଣ ଅସାଧୁ ବ୍ୟବସାୟୀ ଅପେରା ଯାତ୍ରା ପାର୍ଟି ପକାଇ ଅଶ୍ଳୀଳ ନୃତ୍ୟ ପରିବେଷଣ କରି ଜୟଦେବଙ୍କ ଏହି ପବିତ୍ର ପୀଠକୁ ଅପମାନିତ କରୁଛନ୍ତି। ଏହି ପୀଠର ଗାରିମା, ସମ୍ମାନ ଦୃଷ୍ଟିରୁ ଏହାକୁ ଅସମାଜିକ ତତ୍ୱଙ୍କ ଠାରୁ ମୁକ୍ତ ପାଇଁ ସାଧୁସନ୍ଥମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପୀଠର ସୁରକ୍ଷା ଓ ପୀଠ ପରିସରରେ ଚାଲିଥିବା ଅପେରା ପାର୍ଟିକୁ ବନ୍ଦ କରିବାକୁ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟଦେବଙ୍କ ଏହି ପବିତ୍ର ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଭକ୍ତ, ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ମାତ୍ର ଅସମାଜିକଙ୍କ ବ୍ୟକ୍ତିଙ୍କ ଆଡ୍ଡା ଯୋଗୁ ଭକ୍ତ ମାନେ ଏଠାକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହାର ସୁରକ୍ଷା ଦୃଷ୍ଟିରୁ ଜିଲାପାଳଙ୍କୁ ନିବେଦନ କରିବା ସହ ଏହାର ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହା ଉପରେ ପୁଲିସ କମିଶନରେଟଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ବ୍ରାଉନ୍‌ସୁଗର ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ବେଗୁନିଆ,୨୫।୪(ସମିସ):** ବାଘମାରୀ ଥାନା ଅନ୍ତର୍ଗତ ବାମଡିହ ବସ ରହଣୀ ସ୍ଥଳ ନିକଟରୁ ଶନିବାର ଦିନ ପୂର୍ବାହ୍ନରେ ବ୍ରାଉନ ସୁଗର ବ୍ୟବସାୟ କରିବା ପାଇଁ ଅପେକ୍ଷା କରିଥିବା ବେଳେ ପୁଲିସ କୌଣସି ସୂତ୍ରରୁ ସୂଚନା ପାଇ ଚଢ଼ଉ କରିଥିଲା। ଏଥିରେ ୧୩.୭ ଗ୍ରାମ ବ୍ରାଉନ ସୁଗର ଓ ଗୋଟିଏ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଉଛନ୍ତି ସାମନ୍ତରାପୁର ଗ୍ରାମର ସଦାଶିବ ନାୟକ ଓରଫ ସିଲୁ (୨୫)।

## ଟେକା ମାଡ଼ରେ ବାଳକର ମୁଣ୍ଡ ଫାଟିଲା

**ନିରାକାରପୁର, ୨୫।୪ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାଉଲହଜ ଅଞ୍ଚଳରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବାଳକଙ୍କୁ ଟେକା ମାଡ଼ ହୋଇଥିବା ବେଳେ ଏଥିରେ ବାଳକ ଜଣକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆଜି ସକାଳୁ ରାଉଲହଜ ଅଞ୍ଚଳର ଜଣେ ବାଳକ ନିକଟସ୍ଥ ପଡ଼ିଆରେ ଶୌଚ ପାଇଁ ବସିଥିଲେ। ସେହି ସମୟରେ ପଡ଼ୋଶୀ ଅଞ୍ଚଳରେ ରହୁଥିବା ଜଣେ ଯୁବକ ଏହାକୁ ଦେଖି ହଠାତ୍ ଉତ୍କ୍ଷିପ୍ତ ହୋଇ ବାଳକଙ୍କୁ ଲକ୍ଷ୍ୟ କରି ଟେକା ମାଡ଼ କରିଥିଲେ। ଟେକାଟି ବାଳକର ମୁଣ୍ଡରେ ବାଜିବାରୁ ତାଙ୍କ ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ଅବସ୍ଥା ହୋଇଥିଲା। ପରିବାର ଲୋକେ ଏହା ଦେଖି ତୁରନ୍ତ ବାଳକକୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ନିରାକାରପୁର ଥାନାରେ ଅଭିଯୋଗ କରାଯାଇଛି।

## ବ୍ରାଉନ୍‌ସୁଗର ଜବତ; ଦୁଇ ଗିରଫ

**ଖୋର୍ଦ୍ଧା,୨୫।୪(ସମିସ):** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ସିଆଳିଆ ଖେଳ ପଡ଼ିଆ ନିକଟରୁ ପୁଲିସ ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ବଣିଆଟାଙ୍ଗିର ସୁଦୀପ୍ତ ସାମନ୍ତରାୟ ଓରଫ ଦୀପୁ(୩୫) ଓ ଚନ୍ଦକା ଥାନା କୁଚିମହୁଲ ର ଅଭିଜିତ ପାତ୍ର ଓରଫ୍ ଆକାଶ (୨୦)। ସୋମନଙ୍କ ଠାରୁ ପୁଲିସ ୨୩.୦୭ ଗ୍ରାମ ବ୍ରାଉନ୍‌ସୁଗର ସମେତ ଦୁଇଟି ବାଇକ୍ ଓ ଦୁଇଟି ଫୋନ କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨ଲକ୍ଷ ୩୦ହଜାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ବାସୁଦେବ ଜୟସିଂ ସୂଚନା ଦେଇଛନ୍ତି। ବ୍ରାଉନସୁଗର ବେପାର ଅଭିଯୋଗରେ ୧୮୪/୨୬ରେ ନଂ ମାମଲା ରେ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଏହି ଚଢଉରେ ଏସ୍‌ଆଇ ଦାସଙ୍କ ସମେତ ଏଏସ୍‌ଆଇ ସୁବାସ ନାୟକ, ଲକ୍ଷ୍ମୀ ସାହୁ, କନେଷ୍ଟବଳ ଅବଦୁଲ ମସି ଖାନ୍, ଦେବରାଜ ସାହୁ, ସୁଶାନ୍ତ ସୁନ୍ଦରାୟ, ଚନ୍ଦନ ପାଟଶାଣୀ, ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ: କଟକ ଜିଲ୍ଲା ମହିଳା ଦଳ ବିଜୟୀ

**ଖୋର୍ଦ୍ଧା,୨୫।୪(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ



ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଆଜିର ମ୍ୟାଚ୍ ରେ କଟକ ଜିଲ୍ଲା ମହିଳା ଦଳ ଜଗତସିଂପୁର ଜିଲ୍ଲା ମହିଳା ଦଳ କୁ ୧୯୨ରନ୍ ରେ ପରାସ୍ତ କରି ବିଜୟୀ ହୋଇଛି। କଟକ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୫ୱିକେଟ୍ ହରାଇ ୨୪୩ରନ୍ କରିଥିଲା। ଦଳ ପକ୍ଷରୁ ମୋନାଲିସା ରାଉତ ୬୮ଟି ବଲ୍‌ରୁ ଅପରାଜିତ ୧୩୯ରନ୍ କରିଥିବାବେଳେ ଅନନ୍ୟା ବେହେରା ଓ ଜୟେସ ନାଏକ ପ୍ରତ୍ୟେକ ୨୩ରନ୍ କରିଥିଲେ। ଜଗତସିଂପୁରର ସାଇ ସ୍ମୃତି ବର୍ଦ୍ଧନ ୩ଟି ୱିକେଟ ନେଇଥିଲେ। ଜବାବ ରେ ଜଗତସିଂପୁର ଦଳ ୨୦ ଓଭର ରେ ୮ଟି ୱିକେଟ୍ ହରାଇ ମାତ୍ର ୫୧ ରନ୍ କରି ୧୯୨ରନ୍ ରେ ପରାସ୍ତ ହୋଇଥିଲେ। କଟକ ଦଳ ପକ୍ଷରୁ ଜାହ୍ନବୀ ଷଡ଼ଙ୍ଗୀ ୩ଟି ଓ ଭବାନୀ ଧଡା ୨ଟି ୱିକେଟ ଅକ୍ତିଆର କରିଥିଲେ। ଅତିଥି ଭାବେ ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ଯୋଗ ଦେଇଥିଲେ। କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ ର କୋଷାଧକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଂଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବାବେଳେ ଅମ୍ପାୟର ରୂପେ ଚିନ୍ମୟ ପଣ୍ଡା, ସ୍ମିଥ୍ ଦଳେଇ ଓ ସ୍କୋରର ଭାବେ ଉମେଶ ମିଶ୍ର କାର୍ଯ୍ୟ କରିଥିଲେ।

## ଚିଲିକା ପୁସ୍ତକ ମେଳାର ଶୁଭାରମ୍ଭ




**ବାଲୁଗାଁ,୨୫।୪(ସମିସ) :** ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ପ୍ରଥମ ଥର ପାଇଁ ଚିଲିକା ପୁସ୍ତକ ମେଳା-୨୦୨୬ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଆଡମ୍ବର ସହ ଶୁକ୍ରବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଯାଇଛି। ଚଳିତ ଏପ୍ରିଲ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ଚାଲିବାକୁ ଥିବା ଏହି ପୁସ୍ତକ ମେଳାକୁ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଛି। ଉକ୍ତ ପୁସ୍ତକ ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାର ୮୦ଟି ପୁସ୍ତକ ଷ୍ଟଲ ଖୋଲା ଯାଇଥିବା ବେଳେ ଚିଲିକା ପୁସ୍ତକ ମେଳା କମିଟିର ସଭାପତି ଶରତ ପାଇକାରୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ସମାରୋହରେ ମନ୍ତ୍ରୀଙ୍କ ସହ ପୂର୍ବତନ ସାଂସଦ ତଥା କିଟ କିସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ, ବିଶ୍ୱମୁକ୍ତିର ସମ୍ପାଦକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂ, ଏନଏସି ନଗରପାଳ ମିଟୁ ନାୟକ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା ଓ ଦୁଷ୍ମନ୍ତ ହରିଚନ୍ଦନ ଯୋଗଦେଇ ପୁସ୍ତକ ପଠନ ଓ ପୁସ୍ତକ କ୍ରୟ ଏକ ବିକଶିତ ଜାତିର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଡକ୍ଟର ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଚାଳନ କରିଥିବା ବେଳେ ପୁସ୍ତକ ମେଳା କମିଟି ସମ୍ପାଦକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ଡକ୍ଟର ଅକ୍ଷୟ କୁମାର ମିଶ୍ରଙ୍କ ରଚିତ ଐତିହାସିକ ତତ୍ତ୍ୱ ଓ ପଦ୍ଧତି ପୁସ୍ତକ ଏବଂ ଗବେଷକ ମଦନ ମୋହନ ମହାପାତ୍ରଙ୍କ ସମ୍ପାଦିତ ବାଇକଣ୍ଟିଆ ର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥି ଉନ୍ମୋଚନ କରିଥିଲେ। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁସ୍ତକ ମେଳା କମିଟି ଉପସଭାପତି ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବାଳମୁକୁନ୍ଦ ଦାସ, ସନ୍ତୋଷ ବଳିୟାରସିଂହ, ସନ୍ତୋଷ ପାଇକରାୟ, ଅମ୍ବିକା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଖୋର୍ଦ୍ଧା,୨୫।୪(ସମିସ):** ପିତାପଲ୍ଲୀ-ତରତୁଆ ନୂଆ ରାସ୍ତାରେ ଚାଲିକି ଯାଉଥିବାବେଳେ ଅଜଣା ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୁରୁଜଙ୍ଗ ଟାଙ୍ଗୀସାହି ର ଚନ୍ଦ୍ରମୋହନ ସାହୁ (୫୯)। ପୁଲିସ ସୂଚନା ଅନୁସାରେ, ଚନ୍ଦ୍ରମୋହନ ରାୟଗଡା ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ତେବେ ସେ ଘରକୁ ବସ ଯୋଗେ ଆସିଥିବାବେଳେ ପିତାପଲ୍ଲୀ ଛକରେ ଓହ୍ଲାଇ ନୂଆ ରାସ୍ତାରେ ଘର ଅଭିମୁଖେ ଚାଲିକି ଆସୁଥିଲେ। ଏହିସମୟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ଦେବାଶିଷ ମହାପାତ୍ରଙ୍କ ଅଭିଯୋଗ କ୍ରମେ ଶିଳ୍ପାଂଚଳ ପୁଲିସ ୧୦୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବେଆଇନ ଗୋରୁ ଗାଡ଼ି ଜବତ: ୧୪ ଉଦ୍ଧାର, ୨ ମୃତ

**ନିରାକାରପୁର,୨୫।୪ (ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅଞ୍ଚଳରେ ପୁଣି ଏକ ବେଆଇନ ଗୋରୁ ଚାଲାଣ ରାକେଟର ପର୍ଦ୍ଦାଫାସ ହୋଇଛି। ଅତି ଅମାନୁଷିକ ଭାବେ ଗୋରୁ ବୋଝେଇ କରି ନିଆଯାଉଥିବା ଏକ ପିକଅପ୍ ଭ୍ୟାନକୁ ଜଂକିଆ ପୁଲିସ ଜବତ କରିବା ସହ ୧୪ଟି ଜୀବନ୍ତ ଗୋରୁଙ୍କୁ ଉଦ୍ଧାର କରିଛି। କିଛି ବଜରଙ୍ଗ ଦଳ କର୍ମୀଙ୍କ ଠାରୁ ଖବର ପାଇ ଜଂକିଆ ପୋଲିସ ଚଢ଼ାଉ କରିଥିଲା। ଗୋରୁ ବୋଝେଇ ଗାଡ଼ିଟି ଛଣଗିରି ପଟୁ କମାଗୁରୁ ଦେଇ ବଡ଼ପୋଖରିଆ ବାଟେ ଜାତୀୟ ରାଜପଥକୁ ଉଠିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲା। ପୁଲିସ ଗାଡ଼ିକୁ ଆଜି ଭୋରୁ କାବୁ କରିବା ମାତ୍ରେ ଡ୍ରାଇଭର ସମେତ ଚାଲାଣରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନେ ସୁଯୋଗ ନେଇ ଖସି ପଳାଇବାରେ ସଫଳ ହୋଇଥିଲେ। ପୁଲିସ ଗାଡ଼ିଟିକୁ ଯାଞ୍ଚ କରିବା ପରେ ସେଥିରୁ ସମୁଦାୟ ୧୬ଟି ଗୋରୁ ଜବତ କରିଥିଲେ। ତେବେ ଗାଡ଼ି ଭିତରେ ଗୋରୁମାନଙ୍କୁ ଏଭଳି ଅମାନୁଷିକ ଭାବେ ବନ୍ଧାଯାଇଥିଲା ଯେ, ସେଥିମଧ୍ୟରୁ ୨ଟି ଗୋରୁଙ୍କର ମୃତ୍ୟୁ ହୋଇସାରିଥିଲା। ଅନ୍ୟ ୧୪ଟି ଜୀବନ୍ତ ଗୋରୁଙ୍କୁ ପୋଲିସ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ୧୪ଟି ଜୀବନ୍ତ ଗୋରୁଙ୍କୁ ଚିକିତ୍ସା ଓ ରକ୍ଷଣାବେକ୍ଷଣ ପାଇଁ ବାଲୁଗାଁ ନିକଟସ୍ଥ ଏକ ଗୋଶାଳାରେ ଛଡ଼ାଯାଇଛି।

## ଅଣମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତକୁ ବିରୋଧ

**ବାଲୁଗାଁ, ୨୫।୪(ସମିସ) :** ମୁଖ୍ୟମନ୍ତ୍ରୀ କଲ୍ୟାଣ ଯୋଜନା ମାଧ୍ୟମରେ ମତ୍ସ୍ୟଜୀବୀ ଆବେଦନ କରିବା ପରେ ମତ୍ସ୍ୟଜୀବୀଙ୍କୁ ସଠିକ ଚିହ୍ନଟ କରି ଡ଼ଙ୍ଗା, ମେସିନ ଓ ଜାଲ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା ରହିଛି। ତେବେ ବାଲୁଗାଁ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚଞ୍ଚକତା କରି ଅଣ ମତ୍ସ୍ୟଜୀବୀ ମାନେ ଆବେଦନ କରୁଥିବାରୁ ଏହାକୁ ମତ୍ସ୍ୟଜୀବୀ ସଂଘ ବିରୋଧ କରି ଏକ ଦାବି ପତ୍ର ବାଲୁଗାଁ ମତ୍ସ୍ୟ ଅଧିକାରୀ ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ ଜିଲ୍ଲା ମତ୍ସ୍ୟବିଭାଗ ବାଲୁଗାଁ ଖୋର୍ଦ୍ଧାଙ୍କ ଅଧିନରେ ୧୪୭ ଗ୍ରାମର ୨ଶହ ମତ୍ସ୍ୟଜୀବୀ ସମବାୟ ସମିତିକୁ ନେଇ ୩ ଲକ୍ଷ ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀ ଜୀବିକା ନିର୍ବାହ କରି ଆସୁଛନ୍ତି। ଚିଲିକାରେ ବିଭିନ୍ନ ବାହାଣ ସରଞ୍ଜାମ ହେଲା ଡ଼ଙ୍ଗା, ମେସିନ ଓ ଜାଲ ଆଦି ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ମତ୍ସ୍ୟ ବିଭାଗ ଦ୍ୱାର ଅନୁବନ୍ଧିତ ସମସ୍ତ ସରକାରୀ ସୁବିଧା ଉପଲବ୍ଧ ରହିଛି। ହେଲେ ଦୁଃଖ ଓ ପରିତାପର ବିଷୟ ମତ୍ସ୍ୟ କଲ୍ୟାଣ ଯୋଜନାରେ ଅଣ ମତ୍ସ୍ୟଜୀବୀ ଆବେଦନ କରି ମତ୍ସ୍ୟଜୀବୀଙ୍କ ଦାନାରେ ଧୂଳି ପକାଇ ସମସ୍ତ ସୁବିଧା ହଡପ କରିବା ଦ୍ୱାରା ବହୁ ନିରୀହ ପାରମ୍ପରିକ



ମତ୍ସ୍ୟଜୀବୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା କିଛି ଅସାଧୁ ଦଲାଲ, ବିଭାଗୀୟ ଅଧିକାରୀ, ଡ଼ଙ୍ଗା ଠିକାଦାର ଭିତିରିଆ ସଲା ସୁତାରରେ ହଡପ କରୁଛନ୍ତି। ଏହାର ଆବେଦନ ଏପ୍ରିଲ ୧ ତାରିଖରେ ଆରମ୍ଭ ହୋଇଥିବା ବେଳେ କେତେକ ଅଣ ମତ୍ସ୍ୟଜୀବୀ ଦଲାଲଙ୍କ ଜରିଆରେ ମାର୍ଚ୍ଚ ମାସ ୩୧ ରାତ୍ର ୧୨ ଘଟିକା ପରେ ଗୋ ସୁଗମ ଅନଲାଇନରେ ଆବେଦନ କରିବା ଫଳରେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଏହି ନିୟମ ପୂର୍ବ ସରକାର ସମୟରେ ଚାଲିଥିବା ବେଳେ ଏହାକୁ ମତ୍ସ୍ୟଜୀବୀ ସଙ୍ଘ ଦୃଢ଼ ବିରୋଧ କରି ଆସୁଥିବା ବେଳେ ବର୍ତ୍ତମାନ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ନେତୃତ୍ୱରେ ବିଜୟ ଲକ୍ଷ୍ମୀ ବାଲାଙ୍କ ସମେତ କାଶୀନାଥ ବେହେରା, ନବକିଶୋର ବେହେରା, ନାରାୟଣ ବେହେରା, ବାବୁ ବାହାନ ବେହେରା, ମାଗୁଣି ବେହେରା, ଗଜେନ୍ଦ୍ର ବେହେରା ସୁରେନ୍ଦ୍ର ବେହେରା, ରୂପକ ବେହେରା ଓ ସୁରଥ ବେହେରା ପ୍ରମୁଖ ସମସ୍ତ ଚିଲିକା ଅଞ୍ଚଳର ପାରମ୍ପରିକ ହିତାଧିକାରୀ ମତ୍ସ୍ୟଜୀବୀ ନେତୃତ୍ୱ ମଣ୍ଡଳୀ ସାମିଲ ହୋଇ ବାଲୁଗାଁ ମତ୍ସ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହାର କୌଣସି ପ୍ରତିକାର କରା ନଯାଏ ମତ୍ସ୍ୟଜୀବୀ ସଙ୍ଘ ଆଗାମୀ ଦିନରେ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ, ଏଥିଲାଗି କୌଣସି ଅସୁବିଧା ହୁଏ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ବିଭାଗ ମନ୍ତ୍ରୀ ଓ ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଅଛି। ବାଲୁଗାଁ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ଦାସଙ୍କୁ ପଚାରିବାରେ ସେ କହିଥିଲେ ଯେ, ଅଣ ମତ୍ସ୍ୟଜୀବୀ ହେଲେ ମଧ୍ୟ ଚିଲିକାରେ ମତ୍ସ୍ୟ ବ୍ୟବସାୟ ଓ ମାଛ ଚାଷ କରୁଛନ୍ତି। ସେମାନେ ମଧ୍ୟ ଏହି ମୁଖ୍ୟମନ୍ତ୍ରୀ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବାରେ ଅସୁବିଧା ନାହିଁ।

ସକାଳ
THE SAKALA



www.sakalaepaper.com

# ଜଳାଭିଷେକ ପାଇଁ ନଦୀରେ ବୁଡ଼ି ଛାତ୍ର ମୃତ

ଭଦ୍ରେଶ୍ୱର/ମାହାଙ୍ଗା,୨୫।୪(ସମିସ): ମାହାଙ୍ଗା ବ୍ଲକ ଅଞ୍ଚଳରେ ଶନିଶ୍ଚରଙ୍କ ଜଳାଭିଷେକ ଉତ୍ସବ ସମୟରେ ଏକ ଅଘଟଣ ଘଟିଛି। ଜଳାଭିଷେକ କରିବାକୁ ଯାଉଥିବା ଜଣେ ନାବାଳକ ନଦୀରେ ବୁଡ଼ି ଅକାଳରେ ମୃତ୍ୟୁବରଣ କରିଛନ୍ତି। ମୂଳବସନ୍ତ ଗ୍ରାମପଞ୍ଚାୟତ ଗୁଣ୍ଡୁପୁର ଶନିଶ୍ଚର ଯାତ୍ରା ଦେଖିବା ନିମନ୍ତେ ସ୍ଥାନୀୟ ରାହାଣିଆ ଗ୍ରାମପଞ୍ଚାୟତ କାଳିଅଣ୍ଟି ଗ୍ରାମର ବିଜୟ ଜେନାଙ୍କ ପୁତ୍ର ପଦ୍ମଲୋଚନ ଜେନା (୧୮) ଯାଉଥିଲେ। ପଦ୍ମଲୋଚନ ଗୁଣ୍ଡୁପୁରସ୍ଥିତ ଶନିଦେବଙ୍କ ମନ୍ଦିରକୁ ବିରୂପା ନଦୀ ପାରି ହୋଇ ଯାଉଥିଲେ। କିଛି ସାଂଗଙ୍କ ସହ ଯାଉଥିଲା ବେଳେ ଆକସ୍ମିକ ଭାବେ ନଦୀରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଶବକୁ ମାହାଙ୍ଗା ଥାନା ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ପଦ୍ମଲୋଚନ +୨ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇଛନ୍ତି। ତାଙ୍କର ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦାବି ହୋଇଛି।



# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ନିଶ୍ଚିନ୍ତକୋଇଲି,୨୫।୪(ସମିସ): ନିଶ୍ଚିନ୍ତକୋଇଲି ଥାନା ଖଣ୍ଡସାହି ଗ୍ରାମର ଅଭୟାନନ୍ଦ ମିଶ୍ର(୬୩)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶନିବାର ରାତି ୮.୩୦ମିନିଟ୍ ସମୟରେ ସେ ତାଙ୍କ ସ୍କୁଟି ଯୋଗେ ବଜାରରୁ ଘରକୁ ଫେରୁଥିବା ବେଳେ କଟକ-ଚାନ୍ଦବାଲି ରାସ୍ତାର ଗୋପପୁର ଗାନ୍ଧୀଛକ ପଣସପଡ଼ିଆ ନିକଟରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରୁ ଉଦ୍ଧାର କରି ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପୂର୍ବରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।



## ସାଲେପୁର ହାଇସ୍କୁଲ ପଡ଼ିଆରେ ୪ ଦିନ ପାଇଁ ସଭା ସମିତି ଉପରେ କଟକଣା

# ଭାଙ୍ଗିଲା ପରମ୍ପରା: ମଧୁ ଜୟନ୍ତୀ ଉତ୍ସବ ବନ୍ଦ ନେଇ ତୀବ୍ର ପ୍ରତିକ୍ରିୟା

ସାଲେପୁର,୨୫।୪(ସମିସ):

ସାଲେପୁର ହାଇସ୍କୁଲ ପଡ଼ିଆକୁ ପ୍ରଶାସନ ପକ୍ଷରୁ ଏପ୍ରିଲ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ଦିନ ପାଇଁ ବିଏନ୍ଏସ୍ ୧୬୩ ଧାରା ଜାରି କରିବା ସହ ଏହି ସ୍ଥାନରେ କୌଣସି ଦଳୀୟ କାର୍ଯ୍ୟକ୍ରମ, ସଭାସମିତି, ର୍‌ୟାଲି ଆଦି ହୋଇପାରିବ ନାହିଁ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ପ୍ରଦାନ କରାଯାଇଛି। ଫଳରେ ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ୨୫ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମହୋତ୍ସବ ବନ୍ଦ ହୋଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ମଧୁବାବୁ ଜୟନ୍ତୀ କମିଟିର ସଦସ୍ୟମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।



### ଦୁଇ ଗୋଷ୍ଠୀ ସମାନ ସ୍ଥାନ ପାଇଁ ଆବେଦନ କରିବାରୁ ବିବାଦ

ସାଲେପୁର ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ସାଲେପୁର ହାଇସ୍କୁଲ ପଡ଼ିଆଠାରେ ୨୦ ବର୍ଷ ହେବ ଏପ୍ରିଲ ମାସ ୨୫ରୁ ୨୮ ତାରିଖ ୪ଦିନ ବ୍ୟାପୀ ମଧୁବାବୁ ଜୟନ୍ତୀ ଉତ୍ସବ ପାଳନ ହୋଇଆସୁଛି। ଏହା ଏକ ଗଣପର୍ବରେ ପରିଣତ ହୋଇଥିବାବେଳେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହାକୁ ବନ୍ଦ କରିବା ପାଇଁ ଉଦ୍ଦେଶ୍ୟ ମୂଳକ ଭାବେ ସମାନ ଦିନ ସମାନ ସମୟରେ ପଡ଼ିଆକୁ ବୁକ୍ କରିବାକୁ ତହସିଲ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ପ୍ରଶାସନ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଉକ୍ତ ୪ ଦିନ ପାଇଁ ବିଏନ୍ଏସ୍ ୧୬୩ ଧାରା ଲାଗୁ କରିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିସହ ମଧୁବାବୁଙ୍କ ଜୟନ୍ତୀ ଉତ୍ସବକୁ ବନ୍ଦ କରିବାକୁ ଚକ୍ରାନ୍ତ ଚଳାଇଥିବା ବ୍ୟକ୍ତିଙ୍କୁ ସାଲେପୁରବାସୀ କ୍ଷମା କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମଧୁବାବୁ ଜୟନ୍ତୀ କମିଟିର ସଂପାଦକ ଅଶ୍ୱିନୀ କୁମାର ଦାସ, ଶିକ୍ଷାବିତ୍ ମନୋଜ ବେହୁରା, ପୂର୍ଣ୍ଣିମା ବସ୍ତିଆଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସରେ ହଟହଟା ହିତାଧିକାରୀ

ଭଦ୍ରେଶ୍ୱର,୨୫।୪(ସମିସ): ମାହାଙ୍ଗା ବ୍ଲକରେ ପ୍ରଶାସନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଜାତୀୟ ପଞ୍ଚାୟତିରାଜ ଦିବସ ପ୍ରହସନରେ ପରିଣତ ହୋଇଛି। କାର୍ଯ୍ୟାଦେଶ ନେବା ନିମନ୍ତେ ଆସିଥିବା ହିତାଧିକାରୀମାନେ ଠିକ୍ ଭାବେ କାର୍ଯ୍ୟାଦେଶ ପାଇ ନ ପାରି ହଟହଟା ହୋଇଥିଲେ। ମାହାଙ୍ଗା ବ୍ଲକ ପ୍ରତିଭା ଭବନରେ ଏହି ଦିବସ ଶୁକ୍ରବାର ରାତ୍ରରେ ବ୍ୟାପକ ଅବ୍ୟବସ୍ଥା ଓ ଜନଅସନ୍ତୋଷ ମଧ୍ୟରେ ପାଳନ କରାଯାଇଥିଲା। ୨୧୯ ଜଣ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ନେବା ପାଇଁ ଆସିଥିଲା ବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ନିରାଶରେ ଫେରିବାକୁ ବାଧ୍ୟ ହୋଇଥିଲେ। କେତେକ ହାତଗଣତି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକପ୍ରତିନିଧିମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବା କାରଣରୁ ବହୁ ନିର୍ବାଚିତ ଲୋକପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ସେହିପରି ଭାବେ ଏହି କାର୍ଯ୍ୟକ୍ରମକୁ ମାହାଙ୍ଗା ସ୍ୱାଧୀନ ବିଧାୟକ ଆସିବାକୁ ଥିଲା ବେଳେ ସେ ସଭାରେ ଅନୁପସ୍ଥିତ ରହିଥିଲେ। ଅପରପକ୍ଷରେ ସରକାରଙ୍କ ତରଫରୁ ଏହି ଦିବସ ପାଳନ ନିମନ୍ତେ ସରକାର ବ୍ୟାପକ ଅର୍ଥ ଖର୍ଚ୍ଚ କରୁଥିଲା ବେଳେ ଏହି ବ୍ଲକରେ ଏହା ପ୍ରହସନରେ ପରିଣତ ହୋଇଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

## ଜାତୀୟ ପଞ୍ଚାୟତିରାଜ ଦିବସରେ ବହୁ ଜନପ୍ରତିନିଧି ଅନୁପସ୍ଥିତ

# ୩୧୬ଟି ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ

ନିଶ୍ଚିନ୍ତକୋଇଲି,୨୫।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଫିକା ପଡ଼ିଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର କରିବା ପାଇଁ ୩୧୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ୪ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କ ଜମାଖାତାକୁ ୪୦ହଜାର ଲେଖାଏଁ ଟଙ୍କା ପଠାଯାଇଛି। ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି, ଗ୍ରାମ ପଞ୍ଚାୟତ ଅଧିକାରୀ ମନୋଜ ପଡିହାରୀ, ଆକାଉଣ୍ଟ ଅଫିସର ସୌମ୍ୟନନ୍ଦନ ପଟ୍ଟନାୟକଙ୍କ ସମେତ ସାଂସଦ ଓ ବିଧାୟକ ପ୍ରତିନିଧିମାନେ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଖୋଦ୍ ବ୍ଲକ ଅଧ୍ୟକ୍ଷା ଉପସ୍ଥିତ ନଥିଲା ବେଳେ ବିଭିନ୍ନ ପଞ୍ଚାୟତରୁ ସମସ୍ତ ଜନପ୍ରତିନିଧି ଏଥିରେ ଯୋଗଦେଇ ନଥିବାର ଦେଖାଯାଇଥିଲା। ଏଭଳି ସ୍ଥିତି ପାଇଁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ନିଶ୍ଚିନ୍ତକୋଇଲି ବ୍ଲକରେ ଏକପ୍ରକାର ଫେଲ୍ ମାରିଥିବା ଆଲୋଚନା ହେଉଛି।



## ■ ଉପଖଣ୍ଡସ୍ତରୀୟ ପଞ୍ଚାୟତିରାଜ ଦିବସ

ଆଠଗଡ଼: ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ସେବା ପାଇଁ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଆକାଶ କୁମାର ପଣ୍ଡା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢ଼ୀ, ଏବିଡିଓ ବିଷ୍ଣୁପ୍ରିୟା ସାହୁ, ମଣ୍ଡଳ ଅର୍ଥ ଅଧିକାରୀ ନବ କୁମାର କାଟିକିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲ୍, ସେକ୍ସନ ଅଫିସର ବିକାଶ ଦେହୁରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସରୋଜିନୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶୀ ମଦ ଜବତ; ୬ ମାମଲା ରୁଜୁ

ତିଗିରିଆ,୨୫।୪(ସମିସ): ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ମଦ ଜବତ ହୋଇଛି। ଆଠଗଡ଼ ଥାନା କୋରଙ୍ଗା ଓ ନିକଟସ୍ଥ କାଜୁ ବଗିଚାରେ ଆଠଗଡ ଓ ନରସିଂହପୁର ଅବକାରୀ ବିଭାଗ ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଏକ ମିଳିତ ଚଢଉ କରି ୪୬୨୦ ଲିଟର ଦେଶୀ ମଦ ସହ ୨୬୨୮୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିନେଇ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇଛି।

# ଗଡେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ: କନ୍ଦରପୁର ଚାମ୍ପିଅନ



କିଶନନଗର,୨୫।୪(ସମିସ): ଶଙ୍ଖପୁର ଗଡେଶ୍ୱର ଯୁବକ ସଂଘ ପକ୍ଷରୁ କଳିନ୍ତରା ଖେଳ ପଡ଼ିଆଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ରାମକୁମାରପୁରକୁ ପରାସ୍ତ କରି କନ୍ଦରପୁର ଦଳ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟରେ କନ୍ଦରପୁର, ଝାରକଟା, ଗୋରେଖନାଥ, ମହୁରା, ସରଶୁଦା, ମହାବୀର, ରାମକୁମାରପୁର ଏବଂ କଳନ୍ତିରା ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମହିଳା ସମାଜସେବୀ ଭାଗ୍ୟଶ୍ରୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ଓ ରନର୍ସଅପ୍ ଦଳକୁ ପୁରସ୍କାର ବିତରଣ କରିଥିଲେ। ଗଡେଶ୍ୱର ଯୁବକ ସଂଘ ସଭାପତି ପ୍ରଣବ ପଟ୍ଟନାୟକ ଏବଂ ଅଜିତ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଦୁର୍ଘଟଣାରେ ମଞ୍ଚ ଅଭିନେତା ଗୁରୁତର

ଭଦ୍ରେଶ୍ୱର,୨୫।୪(ସମିସ): ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କଲ୍ୟାଣପୁର ଗ୍ରାମର ବିଶିଷ୍ଟ ମଞ୍ଚ ନିର୍ଦ୍ଦେଶକ, ଅଭିନେତା ଓ ସଙ୍ଗୀତ ନିର୍ଦ୍ଦେଶକ ରମେଶଚନ୍ଦ୍ର ମହାନ୍ତି ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶ୍ରୀ ମହାନ୍ତି ଆଜି କୋଟପଦା ବଜାରରୁ ନିଜ ଘରକୁ ଏକ ସ୍କୁଟି ଯୋଗେ ଫେରୁଥିଲେ। ସ୍ଥାନୀୟ ମହାନ୍ତି ସାହି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କୁଆଁପାଳ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ଅଡମ୍ବରୁ ପ୍ରସିଦ୍ଧ ଶନିଶ୍ଚର ମେଳା

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜଳାଭିଷେକ

ଟାଙ୍ଗୀ,୨୫।୪(ସମିସ):

ବୈଶାଖ ଶେଷ ଶନିବାର ଅବସରରେ ମାଗୁରା-ଧାନମଣ୍ଡଳ ପଞ୍ଚାୟତ ଅଡ଼ମ୍ବରୁସ୍ଥିତ ତଥା ମାଳିକା ବର୍ଣ୍ଣିତ ଜଳୌକା ପାହାଡ଼ ପାଦଦେଶରେ ସ୍ଥାପିତ ପ୍ରସିଦ୍ଧ ଶନିଶ୍ଚରଙ୍କ ମହାମେଳା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ପ୍ରବଳ ଜନସମାଗମ ହେବା ସହ ଗ୍ରହରିଷ୍ଟ ଖଣ୍ଡନ ଲାଗି ଲକ୍ଷାଧିକ ମାନସିକଧାରୀ ଜଳାଭିଷେକ କରିଥିଲେ। ଅବିଭକ୍ତ କଟକ ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ ଓ ଭଦ୍ରକ ଆଦି ବିଭିନ୍ନ ଜିଲ୍ଲାରୁ ମାନସିକଧାରୀ ଅଂଶଗ୍ରହଣ କରିଥିଲେ। ଶୃଙ୍ଖଳିତ ଦର୍ଶନ ଓ ଜଳାଭିଷେକ ନିମନ୍ତେ ମନ୍ଦିର କମିଟି ପକ୍ଷରୁ ଧାଡ଼ି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଚଣ୍ଡ ରୌଦ୍ରତାପ ଓ ଶ୍ରଦ୍ଧାଳୁଙ୍କ ହିତକୁ ଦୃଷ୍ଟିରେ ରଖି ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଳଛତ୍ର ଓ ଅନ୍ନଛତ୍ର ବ୍ୟବସ୍ଥା କରିଥିଲେ। ମନ୍ଦିର କମିଟି ଓ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ମେଳାରେ ସରପଞ୍ଚ ରଶ୍ମିରଞ୍ଜନ ରାଉତ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପ୍ରାକ୍ତନ ବିଧାୟକ ପ୍ରକାଶଚନ୍ଦ୍ର ବେହେରା, ଶିକ୍ଷାବିତ ତ୍ରିଦେବ ବେହେରା, ତାପସ କୁମାର ମଲ୍ଲିକ, ସାମାଜିକ କର୍ମୀ ଅମୂଲ୍ୟ ବେଉରା ଓ ବିଜେପି ନେତା ହିମାଂଶୁ ମହାନ୍ତି ପ୍ରମୁଖ ମହାଗ୍ରହ ଶନିଶ୍ଚରଙ୍କ କୃପାଭିକ୍ଷା କରିଥିଲେ। ଅନ୍ୟପକ୍ଷରେ ପୀଠ ପରିସରରେ ଉନବିଂଶତମ ଶନିଶ୍ଚର ଭଟ୍ଟାରିକା ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଚଦିବସୀୟ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ରବିବାର ଅନୁଷ୍ଠିତ ହେବ ବୋଲି ପ୍ରାକ୍ତନ ସରପଞ୍ଚ ଭୁବନାନନ୍ଦ ରାଉତ ସୂଚନା ଦେଇଛନ୍ତି।



# ଟେଟ୍ରାହେଡ୍ରନ୍ ପକ୍ଷରୁ ଖାଦ୍ୟ ବଣ୍ଟନ ଓ ଜଳସେବା

ଟାଙ୍ଗୀ : ଟାଙ୍ଗୀ ଚୌଦ୍ୱାର ବ୍ଲକ ମାଗୁରା ଧାନମଣ୍ଡଳ ପଞ୍ଚାୟତ ଅଡମ୍ବରୁସ୍ଥିତ ଐତିହାସିକ ଶନିଶ୍ଚର ମହାମେଳାରେ ଯୋଗଦେଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ଖାଦ୍ୟ ବଣ୍ଟନ ଓ ଜଳସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ସମସ୍ତଙ୍କୁ ଖାଦ୍ୟ ବଣ୍ଟନ ସହ ଜଳସେବାରେ ନିଜକୁ ନିୟୋଜିତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅମୂଲ୍ୟ ବେଉରାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।



# ଡ୍ରିମ୍ସ ପକ୍ଷରୁ ଶନି ମହାମେଳାରେ ଜଳ ବିତରଣ




କଟକ,୨୫।୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜଳୌକାର ପ୍ରସିଦ୍ଧ ଶନିଶ୍ଚର ମହାମେଳାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ଜଳ ବିତରଣ ସେବା ଶିବିର ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିବା ସହ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, 'ଡ୍ରିମ୍ସ'ର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିୟମିତା ରଥ, ଟାଙ୍ଗୀ ଥାନା ଆଇଆଇସି ଡ. ବିକାଶ କୁମାର ସେଠୀ, ମାଗୁରା-ଧାନମଣ୍ଡଳ ସରପଞ୍ଚ ରଶ୍ମିରଂଜନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତା ଶିବିର ପରିଦର୍ଶନ କରି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ ସେଠୀ ଏବଂ ବିଶ୍ୱବିଦ୍ୟାଳୟର ଲୋକସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ତ୍ରିଶୂଳିଆ: ବାରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶ୍ରୀ ଶ୍ରୀ ଶନିଶ୍ଚର ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଶନିଶ୍ଚର ମହାରାଜାଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରମାନଙ୍କରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସମୟରେ ଭଜନ-କୀର୍ତ୍ତନ ସହିତ ପରିବେଶ ଭକ୍ତିମୟ ହୋଇଯାଇଥିଲା। ପାଟପୁର ସାମନ୍ତସାହିରେ ଶନିଶ୍ଚର ମହାରାଜାଙ୍କ ମନ୍ଦିରର ପ୍ରଥମ ବାର୍ଷିକ ପୂଜା ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି।

ସାଲେପୁର: ଭୋରରୁ ସାଲେପୁର ଅଞ୍ଚଳରେ ଥିବା କାଳାଗ୍ନି ମହାଦେବ ପୀଠ, ସାଲେପୁର କଲେଜରୋଡ୍, ବୋଦାମୁଣ୍ଡାଇ, ରାଇସୁଙ୍ଗୁଡ଼ା, ଚନ୍ଦ୍ରାଦେଇପୁର ମଙ୍ଗଳା ମନ୍ଦିର ନିକଟ, ବଟେଶ୍ୱର ଶନିଦେବ ପୀଠ ସମେତ ସାଲେପୁର ଅଞ୍ଚଳରେ ଥିବା ସମସ୍ତ ଗ୍ରହରାଜ ଶନିଦେବଙ୍କ ପୀଠରେ ଶ୍ରଦ୍ଧାଳୁମାନେ ମାନସିକ କଳସୀରେ ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ସନ୍ଧ୍ୟାରେ ବିଭିନ୍ନ ଶନିଶ୍ଚର ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ବିଭିନ୍ନ ଶନିଶ୍ଚରଙ୍କ ପୀଠରେ ସହସ୍ରାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



ଚୌଦ୍ୱାର: ଶନିବାର ପ୍ରଭାତରୁ ମନ୍ଦିରଗୁଡ଼ିକରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ-ପୂଜା, ଜଳାଭିଷେକ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରୀତିନୀତିରେ ସମ୍ପନ୍ନ କରାଯାଇଥିଲା। ମାନସିକଧାରୀ ମାନେ ମାନସିକ ପୂରଣ ପାଇଁ ମନ୍ଦିରରେ ଅଧିଆ ପଡ଼ିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସଂଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରଗୁଡ଼ିକରେ ଭଜନ ସମାରୋହ, ସଂକୀର୍ତ୍ତନ ଅନୁଷ୍ଠିତ ହେଇଥିଲା। ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ବେଉରାସାହି, ନବଗ୍ରହ ସାହି, ହିଙ୍ଗୁଳେଇ ସାହି, କପାଳେଶ୍ୱର, କପାଳେଶ୍ୱର ନୂଆସାହି, ହାଉସିଂବୋର୍ଡ଼, ନଖରା ପଞ୍ଚାୟତ ଅନ୍ତର୍ଗତ ଚାଣ୍ଡୋ ଆଦି ସ୍ଥାନରେ ଥିବା ଶନିଦେବ ମନ୍ଦିଗୁଡ଼ିକରେ ପ୍ରବଳ ଜନସମାଗମ ହୋଇଥିଲା।



# ବିଭିନ୍ନ ପୀଠରେ ଶନିଶ୍ଚରଙ୍କ ଜଳାଭିଷେକ ଓ ମହୋତ୍ସବ

ନିଶ୍ଚିନ୍ତକୋଇଲି : ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଗ୍ରହରାଜ ଶନିଶ୍ଚରଙ୍କର ଜଳାଭିଷେକ ଓ ବାର୍ଷିକ ମେଳା ମହୋତ୍ସବ ଅନୁଷ୍ଠିତ ହୋଇଛି। ନିଶ୍ଚିନ୍ତକୋଇଲି ଡେଲିମାର୍କେଟରେ ଥିବା ଶ୍ୱେତବଟ ଶନିଶ୍ଚର ପୀଠରେ ପ୍ରତ୍ୟୁଷରୁ ମହାସ୍ନାନ, ନୂତନ ବସ୍ତ୍ର ପରିଧାନ ଓ ଯଥାରୀତି ପୂଜାର୍ଚ୍ଚନା ପରେ ଶହ ଶହ ସଂଖ୍ୟାରେ ଭକ୍ତମାନେ ଜଳାଭିଷେକ କରି ମାନସିକ ପୂରଣ ପାଇଁ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ଗ୍ରହରାଜଙ୍କ କୃପାଲାଭ କରିଥିଲେ। ଶ୍ୱେତବଟ ମହନ୍ତ ନିତ୍ୟାନନ୍ଦ ଦାସ ମହାରାଜ ଏବଂ ନିର୍ମଳ ଚନ୍ଦ୍ର ମିଶ୍ର ଶର୍ମା(ବାଇଆ ବାବା)ଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜାର୍ଚ୍ଚନା ସମାପନ ହୋଇଥିଲା। ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଚନ୍ଦନ ପୁଷ୍କରିଣୀ ତଟରେ ଥିବା ଗ୍ରହରାଜ ଶନିଦେବଙ୍କର ମନ୍ଦିରରେ ହଜାର ହଜାର ସଂଖ୍ୟାରେ ଭକ୍ତ ଜଳାଭିଷେକ କରିଥିଲେ। ପୂଜକ ବନବିହାରୀ ମିଶ୍ର ଓ ସରୋଜ କୁମାର ମିଶ୍ରଙ୍କ ଦ୍ୱାରା ସମସ୍ତ ପୂଜାର୍ଚ୍ଚନା କରାଯାଇଥିବା ବେଳେ ପରିଚାଳନା କମିଟି ସଭାପତି ଅଜୟ ମହାପାତ୍ର ଓ ସଂପାଦକ ଶାରଦା ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର ମା' ବୁଢୀଜାଗୁଳାଇ ମନ୍ଦିର ପରିସରରେ ଥିବା ଗ୍ରହରାଜଙ୍କର ଯାତ୍ରା ଉତ୍ସବ ସମାରୋହରେ ପାଳିତ ହୋଇଛି। ଜାଗୁଳାଇ ଉନ୍ନୟନ ପରିଷଦର ସଭାପତି ଅଲେଖ ଚନ୍ଦ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସୁକରପଡାସ୍ଥିତ ଶନିଶ୍ଚର ମନ୍ଦିର, ବେଲେଶ୍ୱରୀ ସ୍ଥିତ ଶନିଶ୍ଚର ମନ୍ଦିର, ସରପଡାସ୍ଥିତ ଶନିଶ୍ଚର ମନ୍ଦିର, ନତକାଇ ବାଘୁଆ ପଡିଆ ଶନିମନ୍ଦିର, ବଡକ୍ଷୀର କାଚରାପାଟଣାସ୍ଥିତ ଶନିମନ୍ଦିରରେ ଜଳାଭିଷେକ ଉତ୍ସବ ପାଳିତ ହୋଇଛି।



# ବ୍ରାହ୍ମଣଝରିଲୋରୁ ୧୪୩ ଚୋରା ଗ୍ୟାସ୍ ସିଲିଣ୍ଡର ଜବତ



କଟକ,୨୫।୪(ସମିସ): କଟକ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଅଞ୍ଚଳରେ ଚଢ଼ଉ ହୋଇ ଶତାଧିକ ଚୋରା ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଏକ ଭଡ଼ା ଘରେ ଗ୍ୟାସ ଭର୍ତ୍ତି ହୋଇ ଗଚ୍ଛିତ ଥିବା ୧୪୩ଟି ସିଲିଣ୍ଡର ଜବତ କରାଯାଇଥିଲା। ଏହି ଘଟଣାରେ ଦୁଇଟି ଟାଟା ଏସିଓ ଗୋଟିଏ ପିକଅପ ଗାଡ଼ି ମଧ୍ୟ ଜବତ ହୋଇଛି। ଚୋରା କାରବାରରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଅଟକ ରଖାଯାଇଥିଲାବେଳେ ଏହାର ମାଲିକ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଦୁଇ ଦିନ ପୂର୍ବରୁ ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱର ଅଞ୍ଚଳରୁ ଅନୁରୂପଭାବେ ଚଢ଼ଉ କରି ଜିଲ୍ଲା ଯୋଗାଣ ବିଭାଗ ୫୩୪ଟି ଘରୋଇ ଚୋରା ଗ୍ୟାସ ଗ୍ୟାସ ସିଲିଣ୍ଡର ଜବତ କରିଥିଲା। ଆଜିର ଏହି ଚଢ଼ଉରେ କଟକ ସଦର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ, କଣ୍ଟପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ମୋଚିରାମ ଦାସ, ବାରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଜୟନ୍ତୀ ହରିଚନ୍ଦନ ଓ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ। ଏହି ଅଞ୍ଚଳରେ ଦୀର୍ଘଦିନ ଧରି କିପରି ଚୋରା ଗ୍ୟାସ କାରବାରର ଏକ ବିରାଟ ନେଟୱର୍କ ଚାଲିଥିଲା ଓ ନିକଟରେ ପୁଲିସ ସହାୟତା କେନ୍ଦ୍ର ଥିଲେ ମଧ୍ୟ ସେମାନେ ଏହାର ସାମାନ୍ୟତମ ସୁରାକ ପାଇ ନଥିଲେ ବୋଲି ଅଭିଯୋଗ ହେଉଛି।

ଦୁଇ ବର୍ଷର ଦରମା ମିଳିନି; ପମ୍ପ ଚଳାଉନାହାନ୍ତି କର୍ମଚାରୀ

# ପାନୀୟଜଳ ପାଇଁ ହନ୍ତସନ୍ତ ୧୨୫ ପରିବାର

ତିଗିରିଆ,୨୫।୪(ସମିସ): ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଗୋକର୍ଣ୍ଣଖାଲ ଗ୍ରାମର ୧୨୫ ପରିବାରର ୧ ହଜାରରୁ ଅଧିକ ଜନସାଧାରଣ ପାନୀୟଜଳ ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ପାନୀୟଜଳ ଯୋଗାଣ ପାଇଁ ଗ୍ରାମରେ ଥିବା ବସୁଧା ପ୍ରକଳ୍ପରେ କାର୍ଯ୍ୟରତ ପମ୍ପ ଡ୍ରାଇଭର ଦୀର୍ଘ ୨ ବର୍ଷ ଦରମା ପାଇ ନଥିବାରୁ ଏହାର ପ୍ରତିବାଦରେ ପମ୍ପ ହାଉସକୁ ତାଲା ପକାଇବା ସହ ୪ ଦିନ ହେବ ପମ୍ପ ଚଳାଉ ନଥିବାରୁ ଗ୍ରାମବାସୀ ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ମୋଟ ୩ଟି ୱାର୍ଡରେ ଏହି ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ ପାଇଁ ଗତ ୨୦୧୯ରେ ଲକ୍ଷାଧିକ ଟଙ୍କା ବ୍ୟୟ ବିନିମୟରେ ବସୁଧା ଯୋଜନାରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏହି ପ୍ରକଳ୍ପରେ ପମ୍ପ ଡ୍ରାଇଭର ଭାବେ ସ୍ଥାନୀୟ ଅଞ୍ଚଳର ହେମନ୍ତ କୁମାର ପ୍ରଧାନ ନାମକ ଜଣେ ବ୍ୟକ୍ତି ପମ୍ପ ଡ୍ରାଇଭର ନିଯୁକ୍ତ ହୋଇଥିଲେ। ନିଯୁକ୍ତିର ପ୍ରଥମ ୫ ବର୍ଷରେ ହେମନ୍ତ ପ୍ରକଳ୍ପ ନିର୍ମାଣ କରିଥିବା ଠିକାଦାରଠାରୁ ନିଜର ମାସିକ ଦରମା ପାଉଥିଲେ; କିନ୍ତୁ ୫ବର୍ଷ ପ୍ରକଳ୍ପର ରକ୍ଷଣାବେକ୍ଷଣଅବଧି ପୂରଣ ପରେ ଠିକାଦାର ଆଉ ହେମନ୍ତଙ୍କୁ ଦରମା ଦେଇ ନଥିଲେ। ହେମନ୍ତ ସ୍ଥାନୀୟ ସରପଞ୍ଚଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପ୍ରସ୍ତାବ କରାଯାଇ ହେମନ୍ତଙ୍କୁ ବ୍ଲକ କାର୍ଯ୍ୟାଳୟକୁ ପଠାଯାଇଥିଲା। କପିକୁ ନେଇ ହେମନ୍ତ ବ୍ଲକ କାର୍ଯ୍ୟାଳୟରେ ଦେଇଥିଲେ। ଏହାର ଦୀର୍ଘ ଦିନ ପରେ ମଧ୍ୟ ତାଙ୍କୁ ଦରମା ନ ମିଳିବାରୁ ହେମନ୍ତ ପୁନର୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ଦରମା ସମ୍ପର୍କରେ ବୁଝିବା ପରେ ସେ ପୂର୍ବରୁ ଦେଇଥିବା ପ୍ରସ୍ତାବପତ୍ର ହଜି ଯାଇଥିବାରୁ ପୁନର୍ବାର ଏକ କପି ଆଣି ଦେବାକୁ କୁହାଯାଉଥିଲା। ଏପରିକି ହେମନ୍ତ ବାରମ୍ବାର ବ୍ଲକ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ନିଜର ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ପାଇ ନଥିବା ଅଭିଯୋଗ ହୋଇଛି। ବାଧ୍ୟହୋଇ ଗତ ୪ ଦିନ ହେବ ହେମନ୍ତ ପ୍ରତିବାଦ ସ୍ୱରୂପ ପମ୍ପ ହାଉସରେ ତାଲା ପକାଇ ପାଣି ଚଳାଉ ନଥିବା ସୂଚନା ଦେଇଛନ୍ତି। ଫଳରେ ଗୋକର୍ଣ୍ଣଖାଲ ଗ୍ରାମର ଲୋକମାନେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ସମାଧାନ ସହ ହେମନ୍ତଙ୍କୁ ତାଙ୍କର ବକେୟା ଦରମା ପ୍ରଦାନର ବ୍ୟବସ୍ଥା କରାଯିବାକୁ ସାଧାରଣରୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ

କଟକ,୨୫।୪(ସମିସ): ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଜିଲ୍ଲା ସ୍ୱାସ୍ଥ୍ୟଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅଶୋକ କୁମାର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସ୍ମୃତିରଞ୍ଜନ ରାଉତ ମ୍ୟାଲେରିଆର ଲକ୍ଷଣ, ମ୍ୟାଲେରିଆ ନିରାକରଣ ନିମନ୍ତେ ସଚେତନ ରହିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଟି ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ୱାଇଜମେନ ଇଣ୍ଟରନ୍ୟାସନାଲ ଅଧ୍ୟକ୍ଷ, ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ ଉପସ୍ଥିତ ଥିଲେ।

## ମର୍କତନଗର ବରିଷ୍ଠ ନାଗରିକ କଲ୍ୟାଣ ସମିତି ନିର୍ବାଚନ

କଟକ,୨୫।୪(ସମିସ): ମର୍କତନଗର ସେକ୍ଟର-୯ ସ୍ଥିତ ରାଇସିନା ମଣ୍ଡପଠାରେ ମର୍କତ ନଗର ବରିଷ୍ଠ ନାଗରିକ କଲ୍ୟାଣ ସମିତର ନିର୍ବାଚନ ଶେଷ ହୋଇଛି। ସମିତିର କର୍ମକର୍ତ୍ତାମାନେ ଆସନ୍ତା ୨ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପ୍ରଭାକର ପତ୍ରୀ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ରମେଶଚନ୍ଦ୍ର ବେହେରା, ଉପସଭାପତି ଭାବେ ପ୍ରକାଶଚନ୍ଦ୍ର ରଥ, ସାଧାରଣ ସମ୍ପାଦକ ଭାବେ ଧୀରେନ୍ଦ୍ର କୁମାର ପ୍ରତାପ, ଯୁଗ୍ମ ସମ୍ପାଦକ ଭାବେ ଜୟଶଙ୍କର ମହାରଣା ଏବଂ କୋଷାଧ୍ୟକ୍ଷ ଭାବେ ନିରୋଦ ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଦୀପ୍ତ ଶତପଥୀ, ହିମାଂଶୁବାଳା ପଟ୍ଟନାୟକ, ପ୍ରତିଭା ଶତପଥୀ ଏବଂ ଅକ୍ଷୟ କୁମାର ଷଡ଼ଙ୍ଗୀ ମନୋନୀତ ହୋଇଛନ୍ତି।

## ବିରୂପା ମହୋତ୍ସବରେ ଟାଙ୍ଗୀ ଛାତ୍ରଛାତ୍ରୀ ପୁରସ୍କୃତ



ଟାଙ୍ଗୀ,୨୫।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ବନ୍ଦନା କଳା ନିକେତନ ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ୧୪ତମ ବିରୂପା ମହୋତ୍ସବରେ ଭାଗନେଇ ପୁରସ୍କୃତ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଯୁବ ରେଡକ୍ରସର ଆବାହିକା ଡ଼ ସସ୍ମିତା ପଟ୍ଟନାୟକ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମହୋତ୍ସବ ସଭାପତି ଦିଲ୍ଲୀପ ଦାଶ, ସାମାଜିକ କର୍ମୀ ବିଶ୍ୱରଞ୍ଜନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

କଟକ,୨୫।୪(ସମିସ): ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରାଣୀ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପ୍ରଶାନ୍ତ କୁମାର ଜେନା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଭିମନ୍ୟୁ ସାହୁ ଉପସ୍ଥିତ ଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ନରସିଂହପୁର ବ୍ଲକ ପ୍ରାଣୀ ସମ୍ପଦ ସେବା ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟରେ ସର୍ବଶ୍ରେଷ୍ଠ ବ୍ଲକ ଭାବେ ଚୟନ ହୋଇଥିବାରୁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିହାର ରଞ୍ଜନ ମିଶ୍ର ସହ ଅନ୍ୟ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀଧନ ନିରୀକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଆଗାମୀ ଯୁବ ପିଢ଼ି ଉପରେ ଅବକାରୀ ଆଇନର ପ୍ରଭାବ ଶୀର୍ଷକ ଆଲୋଚନା ଚକ୍ର



କଟକ,୨୫।୪(ସମିସ): କ୍ରିମିନାଲ କୋର୍ଟସ ବାର ଆସୋସିଏସନ କନଫରେନ୍ସ ହଲଠାରେ ଯୁବ ଆଇନଜୀବୀଙ୍କ ଦ୍ୱାରା ଆୟୋଜିତ ଅବକାରୀ ଆଇନର ଆଗାମୀ ଯୁବ ପିଢ଼ି ଉପରେ ପ୍ରଭାବ ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଓ ଦୌରା ଜଜ ମାନସ ରଞ୍ଜନ ବାରିକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଓଡିଶାର ବିଭିନ୍ନ ଆଇନ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ବିଚାରକମଣ୍ଡଳୀରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ, ବାଦଲଚନ୍ଦ୍ର ରାୟ, କ୍ଷେତ୍ରମୋହନ ବେହେରା ଓ ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନର ସମ୍ପାଦକ ଆଇନଜୀବୀ ଗଦାଧର ସାହୁ, ଉପସଭାପତି ତାପସ କୁମାର ନାୟକ, ସମରେନ୍ଦ୍ର ମହାନ୍ତି, ନେପାଳ ପ୍ରକାଶ ସାମନ୍ତ, ବିଛନ୍ଦା ନାୟକ, ସନ୍ଧ୍ୟାରାଣୀ ଦାସ ମାନସ ରଞ୍ଜନା ପୃଷ୍ଟି ଯୋଗଦାନ କରିଥିଲେ। ପ୍ରିୟରଞ୍ଜନ ମହାନ୍ତି, ସନ୍ଦୀପରାଜ ପଣ୍ଡା, ରାଜକୁମାର ରାଉତ, ହେମନ୍ତ ସାହା, ନୀଳାଦ୍ରି ବିହାରୀ ମହାରଣା, ମିସ ମନୀଷା ଦାସ, ସୁନୀଲ ଦାସ, ଦେବଜ୍ୟୋତି ପଣ୍ଡା, ହରିପ୍ରସାଦ ଓଝା, ଶିବୁ ଦାସ, ବ୍ରଜଭୂଷଣ ସାହୁ, ନିରଞ୍ଜନ ଦାସ, ଗଗନ ବାରିକ, ମହେନ୍ଦ୍ର ସୁବୁଦ୍ଧି, ସଂଗ୍ରାମ କେଶରୀ ଦାସ, ଶୁଭେନ୍ଦୁ ମହାନ୍ତି ସଭା ପରିଚାଳନା କରିଥିଲେ। ବାସୁଦେବ ସେଠୀ ଧନ୍ୟବାଦ ଦେଇଥିଲେ।

## କୋଚିଲା ନୂଆଗାଁରେ ସ୍ୱାସ୍ଥ୍ୟସେବା ଶିବିର




ଚୌଦ୍ୱାର,୨୫।୪(ସମିସ): ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କୋଚିଲା ନୂଆଗାଁରେ ଏକ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କୋଚିଲା ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇମ୍ଫାର ପାୱାରପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡବ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟା ମମତା ସାମାଡ଼, ରବୀନ୍ଦ୍ର ରାଉତ, ଇମ୍ଫାର ନିରଞ୍ଜନ ସାହୁ, ସଂଜୀବ ପୁରୋହିତ ପ୍ରମୁଖ ଅଧିକାରୀ ଅତିଥି ଥିଲେ। ଡା.ସବ୍ୟସାଚୀ ମହାପାତ୍ର, ଡା. ବରୁଣ ଅଗ୍ରୱାଲ, ଡା. ସୁବିମଳ ଦାସ, ଡା. ହିମାଂଶୁ ସାହୁଙ୍କ ସମେତ ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଦନ୍ତ ଓ ଶିଶୁ ବିଭାଗର ବିଶେଷଜ୍ଞ ୨୦୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ସ୍ଥିତପ୍ରଜ୍ଞ ଦାସ , ସୁଦୀପ୍ତ ମହାନ୍ତି, ଅଭିଷେକ ଘୋଷ, ବିଶ୍ୱଜିତ ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ପ୍ରଧାନ ପରିଚାଳନା କରିଥିଲେ।

## ପୂର୍ଣ୍ଣଚନ୍ଦ୍ର ବେଉରାଙ୍କ ବିୟୋଗରେ ଶୋକ

କଟକ,୨୫।୪(ସମିସ): ଯୋବ୍ରାସ୍ଥିତ ସତ୍ୟନାରାୟଣ ସାଇସମିତି ପାଲା ମଣ୍ଡପ ପକ୍ଷରୁ ଏକ ଶୋକସଭା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବେଉରାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବେଉରା ପାଲା ମଣ୍ଡପ ସମିତିର ଉପସଭାପତି ଥିଲେ। ଗତ ୧୮ ତାରିଖରେ ତାଙ୍କ ପରଲୋକ ହୋଇଥିଲା। ସଭ୍ୟମାନେ ତାଙ୍କ ଅମର ଆତ୍ମା ସଦଗତି ନିମନ୍ତେ ପ୍ରାର୍ଥନା ଓ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଭାସ ମହତାବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ପଣ୍ଡିତ ନଗେନ୍ଦ୍ର ମିଶ୍ର, ପୂଜକ ରାଜକିଶୋର ପାଢ଼ୀ, ବାସନ୍ତୀ ମହାନ୍ତି, ସମରେନ୍ଦ୍ର ଦାସ, ବିଷ୍ଣୁଚରଣ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ଦାସ, ନମିତା ବରାଳ, କାର୍ତ୍ତିକଚନ୍ଦ୍ର ବେହେରା, ସୁବାସ ସିଂହ ଉପସ୍ଥିତ ଥିଲେ। ଗାୟିତ୍ରୀ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।





ଯୋବ୍ରା ଶନିମନ୍ଦିରରେ ଭକ୍ତ ଓ ମାନସିକଧାରୀଙ୍କ ଜଳାଭିଷେକ

## ବଡମ୍ବାରେ ନବନିଯୁକ୍ତ ଦେୱାନୀ ଜଜ୍‌ଙ୍କୁ ସମ୍ବର୍ଦ୍ଧନା



ବଡ଼ମ୍ବା, ୨୫।୪(ସମିସ): ବଡ଼ମ୍ବା କୋର୍ଟରେ ନୂତନ ଦେୱାନୀ ଜଜ୍ ରୂପେ ସୌମ୍ୟା ପ୍ରଧାନ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବଡ଼ମ୍ବା ଓକିଲ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓକିଲ ସଂଘ ସଭାଗୃହରେ ସଭାପତି ବିଧୁଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରିଚି ମିଲନ ପାତ୍ର, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ନ୍ୟାୟଧୀଶ ଶ୍ରୀମତୀ ପ୍ରଧାନ ଓକିଲ ସଂଘ ଓ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ସୁସମ୍ପର୍କ ରହିଲେ ହିଁ ସାଧାରଣ ଲୋକ ନ୍ୟାୟ ପାଇପାରିବେ ବୋଲି ମତ ଦେଇଥିଲେ। ଓକିଲ ସଂଘ ସମ୍ପାଦକ ପଭାତ କୁମାର ନାୟକ, ଉପସଭାପତି ପ୍ରମୋଦ କୁମାର ପୁହାଣ, ଗିରିଜା ପ୍ରସାଦ ମିଶ୍ର, ଦୁର୍ଗାପ୍ରସାଦ ସାହୁ, ସରୋଜ କୁମାର ବେଉରା, ପରେଶ ମହାନ୍ତି, ସନ୍ତୋଷ କୁମାର ବେହେରା, ବିଷ୍ଣୁପ୍ରସାଦ ସାହୁ, ଦିଲ୍ଲୀପ କୁମାର ସାମନ୍ତ, ଅମରେଶ ରଥ, ପଦ୍ମାରବିନ୍ଦ ଜେନା, ଅଜିତ ପ୍ରସାଦ ଚୌଧୁରୀ ଉପସ୍ଥିତ ଥିଲେ।

ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ରକ୍ତଦାନ ଶିବିର

# ୧୩୩ ୟୁନିଟ ସଂଗୃହୀତ




କଟକ,୨୫।୪(ସମିସ): ଓଡ଼ିଶା ଶିଳ୍ପ ସଂଘରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିଳ୍ପ ସଂଘ, କମିସନରେଟ ପୁଲିସ ଏବଂ ଭାରତୀୟ ରେଡ୍‌କ୍ରସ ସୋସାଇଟି ମିଳିତ ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଓଡ଼ିଶା ଶିଳ୍ପ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିସନରେଟ ପୁଲିସର ସହଉପାୟୁକ୍ତ ରଞ୍ଜିତ୍ ପୃଷ୍ଟି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଜଗତପୁର ଆଇଆଇସି ପ୍ରଶାନ୍ତ କୁମାର ସାସ୍ମଲ ଯୋଗ ଦେଇଥିଲେ। ମୋଟ ୧୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରେଡ୍‌କ୍ରସ ତରଫରୁ ଡ. କନକଲତା ଦେଇ, ଅବିନାଶ ଦାସ, ଭାଗ୍ୟଧର ସାହୁ, ସୁନୀଲ କୁମାର ଖଣ୍ଡେଇ, ଗୋବିନ୍ଦ ଚରଣ ମହନ୍ତ ଉପସ୍ଥିତ ଥିଲେ। ଶିବିରକୁ ସଫଳ କରିଥିବା ସମସ୍ତ ଅଧିକାରୀ, ସଂଘର ସଭ୍ୟ ଏବଂ ରକ୍ତଦାତାଙ୍କୁ ଶିଳ୍ପ ସଂଘର ଅଧ୍ୟକ୍ଷ ଅବନି କାନୁନଗୋ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ, ଉପସଭାପତି ବିନୋଦ ଭୂତ୍, ସମ୍ପାଦକ ଦେବେନ୍ଦ୍ର ଶର୍ମା, ରୁଦ୍ରନାରାୟନ ଆଚାର୍ଯ୍ୟ, ଶୁଭ୍ରକାନ୍ତ ପଣ୍ଡା, ଅଜୟ ପଣ୍ଡା, ଅଶୋକ ସାହୁ, ରମାବଲ୍ଲଭ ନାୟକ, ପୁଷ୍ପା ସାମଲ, ମୁସାରଟ ସରିଫ, ରେଶ୍ମା ଦାସ, ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ, ବିଭୁଦତ୍ତ ସାମନ୍ତରାୟ, ବିପିନ ଦଣ୍ଡପତ୍, କିଶୋର ମହାନ୍ତି, ବିକାଶ ମହାପାତ୍ର, ସିଦ୍ଧାର୍ଥ କାନୁନଗୋ, ଅନିରୁଦ୍ଧ ପୁହାଣ, ପ୍ରିୟନାଥ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ଶର୍ମା, ଶାଶ୍ୱତ ଦାସ, ପବିତ୍ର କୁମାର ଦାସ, ପ୍ରଶାନ୍ତ ମହାପାତ୍ର, କରିମ୍ ରତ୍ନାନି, ଭବେଶ କୁମାର ବଳ, ବିମଳ ଅଗ୍ରୱାଲ, ଭବାନୀ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।

## ହମ୍ପସ ଓ ସିଗ୍‌ନାଲ୍ ଲାଇଟ୍ ପାଇଁ ଡିସିପିଙ୍କୁ ଦାବିପତ୍ର

କଟକ,୨୫।୪(ସମିସ): ମାଲଗୋଦାମ ଥାନାଠାରୁ ଶୁଭମ ନର୍ସିଂହୋମରେ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ପାଶ୍ୱର୍ରେ ସଂଯୋଗ କରୁଥିବା ରାସ୍ତାରେ ହମ୍ପସ୍ ଓ ସିଗ୍ନାଲ ଲାଇଟ୍ ଲଗାଇବା ପାଇଁ ଯୋବ୍ରା ନାଗରିକ ମଞ୍ଚ ପକ୍ଷରୁ କଟକ ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତାଳଦଣ୍ଡା କେନାଲ ପାଶ୍ୱର୍ରେ ଥିବା ମୁଖ୍ୟ ରାସ୍ତା ପ୍ରସସ୍ଥ ଓ ଉନ୍ନତ ହୋଇଛି ଯାହାଫଳରେ ଗମନାଗମନ ସୁବିଧା ହୋଇଛି। ଏହାଦ୍ୱାରା ଏସସିବି ମେଡିକାଲକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ଏହାର ସୁଯୋଗ ନେଇ କାର୍, ଟ୍ରକ, ବସ୍ ଓ ବାଇକ୍ ଚାଳକମାନେ ବେପରୁଆ ଭାବେ ଗାଡି ଚଳାଚଳ କରୁଛନ୍ତି, ଯାହାଦ୍ୱାରା ପ୍ରତ୍ୟେକ ଦିନ ଛୋଟରୁ ବଡ ଦୁର୍ଘଟଣା ଘଟୁଛି। ଏଥିଯୋଗୁଁ ଅନେକ ଲୋକଙ୍କ ମୃତ୍ୟୁ ଘଟି ସାରିଲାଣି। ଏହି ପରିପ୍ରେକ୍ଷୀରେ ଦାସ ସାହି ଯିବା ରାସ୍ତା, ଆଇ ଲଭ୍ କଟକ ଷ୍ଟାର୍ଟିଂ ପଏଣ୍ଟ, ଚୁନଭାଟି ଛକ, ସେଟେଲମେନଟ୍ ଅଫିସ ସମ୍ମୁଖରେ ଏସିବି ମେଡିକାଲକୁ ସଂଯୋଗ କରୁଥିବା ବ୍ରିଜ୍, ସୁଭମ ନର୍ସିଂହୋମରେ ସମ୍ମୁଖରେ ଥିବା ବ୍ରିଜ୍ ଏହି ସବୁ ସ୍ଥାନରେ ହମ୍ପସ୍ ଓ ସିଗ୍ନାଲ ଲାଇଟ୍ ଲଗାଇବା ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇ ପାରିବେ ବୋଲି ମଞ୍ଚ ଦାବି ରଖିଛି। ଯୋବ୍ରା ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରଶାନ୍ତ ନାୟକ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ଦାସଙ୍କ ସମେତ ଲୋକନାଥ ବେହେରା, ରତ୍ନାକର ସାମଲ, ରଞ୍ଜନ ସେଠୀ, ଜଗବନ୍ଧୁ ମହାରଣା, ସରୋଜ ସାମଲ, ବିଧାନ ଦାସ, ସନ୍ତୋଷ ସାମନ୍ତରାୟ, ଅମିୟ ମହାନ୍ତି, ବିଶ୍ୱରଞ୍ଜନ ଦଳାଇ ପ୍ରମୁଖ ମାଲଗୋଦାମ ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାଏଙ୍କୁ ଡିସିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଏହାସହିତ ଆଡଭୋକେଟ୍ କମିଟି, କଲେକ୍ଟର, ସିଏମସି କମିସନର, ଏସିପି ଟ୍ରାଫିକ, ଆରଆଣ୍ଡବି କର୍ତ୍ତୃପକ୍ଷ ଏବଂ ଇରିଗେସନ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଭୁବନେଶ୍ୱର ସିଟି



# ପତ୍ନୀର ଗର୍ଭନଷ୍ଟ କରି ଇନ୍ସପେକ୍ଟରଙ୍କ ପୁଅ ଗିରଫ

ଭୁବନେଶ୍ୱର, ୨୫।୪ (ସମିସ): ବିବାହ ନ କରିଲେ ଆତ୍ମହତ୍ୟା କରିଦେବି। କେବଳ ଆତ୍ମହତ୍ୟା କରିବି ନାହିଁ; ମରିବା ପୂର୍ବରୁ ତୁମକୁ ମଧ୍ୟ ମାରିଦେବି। ଏଭଳି ଉପାୟରେ ବ୍ଲାକମେଲ୍ କରି ବିବାହ କରିବା ପରେ ପ୍ରେମିକାକୁ ଘରକୁ ନେଇଥିଲା। ଯୁବତୀ ଜଣକ ଗର୍ଭବତୀ ହେବାପରେ ଔଷଧ

- **ବିବାହ ପୂର୍ବରୁ ଜବରଦସ୍ତ ଚାପ ପକାଉଥିଲେ ଯୁବକ**
- **ନୋଟାରୀ ବିବାହ କରି ଘରକୁ ନେଇଥିଲା**

ଦେଇ ଗର୍ଭନଷ୍ଟ କରିଦେଲା। କନ୍ଧମାଳ ଜିଲ୍ଲାରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି



ସିଆରପିଏଫ୍ କ୍ୟାମ୍ପସରେ ରହୁଥିବା ଜି ଉଦୟଗିରି ଥାନା ରତିଙ୍ଗିଆର ରଘୁବୀର ନାୟକ (୩୨)। ତାଙ୍କ ବାପା ସିଆରପିଏଫ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

ପୁଲିସ ସୂଚନାନୁସାରେ, କନ୍ଧମାଳ ଜିଲ୍ଲାର ଜଣେ ୨୭ ବର୍ଷୀୟା ଯୁବତୀ ରାଜଧାନୀରେ ନର୍ସ ଭାବେ କାମ କରୁଛନ୍ତି। ୨୦୧୮ ମସିହାରେ ଗାଁକୁ ଯାଇଥିବା ବେଳେ ରଘୁବୀର ଓ ତାଙ୍କ ମାଆ ସହ ପରିଚୟ ହୋଇଥିଲା। ରଘୁବୀର ଫେସବୁକ୍ ମାଧ୍ୟମରେ ଯୁବତୀଙ୍କ ସହ ସମ୍ପର୍କ ସୃଷ୍ଟି ତିଆରି କରିଥିବାବେଳେ ଉଭୟ ମୋବାଇଲ ନମ୍ବର ଦିଆନିଆ ହୋଇଥିଲେ। ପରବର୍ତ୍ତୀ ସମୟରେ ରଘୁବୀର ତାଙ୍କୁ ପ୍ରେମ ନିବେଦନ କରିଥିଲା। ତା'କୁ ବିବାହ ନ କରିଲେ ଯୁବତୀଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିବ ବୋଲି ଧମକ ଦେଇଥିଲା। ରଘୁବୀରର ଏପରି କଥାରେ ଫସି ଯାଇଥିଲେ ଯୁବତୀ। ରଘୁବୀର ନୋଟାରୀ ବିବାହ କରି ତାହା ବୈଧ ବୋଲି ଯୁବତୀଙ୍କୁ ବିଶ୍ୱାସ ଦେଇଥିଲା।

ଏହାପରେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। କିଛିମାସ ପରେ ଘରକୁ ଯୁବତୀଙ୍କୁ ପତ୍ନୀର ପରିଚୟ ଦେଇ ଘରକୁ ନେଇଥିଲା। ଯୁବତୀ ଜଣକ ମଧ୍ୟ ପତ୍ନୀ ପରିଚୟ ପାଇ ରଘୁବୀରର ଘରେ ରହିଥିଲେ। ଯୁବତୀ ଓ ରଘୁବୀର ଭିନ୍ନ ଧର୍ମର ହୋଇଥିବାରୁ ତାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଦିନକୁ ଦିନ ମାନସିକ ଓ ଶାରୀରିକ ନିର୍ଯାତନା ବଢ଼ି ଚାଲିଥିଲା। ଏମିତିକି ରଘୁବୀର ମଧ୍ୟ ସବୁଦିନ ମାଡ଼ ମାରୁଥିଲା। ଏହାରି ଭିତରେ ଯୁବତୀ ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଏହା ଜାଣିବା ପରେ ରଘୁବୀର ଜୋରଜବରଦସ୍ତି ତାଙ୍କ ଗର୍ଭ ନଷ୍ଟ କରି ଦେଇଥିଲା। ଦିନେ ରଘୁବୀରକୁ ଅନ୍ୟ ଜଣେ ମହିଳାଙ୍କୁ ଘରକୁ ଆଣିଥିବା ବେଳେ ଯୁବତୀ ଜଣକ ଦେଖିବାକୁ ପାଇଥିଲେ। ଏହାକୁ ନେଇ ପୁଣି ବିବାଦ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଭରତପୁର ଥାନାରେ ଆପୋଷ ବୁଝାମଣା ହେବାପରେ ଯୁବତୀ ଜଣକ ନିଜ ବାପ ଘରେ ରହୁଥିଲେ। ଯୁବତୀ ଜଣକ ନିକଟରେ ରଘୁବୀରର ଘରକୁ ଯାଇଥିବା ବେଳେ ଶାଶୁ ତାଙ୍କୁ ଗାଳିଗୁଲଜ କରିବା ସହ ନିର୍ଯାତନା ଦେଇଥିଲେ। ଏନେଇ ଯୁବତୀ ଜଣକ ଭରତପୁର ଥାନାରେ ଲିଖିତ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିବା ସହ ରଘୁବୀରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦିନ ଦ୍ୱିପହରେ ପୁଣି ଏକ କାର୍ ଜଳିଲା



ଝାଁଳା, ୨୫।୪(ସମିସ): ଭୁଆସୁଣୀ ମନ୍ଦିର ନିକଟରେ ଥୁଆ ହୋଇଥିବା ଏକ କାର୍ ହଠାତ୍ ଜଳିଯାଇଥିବା ବେଳେ ଅନ୍ୟ ଏକ ଘଟଣା ଝାଁଳାସ୍ଥିତ ଥିବା ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ କ୍ରିଷ୍ଣା ପ୍ରିୟା ଆପାର୍ଟମେଣ୍ଟରେ ଥୁଆ ହୋଇ ଥିବା ଫୋର୍ଡ଼ କମ୍ପାନିର ଇକୋ ସ୍ପୋର୍ଟ୍ସ ଓଡି ୦୨ କେ ୪୬୪୮ ନମ୍ବର ବିଶିଷ୍ଟ କାର୍ ହଠାତ୍ ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡରେ କାର୍‌ଟିର ସମ୍ମୁଖ ଭାଗ ଜଳି ଯାଇଥିବା ବେଳେ କାହାର କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ସର୍ଟସର୍କିଟରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି, ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ ଭୟରେ ତଳକୁ ଓଲ୍ଲାଇ ପଡ଼ିଥିଲେ। ଖବର ପାଇ ଜଟଣୀ ଅଗ୍ନିସେବା ବାହିନୀ ଜଳୁଥିବା କାର୍ ଟିକୁ ଲିଭାଇଥିଲେ।

## ଟ୍ରେନ୍ ଲାଇନ୍‌ରୁ ମିଳିଲା ମହିଳାଙ୍କ ମୃତଦେହ; ହତ୍ୟା ସନ୍ଦେହ



ଭୁବନେଶ୍ୱର, ୨୫।୪(ସମିସ): ଭିଏସ୍ଏସ୍‌ନଗରରୁ ବାଣୀବିହାର ମଧ୍ୟରେ ଟ୍ରେନ୍ ଲାଇନ୍‌ରୁ ଜଣେ ମହିଳାଙ୍କ ମୃତଦେହ ମିଳିଛି। ମୃତ ମହିଳା ଜଣଙ୍କ ହେଲେ ଦୁର୍ଗେଶୀ ସାମଲ(୩୬)। ଦୁର୍ଗେଶୀଙ୍କ ଘର ନୟାଗଡ଼ ଜିଲ୍ଲାରେ ହୋଇଥିଲା ହୋଇଥିଲା ବେଳେ ସେ ଭିଏସ୍ଏସ୍ ନଗର ଅଞ୍ଚଳରେ ରହୁଥିଲେ। ତାଙ୍କ ମୁହଁରେ ରକ୍ତ ଛିଟା ଲାଗିଥିଲା। ଏହାସହ ମୁଣ୍ଡରେ ଏକ କ୍ଷତ ସୃଷ୍ଟି ହୋଇଛି। ତାଙ୍କ ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତ ଚିହ୍ନ ନାହିଁ। ତେଣୁ ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ କେହି ଟ୍ରେନ୍ ଲାଇନ୍‌ରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ସକାଳ ପ୍ରାୟ ୧୦ଟା ସମୟରେ ଟ୍ରେନ୍ ଲାଇନ୍‌ରେ ଏକ ମୃତଦେହ ପଡ଼ିଥିବା ନେଇ ଜିଆର୍‌ପି ଥାନା ପୁଲିସ ଖବର ପାଇଥିଲା। ପୁଲିସ ପହଞ୍ଚି ଘଟଣାସ୍ଥଳରେ ପଞ୍ଚନାମା କରିବା ପରେ ଶବ ଜବତ କରିଥିଲା ଏବଂ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ଶବ ବ୍ୟବଚ୍ଛେଦ ହେବା ପରେ ପୁଲିସ ଶବକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛି। ତେବେ ଏହା ହତ୍ୟା, ଆତ୍ମହତ୍ୟା ନା ଦୁର୍ଘଟଣା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂଚନା ଅନୁଯାୟୀ ଦୁର୍ଗେଶୀ କିଛି ବର୍ଷ ପୂର୍ବେ ବିବାହ କରିଥିଲେ। କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। କଥା ଛାଡ଼ପତ୍ର ଆଡ଼କୁ ଯାଇଥିଲେ। ଏଣୁ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ସେ ଭିଏସ୍ଏସ୍ ନଗର ଅଞ୍ଚଳରେ ଏକ ଭଡା ଘରେ ତାଙ୍କ ସାଙ୍ଗଙ୍କ ସହ ରହୁଥିଲେ। ତେବେ ଦୁର୍ଗେଶୀଙ୍କ ମୃତ୍ୟୁ ପରେ ସାଙ୍ଗଙ୍କ ଆଉ ପତ୍ତା ମିଳୁ ନାହିଁ। ସେ ତାଙ୍କୁ ଦେଖିବାକୁ ବି ଆସିଲେ ନାହିଁ। ଏପରିକି ପରିବାର ସଦସ୍ୟ ମଧ୍ୟ କହି ପାରୁନାହାନ୍ତି ସେହି ସାଙ୍ଗ ଜଣଙ୍କ କିଏ। ଏଣୁ ତାଙ୍କ ସାଙ୍ଗଙ୍କ ପାଖରେ ପହଞ୍ଚିବାକୁ ପୁଲିସ ଉଦ୍ୟମ ଆରମ୍ଭ କରିଛି।

## ବାଲିବୋଝେଇ ହାଇୱା ଜବତ ଚାଳକ ଗିରଫ

ବାଲିଅନ୍ତା, ୨୫।୪(ସମିସ): ବାଲିଅନ୍ତା ଥାନା ପୁଲିସ ଶୁକ୍ରବାର ରାତିରେ ବାଲକାଟି ଫାଣ୍ଡି ଅଞ୍ଚଳରେ ଚଢଉ କରି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଥିଲା। ଏହି ମାମଲାରେ ଶନିବାର ପୁଲିସ ନିଆଳି ଥାନା ଅଞ୍ଚଳର ସମ୍ପୃକ୍ତ ଚାଳକ ରାଜୁ ସାମଲ (୩୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଲିଅନ୍ତା ଥାନା ଅଧିକାରୀ ଅନୀଲ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ସ୍ୱତନ୍ତ୍ର ଦଳ ଗତକାଲି ରାତିରେ ବାଲକାଟି - ପଞ୍ଚାୟତ ରୋଡ଼ ପୂର୍ତ୍ତ ବିଭାଗ ରାସ୍ତାରେ ବ୍ଲକିଂ କରିଥିଲେ। ରାତି ପ୍ରାୟ ୧.୨୦ ମିନିଟ ସମୟରେ ଏକ ହାଇୱା ଟ୍ରକ ବାଲିପାଟଣା ପଟୁ ଅତି ଦ୍ରୁତଗତିରେ ଆସୁଥିବାର ଦେଖି ପୁଲିସ ଅଟକାଇଥିଲା। ଛାନଭିନ ସମୟରେ, ଉକ୍ତ ଟ୍ରକରେ ବାଲି ଭର୍ତ୍ତି ଥିବା ଜଣାପଡ଼ିଥିଲା। ପଚରାଉଚରା କରିବାରୁ ଅଭିଯୁକ୍ତ ଚାଳକ ରାଜୁ ସାମଲ ବାଲି ପରିବହନ ନିମନ୍ତେ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ଉକ୍ତ ବାଲି ସେ ଟ୍ରକ ମାଲିକ ଜନ୍ମେଜୟ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଭାବେ ପରିବହନ କରୁଥିବା ସ୍ୱୀକାର କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କ ହେପାଜତରୁ ବାଲି ଭର୍ତ୍ତି ଟ୍ରକକୁ ମଧ୍ୟ ଜବତ କରିଥିଲେ।

## ହୋଟେଲ୍ ଓ ଗାଡ଼ି ଭଙ୍ଗାରୁଜା; ଜଣେ ଗିରଫ

ଭୁବନେଶ୍ୱର, ୨୫।୪(ସମିସ): ରାସ୍ତାରେ ଗାଡ଼ି ଭଙ୍ଗାରୁଜା ଏବଂ ହୋଟେଲ ଭାଙ୍ଗିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସିପୁ ଓରଫ ଶ୍ରୀକାନ୍ତ ପରିଡ଼ା। ସୂଚନାଯୋଗ୍ୟ ଯେ, ନୂଆପଲ୍ଲୀ ବେହେରା ସାହିସ୍ଥିତ ଶୁଭଲକ୍ଷ୍ମୀ ହୋଟେଲର ମାଲିକ ସୁରେଶ କୁମାର ବେହେରାଙ୍କ ଅଭିଯୋଗ ମୁତାବକ ଗତ ୨୦୨୦ ମସିହା ସେପ୍ଟେମ୍ବର ୨ତାରିଖ ଦିନ ପ୍ରାୟ ୧୦ ଜଣ ଦୁର୍ବୃତ୍ତ କାହ୍ନା ମାଝୀ, ନୂଆପଲ୍ଲୀର ଗଡ଼ସାହିର କାର୍ତ୍ତିକ ମାଝୀ, ଭୁବନ ମହାନ୍ତି, ଅନିକେତ ବଳବନ୍ତରାୟ, ଦଧି ଏବଂ ଟନି କଟୁରି, ଭୁଜାଲି, ଖଣ୍ଡା ଭଳି ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି ନୂଆପଲ୍ଲୀ ଯୁବ ପରିଷଦ ଛକରୁ ନୂଆପଲ୍ଲୀ ବେହେରାସାହି ଅଭିମୁଖେ ଆସିଥିଲେ। ତାଙ୍କ ହୋଟେଲର ମୁଖ୍ୟ ଦ୍ୱାର ଭାଙ୍ଗି ତାଙ୍କ ହୋଟେଲକୁ କ୍ଷତି ପହଞ୍ଚାଇଥିଲେ। ତାଙ୍କ କର୍ମଚାରୀମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। କିନ୍ତୁ ସୌଭାଗ୍ୟବଶତଃ ସେମାନେ ସେମାନଙ୍କ ଜୀବନ ବଞ୍ଚାଇଥିଲେ। ଅଭିଯୁକ୍ତମାନେ ଚେୟାର, ଟେବୁଲ, ବାସନକୁସନ, ପଙ୍ଖା ଇତ୍ୟାଦି ଭାଙ୍ଗି ଦେଇଥିଲେ। ଅସଭ୍ୟ ଭାଷା ବ୍ୟବହାର କରି ଧମକ ଦେଇଥିଲେ। ଏହା ସହିତ ସେମାନେ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ତାଙ୍କ କ୍ୟାସ୍ କାଉଣ୍ଟରରୁ ୨୭୦୦ ଟଙ୍କା ନେଇଯାଇଥିଲେ। ଏହି ସମୟରେ ସେମାନେ ଏନଜେପିରୁ ବେହେରାସାହି ଛକକୁ ଆସିବା ସମୟରେ ସେମାନଙ୍କ ଘର ସମୁଖରେ ପାର୍କିଂ ହୋଇଥିବା ଗାଡ଼ିଗୁଡ଼ିକର କାଚ ଭାଙ୍ଗି ଦେଇଥିଲେ। ଯେଉଁଥିରେ ରଞ୍ଜନ ଚୌଧୁରୀଙ୍କ ସ୍କର୍ପିଓ, ଲଲାଟେନ୍ଦୁ



ପତିଙ୍କ ୱାଗନ୍, ବିଷ୍ଣୁ ପ୍ରସାଦ ସାହୁଙ୍କ ହୁଣ୍ଡାଇ ଇଅନ, ଟିକେ ବରାଳଙ୍କ ମାରୁତି ସେଲେରିଓ ଏବଂ ଟୁଟୁ ସାହୁଙ୍କ ଟାଟା ଏସି ଗାଡି ଆଦି ରହିଥିଲା। ଦୁର୍ବୃତ୍ତମାନେ ବେହେରା ସାହି ଛକରୁ ସ୍ଥାନୀୟ ଲୋକଙ୍କୁ ଧମକ ଦେଇ ଏନଜେପି ଛକ ଆଡ଼କୁ ଫେରୁଥିବା ବେଳେ, ସୁଶାନ୍ତ ବେହେରା, ସଞ୍ଜୀୟ ମହାନ୍ତି, ବିଷ୍ଣୁ ପ୍ରସାଦ ସାହୁ ବାହାରକୁ ଆସି ସେମାନଙ୍କୁ ପିଛା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ବୃତ୍ତ ମାନେ କଟୁରୀ ଏବଂ ଧାରୁଆ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଯେତେବେଳେ ଅନ୍ୟ ସ୍ଥାନୀୟ ବ୍ୟକ୍ତି ସେଠାରେ ଏକାଠି ହେଲେ ସେମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲେ। ସେମାନେ ବେହେରାସାହି ଛକରେ ଥିବା ଅନ୍ୟ କିଛି ଦୋକାନକୁ ମଧ୍ୟ କ୍ଷତି ପହଞ୍ଚାଇଥିଲେ। ତଦନ୍ତ ସମୟରେ ପୁଲିସ ପୂର୍ବରୁ ଭୁବନ ମହାନ୍ତି, ହରିପ୍ରସାଦ ନାୟକ, ଚିନୁ ଓରଫ ଅନିକେତ ବଳବନ୍ତରାୟ ଏବଂ ଏଣ୍ଟୁ ଓରଫ ସତ୍ୟବ୍ରତ ଖୁଣ୍ଟିଆ ନାମକ ୪ଜଣ ଅଭିଯୁକ୍ତଙ୍କୁ ୨୦୨୦ ମସିହାରେ ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ହେପାଜତରୁ ବିଭିନ୍ନ ମରଣାସ୍ତ୍ର ମଧ୍ୟ ଜବତ କରିଥିଲେ। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ସିପୁ ଓରଫ ଶ୍ରୀକାନ୍ତ ପରିଡ଼ାଙ୍କୁ ପୁଲିସ ଆଜି ଆଇଆରସି ଭିଲେଜ ସ୍ଥିତ କେସିସି ଫିଲ୍ଡ ନିକଟରୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ସେ ନିଜ ଅପରାଧ ସ୍ୱୀକାର କରିଥିଲେ। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଖଣ୍ଡାରେ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୨୫।୪(ସମିସ): ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ସହିଦନଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୁକାନ୍ତ ସେଠୀ ଓରଫ କାଳିଆ। ସୂଚନାଯୋଗ୍ୟ ଯେ, ସହିଦନଗର ଥାନା ଅନ୍ତର୍ଗତ ପ୍ଲଟ୍ ନମ୍ବର-୧୮୦ ରହୁଥିବା ବଳରାମ ସ୍ୱାଇଁ ଗତ ନଭେମ୍ବର ୩୦ତାରିଖ ରାତି ୧୧ଟାରୁ ୧୨ଟା ମଧ୍ୟରେ ଶାନ୍ତିପଲ୍ଲୀ ବସ୍ତିର ପ୍ରଦୀପ ନାମକ ଜଣେ ଯୁବକଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଏହି ସମୟରେ କିଛି ସ୍ଥାନୀୟ ଯୁବକ ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଶାନ୍ତିପଲ୍ଲୀ ବସ୍ତିର ଅଜୁ ନାମକ ଜଣେ ବ୍ୟକ୍ତି ବିବାହରେ ସାମିଲ ଥିବା ଅତିଥି ମାନଙ୍କ ସହିତ ଝଗଡ଼ା କରିଥିଲେ। ତା'ପରେ ଅଜୁ ତାଙ୍କ ବାପା କାଳିଆଙ୍କ ସହିତ ମିଶି ଅଭିଯୋଗକାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ସେଠାରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ଅଶ୍ଳୀଳ ଏବଂ ଧମକପୂର୍ଣ୍ଣ ଭାଷାରେ ଗାଳି କରିଥିଲେ। ଅଜୁ ଓରଫ ଅଜୟ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶନିବାର ସୁକାନ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ସୁକାନ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ସହୀଦନଗର ଥାନାରେ ୩ ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଗାଡ଼ି ଚୋରି କରି ମେକାନିକ୍ ଗିରଫ

ଭୁବନେଶ୍ୱର, ୨୫।୪ (ସମିସ): ସ୍କୁଟି ଚୋରି କରିଥିବା ଅଭିଯୋଗରେ ଗ୍ୟାରେଜ ମେକାନିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତିର୍ତ୍ତୋଲ ଥାନା କିରନ୍ତି ଗାଁର ଜ୍ଞାନରଞ୍ଜନ ଓଝା ଓରଫ୍ ନିଲୁ (୩୬)।



ପୁଲିସ ସୂଚନାନୁସାରେ, ଜଗତସିଂହପୁର ଶାଳପଙ୍ଗାର ପ୍ରଦୀପ କୁମାର ବସ୍ତିଆ ପାନ ଦୋକାନ କରିଥିବା ବେଳେ ଅଜିତ୍ କୁମାର ଜେନା ନିକଟରେ ଗ୍ୟାରେଜ କରିଛନ୍ତି। ନିଲୁ ସେହି ଗ୍ୟାରେଜରେ ମେକାନିକ୍ ଭାବେ କାମ କରୁଥିଲା। ୨୦୨୪ ଫେବୃଆରୀ ୧୪ ତାରିଖ ମଧ୍ୟାହ୍ନରେ ପ୍ରଦୀପ, ଅଜିତ ଓ ନିଲୁ ମିଶି ତାଙ୍କ ସ୍କୁଟି ଯୋଗେ ଫାୟାର ଷ୍ଟେସନ ଛକକୁ ଯାଇଥିଲେ। ସେଠାରେ ସ୍କୁଟି ରଖି ଚା ପିଉଥିବା ବେଳେ ନିଲୁ ତାଙ୍କ ଗାଡିକୁ ନେଇ ଫେରାର ହୋଇଯାଇଥିଲା। ନିଲୁକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରବର୍ତ୍ତୀ ସମୟରେ ନିଲୁ ଗାଡ଼ି ଫେରାଇବା ବଦଳରେ ପ୍ରଦୀପଙ୍କୁ ଧମକ ଦେଇଥିଲା। ଏନେଇ ପ୍ରଦୀପ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ବସଷ୍ଟାଣ୍ଡରୁ ନିଲୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଗାଡ଼ିଟିକୁ ଅଜଣା ବ୍ୟକ୍ତିକୁ ବିକ୍ରି କରି ଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଛି।

# ଟ୍ରାଫିକ୍ ଛକର ଯନ୍ତ୍ରଣା; ଖରାରେ ସିଝୁଛନ୍ତି ଯାତ୍ରୀ

ଭୁବନେଶ୍ୱର, ୨୫।୪(ସମିସ): ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମପ୍ରବାହ। ଏପରିସ୍ଥଳେ ରାଜଧାନର ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ରହୁଛି। ଫଳରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି ସହରବାସୀ। ସବୁଠାରୁ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି କରିଛି ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ୍ ଛକ। ଟ୍ରାଫିକ୍ ଛକଗୁଡ଼ିକରେ ଅଟୋମେଟିକ୍ ସିଗ୍‌ନାଲ ସିଷ୍ଟମ ସକ୍ରିୟ ରହିଥିବା ବେଳେ ଯାତ୍ରୀଙ୍କ ପାଇଁ କୌଣସି ଶେଡ୍ କରାଯାଇନାହିଁ। ଫଳରେ ଦୀର୍ଘ ସମୟ ଧରି ଗାଡ଼ିଚାଳକମାନେ ଖରାରେ ଛିଡ଼ା ହୋଇ ରହୁଛନ୍ତି। ଉହଉହ ଖରାରେ ସିଝୁଛନ୍ତି ଯାନବାହାନ ଚାଳକ। ବିଶେଷକରି ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌ଛକଠାରୁ ଆରମ୍ଭ କରି ମାଷ୍ଟରକ୍ୟାଣ୍ଟିନ୍, ରାଜମହଲ, ଶିଶୁଭବନ ଭଳି ଜନଗହଳିପୂର୍ଣ୍ଣ ଛକରେ ଦୀର୍ଘ ସମୟ ଧରି ଗାଡ଼ି ଚାଳକମାନେ ଧୁଧୁ ଖରାରେ ଠିଆ ହେଉଛନ୍ତି। ରାଜଧାନୀବାସୀଙ୍କ କହିବାନୁଯାୟୀ ପୂର୍ବରୁ ସହରର ବିଭିନ୍ନ ଛକରେ ବଡ଼ବଡ଼ ଗଛମାନ ଥିଲା। କିନ୍ତୁ ସେଗୁଡ଼ିକ କାଟି ଦିଆଯାଇ ଟ୍ରାଫିକ୍ ଛକ ସମ୍ପ୍ରସାରଣ କରାଯାଇଛି। ଫଳରେ ଏବେ କେବଳ ଟ୍ରାଫିକ୍ ଛକରେ ନୁହେଁ; ରାସ୍ତାଘାଟରେ ମଧ୍ୟ ଛାଇ ଟିକେ ମିଳିବା କାଠିକର ପାଠ ହୋଇପଡୁଛି। ଯାହା ଯାତ୍ରୀଙ୍କୁ ଯନ୍ତ୍ରଣା ଦେଉଛି ଏବଂ ସହରର ତାପମାତ୍ରା ବୃଦ୍ଧି କରୁଛି।




ମାଷ୍ଟରକ୍ୟାଣ୍ଟିନ ଛକ




ରାଜମହଲ ଛକ



ଶିଶୁଭବନ ଛକ



# ଭୁବନେଶ୍ୱର ସିଟି

## ଅବ୍ୟବସ୍ଥାରେ ଗୋଦାବରୀ କୁଣ୍ଡ

# ଐତିହ୍ୟ ପୁଷ୍କରିଣୀରେ କୁଢ଼କୁଢ଼ ଆବର୍ଜନା

ଭୁବନେଶ୍ୱର, ୨୫।୪(ସମିସ): ଗୋଦାବରୀ କୁଣ୍ଡର ପାଣିକୁ ପବିତ୍ର ଜଳ ଭାବେ ବିବେଚନା କରାଯାଉଥିବା ବେଳେ ରକ୍ଷଣବେକ୍ଷଣ ଅଭାବରୁ ଏବେ ତାହା ଚର୍ମରୋଗର ବାହକ ପାଲଟିଛି। ଗୋଦାବରୀ ପୁଷ୍କରିଣୀରେ ଆବର୍ଜନା, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପଡ଼ି ରହିବା ସହ ପୁଷ୍କରିଣୀ ପାଣି ଦୁର୍ଗନ୍ଧରେ ଫାଟି ପଡୁଛି। ପୁଷ୍କରିଣୀ ପାଣି କେବଳ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ଦିନକୁ ଦିନ ନଷ୍ଟ ହେଉଛି ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗର ପୋଖରୀର ଉତ୍ତରରେ ରହିଥିବା ଗୋଦାବରୀ କୁଣ୍ଡ। ଏଠାରେ ଅନ୍ୟାନ୍ୟ ମନ୍ଦିର ସାଙ୍ଗକୁ ଅନ୍ୟ ପୋଖରୀ ମଧ୍ୟ ରହିଛି।

ଗୋଦାବରୀ କୁଣ୍ଡ ଏକ ପ୍ରାକୃତିକ ଝରଣା। କିମ୍ବଦନ୍ତୀ ଅନୁଯାୟୀ କୀର୍ତ୍ତି ଓ ବାସ ନାମକ ରାକ୍ଷସକୁ ଯୁଦ୍ଧରେ ହରାଇବା ପରେ ଦେବୀ ପାର୍ବତୀଙ୍କୁ ଭୀଷଣ ଶୋଷ ହୋଇଥିଲା। ପାର୍ବତୀଙ୍କ କହିବାରେ ଶିବ ଏହିଠାରେ ନିଜର ତ୍ରିଶୂଳରେ ଏକ ଝରଣା ପ୍ରଭାବିତ ହୋଇଥିଲା। ବସନ୍ତର ଅଭିଷେକ ନିମନ୍ତେ ଶିବ ସମସ୍ତ ନଦୀମାନଙ୍କୁ ଆମନ୍ତ୍ରଣ କରିଥିଲେ। ସମସ୍ତ ନଦୀ ଆସିଥିଲେ ମାତ୍ର ଦେବୀ ଗୋଦାବରୀ ଆସିପାରିଲେ ନାହିଁ। ଏଥିପାଇଁ ପ୍ରଭୁ ଶିବ କ୍ରୋଧରେ ଦେବୀ ଗୋଦାବରୀଙ୍କୁ ଏହି ଅଭିଶାପ ଦେଇଥିଲେ ଏହାର ପାଣି ସର୍ବଦା ଅଶୁଦ୍ଧ ରହିବ। କେବଳ କୁମ୍ଭମେଳା ଅବସରରେ ହିଁ ଗୋଦାବରୀର ପାଣି ଶୁଦ୍ଧ ହେବ। ପୁରୁଣା ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର ନିକଟରେ ଏବେ ବି ଅନେକ ପୁରାତନ ଓ ଐତିହାସିକ ପୁଷ୍କରିଣୀ ରହିଛି। ମାତ୍ର ସଫାସୁତୁରା କରାଯାଉ ନଥିବାରୁ ସମ୍ପୂର୍ଣ୍ଣଭାବେ ବ୍ୟବହାର ଅନୁପଯୋଗୀ ଏହି ପୁଷ୍କରିଣୀ। ପୁଷ୍କରିଣୀରେ ବିଭିନ୍ନ ରକମର ମାଛଙ୍କଠାରୁ ଆରମ୍ଭ କରି କଇଁଛ ମଧ୍ୟ ରହିଛନ୍ତି। ପୁଷ୍କରିଣୀରୁ ଜଳ ନିଷ୍କାସନ ନ ହୋଇପାରି ସମସ୍ୟା ହେଉଛି। ପୁଷ୍କରିଣୀ ନିକଟକୁ ପିଣ୍ଡ ପକାଇବା ପାଇଁ ଆସୁଥିବା ଲୋକେ ପିଣ୍ଡଦାନ ପରେ ବିଭିନ୍ନ ସମାଗ୍ରୀ ଏହି କୁଣ୍ଡ ମଧ୍ୟକୁ ପକାଇ ଦେଉଛନ୍ତି। ଏହି କୁଣ୍ଡରେ ଦିନ ଦିନ ଧରି ପ୍ଲାଷ୍ଟିକ ବୋତଲ, ଜରି ଠାରୁ ଆରମ୍ଭ କରି ବିଭିନ୍ନ ଅଳିଆ ଆବର୍ଜନା ଭାସୁଛି। ଏହା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରିବା ସହ ପାଣିରେ ଦୁର୍ଗନ୍ଧ ସୃଷ୍ଟି କରୁଛି। ଏହି କୁଣ୍ଡକୁ ଏବେ ସାଧାରଣ ଲୋକଙ୍କୁ ସ୍ନାନ ପାଇଁ ଅନୁମତି ଦିଆଯାଉନଥିବା ସ୍ଥାନୀୟ ଲୋକେ କହିଛନ୍ତି। କେବଳ ଗୋଦାବରୀ କୁଣ୍ଡ ନୁହେଁ, ଗୁଆଝର ମାଛକୁଣ୍ଡ ପୁଷ୍କରିଣୀର ମଧ୍ୟ ସମାନ ଅବସ୍ଥା। ପୁଷ୍କରିଣୀ ନିକଟରେ ଗଦା ହୋଇ ରହିଛି ବିଭିନ୍ନ ଅଳିଆ ଆବର୍ଜନା ସାଙ୍ଗକୁ ପ୍ଲାଷ୍ଟିକ ବୋତଲ ସାମଗ୍ରୀ। ନିୟମିତଭାବେ ଏହି ପୁଷ୍କରିଣୀ ସବୁକୁ ସଫାସୁତୁରା କରାଯାଉ ନଥିବାରୁ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ଅନେକ ଐତିହ୍ୟ ପୋଖରୀ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ। ଅନେକରେ ଜଳ ନିଷ୍କାସନର କୌଣସି ସୁବିଧା ନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏନେଇ ସ୍ଥାନୀୟ କର୍ପୋରେଟରଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରି ନାହିଁ।



## ପୁରୁଣା ଫଟୋ
## ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୫।୪(ସମିସ): ପୁରୁଣା ଫଟୋ କେବଳ କାଗଜର ଖଣ୍ଡ ନୁହନ୍ତି। ସେସବୁ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯାହା ମନକୁ ପୁଣିଥରେ ସେହି ସୁନେଲି ଦିନକୁ ନେଇଯାଏ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେହିପରି ଏକ ସ୍ଥାନ ହେଲା ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗର। ଦିନ ଥିଲା ଗାଡି ବଦଳରେ ଶଗଡ଼ ପହଁଚାଉଥିଲା ବିନ୍ଦୁସାଗର କୂଳରେ। କୋଠା ଘର ବଦଳରେ ଚାଳ ଓ ଆଜବେଷ୍ଟ ଘର ଲିଙ୍ଗରାଜ ମନ୍ଦିର ଏବଂ ବିନ୍ଦୁ ସାଗର ଚାରି ପାଖକୁ ଘେରି ରହିଥିଲା। ବର୍ତ୍ତମାନର ଗାଡି ଷ୍ଟାଣ୍ଡ, ଦୋକାନ ବଦଳରେ ସେଠାକାର ସବୁଜିମା ପରିବେଶ ମନକୁ ଶାନ୍ତି ଦେଉଥିଲା। ସନ୍ଧ୍ୟା ହେଲେ ସାଙ୍ଗମାନଙ୍କ ମେଳ ଆଉ ବିନ୍ଦୁସାଗର କୂଳ ହିଁ ଥିଲା ସେ ସମୟର ଲୋକଙ୍କ ଗୋଟେ ହିଁ ଠିକଣା। ସମୟ ଗଡ଼ିଛି କିନ୍ତୁ ସେଇ ପୁରୁଣା ଭୁବନେଶ୍ୱରର ଆକର୍ଷଣ କେନ୍ଦ୍ର ବିନ୍ଦୁସାଗର ବୟସ ଆଜି ବି ତାଜା ଓ ସତେଜ ପରି ଅନେକଙ୍କୁ ଅନୁଭବ ହୁଏ।

ସାମାଜିକ ଗଣମାଧ୍ୟମରେ ବିନ୍ଦୁସାଗରର ଅନେକ ବର୍ଷ ତଳର ଫଟୋ ଦେଖିବାକୁ ମିଳିଥିଲା। ଫଟୋରେ ଅନେକ ଧୋତି ପିନ୍ଧା ଲୋକ ସେଠାରେ ଗାଧୋଉଥିବାର ଦୃଶ୍ୟ ପରିଲକ୍ଷିତ ହେଉଛି। ଯାହା ୫୦ ବର୍ଷରୁ ବି ଅଧିକ ପୁରୁଣା ଫଟୋ ବୋଲି ଅନୁମାନ କରିହେବ। ଯେଉଁଠି ବିନ୍ଦୁସାଗର ଚାରିପାଖ ଛୋଟବଡ ମନ୍ଦିର ସହ ସବୁଜିମାରେ ପରିପୂର୍ଣ୍ଣ। ବର୍ଷରେ ବିଭିନ୍ନ ଧାର୍ମିକ ଉତ୍ସବ ସମୟରେ ଏଠାରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳେ।

## ବିଦେଶରେ ନୃତ୍ୟନିପୁଣାର ନୃତ୍ୟ ପ୍ରଦର୍ଶନ




ଭୁବନେଶ୍ୱର, ୨୫।୪(ସମିସ): ହିନ୍ଦୁସ୍ଥାନ ଆର୍ଟ୍ସ ଆଣ୍ଡ ମ୍ୟୁଜିକ୍ ସୋସାଇଟ୍ ତରଫରୁ ଆୟୋଜିତ ୫୭୯ ତମ ଭାରତ ସଂସ୍କୃତି ଯାତ୍ରାରେ ଭୁବନେଶ୍ୱରର 'ନୃତ୍ୟନିପୁଣା' ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ବିଦେଶ ଯାତ୍ରା କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ପ୍ରତିମା ମିଶ୍ର, ନିର୍ଦ୍ଦେଶିକା ପ୍ରିୟଙ୍କା ମିଶ୍ର ଏବଂ ତାଙ୍କ ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ଭିଏତନାମର ହାନୋଇ ସ୍ଥିତ ବଲ ରୁମ୍ ୧ ଅଡ଼ିଟୋରିୟମ୍, ସିଡ଼ବ୍ରୁଡ଼ି ହୋଟେଲରେ ଓଡ଼ିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କ କରତାଳି ସାଉଁଟିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ପ୍ରିୟଙ୍କା ତାଙ୍କ ଗୁରୁଙ୍କୁ ସବୁ ଶ୍ରେୟ ଦେଇଛନ୍ତି ଏବଂ ଏଚ୍ଏଏମ୍ସ୍କୁ ମଧ୍ୟ ଧନ୍ୟବାଦ ପ୍ରଦାନ କରିଛନ୍ତି।

## 'ମଙ୍ଗଳାଯୋଡ଼ିର ପକ୍ଷୀ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୨୫।୪(ସମିସ): ସେହ୍ନ ପକ୍ଷରୁ ବନ୍ୟପ୍ରାଣୀ ଫଟୋଗ୍ରାଫର ଡା. ଶ୍ରୀନିବାସ ରାଓ ସୋମାଞ୍ଚି ଓ ସ୍ୱର୍ଗତା ସୀଥା ଖମ୍ପାଟିଙ୍କ ଦ୍ୱାରା ରଚିତ 'ମଙ୍ଗଳାଯୋଡ଼ିର ପକ୍ଷୀ' ପୁସ୍ତକ ଶନିବାର ଲୋହିଆ ଏକାଡେମୀରେ ଉନ୍ମୋଚିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଓ ବିକାଶ ଆୟୁକ୍ତ ଅରବିନ୍ଦ ବେହେରା ଯୋଗଦେଇ କହିଥିଲେ ଯେ, ପକ୍ଷୀମାନଙ୍କର ସ୍ୱର୍ଗ ନାମରେ ପରିଚିତ ମଙ୍ଗଳାଯୋଡ଼ିରେ ବିଚରଣ କରୁଥିବା ଦୁର୍ଲଭ ପ୍ରଜାତି ପ୍ରବାସୀ ପକ୍ଷୀମାନଙ୍କର ସ୍ୱରୂପକୁ ଦଲିଲଭୁକ୍ତ କରିବାରେ ଏହି ପୁସ୍ତକର ଭୂମିକା ଅବର୍ଣ୍ଣନୀୟ। ଅନ୍ୟତମ ଅତିଥି ଭାବେ ପିସିସିଏଫ୍ ଏବଂ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କେତନ ପଟ୍ଟନାୟକ ଚିଲିକାକୁ ଆସୁଥିବା ବିଦେଶୀ ବିହଙ୍ଗମାନଙ୍କ ସଂରକ୍ଷଣରେ ସ୍ଥାନୀୟ ବାସିନ୍ଦାମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ପୁସ୍ତକ ଉପରେ ସଂସ୍କୃତି ଗବେଷକ ଅନିଲ ଧୀର ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂସ୍ଥା 'ସ୍ନେହ'ର ସଭାନେତ୍ରୀ ସୁବର୍ଷା ଘୋଷ ଅଧ୍ୟକ୍ଷତା କରିଥିଲେ। ଏହି ପୁସ୍ତକରେ 'ବ୍ଲାକ୍ କାଇଟ୍' (କଳା ଚିଲ), 'ବ୍ଲାକ୍- ଟେଲ୍ଡ ଗୋଡ୍ୱିଟ୍', ୟୁରେସୀୟ କଲାର୍ଡ଼ ଡ୍ରୋଭ, ଗ୍ୟାଡ୍ୱଲ୍, ନର୍ଦ୍ଦନ୍ ଶୋଭେଲର, ଓରିଏଣ୍ଟାଲ ଡ୍ରାର୍ଟର ଏବଂ ଅନ୍ୟାନ୍ୟ ପକ୍ଷୀଙ୍କ ଚିତ୍ର ପ୍ରଦର୍ଶିତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍, ଫଟୋଗ୍ରାଫି ପ୍ରେମୀ, ସାହିତ୍ୟକ ଓ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।




## ସଙ୍ଗୀତ ମଞ୍ଜରୀ ଉତ୍ସବ ଉଦ୍ଯାପିତ



ଭୁବନେଶ୍ୱର, ୨୫।୪(ସମିସ): ଗୀତଗୋବିନ୍ଦ ସଦନଠାରେ ଅଧକ୍ଷ ପ୍ରକାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ମଞ୍ଜରୀ ଉତ୍ସବ ଶେଷ ହୋଇଛି। ଏହି ଉତ୍ସବରେ ପ୍ରବୀଣ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ସମାଜସେବୀ ତଥା ଆଇନିଜ୍ଞ ରୀତା ପାଢ଼ୀ ଏବଂ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ସରୋଜ ରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ଜଳାଇ କାର୍ଯ୍ୟକ୍ରମରେ ଶୁଭାରମ୍ଭ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ତଥା ଓଡ଼ିଶୀ ଗୁରୁ ପୁଷ୍ପାଞ୍ଜଳି ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। କୁନି କୁନି ପ୍ରତିଭାମାନଙ୍କ ଦ୍ୱାରା ସଙ୍ଗୀତ ସନ୍ଧ୍ୟା ସହ ନାଚଗୀତ ହୋଇଥିଲା। କାର୍ଯ୍ୟକ୍ରମ ସାଇ କଳା ସଂସଦ ଏବଂ ମଙ୍ଗଳା ଟେମ୍ପୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। ୨୦ରୁ ଅଧିକ କଳାକାର ଯୋଗଦେଇ ନିଜର ପ୍ରତିଭା ପରିଦର୍ଶନ କରିଥିଲେ। ଅତିଥିମାନେ ନିଜ ନିଜ ମତ ଓ ଅନୁଭୂତି ଉପରେ ଆଲୋଚନା କରିବା ପରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ।

## ଗୀତ ଲେଖିବାକୁ ଅକ୍ଷୟ ମହାନ୍ତିଙ୍କ ଠାରୁ ଚାପୁଡ଼ା ଖାଇଥିଲି: ସଚ୍ଚି ମହାନ୍ତି



ଭୁବନେଶ୍ୱର, ୨୫।୪(ସମିସ): ସମ୍ପର୍କ ଓ ସଂଘର୍ଷ ତାଙ୍କ ଗୀତିକାର ଜୀବନର ସୃଜନ ଭୂମି ବୋଲି କହିଛନ୍ତି ଗୀତିକାର ସଚ୍ଚି ମହାନ୍ତି। ସଫଳ ଗୀତି କବିତା ଲେଖିବା ପାଇଁ ନିଷ୍ଠା, ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ ଦରକାର। ଶନିବାର ଗୀତଗୋବିନ୍ଦ ସଦନ ସଭା ପ୍ରକୋଷ୍ଠରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' ରେ ଯୋଗ ଦେଇଛି ଗୀତିକାର ଶ୍ରୀ ମହାନ୍ତି ତାଙ୍କ ସୃଜନ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଗୀତି କବିତାକୁ ସାରସ୍ୱତ ମର୍ଯ୍ୟାଦା ମିଳୁ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ସଫଳ ଗୀତ ଲେଖିବା ପାଇଁ ସେ ଅକ୍ଷୟ ମହାନ୍ତିଙ୍କ ଠାରୁ ଚାପୁଡ଼ା ଖାଇଥିଲେ ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଯୁବ କବି ରଶ୍ମିରେଖା ଦାସ 'ଏ ମାସର କବି' ଭାବରେ ଯୋଗ ଦେଇ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ମିନତି ଦାଶ (ମାନୀ) ଓ ଜୟଶ୍ରୀ ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ପ୍ରଦ୍ୟୁମ୍ନ ପଟ୍ଟନାୟକ, ବିଧୁ ତ୍ରିପାଠୀ, ମିନତି ମିଶ୍ର, ହରିହର ବଳବନ୍ତରାୟ, ନିରୁପମା କର, ପବିତ୍ର ବାରିକ, ଅଶୋକ ସିଂହ, ରଜନୀ ପଟ୍ଟନାୟକ, ପ୍ରହରାଜ ଜୟ ନାରାୟଣ ନନ୍ଦ ପ୍ରମୁଖ ଚାଳିଶରୁ ଅଧିକ କବି ଲେଖା ପାଠ କରିଥିଲେ। ସିନେ ଗବେଷକ ସୂର୍ଯ୍ୟ ଦେଓ ଉପସ୍ଥିତ ରହିଥିଲେ। ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓର୍ମାସ ପକ୍ଷରୁ ଆମ୍ବ ଚାଷୀଙ୍କ ପାଇଁ ଦକ୍ଷତା ବିକାଶ ଶିବିର



ଭୁବନେଶ୍ୱର, ୨୫।୪(ସମିସ):ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓର୍ମାସ) ପକ୍ଷରୁ ସ୍ଥାନୀୟ ଏସଆଇଆର୍ଡି କ୍ୟାମ୍ପସର ମନରେଗା ସମ୍ମିଳନୀ କକ୍ଷରେ ଆମ୍ବ ଚାଷ ସମ୍ପର୍କିତ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆମ୍ବକୁ କିପରି ସୁରକ୍ଷିତ ଭାବେ ଅମଳ କରାଯିବ ଏବଂ ବିଦେଶକୁ ରପ୍ତାନୀ କରି ଅଧିକ ଲାଭ ଅର୍ଜନ କରାଯାଇପାରିବ ଆଲୋଚନା କରାଯିବା ସହ ବୈଜ୍ଞାନିକ ପଦ୍ଧତିରେ ଆମ୍ବ ଅମଳ ଏବଂ ଅମଳ ପରବର୍ତ୍ତୀ ଦକ୍ଷ ପରିଚାଳନା ସମ୍ପର୍କରେ ପ୍ରତିଭାଗୀମାନଙ୍କୁ ସଚେତନ କରାଯାଇଥିଲା। ବିଶେଷ କରି ଫଳର ଗୁଣବତ୍ତା ରକ୍ଷା, ଗ୍ରେଡିଂ, ପ୍ୟାକେଜିଂ, କୋଲ୍ଡ ଚେନ୍ ପରିଚାଳନା ଏବଂ ବଜାର ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶା ଆମ୍ବର ଚାହିଦା ବୃଦ୍ଧି କରିବା ପାଇଁ ରପ୍ତାନି ସୁଯୋଗର ଉପଯୋଗ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଓରମାସର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ କହିଥିଲେ ଯେ, ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀମାନେ ନିଜ ବଗିଚାର ଆମ୍ବକୁ କିପରି ବିଦେଶ ବଜାରକୁ ପହଞ୍ଚାଇପାରିବେ, ସେଥିପାଇଁ ସଠିକ୍ ଜ୍ଞାନ ଅର୍ଜନ କରିପାରିବେ। ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା ଯୋଗଦେଇ କହିଥିଲେ, ସଠିକ୍ ଯତ୍ନ ନେଲେ ଆମ୍ବ ସମୟ ପୂର୍ବରୁ ନଷ୍ଟ ହେବ ନାହିଁ ଏବଂ ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ। ଏହି କର୍ମଶାଳାରେ ଓଡ଼ିଶାର ୧୫ଟି ପ୍ରମୁଖ ଆମ୍ବ ଉତ୍ପାଦନକାରୀ ଜିଲ୍ଲାରୁ ଚାଷୀ ଏବଂ କୃଷି ଅଧିକାରୀମାନେ ଭାଗ ନେଇଥିଲେ।

## ନନ୍ଦନକାନନରେ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ



ନନ୍ଦନକାନନ, ୨୫।୪(ସମିସ): ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଯାହାର ବିଶ୍ୱ ବିଷୟବସ୍ତୁ ଥିଲା 'ପଶୁଚିକିତ୍ସା ଅଧିକାରୀ: ଖାଦ୍ୟ ଏବଂ ସ୍ୱାସ୍ଥ୍ୟର ରକ୍ଷକ'। ନନ୍ଦନକାନନର ବରିଷ୍ଠ ପ୍ରାଣୀଚିକିତ୍ସା ଅଧିକାରୀ ଡକ୍ଟର ଶରତ କୁମାର ସାହୁଙ୍କ ଦ୍ୱାରା ଆନୁଷ୍ଠାନିକ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ବିଶ୍ୱଦୀପ ଜେନା, ସହାୟକ ପ୍ରଫେସର କଲେଜ ଅଫ୍ ପ୍ରାଣୀଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ କେନ୍ଦ୍ର ଏବଂ ସହ-ସଂଯୋଜକ, ସହକାରୀ ପ୍ରଫେସର ଡକ୍ଟର ସିଦ୍ଧାର୍ଥ ବେହେରା, ପଶୁଚିକିତ୍ସା ଅଧିକାରୀ ଡକ୍ଟର ଜଗଦୀଶ ବିଶେଷଜ୍ଞ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ବନ ସଂରକ୍ଷକ (ଅଭୟାରଣ୍ୟ ପରିଚାଳନା) ଡକ୍ଟର ରୁଦ୍ର ପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ। ଯେଉଁଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କ ଅବଦାନକୁ ସ୍ୱୀକାର କରାଯାଇଥିଲା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଜନସ୍ୱାସ୍ଥ୍ୟରେ ପ୍ରାଣୀ ଚିକିତ୍ସା ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଶିଶୁମାନଙ୍କ ପାଇଁ ଅନ୍ଲାଇନ୍ ସୁରକ୍ଷା ସଂକ୍ରାନ୍ତ କର୍ମଶାଳା

ଭୁବନେଶ୍ୱର, ୨୫।୪(ସମିସ):ଶିଶୁମାନଙ୍କ ପାଇଁ ଅନଲାଇନ ସୁରକ୍ଷା ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର୍) ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ଓଏସସିପିସିଆର୍ର ଅଧ୍ୟକ୍ଷା ବବିତା ପାତ୍ର ଯୋଗଦେଇ ଅନଲାଇନ୍ ସୁରକ୍ଷା ପଦକ୍ଷେପର ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକ ଅନନ୍ୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓସେପାର ଅତିରିକ୍ତ ନିର୍ଦ୍ଦେଶିକ ସଙ୍ଗୀତା ବେହେରା, ଚାଇଲ୍ଡଫଣ୍ଡ ଇଣ୍ଡିଆର ପ୍ରୋଗ୍ରାମ ନିର୍ଦ୍ଦେଶିକା ଡ. ଶ୍ରବନ୍ତୀ ସେନ ଶିଶୁମାନଙ୍କ ଅନଲାଇନ ସୁରକ୍ଷା ବିଷୟରେ କେନ୍ଦ୍ରାପଡ଼ାରେ କରାଯାଇଥିବା ପାଇଲଟ୍ ପ୍ରକଳ୍ପର ଫଳାଫଳ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସସିପିସିଆର୍ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ସଦସ୍ୟା କସ୍ତୁରୀ ମିଶ୍ର, ସଦସ୍ୟା ଚନ୍ଦନା ଦାସ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ରାଉତ, ଓସେପାର ଯୁଗ୍ମ ନିର୍ଦ୍ଦେଶିକ ପ୍ରାଚୀ ତନୟା ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଚାଇଲ୍ଡଫଣ୍ଡ ଇଣ୍ଡିଆର ଉପନିର୍ଦ୍ଦେଶକ ଶ୍ରୀନବୀନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀ ରାସ୍ତାକଡ଼ରେ ତାଳସଜ ପସରା

ଭୁବନେଶ୍ୱର, ୨୫।୪(ସମିସ): ବର୍ତ୍ତମାନ ତତଲା କଢ଼େଇରେ ଅଧିକାଂଶ ସହର। ସେଥିମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ପାରଦ ୪୩ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଅସହ୍ୟ ଗରମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଏହି ସମୟରେ ଥଣ୍ଡା ପାନୀୟର ଚାହିଦା ବୃଦ୍ଧି ପାଉଥିବା ବେଳେ ତାଳ ସଜ ବ୍ୟବସାୟ ମଧ୍ୟ ବେଶ୍ ଜମୁଛି। ରାଜଧାନୀ ରାସ୍ତାକଡ଼ରେ ତାଳ ସଜର ପସରା ମେଲାଇ ବସିଛନ୍ତି ବ୍ୟବସାୟୀ। ଖରାକୁ ଖାତିର ନକରି ନିଜର ଭଲ ବ୍ୟବସାୟ ହେବାକୁ ଗ୍ରାକହଙ୍କୁ ଚାହିଁ ବସୁଛନ୍ତି ବ୍ୟବସାୟୀ।

ପ୍ରାୟ ସପ୍ତାହେ ହେବ ରାସ୍ତାକଡ଼ରେ ତାଳ ସଜ ବିକ୍ରି ଆରମ୍ଭ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ବର୍ଷକରେ ଥରେ ତାଳ ମିଳୁଥିବାରୁ ସହରବାସୀଙ୍କ ମଧ୍ୟରେ ଏହାକୁ ଖାଇବାକୁ ପ୍ରବଳ ଭିଡ଼ ଜମୁଛି। ତେବେ ରାଜଧାନୀକୁ ଡେଲାଙ୍ଗ, ପୁରୀ ଆଦି ଅଞ୍ଚଳରୁ ମହିଳା ଓ ପୁରୁଷମାନେ ଆସି ତାଳସଜ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସାଧାରଣତଃ ତାଳସଜ ଖରାଦିନରେ ମିଳିଥାଏ। ସହରବାସୀଙ୍କ ପାଇଁ ତାଳସଜ ଗରମରୁ ମୁକ୍ତିର ମାଧ୍ୟମ ହୋଇଥିବାବେଳେ ବ୍ୟବସାୟୀଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ସକାଳୁ ଅପରାହ୍ନ ଯାଏଁ ତାଳ ସଜ କିଣିବାକୁ ପଥଚାରୀମାନେ ଗାଡ଼ି ଅଟକାଉଥିବା ଦେଖିବାକୁ ମିଳିଛି। ଏହାକୁ ଗୋଟା ହିବସାରେ ବିକ୍ରି କରାଯାଉଥିବା ବେଳେ ପାଖୁଡା ହିସାବରେ ମଧ୍ୟ ପ୍ୟାକେଟ୍ କରାଯାଇ ବ୍ରିକି ହେଉଛି। ଯାହାର ଦାମ୍ ଏକ ପ୍ୟାକେଟ୍ କୁ ୩୦ ଟଙ୍କା ଏବଂ ଗୋଟା ତାଳର ଦାମ୍ ୧୦ଟଙ୍କା ରହିଛି ବୋଲି ଗଭର୍ଣ୍ଣର ହାଉସ୍ ଛକ ନିକଟରେ ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ କହିଛନ୍ତି। ବ୍ୟବସାୟୀ ଜଣକ ନିଜ ଅଞ୍ଚଳ ଡେଲାଙ୍ଗରୁ ତାଳ ସଂଗ୍ରହ କରି ପ୍ରତିଦିନ ସାଇକଲ ଯୋଗେ ଭୁବନେଶ୍ୱରକୁ ତାଳସଜ ନେଇଆସି ବିକ୍ରି କରନ୍ତି। ସହରବାସୀଙ୍କ ପାଖରେ ଗ୍ରାମାଞ୍ଚଳର ପାରମ୍ପରିକ ଖାଦ୍ୟ ପହଞ୍ଚାଇ ଦୁଇ ପଇସା ରୋଜଗାର ଆଶାରେ ସେ ସାଇକଲ ଯୋଗେ ଏତେ ଦୂରରୁ ଆସୁଥିବା କହିଛନ୍ତି।



## ଏମ୍‌କେସିଜିରେ ଏମିତି ବ୍ୟବସ୍ଥା...

# ୱାର୍ଡରେ ବୁଲୁନି ପଙ୍ଖା; ଘରୁ ଆଣିବାକୁ ପଡୁଛି ଷ୍ଟାଣ୍ଡଫ୍ୟାନ୍





ବ୍ରହ୍ମପୁର,୨୫ ।୪(ସମିସ)

ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗ ସମେତ କର୍କଟ ରୋଗୀ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ହସ୍ପିଟାଲର ବିଭିନ୍ନ ବିଭାଗର ୱାର୍ଡରେ ବହୁ ପଙ୍ଖା ଅଚଳ ପଡ଼ିଥିବାରୁ ରୋଗୀମାନେ ଗରମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହେଉଛନ୍ତି । ସମସ୍ୟା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ମେଡ଼ିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ଫଳରେ ରୋଗୀ ଗରମରୁ ରକ୍ଷା ପାଇବା ପାଇଁ ୱାଡର୍ ବାହାରେ ଥିବା ଚଟାଣରେ ବିଶ୍ରାମନେଉଥିବା ପରିଲକ୍ଷିତ ହେଉଛି । ମେଡ଼ିକାଲ ଉପରେ ଦକ୍ଷିଣଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରର ସହସ୍ରାଧିକ ରୋଗୀ ପ୍ରତିଦିନ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି । କିନ୍ତୁ ରୋଗୀଙ୍କୁ ରୋଗର ଯନ୍ତ୍ରଣା ଠାରୁ ବର୍ତ୍ତମାନ ପରିସ୍ଥିତିରେ ଅସହ୍ୟ ଗରମ ଅଧିକ ଯନ୍ତ୍ରଣା ଦେଉଛି । ମେଡ଼ିକାଲର ବିଭିନ୍ନ କୋଠା ମଧ୍ୟରେ ପିଏମଏସଏସୱାଇ ଓ ଏସଏସବି କୋଠାରେ କେବଳ ସେଣ୍ଟ୍ରାଲ ଏସିର ବ୍ୟବସ୍ଥା ରହିଛି । କିନ୍ତୁ ଡାକ୍ତରଖାନାର ମେଡ଼ିସିନ, କର୍କଟ, ରେଡ଼ିଓଲୋଜି, ଅସ୍ଥିଶଲ୍ୟ, ମାନସିକ ରୋଗ ଓ ଚର୍ମ, ଯୌନ ଏବଂ କୁଷ୍ଠ ରୋଗ ଆଦି ବିଭାଗର ଅନ୍ତଃବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠର ବ୍ୟବସ୍ଥା ନଥିବାରୁ ସେମାନେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୱାର୍ଡରେ ଥିବା ସିଲିଂ ଫ୍ୟାନଗୁଡ଼ିକ ଅଚଳ ପଡ଼ିଥିବାରୁ ଗରମରେ ରୋଗୀ ଓ ସମ୍ପର୍କୀୟ ତ୍ରାହି ତ୍ରାହି ଡାକୁଛନ୍ତି । କିଛି ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ବାହାରୁ ଷ୍ଟାଣ୍ଡିଂ ଫ୍ୟାନ୍ କିଣି ଆଣି ଚଳାଉଥିବା ଦେଖିବାକୁ ମିଳୁଛି ।

● ଅସହ୍ୟ ଗରମ ଓ ଗୁଳୁଗୁଳିରେ ସିଝୁଛନ୍ତି ରୋଗୀ ଓ ସମ୍ପର୍କୀୟ
● 'କେମୋ' ନେବା ପରେ ବଢୁଛି କର୍କଟ ରୋଗୀଙ୍କ ଦୁଃଖ, ଜିଇଡି ଅଧିକାରୀ ଚୁପ୍
● କାର୍ଯ୍ୟକ୍ଷମ ହୋଇପାରୁନି କର୍କଟ ସେବାକେନ୍ଦ୍ର, ଅସହାୟ ଏମ୍‌କେସିଜି କର୍ତ୍ତୃପକ୍ଷ

ତେବେ କର୍କଟ ଭଳି ଗୁରୁତର ରୋଗରେ ପୀଡ଼ିତ ରୋଗୀଙ୍କୁ ଏହି ଅବ୍ୟବସ୍ଥା ଜଟିଳ ପରିସ୍ଥିତି ସୃଷ୍ଟି କରୁଛି । ବିଭାଗରେ ରୋଗୀଙ୍କ ନିମନ୍ତେ ଆବଶ୍ୟକ ଫ୍ୟାନ୍‌ର ବ୍ୟବସ୍ଥା ନଥିବା ବେଳେ କେମୋଥେରାପି ପରେ ରୋଗୀଙ୍କ ଶରୀରରେ ଗରମ ଦ୍ୱିଗୁଣିତ ହେଉଥିବାରୁ ରୋଗୀଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇପଡ଼ିଛି । ତାପମାତ୍ରା ବଢ଼ିବା ସହିତ ୱାର୍ଡରେ ଥିବା ରୋଗୀଙ୍କ ଅବସ୍ଥା ଅଧିକ ଦୟନୀୟ ହେଉଛି । ଅନେକ ରୋଗୀ ଗରମରେ ଅସୁସ୍ଥ ଅନୁଭବ କରୁଥିବା ବେଳେ ସମ୍ପର୍କୀୟମାନେ ଚିନ୍ତାରେ ରହୁଛନ୍ତି । କେବଳ ରୋଗୀ ନୁହନ୍ତି ବିଭିନ୍ନ ବିଭାଗର କର୍ମଚାରୀଙ୍କ ରୁମରେ ଲାଗିଥିବା ପଙ୍ଖା ମଧ୍ୟରୁ ଅନେକ ଅଚଳ ହୋଇପଡିଛି । ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ମେଡ଼ିକାଲ ପରିସରରେ ସାଧାରଣ ବିଦ୍ୟୁତ ବିଭାଗ(ଜିଇଡ଼ି) ବିଭାଗର ଜଣୈକ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ଅଛନ୍ତି । କିନ୍ତୁ ରୋଗୀ ଓ ବିଭାଗୀୟ ମୁଖ୍ୟଙ୍କ ବାରମ୍ବାର ଅଭିଯୋଗ ପରେ ମଧ ଏହାର ସମାଧାନ ଦିଗରେ ସେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ହସ୍ପିଟାଲରେ ପ୍ରସ୍ତାବିତ କର୍କଟ ସେବାକେନ୍ଦ୍ର ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିବାରୁ କର୍କଟ ରୋଗୀଙ୍କ ଚିକିତ୍ସା ସୁବିଧାକୁ ନେଇ ଉଠିଛି ପ୍ରଶ୍ନ । ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ଅସନ୍ତୋଷ କୁହୁଳୁଛି । ତେଣୁ ଏସି ନଥିବା କୋଠାରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସମେତ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ଗ୍ରୀଷ୍ମପ୍ରବାହ ଦାଉରୁ ରକ୍ଷା ପାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## 'ସୃଜନୀ' ପକ୍ଷରୁ ଅନ୍ତେବାସୀଙ୍କୁ ସହାୟତା



ବ୍ରହ୍ମପୁର,୨୫ ।୪(ସମିସ)

ଆମ୍ବପୁଆ ସ୍ଥିତ ଶ୍ରୀରାମକୃଷ୍ଣ ସାରଦା ସେବା ସଂଘ ଆଶ୍ରମରେ 'ସୃଜନୀ' ପରିବାର ପକ୍ଷରୁ ଅନ୍ତେବାସୀଙ୍କୁ ବସ୍ତ୍ର ସହ ଖାଦ୍ୟ ପ୍ରଦାନ କରାଯାଇଛି । ଇଂ ଅଶୋକ କୁମାର ବିଶ୍ୱାଳ ଓ ସୁଚିତ୍ରା ବିଶ୍ୱାଳଙ୍କ କନ୍ୟା ଅଶ୍ଳେଷା ବିଶ୍ୱାଳଙ୍କ ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ 'ସୃଜନୀ'ର ପ୍ରତିଷ୍ଠାତା ବନ୍ଦିତା ତ୍ରିପାଠୀ, ପୁଷ୍ପଲତା ପାଣିଗ୍ରାହୀ, ସୁଦୀପ କୁମାର୍ ସାହୁ ଓ ଅଭ୍ୟର୍ଥନା ବିଶ୍ୱାଳଙ୍କ ସମେତ ଆଶ୍ରମର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପ୍ରଫେସର ନାରାୟଣ ପଣ୍ଡା ଓ ଇଂ ବିଶ୍ୱମ୍ବର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକକୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୫ ।୪(ସମିସ): ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ଲୋଚାପଡ଼ା ପୁରୋହିତ ନଗରର ମୁରଲୀ ମହାରଣା (୩୪) । ଗତ ୨୪ତାରିଖ ରାତିରେ ତ୍ରିବେଣୀ ନଗର ନିବାସୀ ରାଜା ମହାରଣାଙ୍କୁ ଗାଳିଗୁଲଜ କରିବା ସହ ଗାଡ଼ି ଚାବିରେ ମୁଣ୍ଡକୁ ଆକ୍ରମଣ ହୋଇଥିଲା । ଆକ୍ରମଣରେ ରାଜା ଆହତ ହୋଇଥିଲେ । ଏପରିକି ରାଜାଙ୍କ ପରିବାର ସଦସ୍ୟଙ୍କୁ ମଧ ଆକ୍ରମଣ କରିଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ମୁରଲୀକୁ ଗିରଫ କରିଛି ।

## ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ବ୍ରହ୍ମପୁର,୨୫ ।୪(ସମିସ)

ଏଆଇଟିୟୁସି ପକ୍ଷରୁ ନିର୍ମାଣ ଶ୍ରମିକମାନଙ୍କ ୧୦ ଦଫା ଦାବି ନେଇ ସ୍ଥାନୀୟ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟରେ ସ୍ଥାୟୀ ଶ୍ରମ ଅଧିକାରୀ ନିଯୁକ୍ତି, ସହାୟତା ରାଶି ପ୍ରଦାନରେ ଅନିୟମିତତା ବନ୍ଦ, ୨୦୨୦-୨୧ ମହିହାରୁ ହିତାଧିକାରୀଙ୍କ ଆର୍‌ଟିଜିଏସ୍ ଅର୍ଥକୁ ତୁରନ୍ତ ମଞ୍ଜୁରୀ, ମଙ୍ଗଳ ଅଧିକାରୀଙ୍କୁ ବାଦ୍ ଦେଇ ୬ଷ୍ଠ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସହାୟତା ରାଶି ପ୍ରଦାନ, ଏମ୍‌ସିଏ ସେଲ୍‌ଫ ଫାଇନାସିଂ କୋର୍ସ(ସରକାରୀ) ଶିକ୍ଷା ସହାୟତା ରାଶି ତୁରନ୍ତ ପ୍ରଦାନ ଓ ନିର୍ମାଣ ଶ୍ରମିକମାନଙ୍କ କାଉର୍ ନବୀକରଣ ଅଗ୍ରାଧିକାର ଭଳି ୧୦ଦଫା ଦାବି ନେଇ ଏଆଇଟିୟୁସି ପକ୍ଷରୁ ବ୍ରହ୍ମପୁର ଯୁଗ୍ମ ଶ୍ରମ ଆୟୁକ୍ତ ଜରିଆରେ ଶ୍ରମ କମିଶନରଙ୍କୁ ଦାବିପତ୍ର ପାଦାନ କରାଯାଇଛି । ବିକ୍ଷୋଭ ପ୍ରଦର୍ଶନରେ ଏଆଇଟିୟୁସିର ଜିଲ୍ଲା ସଭାପତି ପ୍ରବୀଣ କୁମାର ଦାଶ, ପ୍ରଦୀପ ସେଠୀ, କାମଦେବ ନାୟକ ଓ ମହେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



## ଏମ୍‌କେସିଜିରେ ଆଇଏଜିଇଏସ୍‌ର ଜାତୀୟ କର୍ମଶାଳା

ବ୍ରହ୍ମପୁର,୨୫ ।୪(ସମିସ)




ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍ ଏଣ୍ଡୋ-ସର୍ଜନ୍ସ (ଆଇଏଜିଇଏସ)ର ୩ଦିନିଆ ଜାତୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି । ସର୍ଜରୀ ବିଭାଗ ମୁଖ୍ୟ ତଥା କାର୍ଯ୍ୟକ୍ରମର ଅଧ୍ୟକ୍ଷ ଡ. ଶିବପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଡା. ସତ୍ୟବ୍ରତ ଦେସର୍କାର, ଡା. ଓର୍କେ ପ୍ରଭୁନାଥ, ଡା. ବିଜୟ, ଡା. ସଜନ ମେଧା, ଡା. ମାଧୁରୀ ପଟ୍ଟନାୟକ, କୋର୍ସ ସଂଯୋଜକ ଭାବେ ଡା ଗୋବିନ୍ଦରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ବିଭିନ୍ନ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ଏଣ୍ଡୋସ୍କୋପି ଏବଂ କଲୋନାସ୍କୋପିର ବ୍ୟବହାର ଓ ପ୍ରୟୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ହାଇଦ୍ରାବାଦ ସ୍ଥିତ ଏସିଆନ ଇନଷ୍ଟିଚ୍ୟୁଟ ଅଫ୍ ଗ୍ୟାଷ୍ଟ୍ରୋର ପ୍ରଫେସର ଜି.ବି ରାଓ ଆଧୁନିକ ଚିକିତ୍ସା ବିଜ୍ଞାନରେ ଏଆଇର ବ୍ୟବହାର ଏବଂ ରୋଗ ନିଦାନ ଓ ନିରାକରଣରେ ଏଆଇର ଭୂମିକା ଉପରେ ପ୍ରଶିକ୍ଷଣ ଦେଇଥିଲେ । ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ସର୍ଜରୀ ପିଜି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଣ୍ଡୋସ୍କୋପି ଫେଲୋସିପ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଠାରେ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଅନଲାଇନରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ଉଭୟ ମୌଖିକ ଓ ଲିଖିତ ପରୀକ୍ଷା ଦେଇଥିଲେ । ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ୪୦ଜଣ ଡାକ୍ତରଙ୍କୁ ୨୦୨୭ରେ ଦିଲ୍ଲୀରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

ଏହି ଜାତୀୟସ୍ତରର କର୍ମଶାଳାରେ ଚେନ୍ନାଇ, ଦିଲ୍ଲୀ ଓ ମହାରାଷ୍ଟ୍ର ଭଳି ବିଭିନ୍ନ ରାଜ୍ୟର ସର୍ଜରୀ ବିଶେଷଜ୍ଞ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଜାତୀୟ କର୍ମଶାଳା ରବିବାର ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମରେ ସମ୍ପାଦକ ଭାବେ ସର୍ଜରୀ ବିଭାଗ ଆସୋସିଏଟ୍ ପ୍ରଫେସର ଆଇ. ଗୋପାଲ ଦାୟିତ୍ୱ ତୁଲାଇଥିଲେ । ଇଏଫ୍‌ଆଇଏଜିଇଏସ୍ ପୂର୍ବତନ ସଭାପତି ପ୍ରଫେସର ଡା. ସତୀଶ ସ୍ୱିଗ୍ରା, ଇଏଫ୍‌ଆଇଏଜିଇଏସ୍ ଓଡ଼ିଶା ଅଧ୍ୟକ୍ଷା ଡା. ମାଧୁରୀ ପଟ୍ଟନାୟକ, ଏମ୍‌କେସିଜି ପୂର୍ବତନ ଅଧୀକ୍ଷକ ପ୍ରଫେସର ଡା. ଚରଣ ପଣ୍ଡା, ସର୍ଜରୀ ବିଭାଗ ଡ଼ା. ତାପସ ରାଉତ, ଡ଼ା. ମନୋଜ ସେଠୀ, ଡା. ପ୍ରଭାତ କୁମାର ପାଣିଗ୍ରାହୀ, ଡା. ଅମ୍ବୁଜା ଶତପଥି ଓ ଡା. ପ୍ରସନ୍ନ କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ବିଭାଗୀୟ ଡାକ୍ତର ସଞ୍ଜିବ କୁମାର ପ୍ରଧାନ, ଡା. ସତ୍ୟସ୍ୱରୂପ ପଟ୍ଟନାୟକ ଓ ଦେବବ୍ରତ ପାତ୍ର ପରିଚାଳନା କରିଥିଲେ ।

## ଚିତ୍ତରଞ୍ଜନ ମହାପାତ୍ରଙ୍କ ତିରୋଧାନରେ ସ୍ମୃତିସଭା

ବ୍ରହ୍ମପୁର,୨୫ ।୪(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଓଡ଼ିଶା ରାଜ୍ୟ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ପ୍ରାକ୍ତନ ସଭାପତି ଚିତ୍ତରଞ୍ଜନ ମହାପାତ୍ରଙ୍କ ତିରୋଧାନରେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ପୂର୍ବତନ ରାଜ୍ୟ ସଭାପତି ପ୍ରଫେସର୍ ଏସ୍. ରାମା ରାଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ଗୋପାଳପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ. ବିପ୍ରଚରଣ ମହାକୁଡ଼, ସଂଘର ବରିଷ୍ଠ ସହଯୋଗୀ ଡ. ବିପିନ ବିହାରୀ ମିଶ୍ର ଓ ଜିଲ୍ଲା ସଂଘର ପୂର୍ବତନ ସମ୍ପାଦକ ଡ. ବନମାଳୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ୱର୍ଗତ ଚିତ୍ତ ମହାପାତ୍ରଙ୍କ ସାଂଗଠନିକ ଦକ୍ଷତା, ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ନାର୍ଯ୍ୟ ଦାବି ପୂରଣ ଦିଗରେ ନିରନ୍ତର ଲଢ଼େଇ, ଅଧ୍ୟାପକ ଓ କର୍ମଚାରୀମାନଙ୍କ ପଦୋନ୍ନତି, ଅଧକ୍ଷମାନଙ୍କୁ ପ୍ରତ୍ୟକ୍ଷ ଦରମା ପ୍ରଦାନ ଓ ଉଠାଣ କ୍ଷମତା ଆଦି ଦିଗରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱର୍ଗତ ମହାପାତ୍ରଙ୍କ ଦିବଂଗତ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ମୃତିସଭାରେ ଡ. ଲମ୍ବୋଦର ପାଣିଗ୍ରାହୀ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ପୁରୁଷୋତ୍ତମ ସାହୁ, ଡ. ହରିହର ମୁନି, ଡ. ବସନ୍ତ କୁମାର ଆଚାରୀ, ରାମରଞ୍ଜନ ରଣା, ବିଧୁଭୂଷଣ ନାୟକ, ବି. ରାଜେନ୍ଦ୍ର ରାଓ, ଡ. ବନମାଳୀ ପାଣିଗ୍ରାହୀ, ଡ. ଗିରୀଶ କୁମାର ବେହେରା, ଡ. ପୀତାମ୍ବର ବିଷୋୟୀ, ଡ. ହୃଷୀକେଶ ମିଶ୍ର, ଡ. ରାମଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲାର ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧା ନିବେଦନ କରିଥିଲେ ।



## ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ; ଛତ୍ରଭଙ୍ଗ ଦେଲେ ଜୁଆଡ଼ି

ଦିଗପହଣ୍ଡି,୨୫।୪(ସମିସ): ଦିଗପହଣ୍ଡି ବ୍ଲକ ଭ୍ରମରପୁର ନିକଟ ଦୁର୍ଗମ ମୁକୁନ୍ଦପୁର ଜଙ୍ଗଲରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ଶନିବାର ସନ୍ଧ୍ୟାରେ କେ.ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକ, ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ବାୟକଙ୍କ ସମେତ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରିଥିଲେ । ଜୁଆଡ଼ିମାନେ ପୁଲିସକୁ ଦେଖି ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ । ସେହିପରି ଚୌଧୁରୀ ଟିକରପଡ଼ା ଗ୍ରାମ ନିକଟ ବାହୁଦା ନଦୀ ଅପରପାଶ୍ୱର୍ରେ ଥିବା ଶୈବପୀଠ ନିକଟରେ ଚାଲିଥିବା ଜୁଆଆଡ୍ଡା ସମେତ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମ ନିକଟ ପାହାଡ଼ରେ ଚାଲିଥିବା ଜୁଆଆଡ୍ଡାରେ ପୁଲିସ ଚଢ଼ଉ କରିଥିଲେ ମଧ ଜୁଆଡ଼ିମାନେ ବିଭିନ୍ନ ରାସ୍ତାରେ ନିୟୋଜିତ ଖବରୀଙ୍କ ଠାରୁ ସୂଚନା ପାଇ ଚମ୍ପଟ ମାରିଥିବା ଜଣାପଡ଼ିଛି । କିଛି ନିର୍ଦ୍ଦିଷ୍ଟ ପେଷାଦାର ଅପରାଧୀ ରାଜନୈତିକ ଛତ୍ରଛାୟାରେ କିଛିଦିନ ହେଲା ବିଭିନ୍ନ ଗ୍ରାମାଞ୍ଚଳମାନଙ୍କରେ ନିୟମିତ ଜୁଆଆଡ୍ଡା ଚଳାଇଛନ୍ତି । ପଡୋଶୀ ଆନ୍ଧ୍ର, ତେଲେଙ୍ଗାନା ସମେତ ବ୍ରହ୍ମପୁର, ଚିକିଟି, ପାତ୍ରପୁର, ଆସିକା, ସୋରଡ଼ା, ଭଞ୍ଜନଗର, ଛତ୍ରପୁର ପ୍ରଭୃତି ଅଞ୍ଚଳରୁ ଜୁଆଡ଼ିମାନେ ଏହି ସବୁ ଜୁଆଆଡ୍ଡାକୁ ଆସୁଥିବା ପୁଲିସକୁ ସୂଚନା ମିଳିଛି । ଏଥିପ୍ରତି ତୀକ୍ଷ୍ଣ ନଜର ରଖାଯାଇଥିବା କେ.ନୂଆଗାଁ ଆଇଆଇସି କହିଛନ୍ତି ।

## 'ସ୍ୱାସ୍ଥ୍ୟ ସଦନ' ପକ୍ଷରୁ ବିଶ୍ୱ ହରମୋନ୍ ଦିବସ

ବ୍ରହ୍ମପୁର,୨୫ ।୪(ସମିସ): ସ୍ଥାନୀୟ 'ସ୍ୱାସ୍ଥ୍ୟ ସଦନ' ପକ୍ଷରୁ ଶନିବାର ବିଶ୍ୱ ହରମୋନ୍ ଦିବସ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ସଦନର ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡ. ସୁନୀଲ କୁମାର କୋଟାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ଜନତାଙ୍କ ମଧ୍ୟରେ ହରମୋନ୍ ଅସନ୍ତୁଳନ ସମ୍ବନ୍ଧୀୟ ବ୍ୟାଧି ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଜୀବନଶୈଳୀରେ ଅନିୟମିତତା ଏହି ସମସ୍ତ ବ୍ୟାଧିର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ସାଜିବା ସହ ଏହି ରୋଗ ଜନିତ ଜଟିଳତା ବୃଦ୍ଧି କରିଥାଏ । ବହୁ ସଂଖ୍ୟକ ଲୋକଙ୍କ ମଧ୍ୟରେ ଏହି ବ୍ୟାଧିଗୁଡ଼ିକ କୌଣସି ଲକ୍ଷଣ ଏବଂ ସଙ୍କେତ ବିନା ନୀରବ ଭାବରେ ଦେଖାଯାଏ । ତେଣୁ ଲୋକଙ୍କୁ ସମୟ ସମୟରେ ଏହି ସ୍କ୍ରିନିଂ ପଦ୍ଧତିଗୁଡ଼ିକର ସମ୍ମୁଖୀନ ହେବା ଜରୁରୀ ବୋଲି ଡ଼ା. କୋଟା ସଚେତନ କରିଥିଲେ । ଯଦ୍ୱାରା ଏହି ରୋଗ ଗୁଡିକ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହେଇପାରିବ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଜର ରେଜିଷ୍ଟ୍ରାର ପ୍ରଦୀପ କୁମାର ରାୟ, ମେଡିକାଲ୍ ଅଫିସର ଡା. ବ୍ଲେସିମୋଲ ଭାର୍ଗୀସ, ଅଧକ୍ଷ ବି.ଏନ୍. ପଟ୍ଟନାୟକ, ଭାଇସ୍ ପ୍ରିନ୍ସିପାଲ ଅଧିରକ୍ଷୀ ଶତପଥୀ, ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍‌ର ଅଧକ୍ଷ ଡ. ବି.ଭି.ଭି ରବି କୁମାର, ଉପାଧକ୍ଷ ଡ. ଏଚଏଚ ନିରଞ୍ଜନ ପାତ୍ର, ରୋଲାଣ୍ଡ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧକ୍ଷ ଡ. ଗୁଣମଣି ଜେନା ଓ ଡ. ରାକେଶ ରଞ୍ଜନ ପୋଲାଇ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନର ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କର ରକ୍ତ ଶର୍କରା, ରକ୍ତଚାପ, ଥାଇରଏଡ୍, ଲିଭର୍ ଏବଂ କିଡ୍ନୀ(ଯକୃତ ଓ ବୃକକ) ପରୀକ୍ଷଣ, ଲିପିଡ୍ ପ୍ରୋଫାଇଲ୍(ଚର୍ବି ସ୍ତର), ୟୁରିକ୍ ଏସିଡ୍, ଲିଭର୍ ଫାଇବ୍ରୋସ୍କାନ ଏବଂ ଚକ୍ଷୁ ପରୀକ୍ଷା ସମେତ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।



## ବିସ୍ଫୋରଣ ପରେ ପୁଲିସର ଚଢ଼ଉ

# ୨ଲକ୍ଷ ଟଙ୍କାର ବାଣ ଜବତ, ବ୍ୟବସାୟୀ ଗିରଫ

ପାତ୍ରପୁର,୨୫।୪(ସମିସ)

ଜରଡ଼ା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥକୁ ଲାଗି ରହିଥିବା ଶବରଦେଇପେଟା ଗ୍ରାମରେ ଭୟଙ୍କର ବିସ୍ଫୋରଣ ସହିତ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି । ଖବର ପାଇ ପାତ୍ରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥି ସହିତ ଜରଡ଼ା ପୁଲିସ ମଧ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବେଆଇନ ବାଣ ତିଆରି କରୁଥିବା ସନ୍ଦେହରେ କିଛି ଲୋକଙ୍କ ଘରେ ଚଢ଼ଉ କରାଯାଇଥିଲା ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗତକାଲି ରାତିରେ ଗ୍ରାମ ପଛପଟ ବିଲରେ ଥିବା ଗୋଟିଏ ଚାଳ କୁଡ଼ିଆ ଘରୁ ହଠାତ୍ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଥିଲା । ଶବ୍ଦ ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ବାଣ ତିଆରି କୁଡ଼ିଆରେ ନିଆଁ ଲାଗି ହୁତୁ ହୁତୁ ଜଳୁଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ଗ୍ରାମବାସୀ ପାତ୍ରପୁର ଅଗ୍ନିଶମ ବାହିନୀ ଓ ଜରଡା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଓ ଜରଡା ପୁଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ଉକ୍ତ ଚାଳ କୁଡ଼ିଆଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା । ଏଥିସହିତ ବିସ୍ଫୋରଣରେ ଅଗ୍ନିକାଣ୍ଡ ଘଟିଥିବା ଖବର ଶୁଣି ଗ୍ରାମବାସୀ ଓ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଜରଡ଼ା ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଗତକାଲି ରାତିରେ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ଉକ୍ତ ଗ୍ରାମରେ ବେଆଇନ ବାଣ ବ୍ୟବସାୟରେ କରୁଥିବା ସନ୍ଦେହରେ ୪ଜଣ ବାଣ ବ୍ୟବସାୟୀଙ୍କ ଘରେ ଚଢ଼ଉ କରିଥିଲେ । ଚଢ଼ଉବେଳେ ତିନି ଜଣ ବ୍ୟବସାୟୀ ପୁଲିସକୁ ସହଯୋଗ କରିଥିବା ବେଳେ ସେମାନଙ୍କ ଘରୁ କୌଣସି ବାଣ ସାମଗ୍ରୀ ମିଳିନଥିଲା । କିନ୍ତୁ ଚତୁର୍ଥ ବାଣ ବ୍ୟବସାୟୀ ଘରେ ଚଢ଼ଉ କରିବାକୁ ପୋଲିସ ଯିବାବେଳେ ବ୍ୟବସାୟୀ ଜଣକ ଘରେ ତାଲା ପକାଇ ଚମ୍ପଟ ମାରିଥିଲେ ।



ପୁଣି ଶନିବାର ସକାଳେ ଚମ୍ପଟ ମାରିଥିବା ବ୍ୟବସାୟୀଙ୍କ ଘରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ହାତ ତିଆରି ବାଣ ଜବତ କରିଥିବାବେଳେ ନାଗରାଜୁ ନାମକ ଜଣେ ବେଆଇନ ବାଣ ବ୍ୟବସାୟୀକୁ ପୁଲିସ ଉଠାଇ ଆଣି ଅଟକ ରଖିଛି । ଏନେଇ ଜରଡ଼ା ପୁଲିସ ସହିତ ଯୋଗାଯୋଗ କରିବାରୁ, ଯେଉଁ କୁଡ଼ିଆରେ ଅଗ୍ନିକାଣ୍ଡ ଘଟିଛି ସେଠାରୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନାହିଁ । କୌଣସି କାରଣରୁ ଉକ୍ତ କୁଡ଼ିଆରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଗ୍ରାମର କିଛି ଲୋକଙ୍କ ଘରେ ବେଆଇନ ବାଣ ସାମଗ୍ରୀ ଥିବା ସନ୍ଦେହରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଏଲ ନାଗରାଜୁ ନାମକ ଜଣେ ବାଣ ବ୍ୟବସାୟୀଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କା ହେବ । ଏଥି ସହିତ ଜରଡା ଥାନା ପକ୍ଷରୁ ନଂ.୧୩୪/୨୬ ରେ ଏକ ମାମଲା ରୁଜୁ କରି ଏଲ୍ ନାଗରାଜୁକୁ ଅଟକ ରଖାଯାଇଥିବା ଏସ୍‌ଆଇ ଦୁର୍ଯ୍ୟୋଧନ ନାୟକ ସୂଚନା ଦେଇଛନ୍ତି ।